# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ମେ ୩/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 3/2025 Page 14 ₹ 7.00

୫୧ଶ ଭାଗ ୧୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 157 ମୂଲ୍ୟ₹୭/-


# ବିବାଦରେ ଦୀଘା 'ଜଗନ୍ନାଥ ଧାମ'

ପଶ୍ଚିମବଙ୍ଗର ଦୀଘାରେ ବୁଧବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ପୁରୀ ଶ୍ରୀମନ୍ଦିରର କେତେଜଣ ସେବାୟତ ଯୋଗଦେବା, ସମ୍ପୃକ୍ତ ସ୍ଥାନକୁ 'ଜଗନ୍ନାଥ ଧାମ' ନାମକରଣ କରାଯିବା ଓ ବ୍ରହ୍ମସ୍ଥାପନ ପ୍ରସଙ୍ଗକୁ ନେଇ ବିବାଦ ଦେଖାଦେଇଛି। ଏପରିକି ନବକଳେବରର ଦାରୁରେ ଠାକୁରଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି। ଏହି ଘଟଣାକୁ ନେଇ ସେବାୟତଙ୍କ ସମେତ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜଗନ୍ନାଥ ଧାମ ନାମକୁ ନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ଆପତ୍ତି ଉଠାଇବା ପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏହାର ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ପଶ୍ଚିମବଙ୍ଗ ଦୀଘାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନବ ନିର୍ମିତ ଜଗନ୍ନାଥ ମନ୍ଦିର।

**ପୁରୀ/ଭୁବନେଶ୍ୱର, ୨।୫ (ଅଜିତ୍ କୁମାର ମହାନ୍ତି/ସୁନୀତ୍ ମିଶ୍ର)**

ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦୀଘାରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଛି। ଗତ ଏପ୍ରିଲ ୩୦ରେ ପବିତ୍ର ଅକ୍ଷୟତୃତୀୟା ତିଥିରେ ଏହାର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଏହି ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ବ୍ରହ୍ମ ସ୍ଥାପନ ଓ ସେହି ସ୍ଥାନକୁ ଜଗନ୍ନାଥ ଧାମ ନାମକରଣ କରାଯିବାକୁ ନେଇ ବିବାଦ ମୁଣ୍ଡ ଟେକିଛି। ପୁରୀ ଶ୍ରୀମନ୍ଦିରର ଅନେକ ସେବାୟତ ଏ ନେଇ ମୁହଁ ଖୋଲିଛନ୍ତି। ବରିଷ୍ଠ ସେବାୟତ ଦାମୋଦର ମହାସୁଆର କହିଛନ୍ତି, ଦୀଘା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଶ୍ରୀମନ୍ଦିରର ଦଇତାପତି ସେବାୟତ ଯୋଗଦେବା ଠିକ୍ ନୁହେଁ। ସେହି କାର୍ଯ୍ୟରେ ଯୋଗଦେବା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ତେବେ ଦୀଘାକୁ ଶ୍ରୀଜଗନ୍ନାଥ ଧାମ କହିବା ଭୁଲ। ଦୀଘାରେ ମନ୍ଦିର ପ୍ରତିଷ୍ଠା ହୋଇଥିଲେ ମଧ୍ୟ ତାହା ଧାମ ନୁହେଁ। ବ୍ରହ୍ମ କେବଳ ପୁରୀ ମନ୍ଦିରରେ ଥିବାବେଳେ ଅନ୍ୟ କେଉଁଠି ନାହିଁ ବୋଲି ମହାସୁଆର ମତବ୍ୟକ୍ତ କରିଛନ୍ତି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ କିଛିଦିନ ଧରି ଦ୍ୱନ୍ଦ୍ୱାତ୍ମକ ତଥ୍ୟ ସବୁ ଗଣମାଧ୍ୟମରେ ପ୍ରଚାର ହେବାରେ ଲାଗିଛି। ଶ୍ରୀଜଗନ୍ନାଥଙ୍କ ମନ୍ଦିର ଦିଘାଠାରେ ହେବା, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁକାଠରେ ପ୍ରତିମା ନିର୍ମାଣ ହେବା ବାବଦରେ ଚର୍ଚ୍ଚା ହେବା ବିଷୟ ସମ୍ପୂର୍ଣ୍ଣ ଅଗ୍ରହଣୀୟ । ଏଭଳି କଥାଗୁଡ଼ିକ ଜଗନ୍ନାଥପ୍ରେମୀ ଭକ୍ତ ସମାଜ ଓ ଓଡ଼ିଶାର ସାଢେ ୪ କୋଟି ଜନତାଙ୍କ ମନରେ କଷ୍ଟ ଦେଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏହି ସମ୍ପୂର୍ଣ୍ଣ ଘଟଣା ଉପରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏକ ଅନ୍ତରୀଣ ତଦନ୍ତ କରାଯାଇ ସତ୍ୟାସତ୍ୟ ଜନମାନସକୁ ଆଣିବାର ବ୍ୟବସ୍ଥା କରାଯାଉ। ଯଦି କେହି ଦୋଷୀ ସାବ୍ୟସ୍ତ ହେଉଛନ୍ତି ବା ଜ୍ଞାତସାରରେ ଥାଇ ଏଭଳି ଘଟଣା ଘଟାଉଛନ୍ତି ସେ ବାବଦରେ ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ଦଣ୍ଡବିଧାନ କରିବାର ପ୍ରାବଧାନ କରିବାକୁ ମନ୍ତ୍ରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କହିଛନ୍ତି।

# ପାସ୍ ହାର ୯୪.୯୩%: ଆଗରେ ଛାତ୍ରୀ

## ମାଟ୍ରିକ୍ ଫଳ ପ୍ରକାଶ

**କଟକ, ୨।୫ (କାର୍ତ୍ତିକ ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୫ର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି। ଏଥର ପାସ୍‌ହାର ୯୪.୯୩% ହୋଇଛି। ଏ୧ ଗ୍ରେଡ୍‌ରେ ୧୮୧୨, ଏ୨ ଗ୍ରେଡ୍‌ରେ ୧୨,୨୦୦, ବି୧ ଗ୍ରେଡ୍‌ରେ ୩୮,୮୩୧, ବି୨ ଗ୍ରେଡ୍‌ରେ ୮୪,୯୭୧, ସି ଗ୍ରେଡ୍‌ରେ ୧,୩୩,୮୮୨, ଡି ଗ୍ରେଡ୍‌ରେ ୧,୪୬,୧୫୪ ଓ ଇ ଗ୍ରେଡ୍‌ରେ ୬୭,୦୧୩ ଜଣ ପାସ୍ କରିଛନ୍ତି। ଛାତ୍ରଙ୍କ ଅପେକ୍ଷା ଅଧିକ ସଂଖ୍ୟକ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗଜପତି ଜିଲାରେ ସର୍ବାଧିକ ପାସହାର ୯୯.୩୫% ଏବଂ କୋରାପୁଟ ଜିଲାରେ ସର୍ବନିମ୍ନ ୯୨.୮୩ % ପାସହାର ରହିଛି। ମାଟ୍ରିକ ଫଳାଫଳ ଘୋଷଣା କରିବା ପରେ ସନ୍ଧ୍ୟା ୬ଟାରୁ ବୋର୍ଡ ୱେବସାଇଟ୍ www.bseodisha.ac.inରେ ଫଳ ଉପଲବ୍ଧ ହୋଇଛି। ଏଥିସହ ମୋବାଇଲରୁ OR10 ପରେ ରୋଲ ନମ୍ବର ଲେଖି ୫୬୭୬୭୫୦କୁ ପଠାଇଲେ ମୋବାଇଲକୁ ଫଳ ଆସିଯିବା ବ୍ୟବସ୍ଥା ହୋଇଛି। ସେହିପରି ଏକକାଳୀନ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର ଫଳ ମଧ୍ୟ ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି।

ସୂଚନା ଅନୁସାରେ, ଚଳିତବର୍ଷ ସମଗ୍ର ରାଜ୍ୟରୁ ମୋଟ ୫,୧୦,୭୭୯ଜଣ ଛାତ୍ରୀଛାତ୍ର ମାଟ୍ରିକ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫,୦୨,୪୧୭ ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ। ମୋଟ ୪,୮୪,୮୬୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅପରପକ୍ଷରେ ୮୩୬୨ଜଣ ପରୀକ୍ଷାରେ ଅନୁପସ୍ଥିତ ଥିବାବେଳେ ୧୬୯ଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ସ୍କ୍ୱାର୍ଡ ହାତରେ ଧରାପଡ଼ିଛନ୍ତି। ମୋଟ ୧୭,୩୮୪ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବାବେଳେ ୧ଜଣ ପରୀକ୍ଷାର୍ଥୀଙ୍କ ଫଳ ଅପ୍ରକାଶିତ ରହିଛି। ରାଜ୍ୟର ୩୨୭୩ଟି ହାଇସ୍କୁଲରେ ପାସ୍ ହାର ଶତପ୍ରତିଶତ ହୋଇଛି। ତନ୍ମଧ୍ୟରେ ସର୍ବାଧିକ ୧୮୦୨ଟି ସରକାରୀ ହାଇସ୍କୁଲ ରହିଛି। ସେଥିରୁ ଅନୁଦାନପ୍ରାପ୍ତ ହାଇସ୍କୁଲ ୧୧୫୪ ଓ ଅଣଅନୁଦାନପ୍ରାପ୍ତ ହାଇସ୍କୁଲ ୩୧୭ଟିର ଶତପ୍ରତିଶତ ହୋଇଛି। ଏଥିସହ କୌଣସି ହାଇସ୍କୁଲରେ ପରୀକ୍ଷାଫଳ ଶୂନ ହୋଇନାହିଁ। ସେହିପରି ପରୀକ୍ଷାରେ ଅନୁପସ୍ଥିତ ରହିବା ହାର ୨୧% ହ୍ରାସ ପାଇଥିବା ବେଳେ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଅପେକ୍ଷା ସରକାରୀ ବିଦ୍ୟାଳୟର କୃତକାର୍ଯ୍ୟ ହାର ସର୍ବାଧିକ ରହିଛି। ବୋର୍ଡ ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଟ୍ରିକ ପରୀକ୍ଷା ଫଳ ଘୋଷଣା କରି ଉପରୋକ୍ତ ସୂଚନା ଦେଇଛନ୍ତି। ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ମଧ୍ୟ ଫଳ ସଂକ୍ରାନ୍ତୀୟ ସୂଚନା ପ୍ରଦାନ କରିଛନ୍ତି। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ, ବୋର୍ଡ ସମ୍ପାଦକ ମଞ୍ଜୁଲତା ମଲ୍ଲିକ, ପରୀକ୍ଷା ନିୟନ୍ତ୍ରକ ଡ. ଅମ୍ରିତା ପ୍ରୀତିନନ୍ଦା ଉପସ୍ଥିତ ଥିଲେ।

(ଅଧିକ ରିପୋର୍ଟ ପୃଷ୍ଠା-୪)

## 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ

**ଯାଜପୁର, ୨।୫ (ହର୍ଷବର୍ଦ୍ଧନ ବେହେରା)**

ନୂଆଦିଲ୍ଲୀ ସ୍ଥିତ ଏକ ହୋଟେଲରେ ଆୟୋଜିତ ୧୫ତମ ଦାଦା ସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲରେ ଗୁରୁବାର ଓଡ଼ିଆ ଡକ୍ୟୁମେଣ୍ଟାରି ଫିଲ୍ମ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'କୁ ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ଆୱାର୍ଡ ମିଳିଛି। ଫିଚର କାଟାଗୋରିରେ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୨୫୦ଟି ଫିଲ୍ମ ମଧ୍ୟରୁ ଏହି ଫିଲ୍ମଟିକୁ ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ମନୋନୀତ କରାଯାଇଥିଲା। ଅଭିସ୍ମିତା ଫିଲ୍ମ ବ୍ୟାନରରେ କରାଯାଇଥିବା ଏହି ଫିଲ୍ମଟିକୁ ବରିଷ୍ଠ ସାମ୍ବାଦିକ ଅଭୟ ପତି ପ୍ରଯୋଜନା କରିଥିବାବେଳେ ଅସ୍ମିତା ପତି ସହପ୍ରଯୋଜିକା ଏବଂ ମୁମ୍ବାଇର ପ୍ରଣବ କୁମାର ଆଇଚ ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମ ଫେଷ୍ଟିଭାଲରେ ଅନେକ ଦେଶର ଫିଲ୍ମ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଭିନ୍ନ କାଟାଗୋରିରେ ପ୍ରାୟ ୨୮ଟି ଫିଲ୍ମକୁ ସମ୍ମାନିତ କରାଯାଇଥିଲା।

(ଫଟୋ: ପୃଷ୍ଠା-୪)

**ଆଜିର ସମ୍ପାଦକୀୟ**

**ସିପିସି ଓ କେନ୍ଦ୍ର କର୍ମଚାରୀ**











# ପାକ୍‌ରେ ଆତଙ୍କ, ପିଓକେରେ ଅନିଶ୍ଚିତତା

## ➤୧,୦୦୦ ମଦ୍ରାସା ବନ୍ଦ ➤ହୋଟେଲ ଛାଡୁଛନ୍ତି ପର୍ଯ୍ୟଟକ ➤ସୁରକ୍ଷା ପାଇଁ ବଙ୍କର ପ୍ରସ୍ତୁତ



ୱାଘା ସୀମାରେ ପରିଚୟପତ୍ର ସମ୍ପର୍କିତ ଦସ୍ତାବିଜ ଦେଖାଉଛନ୍ତି ପାକିସ୍ତାନୀ ନାଗରିକ।

**ନୂଆଦିଲ୍ଲୀ/ଶ୍ରୀନଗର/ଇସ୍‌ଲାମାବାଦ,୨।୫**

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ଆତଙ୍କବାଦୀମାନେ ୨୬ ହିନ୍ଦୁଙ୍କୁ ଗୁଳିକରି ହତ୍ୟାକରିବା ପରେ ଭାରତ ଏହି ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରି ପଡ଼ୋଶୀ ଦେଶ ବିରୋଧରେ ଅନେକ ପଦକ୍ଷେପ ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଇତିମଧ୍ୟରେ ଅନେକ ଥର ପାକିସ୍ତାନକୁ ମୁହଁତୋଡ଼ ଜବାବ ଦିଆଯିବ ବୋଲି ଚେତାବନୀ ଦେଇସାରିଲେଣି। ଏପରି କି ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ସ୍ଥାନ, ସମୟ ଓ ଢଙ୍ଗ ବାଛିବାକୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବଳକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଫଳରେ ଭାରତ ପଟୁ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ପାକିସ୍ତାନୀ ସେନା ୨୦୨୧ର ଅସ୍ତ୍ରବିରତି ଚୁକ୍ତିକୁ ଉଲ୍ଲଂଘନ କରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ତୁହାକୁ ତୁହା ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଛି। ଭାରତୀୟ ଯବାନମାନେ ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଥିବା ସେନା ପକ୍ଷରୁ କୁହାଯାଉଛି। କିନ୍ତୁ ପାକିସ୍ତାନ ଉପରେ କୌଣସି ବଡ଼ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଭାରତ କେତେବେଳେ ଆକ୍ରମଣ କରିବ ବୋଲି ପାକିସ୍ତାନୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ନୂଆଦିଲ୍ଲୀର ନୀରବତାକୁ 'ଝଡ଼ ପୂର୍ବର ଶାନ୍ତ ସ୍ଥିତି' ବୋଲି ଇସ୍‌ଲାମାବାଦ ମନେକରୁଥିବା ସେଠାକାର ଜଣେ ସୁରକ୍ଷା ବିଶ୍ଳେଷକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ପହଲଗାମ୍ ଆକ୍ରମଣ ପରେ ଏହି ଗଣହତ୍ୟା ପାଇଁ ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍‌ଏଫ୍) ନିଜକୁ ଦାୟୀ କରିଥିଲା। ଟିଆର୍‌ଏଫ୍ ଲସ୍କର-ଇ-ତୋଇବା (ଏଲ୍‌ଇଟି) ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିବାରୁ ଏହା ପଛରେ ହାଫିଜ୍ ସୟିଦ୍(୭୭)ଙ୍କ ଭୂମିକା ଥିବା କୁହାଯାଉଛି। ହାଫିଜ୍‌ଙ୍କୁ ନିପାତ କରିବା ପାଇଁ ଭାରତୀୟ ସୁରକ୍ଷା ବଳ କୌଣସି ସମୟରେ ପାକିସ୍ତାନ ଭୂଖଣ୍ଡରେ ବଡ଼ ଆକ୍ରମଣ କରିପାରେ ବୋଲି ଇସ୍‌ଲାମାବାଦ୍ ମନେକରୁଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥାଗୁଡ଼ିକ ସେନା ସହ ସମନ୍ୱୟ ରଖି ହାଫିଜ୍‌ଙ୍କ ସୁରକ୍ଷାରେ ସ୍ପେଶିଆଲ ସର୍ଭିସେସ୍ ଗ୍ରୁପ୍ (ଏସ୍‌ଏସ୍‌ଜି)କୁ ନିୟୋଜିତ କରିଛନ୍ତି। ଲାହୋରର ମୋହଲ୍ଲା ଜୋହରରେ ଥିବା ତାଙ୍କ ଘର ବାହାରେ ଅତିରିକ୍ତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏପରି କି ହାଫିଜ୍‌ଙ୍କ ଘରଠାରୁ କିଛି କି.ମି. ପର୍ଯ୍ୟନ୍ତ ଅଞ୍ଚଳକୁ ସିସିଟିଭି ସର୍ଭିଲାନ୍ସ ଭିତରେ ରଖାଯାଇଛି। ସେହିପରି ହାଫିଜ୍‌ଙ୍କ ନେଟ୍‌ୱର୍କ ସୁଦୃଢ଼ ଥିବା ପାକ୍-ଅଧିକୃତ କଶ୍ମୀର (ପିଓକେ) ମଧ୍ୟ ସମ୍ଭାବ୍ୟ ଆକ୍ରମଣ ଆଶଙ୍କା ଘାରିଛି। ଏଥିପାଇଁ ପିଓକେରେ ଥିବା ୧,୦୦୦ରୁ ଊର୍ଦ୍ଧ୍ୱ ମଦ୍ରାସାକୁ ବନ୍ଦ କରିଦିଆଯାଇଛି। ମୁଜାଫରାବାଦ୍ ଏବଂ ଏଲ୍‌ଓସି ସଂଲଗ୍ନ ସହରଗୁଡ଼ିକର ସ୍କୁଲ ପରିସରରେ ପିଲାଙ୍କୁ ନିଆଁ ଲିଭାଇବା, ଆହତଙ୍କ ଚିକିତ୍ସା କରିବା ଆଦି ତାଲିମ୍ ଦିଆଯାଉଛି। ସୀମାରୁ ମାତ୍ର ୩ କି.ମି. ଦୂରରେ ଥିବା ଚକୋଠି ଭଳି ଗ୍ରାମଗୁଡ଼ିକରେ ମାତାପିତାମାନେ ପିଲାଙ୍କୁ ଘରୁ ଛାଡୁନାହାନ୍ତି। ଅନେକ ସୀମାନ୍ତ ଗ୍ରାମରେ ବଙ୍କରକୁ ଆତ୍ମଗୋପନ ଲାଗି ପ୍ରସ୍ତୁତ କରି ରଖାଯାଇଛି। ଏଲ୍‌ଓସି ସଂଲଗ୍ନ ୧୩ ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ମାସ ପାଇଁ ଖାଦ୍ୟ ମହଜୁଦ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପିଓକେ ପ୍ରଧାନମନ୍ତ୍ରୀ ଚୌଧରୀ ଅନ୍‌ୱର ଉଲ୍ ହକ୍ ସୂଚନା ଦେଇଛନ୍ତି। ପ୍ରାକୃତିକ ଶୋଭାରାଜିକୁ ନେଇ ଗ୍ରୀଷ୍ମରେ ୩ ଲକ୍ଷ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ନୀଲମ୍ ଉପତ୍ୟକା ଖାଲି ହେବାରେ ଲାଗିଛି। ପର୍ଯ୍ୟଟକମାନେ ଯୁଦ୍ଧ ଆଶଙ୍କାରେ ହୋଟେଲଗୁଡ଼ିକୁ ଛାଡ଼ି ପଳାୟନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୪୮ ହୋଟେଲ ଖାଲି ହେଲାଣି। ସ୍ଥାନୀୟ ବ୍ୟବସାୟ ଉପରେ ଏହାର ପ୍ରଭାବ ପଡ଼ିଥିବା ହୋଟେଲ ବ୍ୟବସାୟୀ ରଫାକତ୍ ହୁସେନ୍ କହିଛନ୍ତି।

## ପାକ୍ ସେନା, ଆଇଏସ୍‌ଆଇ ସହାୟତାରେ ଏଲ୍‌ଇଟି ରଚିଥିଲା ଆକ୍ରମଣ ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ,୨।୫**

ପାକିସ୍ତାନୀ ସେନା ଓ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ସହାୟତାରେ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତୋଇବା (ଏଲ୍‌ଇଟି) ପହଲଗାମ୍ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ଦାଖଲ ପ୍ରାଥମିକ ରିପୋର୍ଟରେ ଏହିବିଷୟ ପ୍ରଘଟ ହୋଇଛି। ଆତଙ୍କବାଦ ନିରୋଧୀ ସଂଘୀୟ ସଂସ୍ଥା ଏନ୍‌ଆଇଏ କଶ୍ମୀର ଉପତ୍ୟକାର ପ୍ରାୟ ୨୦ ଓଭରଗ୍ରାଉଣ୍ଡ ୱାର୍କର (ଓଜିଡବ୍ଲ୍ୟୁ)ଙ୍କୁ ଚିହ୍ନଟ କରିଛି, ଯେଉଁମାନେ ଆକ୍ରମଣକାରୀମାନଙ୍କୁ ବିଭିନ୍ନ ପ୍ରକାର ସହଯୋଗ କରିଥିଲେ। ଏହି ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଏନ୍‌ଆଇଏ ଜେରା କରୁଥିବା ସୂତ୍ରରୁ ପ୍ରକାଶ।

ଏନ୍‌ଆଇଏ ଓଜିଡବ୍ଲ୍ୟୁ ନିସାର ଅହମଦ୍ ଓରଫ ହାଜି ଏବଂ ମୁସ୍ତାକ୍ ହୁସେନ୍‌ଙ୍କୁ ଜମ୍ମୁସ୍ଥିତ କୋଟ ଭଲାୱାଲ ଜେଲରେ ରଖି ପଚରାଉଚରା କରୁଛି। ଉଭୟେ ଏଲ୍‌ଇଟି ସହଯୋଗୀ ଭାବେ ପରିଚିତ। ୨୦୨୩ରେ ସେନା ଗାଡ଼ିକୁ ଭଟା ଧୁରିଆନ୍ ଓ ଟୋଟାଗଲିରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ଥିବା ଏନ୍‌ଆଇଏ ଜାଣିବାକୁ ପାଇଛି। ସେହିପରି ଦୁଇ ମୁଖ୍ୟ ସନ୍ଦିଗ୍ଧ ତଥା ପାକିସ୍ତାନୀ ନାଗରିକ ହାଶମି ମୁସା ଓରଫ୍ ସୁଲେମାନ୍ ଏବଂ ଅଲୀ ଭାଇ ଓରଫ ତଲ୍‌ହା ଭାଇ ଆକ୍ରମଣ ପୂର୍ବରୁ ସେମାନଙ୍କ ହ୍ୟାଣ୍ଡଲର୍ସଙ୍କ ସହ ନିରନ୍ତର ଯୋଗସୂତ୍ରରେ ଥିଲେ। ଆକ୍ରମଣକାରୀମାନେ ଘଟଣାର ଅନେକ ସପ୍ତାହ ପୂର୍ବରୁ କଶ୍ମୀରରେ ଅନୁପ୍ରବେଶ କରିଥିଲେ। ସ୍ଥାନୀୟ ଓଜିଡବ୍ଲ୍ୟୁମାନେ ସେମାନଙ୍କୁ ସବୁ ପ୍ରକାର ସହାୟତା ଦେଇଥିବା ଜଣାପଡ଼ିଛି। ଏନ୍‌ଆଇଏ ଟିମ୍ ଆକ୍ରମଣସ୍ଥଳରୁ ୪୦ଟି କ୍ୟାଟ୍ରିଜ୍ ଜବତ କରିଛି। ଅଦ୍ୟାବଧି ୨,୮୦୦ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଛି। ୧୫୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ହାଜତରେ ରଖାଯାଇଛି।

## ପାକିସ୍ତାନୀ ପରିବାରକୁ ପ୍ରତ୍ୟର୍ପଣରୁ ସୁରକ୍ଷାଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨।୫(ପି.ଟି.)**

ଭିଜା ଅବଧି ଶେଷ ହେବା ପରେ ମଧ୍ୟ ଭାରତରେ ବସବାସ କରୁଥିବା ଏକ ପାକିସ୍ତାନୀ ପରିବାରର ୬ ସଦସ୍ୟଙ୍କ ପରିଚୟ ଦସ୍ତାବିଜ ଯାଞ୍ଚ ସମ୍ପର୍କିତ ଏକ ଆଦେଶ ନ ଦିଆଯିବା ଯାଏ ସେମାନଙ୍କ ବିରୋଧରେ ପ୍ରତ୍ୟର୍ପଣ ଭଳି କଠୋର କାର୍ଯ୍ୟାନୁଷ୍ଠାନ ନ ନେବାକୁ ଶୁକ୍ରବାର ସୁପ୍ରିମକୋର୍ଟ ଭାରତୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ପରିବାରର ସଦସ୍ୟମାନେ କଶ୍ମୀରରେ ରୁହନ୍ତି। ସେମାନଙ୍କ ପୁଅ ବେଙ୍ଗାଲୁରୁରେ କାର୍ଯ୍ୟ କରନ୍ତି। ପହଲଗାମ୍ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀମାନଙ୍କୁ ବିଦା କରିବାରେ ଲାଗିଥିବାବେଳେ ଏହି ପରିବାର ପାଇଁ ଅଡୁଆ ପରିସ୍ଥିତି ଉପୁଜିଛି। ଫଳରେ ଅହମଦ ଟେରେକ୍ ବୁଟ୍ ଓ ତାଙ୍କ ଘରର ୫ ସଦସ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାରତର ବୈଧ ଦସ୍ତାବିଜ ଦେଖାଇବା ପରେ ମଧ୍ୟ ସେମାନଙ୍କୁ ପାକିସ୍ତାନକୁ ପଠାଇବା ପାଇଁ ଭାରତୀୟ ଅଧିକାରୀମାନେ ୱାଘା ସୀମାକୁ ନେଇଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସେମାନଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ଏହା ଏକ ମାନବୀୟ ପ୍ରସଙ୍ଗ ହୋଇଥିବାରୁ ଦସ୍ତାବିଜ ଯାଞ୍ଚରେ ଅସୁବିଧାକୁ ନେଇ ପରିବାର ଜମ୍ମୁ-କଶ୍ମୀର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ।

## ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର

**ଭୋପାଳ,୨।୫**

ମଧ୍ୟପ୍ରଦେଶର ମାଣ୍ଡଲାରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ୩ ଦିନ ଗୋଟିଏ ଘରେ ବନ୍ଦ ରଖି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଘର ଜବଲପୁର ହୋଇଥିବାବେଳେ ୬ ମାସ ପୂର୍ବରୁ ମାଣ୍ଡଲା ଅଞ୍ଚଳର ରାଜନ ନାମକ ଜଣେ ଅଭିଯୁକ୍ତଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ଉଭୟ ପରସ୍ପର ମଧ୍ୟରେ ଚାଟିଂ କରୁଥିଲେ। କାହ୍ନା ଟାଇଗର ରିଜର୍ଭକୁ ବୁଲାଇନେବା ନାଁରେ ରାଜନ ଛାତ୍ରୀଙ୍କୁ ମାଣ୍ଡଲା ଡାକିଥିଲା। ଗତ ୨୬ ତାରିଖରେ ଛାତ୍ରୀ ଜଣକ ପହଞ୍ଚିବା ପରେ ରାଜନ ତାଙ୍କୁ ତା'ର ଜଣେ ସାଙ୍ଗ ଘରକୁ ନେଇ ସେଠାରେ ସେମାନେ ୩ ଦିନ ପର୍ଯ୍ୟନ୍ତ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ବୁଧବାର ଅପରାହ୍ନରେ ପୀଡ଼ିତାଙ୍କୁ ୨ ଜଣ ଆଣି ମାଣ୍ଡଲା ବସ୍‌ଷ୍ଟାଣ୍ଡରେ ଛାଡ଼ିବା ସହ ଗଣବଳାତ୍କାର ସମ୍ପର୍କରେ କାହାକୁ କହିଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।

## ସଂକ୍ଷେପରେ

### ନାବାଳିକା ପୀଡ଼ିତାଙ୍କୁ ଗଣବଳାତ୍କାର

**ଡେପୁଟି ଜେଲରଙ୍କ ନାଁରେ ଅପହରଣ ମାମଲା**

**ଭୋପାଳ,୨।୫**

ମଧ୍ୟପ୍ରଦେଶର ଶାହଡୋଲ ଜିଲାରେ ଜଣେ ୧୭ ବର୍ଷୀୟାଙ୍କୁ ୪ ଜଣ ୨ ଦିନ ଧରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଅପହରଣକରି ଆଣି ଜଣେ ଡେପୁଟି ଜେଲର ତାଙ୍କୁ ଏକ ହୋଟେଲ ରୁମ୍‌ରେ ରଖିଥିଲେ। ପୋଲିସ ଡେପୁଟି ଜେଲରଙ୍କ ନାଁରେ ଅପହରଣ ମାମଲା ରୁଜୁ କରିବା ସହ କେତେଜଣଙ୍କୁ ଗିରଫ କରିଛି। ନାବାଳିକା ଜଣକ ଗତ ୨୯ ତାରିଖରେ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା। ମାଆଙ୍କ ଅଭିଯୋଗକ୍ରମେ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଶାହଡୋଲ ଜିଲାର ଏକ ହୋଟେଲର ବନ୍ଦ କୋଠରିରୁ ପୀଡ଼ିତାଙ୍କୁ ଠାବ କରାଯାଇଥିଲା। ପୀଡ଼ିତାଙ୍କ କହିବା ଅନୁଯାୟୀ, ଗତ ୨୯ ତାରିଖରେ ସବୀର ଖାନ୍ ନାମକ ଯୁବକ ତାଙ୍କୁ ମୋଟରସାଇକେଲରେ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ସମୀର ଓ ତାଙ୍କ ସହଯୋଗୀ ଛୋଟୁ ମୁସଲମାନ ତାଙ୍କୁ ବଳାତ୍କାର କରିଥିଲେ। ୩୦ ତାରିଖରେ ତାଙ୍କୁ ଶାହଡୋଲ ରେଳଷ୍ଟେଶନରେ ଛାଡ଼ିଦେଇଯିବା ପରେ ଅନ୍‌ମୋଲ ନାମକ ଅନ୍ୟଜଣେ ଅଭିଯୁକ୍ତ ତାଙ୍କୁ ନେଇଥିଲା। ସେ ଓ ତାଙ୍କ ସାଙ୍ଗ ଶକିବ ଖାନ୍ ଏକ ନଦୀ ନିକଟରେ ତାଙ୍କୁ ବଳାତ୍କାର କରିଥିଲେ। ସେହିଦିନ ରାତିରେ ବିହାର ସବ୍‌ଜେଲ୍‌ର ଡେପୁଟି ଜେଲର ତାଙ୍କୁ କାରରେ ଆଣି ଏକ ହୋଟେଲରେ ଛାଡ଼ିବା ବନ୍ଦ କରି ରଖିଥିଲେ। ପୋଲିସ ଉକ୍ତ ସ୍ଥାନକୁ ଟ୍ରାକ୍ କରି ପୀଡ଼ିତାଙ୍କୁ ହୋଟେଲ ରୁମ୍‌ରୁ ମୁକ୍ତ କରିଥିଲା। ୨୦୨୪ରେ ପୀଡ଼ିତା ଜଣକ ଘରୁ ପଳାଇଥିବାବେଳେ ୫ ଜଣଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲେ ବୋଲି ଜଣାପଡ଼ିଛି।

### ଦିଲ୍ଲୀରେ ବର୍ଷା ଯୋଗୁ କାନ୍ଥ ପଡ଼ି ୪ ମୃତ

**ନୂଆଦିଲ୍ଲୀ,୨।୫**

ଦିଲ୍ଲୀ ସମେତ ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ଶୁକ୍ରବାର ସକାଳେ ଲଗାଣ ବର୍ଷା ଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବହୁ ରାସ୍ତା ଜଳାର୍ଣ୍ଣବ ହୋଇଛି। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ବର୍ଷା ପବନରେ ବହୁ ଗଛ ଉପୁଡ଼ିପଡ଼ିଛି। ଦିଲ୍ଲୀର ନଜଫଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଘର କାନ୍ଥ ଭୁଶୁଡ଼ି ଜଣେ ୨୮ ବର୍ଷୀୟ ମହିଳା ଓ ତାଙ୍କର ୩ ପିଲାଙ୍କ ମୃତ୍ୟୁ ଘଟିଛି। ସେହିପରି ଦ୍ୱାରକା ଛାୱ୍ଲା ଅଞ୍ଚଳରେ କାନ୍ଥ ପଡ଼ି ୩ ଜଣ ଆହତ ହୋଇଛନ୍ତି। ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ ଏବଂ ମଥୁରାରେ ରାସ୍ତା ଜଳାର୍ଣ୍ଣବ ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଟ୍ରାଫିକ୍ ଜାମ୍ ଯୋଗୁ ବିଭିନ୍ନ ରାସ୍ତାରେ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ଲାଗିରହିଥିଲା। ଦିଲ୍ଲୀର ମିଣ୍ଟୋ ବ୍ରିଜ୍, ଆଇଟିଓ, ଆର୍.କେ.ପୁରମ୍‌ର ମେଜର ସୋମନାଥ ମାର୍ଗ ଏବଂ କାନପୁରରେ ରାସ୍ତାଘାଟ ପାଣିରେ ବୁଡ଼ିରହିଥିବାରୁ ଟ୍ରାଫିକ୍ ଜାମ୍ ହୋଇଛି। ବର୍ଷା ପବନ ଯୋଗୁ ଦିଲ୍ଲୀରେ ଅବତରଣ କରିବାକୁ ଥିବା ୩ଟି ବିମାନକୁ ଜୟପୁର ଓ ଅହମଦାବାଦ ଏୟାରପୋର୍ଟକୁ ପଠାଯାଇଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣରେ ବିଳମ୍ବ ହୋଇଥିଲା।

## ଆନ୍ଧ୍ରରେ ୫୮,୦୦୦ କୋଟିର ପ୍ରକଳ୍ପ

**ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ**

**ଅମରାବତୀ,୨।୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆନ୍ଧ୍ରପ୍ରଦେଶରେ ୫୮,୦୦୦ ଟଙ୍କା ମୂଲ୍ୟର ୯୪ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ 'ଡ୍ରିମ୍ ପ୍ରୋଜେକ୍ଟ' କୁହାଯାଉଥିବା ରାଜଧାନୀ ଅମରାବତୀ ସହର ନିର୍ମାଣକୁ ମଧ୍ୟ ପୁନର୍ବାର ଆରମ୍ଭ କରାଯାଇଛି। ଅମରାବତୀ ନିର୍ମାଣ ପାଇଁ ୪୯,୦୦୦ କୋଟି ଟଙ୍କା ମୂଲ୍ୟର ୭୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯେଉଁଥିରେ ରାଜ୍ୟ ବିଧାନସଭା, ସଚିବାଳୟ, ହାଇକୋର୍ଟ ବିଲ୍ଡିଂ ଏବଂ ବିଚାରପତିମାନଙ୍କ ଆବାସିକ ବାସଭବନ ରହିଛି । ଏଥିସହିତ ୫,୨୦୦ ପରିବାର ପାଇଁ ଗୃହନିର୍ମାଣ କରାଯିବ। ଏହା ବ୍ୟତୀତ କେତେକ ଭିତ୍ତିଭୂମି ଏବଂ ବନ୍ୟା ପ୍ରଶମନ ପ୍ରକଳ୍ପ ରହିଛି। ପ୍ରଧାନମନ୍ତ୍ରୀ ୫,୦୨୮ କୋଟି ଟଙ୍କା ବ୍ୟୟରେ ୯ଟି କେନ୍ଦ୍ରୀୟ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେଥି ମଧ୍ୟରେ କ୍ରିଷ୍ଣା ଜିଲାର ନାଗାୟାଲଙ୍କାରେ ଡିଆର୍‌ଡିଓର ମିଶାଇଲ ଟେଷ୍ଟିଂ ସେଣ୍ଟର, ଭାଇଜାଗରେ ୟୁନିଟି ମଲ୍, ରେଲ୍ ଓଭରବ୍ରିଜ୍ ଏବଂ ୬ଟି ଜାତୀୟ ରାଜପଥ ପ୍ରକଳ୍ପ ରହିଛି।



ଅମରାବତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସ୍ୱାଗତ କରୁଛନ୍ତି।

## ସୋନିଆ, ରାହୁଲଙ୍କୁ କୋର୍ଟ ନୋଟିସ

**ନ୍ୟାଶନାଲ ହେରାଲ୍ଡ ପିଏମ୍‌ଏଲ୍‌ଏ ମାମଲା**

**ନୂଆଦିଲ୍ଲୀ,୨।୫(ପି.ଟି.)**

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି। ଚାର୍ଜଶିଟ୍ ସମ୍ପର୍କରେ ଜାଣିବା ସମୟରେ ସେମାନଙ୍କର 'ଶୁଣାଣି ଅଧିକାର' ଉପଲବ୍ଧ ଥିଲା ବୋଲି ସ୍ୱତନ୍ତ୍ର ବିଚାରପତି ବିଶାଳ ଗୋଗ୍‌ନେ କହିବା ସହ ପରବର୍ତ୍ତୀ ଶୁଣାଣି ମେ' ୮କୁ ଧାର୍ଯ୍ୟ କରିଛନ୍ତି।


୨୦୧୪ ଜୁନ୍ ୨୬ରେ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଅଭିଯୋଗକୁ ମାଜିଷ୍ଟ୍ରେଟ୍ କୋର୍ଟ ବିଚାରକୁ ନେବା ପରେ ୨୦୨୧ରେ ଇଡି ଏହାର ତଦନ୍ତ ଭାର ଗ୍ରହଣ କରିଥିବାବେଳେ ନିକଟରେ ଚାର୍ଜଶିଟ୍ ଦାଖଲ କରିଛି। ଆସୋସିଏଟେଡ୍ ଜର୍ନାଲ ଲିଃ (ଏଜେଏଲ୍)ର ୨,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତିକୁ ଜାଲିଆତି ଉପାୟରେ ଦଖଲ କରିବାକୁ ମନିଲଣ୍ଡରିଂ ହୋଇଥିଲା। ଏଥିରେ କଂଗ୍ରେସ ଦଳର ପ୍ରଥମ ପରିବାର ସମେତ କେତେଜଣ ଖ୍ୟାତନାମା ରାଜନେତା, ସ୍ୱର୍ଗତ ମୋତିଲାଲ ଭୋରା, ଓସ୍କାର ଫର୍ନାଣ୍ଡିଜ୍, ସାମ୍ ପିତ୍ରୋଡ଼ା, ଘରୋଇ କମ୍ପାନୀ ୟଙ୍ଗ୍ ଇଣ୍ଡିଆ ପ୍ରମୁଖ ଆପରାଧିକ ଷଡ଼ଯନ୍ତ୍ରରେ ସାମିଲ ଥିବା ଇଡି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଥିଲା। ୟଙ୍ଗ୍ ଇଣ୍ଡିଆରେ ସୋନିଆ ଏବଂ ରାହୁଲଙ୍କର ସର୍ବାଧିକ ୩୮ ପ୍ରତିଶତ ଲେଖାଏ ଅଂଶଧନ ରହିଛି। ପୂର୍ବରୁ ଇଡି ଉଭୟଙ୍କୁ ଦୀର୍ଘ ସମୟ ଜେରା କରିଥିଲା।

## ଗଣମାଧ୍ୟମ ସ୍ୱାଧୀନତା: ୧୫୧ତମ ସ୍ଥାନରେ ଭାରତ

**ବୈଶ୍ୱିକସ୍ତରରେ ନିମ୍ନମୁଖୀ**

**ନୂଆଦିଲ୍ଲୀ,୨।୫**

ବୈଶ୍ୱିକ ଗଣମାଧ୍ୟମ ସ୍ୱାଧୀନତା ୨୦୨୫ରେ ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଥିବା ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ (ଆର୍‌ଏସ୍‌ଏଫ୍) ପକ୍ଷରୁ ଶୁକ୍ରବାର ପ୍ରକାଶିତ ବାର୍ଷିକ ର୍‍ୟାଙ୍କିଙ୍ଗ୍ ରିପୋର୍ଟରେ କୁହାଯାଇଛି। ଇଣ୍ଟରନ୍ୟାଶନାଲ ପ୍ରେସ୍ ଫ୍ରିଡମ୍ ଡେ'ର ଦିନକ ପୂର୍ବରୁ ଫ୍ରାନ୍ସର ଅଣଲାଭଦାୟକ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତ ସମେତ ବିଶ୍ୱର ଅର୍ଦ୍ଧାଧିକ ଜନସଂଖ୍ୟା ରହୁଥିବା ଦେଶଗୁଡ଼ିକରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର। ୧୮୦ଟି ଦେଶ ମଧ୍ୟରେ ଭାରତର ସୂଚକାଙ୍କ ୧୫୧ ରହିଛି। ୨୦୨୪ରେ ଭାରତ ୧୫୯ତମ ସ୍ଥାନରେ ଥିଲା। ଗତ ୨୩ ବର୍ଷ ହେଲା ଆର୍‌ଏସ୍‌ଏଫ୍ ପ୍ରେସ୍ ସ୍ୱାଧୀନତାର ଅନୁଧ୍ୟାନ କରିଆସୁଥିବାବେଳେ ଚଳିତ ବର୍ଷ ଏହାର ମୁଖ୍ୟ ସୂଚକାଙ୍କ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।



ପ୍ରତ୍ୟେକ ଦେଶରେ ଖବରଦାତାମାନଙ୍କ ଉପରେ ହିଂସାକାଣ୍ଡ ସଂଖ୍ୟା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ତଥ୍ୟାବଳୀକୁ ବିଚାରକୁ ନେଇ ବିଶେଷଜ୍ଞମାନେ ଉକ୍ତ ସୂଚକାଙ୍କ ପ୍ରସ୍ତୁତ କରିଛନ୍ତି। ସେମାନେ କୌଣସି ଦେଶ ବା ଅଞ୍ଚଳର ସ୍ଥିତିକୁ ୫ଟି ବର୍ଗ ଯଥା ରାଜନୈତିକ, ଆଇନଗତ, ଅର୍ଥନୈତିକ, ସାମାଜିକ-ସାଂସ୍କୃତିକ ଏବଂ ସୁରକ୍ଷାଗତ ଦୃଷ୍ଟିକୁ ବିଚାରକୁ ନେଇ ଆକଳନ କରିଛନ୍ତି। ଗତ ଜାନୁଆରୀରେ ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଆମେରିକାର ପ୍ରେସ୍ ସ୍ୱାଧୀନତା ଅତ୍ୟନ୍ତ ଖରାପ ସ୍ଥିତିକୁ ଖସିଆସିଥିବା ରିପୋର୍ଟରେ କୁହାଯାଇଛି। ଟ୍ରମ୍ପ୍ ପ୍ରଶାସନ ଅନୁଷ୍ଠାନଗୁଡ଼ିକୁ ଅସ୍ତ୍ର କରିବା ସହ ସ୍ୱାଧୀନ ଗଣମାଧ୍ୟମକୁ ସହାୟତା ହ୍ରାସ କରିଛି ଓ ଖବରଦାତାମାନଙ୍କୁ ଅଣଦେଖା କରୁଛି। ଆମେରିକା ସୂଚକାଙ୍କ ୨୦୨୪ ତୁଳନାରେ ୨ ସ୍ଥାନ ତଳକୁ ଖସି ୫୭ରେ ରହିଛି, ଯାହା ପଶ୍ଚିମ ଆଫ୍ରିକାର ସିଏରା ଲିଓନ୍ ପଛରେ ରହିଛି। ୟୁରୋପ୍‌ରେ ସାମ୍ବାଦିକମାନେ ସର୍ବାଧିକ ସ୍ୱାଧୀନତା ପାଉଥିବାବେଳେ ୧୮୦ଟି ଦେଶ ମଧ୍ୟରେ ଚାଇନା, ଉତ୍ତରକୋରିଆ ଏବଂ ଇରିଟ୍ରିଆ ସର୍ବନିମ୍ନ ର୍‍ୟାଙ୍କ୍‌ରେ ରହିଛି। ପ୍ରେସ୍ ସ୍ୱାଧୀନତାରେ ଶୀର୍ଷ ୧୦ଟି ସ୍ଥାନରେ ରହିଥିବା ଦେଶଗୁଡ଼ିକ ହେଲେ ନରୱେ, ଇସ୍ତୋନିଆ, ନେଦରଲାଣ୍ଡସ୍, ସୁଇଡେନ୍, ଫିନ୍‌ଲାଣ୍ଡ, ଡେନ୍‌ମାର୍କ, ଆୟର୍ଲାଣ୍ଡ, ପର୍ତ୍ତୁଗାଲ, ସୁଇଜରଲାଣ୍ଡ ଏବଂ ଚେକ୍ ଗଣରାଜ୍ୟ। ପୂର୍ବବର୍ଷ ଜର୍ମାନୀ ୧୦ମ ସ୍ଥାନରେ ଥିବାବେଳେ ଏଥର ୧୧ତମ ସ୍ଥାନକୁ ଖସିଛି।

ଇସ୍ରାଏଲ୍‌ର ଗାଜା ଆକ୍ରମଣ ଯୋଗୁ ପାଲେଷ୍ଟିନୀୟ ଖବରଦାତାମାନେ ସର୍ବାଧିକ ଅସୁବିଧା ମଧ୍ୟରେ ରହିଛନ୍ତି। ଇସ୍ରାଏଲୀ ସେନା ଅନେକ ନ୍ୟୁଜ୍‌ରୁମ୍‌କୁ ଧ୍ୱଂସ କରିଦେଇଥିବାବେଳେ ପ୍ରାୟ ୨୦୦ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି। ୧୮ ମାସରୁ ଊର୍ଦ୍ଧ୍ୱ ହେଲା ଗାଜା ଷ୍ଟ୍ରିପ୍‌କୁ ଇସ୍ରାଏଲ୍ ଅବରୋଧ କରି ରଖିଥିଲା। ଇସ୍ରାଏଲ୍‌ର ମଧ୍ୟ ପ୍ରେସ୍ ସ୍ୱାଧୀନତା ର୍‍ୟାଙ୍କ ୧୧ରୁ ୧୧୨ତମ ସ୍ଥାନକୁ ଖସିଥିବା ରିପୋର୍ଟରେ କୁହାଯାଇଛି।

## ବିବାଦରେ ଏଜାଜ୍ ଖାନ୍‌ଙ୍କ 'ହାଉସ୍ ଆରେଷ୍ଟ'

**ଏନ୍‌ସିଡବ୍ଲ୍ୟୁ ନୋଟିସ୍ ପରେ ହଟାଇଲା ଉଲ୍ଲୁ**

**ମୁମ୍ବାଇ,୨।୫**

ଅଭିନେତା ଏଜାଜ୍ ଖାନ୍‌ଙ୍କ ରିଆଲିଟି ଶୋ' 'ହାଉସ୍ ଆରେଷ୍ଟ'ରେ ଯୌନ ଉଦ୍ଦୀପକ କଣ୍ଟେଣ୍ଟକୁ ନେଇ ବିବାଦ ଉଠିବା ପରେ ଓଭର ଦି ଟପ୍ (ଓଟିଟି) ଉଲ୍ଲୁ ଏହାକୁ ହଟାଇ ଦେଇଛି। ଆଡଲ୍ଟ କଣ୍ଟେଣ୍ଟ ପାଇଁ ପରିଚିତ ଉଲ୍ଲୁ ଆପ୍‌ରେ ଏବେ 'ହାଉସ୍ ଆରେଷ୍ଟ' ସର୍ଚ୍ଚ କଲେ ଏଥିରେ କୌଣସି ରେଜଲ୍ଟ ଆସୁନାହିଁ। ଉକ୍ତ ଶୋ'ର ଏକ ଶର୍ଟ ଭିଡିଓ କ୍ଲିପ୍‌କୁ ନେଇ ରାଜନେତାଙ୍କଠାରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଉଲ୍ଲୁ ଆପ୍ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି। ଏଥିରେ ଏଜାଜ୍ ମହିଳା ପ୍ରତିଯୋଗୀମାନଙ୍କୁ କ୍ୟାମେରା ସାମ୍ନାରେ ଅନ୍ତରଙ୍ଗ କାର୍ଯ୍ୟକଳାପରେ ଲିପ୍ତ ରହିବାକୁ ବାଧ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏପରି କି ଶୁଟିଂ ବେଳେ ଏଜାଜ୍‌ଙ୍କ ବ୍ୟକ୍ତିଗତ ପ୍ରଶ୍ନ ଓ ଉତ୍ତେଜକ କଥାବାର୍ତ୍ତା ଉପରେ ମଧ୍ୟ କେତେଜଣ ମହିଳା ପ୍ରତିଯୋଗୀ ଆପତ୍ତି ଉଠାଇଥିଲେ। ଜାତୀୟ ମହିଳା କମିଶନ୍ (ଏନ୍‌ସିଡବ୍ଲ୍ୟୁ) ଏନେଇ ଉଲ୍ଲୁ ସିଇଓ ବିଭୁ ଅଗ୍ରୱାଲ ଏବଂ ଏଜାଜ୍ ଖାନ୍‌ଙ୍କୁ ସମନ କରିଛନ୍ତି।

ଶିବସେନା (ୟୁବିଟି)ର ରାଜ୍ୟ ସଭା ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀ ଗୁରୁବାର ଏହାର ଏକ କ୍ଲିପ୍‌କୁ ଏକ୍ସ'ରେ ଶେୟାର କରିଥିଲେ। ଏଭଳି 'ଅଶ୍ଳୀଳ କଣ୍ଟେଣ୍ଟ'ଗୁଡ଼ିକୁ କାହିଁକି ନିଷିଦ୍ଧ କରାଯାଉନାହିଁ ବୋଲି ପ୍ରିୟଙ୍କା ପ୍ରଶ୍ନ କରିଥିଲେ। ବିଗ୍ ବସ୍‌ର ପୂର୍ବତନ କଣ୍ଟେଷ୍ଟାଣ୍ଟ ତଥା 'ରକ୍ତଚରିତ୍ର' ଭଳି ଅଳ୍ପ କେତୋଟି ଫିଲ୍ମରେ ଅଭିନୟ କରିଥିବା ଏଜାଜ୍‌ଙ୍କୁ ମେ' ୯ରେ ହାଜର ହେବାକୁ ଏନ୍‌ସିଙ୍କ ନିର୍ଦ୍ଦେଶ ରହିଛି।




## ବଳାତ୍କାର ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ନୋଟିସ

**ହସ୍ତକ୍ଷେପ କଲେ ହାଇକୋର୍ଟ**

**ଡେରାଡୁନ୍,୨।୫**

ଉତ୍ତରାଖଣ୍ଡର ନୈନିତାଲରେ ଶିଶୁ ଯୌନ ନିର୍ଯାତନା ସୁରକ୍ଷା ଆଇନ (ପୋକ୍‌ସୋ) ମାମଲାରେ ଅଭିଯୁକ୍ତ ଜଣେ ୬୫ ବର୍ଷୀୟଙ୍କ ଘର ଏବଂ ଦୋକାନ ଭାଙ୍ଗିବା ପାଇଁ ନୋଟିସ ଜାରି ହୋଇଥିଲା। ଉତ୍ତରାଖଣ୍ଡ ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରି ଜିଲା ପ୍ରଶାସନ, ପୌର ପରିଷଦ ଏବଂ ପୋଲିସ୍‌କୁ ଭର୍ତ୍ସନା କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରିପାରିବ ନାହିଁ ବୋଲି ହାଇକୋର୍ଟ ପୌର ପରିଷଦକୁ କହିଛନ୍ତି।

ଗତ ଏପ୍ରିଲ ୧୨ରେ ଜଣେ ୧୨ ବର୍ଷୀୟା ବାଳିକାଙ୍କୁ ଉସ୍‌ମାନ ନାମକ ବ୍ୟକ୍ତି ବଳାତ୍କାର କରିଥିବା ପୋଲିସରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉସ୍‌ମାନଙ୍କ ଅଫିସ ଥିବା ମାର୍କେଟର କେତେକ ଦୋକାନ ଓ ରେଷ୍ଟୁରାଣ୍ଟକୁ ବିକ୍ଷୋଭକାରୀ ଭାଙ୍ଗିଦେଇଥିଲେ। ଉସ୍‌ମାନଙ୍କ ଘର ଭାଙ୍ଗିବା ପାଇଁ ନୋଟିସ ମିଳିବା ପରେ ତାଙ୍କ ସ୍ତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟ ବିଚାରପତି ଜି. ନରେନ୍ଦ୍ର ଏବଂ ଜଷ୍ଟିସ୍ ରବନ୍ଦ୍ର ମୈଥାନୀଙ୍କ ଖଣ୍ଡପୀଠ ଅଦାଲତ ଅବମାନନା ନୋଟିସ ଜାରି କରିବା ସହ ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି। ସରକାରୀ କର୍ତ୍ତୃପକ୍ଷ କୌଣସି ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ହେଲେ କେଉଁସବୁ ପଦ୍ଧତି ଅବଲମ୍ବନ କରିବେ ତାହା ସର୍ବୋଚ୍ଚ ଅଦାଲତ ପୂର୍ବରୁ ସ୍ପଷ୍ଟ କରିଛନ୍ତି। ପୋଲିସକୁ ଭର୍ତ୍ସନା କରି ମୁଖ୍ୟ ବିଚାରପତି କହିଥିଲେ, ପୋଲିସ ଅପାରଗତା ଯୋଗୁ ସବୁକିଛି ସମସ୍ୟା ସୃଷ୍ଟି ହୋଇଛି। ପୋଲିସ ସଜାଗ ଥିଲେ ଦୋକାନ ଭଙ୍ଗାରୁଜା ଓ ପୋଡ଼ାଜଳା ହୋଇ ନ ଥାନ୍ତା। ଉକ୍ତ ଅପରାଧୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଖଣ୍ଡପୀଠ ପୋଲିସକୁ ପ୍ରଶ୍ନ କରିଛନ୍ତି।

## ମାଟ୍ରିକ ପରୀକ୍ଷାଫଳ ପ୍ରକାଶ, ଛାତ୍ରୀ ଆଗରେ




# କିଟ୍‌ରେ ଆଉ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ

## ହଷ୍ଟେଲ ରୁମ୍‌ରେ ଫ୍ୟାନରେ ଝୁଲିପଡ଼ିଲେ

**ଭୁବନେଶ୍ୱର,୨।୫(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତା ଛାତ୍ରୀ ହେଲେ ବି.ଟେକ୍ ପ୍ରଥମ ବର୍ଷ (କମ୍ପ୍ୟୁଟର ସାଇନ୍ସ)ର ପ୍ରୀଶା ଶାହା(୧୮)। ତାଙ୍କ ଘର ନେପାଳ ବିରଗଞ୍ଜ ଅଞ୍ଚଳରେ। ପ୍ରୀଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସସ୍ଥିତ ହଷ୍ଟେଲ 'କ୍ୟୁସି୪'ର ନିଜ ରୁମ୍‌ରେ ଗୁରୁବାର ସନ୍ଧ୍ୟାରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମେ ପ୍ରୀଶାଙ୍କୁ ଉଦ୍ଧାର କରାଯାଇ କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏମ୍ଏଲ୍‌ସି (ମେଡିକୋ ଲିଗାଲ୍ ସାର୍ଟିଫିକେଟ୍) ଆଧାରରେ ଇନ୍‌ଫୋସିଟି ଥାନାରେ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୪୯/୨୦୨୫) ରୁଜୁ କରାଯାଇଛି। ପୋଲିସ ଟିମ୍ ପ୍ରୀଶାଙ୍କ ମୋବାଇଲ ଫୋନ୍ ଓ ଲାପଟପ୍‌କୁ ଜବତ କରି ଫରେନ୍‌ସିକ୍


ପ୍ରୀଶା ଶାହା

ଲ୍ୟାବକୁ ପଠାଇଛି। ତେବେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏମ୍ସରେ ରଖାଯାଇଛି। ଖବର ପାଇ ପରିବାର ଲୋକେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିବାବେଳେ ସେମାନଙ୍କ ଉପସ୍ଥିତିରେ ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅଢ଼େଇ ମାସର ବ୍ୟବଧାନରେ କିଟ୍‌ରେ ଆଉ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ପ୍ରୀଶା ଏଭଳି ଚରମ ନିଷ୍ପତ୍ତି କାହିଁକି ନେଲେ ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ପୋଲିସ ଏହା ପଛରେ ଥିବା କାରଣ ଖୋଜିବା ସହ ସହପାଠୀ ଓ ହଷ୍ଟେଲ ୱାର୍ଡେନଙ୍କୁ ପଚରାଉଚରା କରି ଅନୁସନ୍ଧାନ ଚଳାଇଛି। ରାତିରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଓ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରମୁଖ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ନେପାଳ ଦୂତାବାସ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣାର ନିରପେକ୍ଷ ତଦନ୍ତ ହେଉ ବୋଲି ନେପାଳ ଦୂତାବାସ ଅନୁରୋଧ କରିଥିବା ଜାରି ପ୍ରେସ ବିଜ୍ଞପ୍ତିରେ ଦର୍ଶାଇଛି। ସେହିପରି ଭାରତର ବିହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରେସ ରିଲିଜ୍ ଜାରି କରି ମୃତ ଛାତ୍ରୀଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଦୁଃଖପ୍ରକାଶ କରାଯାଇଛି। ଓଡ଼ିଶା ସରକାର ଓ ମୃତାଙ୍କ ପରିବାର ସହ ମନ୍ତ୍ରଣାଳୟ ନିୟମିତ ଯୋଗାଯୋଗରେ ଅଛି। ଓଡିଶା ପୋଲିସ ତଦନ୍ତ ଚଳାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି। ଅନ୍ୟପକ୍ଷରେ କିଟ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରି ଏକ ପ୍ରେସ୍ ରିଲିଜ୍ କାରି କରିଛନ୍ତି। ଘଟଣା ସମ୍ପର୍କରେ ହଷ୍ଟେଲ ପକ୍ଷରୁ ତୁରନ୍ତ ସ୍ଥାନୀୟ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚିବା ପରେ ଛାତ୍ରୀଙ୍କୁ ଉଦ୍ଧାର କରାଯାଇ କିମ୍ସ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରବର୍ତ୍ତୀ ପଦକ୍ଷେପ ପାଇଁ ମୃତଦେହକୁ ଭୁବନେଶ୍ୱର ଏମ୍ସକୁ ପଠାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ତୁରନ୍ତ ସୂଚନା ଦିଆଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଏହି ଘଟଣାରେ ମୃତାଙ୍କ ପରିବାର, ସାଙ୍ଗ ଓ ନେପାଳୀ ଛାତ୍ରୀଛାତ୍ରଙ୍କ ସହ ଅଛୁ ବୋଲି କିଟ୍ ପକ୍ଷରୁ କୁହାଯାଇଛି।

# ବିକଶିତ ଭାରତରେ କୋରାପୁଟ, ବାଲିଶଙ୍କରା

**ଭୁବନେଶ୍ୱର,୨।୫(ରବିନାରାୟଣ ଜେନା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମରେ ଦେଶର ୧୨୨ଜିଲା ମଧ୍ୟରେ ଓଡ଼ିଶାର କୋରାପୁଟ ଓ ସୁନ୍ଦରଗଡ଼ ରହିଛି। ବିକଶିତ ଜିଲା ରାଙ୍କିଙ୍ଗ୍‌ରେ କୋରାପୁଟ ୪୨ତମ ସ୍ଥାନରେ ରହିଥିବାବେଳେ ସୁନ୍ଦରଗଡ଼ ୬୮ତମ ସ୍ଥାନରେ ରହିଛି। ଗୋଟିଏ ପଛୁଆ ତଥା ଆକାଂକ୍ଷୀ ଜିଲାକୁ ବିକଶିତ ଜିଲାରେ ରୂପାନ୍ତରିତ କରିବା ଲାଗି ଜିଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାଧାରଣ ନାଗରିକ ଓ ସରକାରଙ୍କ ମଧ୍ୟରେ ଜିଲା ପ୍ରଶାସନ ହେଉଛି ସେତୁ ସଦୃଶ ; ଯଦ୍ୱାରା ପଛୁଆ ଜିଲା ବି ଅଗ୍ରଣୀ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିକଶିତ ଭାରତ ସଂକ୍ରାନ୍ତ ପ୍ରକାଶିତ ଏକ ପୁସ୍ତିକାରୁ ଏହା ଜଣାପଡ଼ିଛି। ବିକଶିତ ଭାରତ କାର୍ଯ୍ୟକ୍ରମରେ ଗତ ୧୦ବର୍ଷରେ ୪କୋଟି ଅସହାୟ ପରିବାରକୁ ପକ୍କାଘର ମିଳିଥିବା ବେଳେ ୫ବର୍ଷ ମଧ୍ୟରେ ୧୨କୋଟି ପରିବାରକୁ ସ୍ୱଚ୍ଛ ଜଳ ଯୋଗାଇ ଦିଆଯାଇଛି। ଏହାସହିତ ୧୦କୋଟି ପରିବାରକୁ ସ୍ୱଚ୍ଛ ରନ୍ଧନବ୍ୟବସ୍ଥା ଏବଂ ୧୧.୫କୋଟି ପରିବାରକୁ ଶୌଚାଳୟ ଯୋଗାଇ ଦିଆଯାଇଛି, ଯାହା କି କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ପ୍ରମାଣିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବିକଶିତ ଭାରତ କାର୍ଯ୍ୟକ୍ରମରେ କୋରାପୁଟ ଭଳି ଏକ ପଛୁଆ ଅଞ୍ଚଳକୁ ସାମିଲ କରିବା ସମୟରେ ବହୁତ କିଛି ସମସ୍ୟା ରହିଥିଲା। ଏହି

### ଷ୍ଟ୍ରବେରୀ ଚାଷ କୋରାପୁଟ ମହିଳାଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିଛି



ଦୁର୍ଗମ ଅଞ୍ଚଳଟି ପାହାଡ଼ପର୍ବତଘେରା ହୋଇଥିବାରୁ ସରକାରୀ ଯୋଜନା ଠିକଣା ଭାବେ ପହଞ୍ଚି ପାରୁ ନ ଥିଲା ; ଯେଉଁଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବାରେ ପ୍ରତିବନ୍ଧକ ହେଉଥିବାବେଳେ ବେରୋଜଗାରୀ ସୃଷ୍ଟି ହେଉଥିଲା। ଏହାସହିତ ଅପପୁଷ୍ଟି, ରକ୍ତହୀନତା ପ୍ରଭୃତି ଏଠାରେ ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଥିଲା। ଏହାକୁ ସରକାର ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିବା ପରେ ଏବେ ସେଠାରେ ବିକାଶ ଆଖିଦୃଶିଆ ହୋଇଛି। ୩ଲକ୍ଷ ୮୫ହଜାର ୩୧୭ଜଣଙ୍କୁ ଜନଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟକାର୍ଡ ମିଳିଥିବାବେଳେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ୨୨ହଜାର ୪୯୯ ପଞ୍ଜୀକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ସୁନିଧି ଜରିଆରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକଙ୍କ ଜୀବନଧାରଣର ମାନ ବଦଳିଛି। ଏହାବାଦ୍ କିଷାନକ୍ରେଡିଟ କାର୍ଡ ସହାୟତାରେ ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଛି। ଜଣେ ହେଲେ ବି ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଥିବାରୁ ଏହା ସମ୍ଭବ ହୋଇପାରିଛି।

ସେହିପରି ସୁନ୍ଦରଗଡ଼ର ବାଲିଶଙ୍କରା ଅଞ୍ଚଳଟି ପାହାଡ଼ିଆ ହୋଇଥିବାରୁ ସେଠାରେ ସରକାରୀ ଯୋଜନା ପହଞ୍ଚି ପାରୁ ନ ଥିଲା। ବିଶେଷକରି ସେଠାରେ ଓରାମ, ମୁଣ୍ଡା ଏବଂ ଗଣ୍ଡ ସଂପ୍ରଦାୟର ଆଦିବାସୀ ବସବାସ କରୁଥିଲେ। ଏସବୁ ଚ୍ୟାଲେଞ୍ଜ ସତ୍ତ୍ୱେ ଜିଲା ପ୍ରଶାସନର ଉଦ୍ୟମ ଯୋଗୁ ଗମନାଗମନର ସୁବିଧା ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସରକାରୀ ଯୋଜନା ଆଖିଦୃଶିଆ ହୋଇପାରିଛି। ବାଲିଶଙ୍କରାରେ ୨୦ଟି ମାଧ୍ୟମିକ ଓ ୪ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖୋଲାଯାଇଛି। ୯୨ ପ୍ରତିଶତ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ମିଳିଥିବା ବେଳେ ଶତପ୍ରତିଶତ ଆନୁଷ୍ଠାନିକ ପ୍ରସବ ହେଉଛି। ୬ହଜାର ମେଟ୍ରିକ ଟନ୍ ମାଣ୍ଡିଆ ଉତ୍ପାଦନ ହେଉଛି। ଶତପ୍ରତିଶତ ଯକ୍ଷ୍ମା ରୋଗର ମୂଳୋତ୍ପାଟନ ହୋଇଥିବା ବେଳେ ଜଳସେଚନ ବ୍ୟବସ୍ଥା ଯୋଗୁ ୩ହଜାର ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇପାରୁଛି। ସାମଗ୍ରିକ ବିକାଶ କ୍ଷେତ୍ରରେ ବାଲିଶଙ୍କରା ବ୍ଲକ ଏବେ ଆଗରେ ରହିଥିବାରୁ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମରେ ରହିଛି।

# ପୁରୀ ରଥ ନିର୍ମାଣରେ ଲାଗିବ କୁଲାଡ଼ର ୧୨ ଫାସି ଗଛ

**ବଅଁରପାଳ,୨।୫ (ସୁବାସ ସାହୁ)**

ପୁରୀ ରଥ ନିର୍ମାଣରେ ବ୍ୟବହାର ପାଇଁ ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଲାଡ଼ରୁ ୧୨ଟି ଫାସି ଗଛ କଟାଯିବ। କୁଲାଡ଼ ନିବାସୀ ତଥା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ ବିଭାଗ ଡାକ୍ତର କୁମାର ସୌମ୍ୟକାନ୍ତ ବିଶୋଇଙ୍କ ବାଡ଼ିରେ ଥିବା କିଛି ଫାସି ଗଛ ମଧ୍ୟରୁ ଏଥିପାଇଁ ୧୨ଟିକୁ ଗୁରୁବାର ଚିହ୍ନଟ କରାଯାଇଛି।

ପ୍ରକାଶ ଯେ, କୁଲାଡ଼ ଗ୍ରାମର ଡାକ୍ତର ବିଶୋଇଙ୍କ ବାପା ସ୍ୱର୍ଗତ ଶେଷଦେବ ବିଶୋଇ ୪୦ ବର୍ଷ ତଳେ ବାଡ଼ିରେ କିଛି ଫାସି ଚାରା ରୋପଣ କରିଥିଲେ। ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣରେ ଏସବୁ ଗଛ ବ୍ୟବହାର କରାଯିବାର ଲକ୍ଷ୍ୟ ରଖି ସେ ଚାରାଗୁଡ଼ିକୁ ଲଗାଇଥିଲେ। ଉକ୍ତ ଲକ୍ଷ୍ୟ ପୂରଣ ପାଇଁ


ପୁରୀ ରଥ ନିର୍ମାଣ ପାଇଁ କୁଲାଡ଼ ଗ୍ରାମରେ ଥିବା ଫାସି ଗଛ ଚିହ୍ନଟ କରାଯାଉଛି।

ଡାକ୍ତର ବିଶୋଇ ଓ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ସତ୍ୟଜିତ ସାହୁ କିଛିଦିନ ତଳେ ଏ ନେଇ ପୁରୀ ମନ୍ଦିର ପ୍ରଶାସନ ସହ ଆଲୋଚନା କରିଥିଲେ। ୨ଦିନ ତଳେ ପୁରୀ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁଗୋଳ ଜିଲା ପ୍ରଶାସନକୁ ଏଥିପାଇଁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଏହାପରେ ଅନୁଗୋଳ ବନଖଣ୍ଡ ପକ୍ଷରୁ ରେଞ୍ଜର ହରମୋହନ ନାୟକ ଓ ଗିରାଙ୍ଗ ରାଜସ୍ୱ ବିଭାଗ ଅଧିକାରୀ ସୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଆସି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ଚିହ୍ନଟ ୧୨ଟି ଫାସି ଗଛକୁ ଖୁବ୍‌ଶୀଘ୍ର କଟାଯାଇ ପୁରୀ ପଠାଯିବା ପାଇଁ ସ୍ଥିର କରାଯାଇଛି। ତେବେ ଗଛକଟା ପୂର୍ବରୁ ପୂଜାର୍ଚ୍ଚନା, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଥିବା ଆଇନଜୀବୀ ସାହୁ ପ୍ରକାଶ କରିଛନ୍ତି।

# ଆଇପିଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

## ସୁଶାନ୍ତଙ୍କୁ ଜେଲ୍ ଡିଜି ଦାୟିତ୍ୱ

**ଭୁବନେଶ୍ୱର,୨।୫(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ରୀୟ ଡେପୁଟେଶନରୁ ନିକଟରେ ଫେରିଥିବା ୧୯୯୩ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କୁ ଜେଲ୍ ଓ କରେକ୍ସନାଲ ସର୍ଭିସ ପୋଲିସ ମହାନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ୧୯୯୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଦୟାଲ ଗଙ୍ଗୱାରଙ୍କୁ କମ୍ୟୁନିକେଶନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ୨୦୦୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ପ୍ରତୀକ ମହାନ୍ତିଙ୍କୁ ପୋଲିସ ମୁଖ୍ୟାଳୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଏବଂ ବରିଷ୍ଠ ଓଡ଼ିଶା ପୋଲିସ ସେବା(ଓପିଏସ୍) ଅଧିକାରୀ ନାରାୟଣ ନାୟକଙ୍କୁ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତ କରାଯାଇଛି।

# ୧୦ରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଶାହା

**ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୧୦ରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ୧୦ ତାରିଖରେ ଓଡ଼ିଶାରେ ପହଞ୍ଚି ୧୧ ତାରିଖ ଯାଏଁ ରହିବେ। ୧୦ରେ ସେ ଜଟଣୀ ଯାଇ ଫୋରେନ୍ସିକ୍ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବେ। ସେଦିନ ସନ୍ଧ୍ୟାରେ ପୁରୀ ଗସ୍ତକରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ୧୧ରେ ପ୍ରଥମେ ବୁର୍ଲା ଏବଂ ଏହା ପରେ ସମଲେଶ୍ୱରୀ ମନ୍ଦିର ଯିବେ। ଏହି ଅବସରରେ ସେ ସମ୍ବଲପୁରଠାରେ କିଛି ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ଏକ ସାଧାରଣ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ମଧ ରହିଛି। ଏହିସବୁ କାର୍ଯ୍ୟକ୍ରମ ସରିବା ପରେ ସନ୍ଧ୍ୟାରେ ଭୁବନେଶ୍ୱର ଫେରି ଜନତା ମଇଦାନ ଠାରେ ଆୟୋଜିତ କେତେକ ସରକାରୀ ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ଅଛି। ଏହାପରେ ଭାଜପା ନେତୃବୃନ୍ଦଙ୍କ ସହ ଶାହା ଏକ ବୈଠକ କରିବେ ବୋଲି କୁହାଯାଉଛି।

ଏନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଶାହା ୨ଦିନିଆ ଗସ୍ତରେ ଆସି ପ୍ରଥମେ ଜଟଣୀଠାରେ ଫୋରେନ୍ସିକ୍ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିବେ। ଏହା ଦେଶର ଦ୍ୱିତୀୟ ଫୋରେନ୍ସିକ୍ ବିଶ୍ୱବିଦ୍ୟାଳୟ। ଗୁଜରାଟରେ ପ୍ରଥମ ବିଶ୍ୱବିଦ୍ୟାଳୟ ରହିଛି । ସେଠାରୁ ପୁରୀ ଯିବା ପରେ ୧୧ରେ ସମ୍ବଲପୁର କାର୍ଯ୍ୟକ୍ରମରେ ଯୋଗଦେଇ ଜନତା ମଇଦାନ ଆସିବେ। କେତେକ ପ୍ରକଳ୍ପର ଶିଳାନ୍ୟାସକରି ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ ବୋଲି ମନମୋହନ କହିଛନ୍ତି।

# ଔଷଧ ଦୋକାନୀଙ୍କ ଭୁଲ୍ ଇଞ୍ଜେକ୍ସନରେ ଯୁବକଙ୍କ ମୃତ୍ୟୁ

## ପରିବାର, ଗ୍ରାମବାସୀଙ୍କ ରାସ୍ତାରୋକୋ





**ଆଳି,୨।୫(ବନମାଳୀ ସେନାପତି)**

ଆଳି ଥାନା ସିଙ୍ଗିରି ଅଞ୍ଚଳରେ ଥିବା ଏକ ଔଷଧ ଦୋକାନରୁ ଭୁଲ୍ ଇଞ୍ଜେକ୍ସନ ନେବା ଯୋଗୁ ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଔଷଧ ଦୋକାନ ମାଲିକଙ୍କ ନାମରେ ମୃତ ଯୁବକଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ମୃତ ଯୁବକଙ୍କୁ ନ୍ୟାୟ ପ୍ରଦାନ କରିବା ଦାବିରେ ଶୁକ୍ରବାର ଗ୍ରାମବାସୀ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଅବରୋଧ କରିଥିଲେ।

ଭରତପୁର ଗ୍ରାମର କଳାକାର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ପ୍ରଶାନ୍ତ(୨୬)ଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ସେ ଗୁରୁବାର ସନ୍ଧ୍ୟାରେ ସିଙ୍ଗିରିଠାରେ ଥିବା ଏକ ଔଷଧ ଦୋକାନକୁ ଯାଇଥିଲେ। ସେଠାରେ ତାଙ୍କୁ ଦୋକାନ ମାଲିକ ୨ଟି ଇଞ୍ଜେକ୍ସନ ଦେଇଥିଲେ। ପ୍ରଶାନ୍ତ ଇଞ୍ଜେକ୍ସନ ନେବା ପରେ ବାନ୍ତିକରି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡ଼ିବା ପରେ ସମ୍ପୃକ୍ତ ଔଷଧ ଦୋକାନ ମାଲିକଙ୍କ ନାମରେ ମୃତକଙ୍କ ବାପା କଳାକାର ସାହୁ ଆଳି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଔଷଧ ଦୋକାନର ମାଲିକଙ୍କ ଘର ନିକଟରେ ପହଞ୍ଚି ତଦନ୍ତ କରିବାକୁ ଯାଇଥିଲେ। ହେଲେ ମାଲିକ ଦୋକାନ ଓ ଘର ବନ୍ଦ କରି ଫେରାର ହୋଇଯାଇଥିବାରୁ ପୋଲିସ ବିଭିନ୍ନ ସ୍ଥାନରେ ଛାପା ମାରୁଛି। ପ୍ରଶାନ୍ତଙ୍କ ମୃତ୍ୟୁକୁ ନେଇ ଭରତପୁର ଗ୍ରାମରେ ଶୋକରଛାୟା ଖେଳିଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ପ୍ରଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରେ ପରିବାର ଓ ଗ୍ରାମବାସୀ ପ୍ରଶାନ୍ତଙ୍କୁ ନ୍ୟାୟ ଦାବିରେ ମୃତଦେହ ରଖି କଟକ -ଚାନ୍ଦବାଲି ରାସ୍ତାର ଭରତପୁର ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଥାନାରେ ପୋଲିସ ନଂ. ୧୭୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପ୍ରଶାନ୍ତ ରାୟପୁରର ଏକ କମ୍ପାନୀରେ ଚାକିରି କରୁଥିଲେ। ସେ ଘରକୁ ଆସିଥିବା ବେଳେ ଗୋଡ଼ ମକଚି ହୋଇଯିବାରୁ ଔଷଧ ଦୋକାନକୁ ଔଷଧ ଆଣିବାକୁ ଯାଇଥିଲେ।

# ମାଟ୍ରିକ୍ ପରୀକ୍ଷା: ୨ ଯାଆଁଳା ଭାଇ ମାଲକାନଗିରି ଜିଲା ଟପ୍ପର

**ମାଲକାନଗିରି/ଏମ୍‌ଭି ୭୯, ୨।୫ (ଦୁର୍ଯ୍ୟୋଧନ ପାତ୍ର/ଭିକି ବାରିକ)**

ମାଟ୍ରିକ୍ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଦୁଇ ଯାଆଁଳା ଭାଇ ସମାନ ନମ୍ବର ରଖି ମାଲକାନଗିରି ଜିଲା ଟପ୍ପର ହୋଇଛନ୍ତି। କାଲିମେଳା ବ୍ଲକ୍ ଏମ୍.ଭି. ୭୯ସ୍ଥିତ ସାବେରୀ ଉଚ୍ଚ ବିଦ୍ୟାଳୟରେ ମୋହନ ଲେଙ୍କାଙ୍କ ଦୁଇ ଯାଆଁଳା ପୁଅ ଉନେଲ ଲେଙ୍କା ଓ ଉମ୍ବରୁ ଲେଙ୍କା ଉଭୟେ ୫୬୦ ଲେଖାଏଁ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି।

ପ୍ରକାଶ ଥାଉ କି, ଚଳିତ ବର୍ଷ ମାଲକାନଗିରି ଜିଲାରେ ମୋଟ ୧୩୦ଟି ବିଦ୍ୟାଳୟରେ ୮୦୩୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୭୭୫୦ ଜଣ ପାସ୍ ହୋଇଥିବା ବେଳେ ଜିଲାରେ ୯୬.୪୧ ପ୍ରତିଶତ ପାସ୍ ହୋଇଛନ୍ତି। ସେଥିମଧ୍ୟରେ ୧୨ ଜଣ ଏ-୧, ୪୬ ଜଣ, ଏ-୨, ୧୨୦ଜଣ ବି-୧, ୫୪୬ ଜଣ ବି-୨ରେ ପାସ୍ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଶନିଶ୍ଚର ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ିଆ ଶାସନ, ରୂପ୍‌ସା, ସମୟ: ଦିବସବ୍ୟାପୀ
- କବିତା ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ଅପରାହ୍ନ ୪ ଟା ୩୦।

## ଭଦ୍ରକ
- ଶନିମନ୍ଦିର ପ୍ରତିଷ୍ଠା, ସ୍ଥାନ: ପାଇମହୁରା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ଗୋରାମାଟି, ସାବରଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ବାସୁଦେବପୁର ସୌରଭ ସମ୍ମାନ ଉତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ବାଲିନଗର ଯାଦବପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଶନିଦେବଙ୍କ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଗୁହାଳଗଡ଼ିଆ, ଛେନାପଦି, ସମୟ: ସକାଳ ୮ ଟା।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି ଛକ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଏଆଇଟିୟୁସିର ବିକ୍ଷୋଭ, ସ୍ଥାନ: କେନ୍ଦୁଝର ଜିଲାପାଳ ଅଫିସ, ସମୟ: ସକାଳ ୯ଟା ୩୦।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଶନିଦେବ ପୀଠରେ ୪୪ତମ ବାର୍ଷିକ ଉତ୍ସବର ପୂଜାପାଠ ଓ ହୋମଯଜ୍ଞ, ସ୍ଥାନ: ବାଘଡ଼ାରୋଡ୍, ବାରିପଦା, ସମୟ: ସକାଳ ୯ଟା।

## ଗଞ୍ଜାମ
- ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରାର ନବମ ଦିବସ ଭ୍ରମଣୀ, ସ୍ଥାନ: ବୁଗୁଡ଼ା ବଡ଼ଦାଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦।

## ଜଗତ୍‌ସିଂହପୁର
- ପିପିଏଲ୍ ଡିଏଭି ସ୍କୁଲ ପରିସରରେ ଗ୍ରୀଷ୍ମକାଳୀନ ହକି ଶିବିର, ସ୍ଥାନ: ସ୍କୁଲ ପଡ଼ିଆ, ପିପିଏଲ୍, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଅଂଶୀଦାରମାନଙ୍କୁ ନେଇ ସମ୍ମିଳନୀ, ସ୍ଥାନ: ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମା' ଶାରଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ଚଣ୍ଡୀଯଜ୍ଞ, ସ୍ଥାନ: ତରାପୁର, ଚକ୍ରୋଡା, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା
- ଶନିଶ୍ଚର ମହାଯଜ୍ଞ, ସ୍ଥାନ: କଚେରୀ ରୋଡ, ଖଡ଼ିଅଙ୍ଗ, ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ମହାପୁରୁଷ ଶ୍ରୀଫଗୁ ଦାସଙ୍କ ବାର୍ଷିକ ମହୋତ୍ସବ, ସ୍ଥାନ: ନାଉପାଳ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୧୦ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଦର୍ପଣ ତହସିଲ ଅଧୀନରେ ୧୫ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଭୂମି ପୂଜନ ଉତ୍ସବ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଆର୍ନ୍ତଜାତିକ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଧର୍ମଶାଳା ପ୍ରେସ୍ କ୍ଲବ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ନୂତନ ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୯ଟା।

## ନୟାଗଡ଼
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀ ପୀଠ, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଅକ୍ଷୟ ତୃତୀୟାରେ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୪ର୍ଥ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଚତୁର୍ଥ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।

ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ୫ମ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ୩୦ ।

## କୋରାପୁଟ
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ହନୁମାନ ମନ୍ଦିର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଅଷ୍ଟ ପ୍ରହରୀ ନାମ ଯଜ୍ଞ, ସ୍ଥାନ : ଖରିଆପାଳି ଗ୍ରାମ, ସମୟ : ସକାଳ ୮ଟା।
- ସମର୍ପଣ ଅନୁଷ୍ଠାନର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା।

## ରାଉରକେଲା
- ଆଚାର୍ଯ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା।
- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ୧୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନ--୨୦୨୫, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଲୋହରସିଂ, ଝାରବନ୍ଧ, ସମୟ: ସକାଳ ୮ଟା।
- ଷୋହଳ ପ୍ରହରୀ ନାମଯଜ୍ଞ, ସ୍ଥାନ: ସାନଦାଦର, ଝାରବନ୍ଧ, ସମୟ: ମଧ୍ୟାହ୍ନ ୧୨ଟା

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ଡୁଙ୍ଗୁରିପାଲି, ସମୟ: ସକାଳ ୯ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସୋରିପଡ଼ା ଗାଁ, ସମୟ: ସକାଳ ୯ଟା ୧୫।
- ୨୦ତମ କ୍ୟାପିଂ ଆଣ୍ଡ କ୍ୟାଣ୍ଡେଲ ଲାଇଟିଂ ସେରିମନି, ସ୍ଥାନ: ନୂଆପଡା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ସୁନସୁନିଆ ଶୁଶିଳା ଦେବୀ ସ୍କୁଲ ଆଣ୍ଡ ନର୍ସିଂ କଲେଜ, ସମୟ: ସନ୍ଧ୍ୟା ୬ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବଦାପାଟ ଗ୍ରାମର ଧନିଆପଡ଼ା, ସମୟ: ସକାଳ ୮ଟା ୩୦।

# ଭୁବନେଶ୍ୱର ଭଳି ଆଉ ୨ ସହରର ବିକାଶ ଜରୁରୀ: ଜୟନାରାୟଣ

**ଏଷ୍ଟିମେଟ୍ କମିଟି ବୈଠକ**

ଭୁବନେଶ୍ୱର,୨।୫ (ରବିନାରାୟଣ ଜେନା)

ରାଜଧାନୀ ଭୁବନେଶ୍ୱର ଭଳି ରାଜ୍ୟରେ ଆଉ ଦୁଇ ସହରର ବିକାଶ ହେବା ଜରୁରୀ ବୋଲି ଏଷ୍ଟିମେଟ୍ କମିଟି ଅଧ୍ୟକ୍ଷ ଜୟନାରାୟଣ ମିଶ୍ର କହିଛନ୍ତି। ଶୁକ୍ରବାର ବିଧାନସଭାରେ ଏଷ୍ଟିମେଟ୍ କମିଟି ବୈଠକ ଅବସରରେ ଜୟନାରାୟଣ କହିଛନ୍ତି, ନାଗାଲାଣ୍ଡ ଭଳି ରାଜ୍ୟ ଦୁଇ ଦୁଇଟି ସହରର ବିକାଶ କରିପାରୁଛି। କିନ୍ତୁ ଓଡ଼ିଶାରେ କେବଳ ଭୁବନେଶ୍ୱରର ହିଁ ବିକାଶ ସୀମିତ ହୋଇ ରହିଯାଇଛି। ଦୀର୍ଘ ୨୪ବର୍ଷ ଧରି ରାଜ୍ୟରେ ଗୋଟିଏ ସରକାର ରହିଲା, ହେଲେ ରାଜ୍ୟ ତଥା ରାଜଧାନୀର ଯେଭଳି ବିକାଶ ହେବା କଥା ତାହା ହୋଇପାରି ନାହିଁ। ସ୍ମାର୍ଟସିଟି ତାଲିକାର କାହିଁ କେତେ ତଳେ ଏବେ ଭୁବନେଶ୍ୱର ରହିଛି। ସେ କହିଥିଲେ, ରାଜଧାନୀ ଭୁବନେଶ୍ୱରରେ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ୍ରେନେଜ୍ ବ୍ୟବସ୍ଥା କେବଳ କାଗଜକଲମରେ ସୀମିତ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ନାଳନର୍ଦ୍ଦମାକୁ ଏଠାରେ ବହୁ ବଡ଼ବଡ଼ିଆ ମାଡ଼ି ବସିଛନ୍ତି। ସେମାନଙ୍କୁ କିଭଳି ଉଚ୍ଛେଦ କରାଯିବ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଠିକଣା ଭାବେ ହୋଇପାରିବ ତା' ଉପରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଜୟନାରାୟଣ କହିଥିଲେ, ରାଜ୍ୟର ସମସ୍ତ ସହରର ଆଲୋକୀକରଣ ବ୍ୟବସ୍ଥା ରାଜଧାନୀ ଉପରେ ନିର୍ଭର କରିବାକୁ ପଡୁଛି। ସବୁ ନିଷ୍ପତ୍ତି ଏଠାରେ କାହିଁକି ହେଉଛି। ଏହାଦ୍ୱାରା ସମସ୍ତ ସହରାଞ୍ଚଳର ବିକାଶ ହୋଇପାରୁନାହିଁ। ଯେଉଁ ସହରର ବିଦ୍ୟୁତୀକରଣ ବ୍ୟବସ୍ଥା କରାଯିବ, ସେହି ସହର ଉପରେ ତା'ର ନିଷ୍ପତ୍ତି ଛାଡ଼ି ଦେବାର ଆବଶ୍ୟକତା ରହିଛି। ସେ କହିଥିଲେ, ଭୁବନେଶ୍ୱର କଥା ଛାଡ଼। ରାଜଧାନୀ ଉପକଣ୍ଠରେ ଥିବା ଗ୍ରାମଗୁଡ଼ିକରେ ପାନୀୟଜଳ, ବିଦ୍ୟୁତ୍ ଅବସ୍ଥା ସାଂଘାତିକ। ଏସବୁ ଅନୁଧ୍ୟାନ କରି ରିପୋର୍ଟ ଦେବାପାଇଁ ବିଭାଗକୁ କୁହାଯାଇଛି। ବିଭାଗର ରିପୋର୍ଟ ଆଧାରରେ ସରକାରଙ୍କୁ ଖୁବ୍‌ଶୀଘ୍ର ସୁପାରିସ କରାଯିବ ବୋଲି ଜୟନାରାୟଣ କହିଛନ୍ତି। ବୈଠକରେ ବିଷମକଟକ ବିଧାୟକ ନୀଳମାଧବ ହିକ୍କାଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀ ସ୍ଥିତ ଏକ ହୋଟେଲରେ ଆୟୋଜିତ ୧୫ତମ ଦାଦା ସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲରେ ଗୁରୁବାର ଓଡ଼ିଆ ଡକ୍ୟୁମେଣ୍ଟାରି ଫିଲ୍ମ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'କୁ ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ଆୱାର୍ଡ ପ୍ରଦାନ କରାଯାଉଛି। ଫିଲ୍ମର ପ୍ରଯୋଜକ ଅଭୟ ପତି ଏବଂ ନିର୍ଦ୍ଦେଶକ ପ୍ରଣବ କୁମାର ଆଇଚ ଏହି ଆୱାର୍ଡ ଗ୍ରହଣ କରୁଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୂର କଳିନ୍ଦ, ନିକଟ ବାଲି।**

ବହୁ ଦୂରରେ ଥିବା ଉର୍ବର ଭୂମିଠାରୁ ନିକଟରେ ଥିବା ନିରସ ଜମି ଭଲ ବୋଲି ବିଚାର କରାଯାଇଥାଏ। କାରଣ ଜମି ପାଖରେ ଥିଲେ ଚାଷବାସ କରିବା ସହ ଜମି ଜଗରଖା କରିବା ସହଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେବତା ନା' ଦେ' ତେବେ ଯାଇ "ବତା"।**

ସେବକ ବା ପୂଜାରୀମାନେ ଦେବତାଙ୍କ ପୂଜାର୍ଚ୍ଚନା କରିଥାନ୍ତି। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଦେବତାଙ୍କ ତଥାକଥିତ ସେବକମାନେ ଧନ ବା ଦକ୍ଷିଣା ମାଗୁଥିବାର ଲକ୍ଷ୍ୟ କରାଯାଇଥିବା ବେଳେ ଦେବତା ଶବ୍ଦରୁ ଏପରି ବ୍ୟଙ୍ଗ ବିଶ୍ଳେଷଣ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମଧ୍ୟମା ପାସ୍‌ହାର ୮୫.୭୯%

ଚଳିତ ଥର ମଧ୍ୟମା ପରୀକ୍ଷାର୍ଥୀଙ୍କ ପାସ୍ ହାର ୮୫.୭୯% ହୋଇଛି। ଏ୧ ଗ୍ରେଡ୍‌ରେ ଶୂନ, ଏ୨ ଗ୍ରେଡ୍‌ରେ ୩୪୪, ବି୧ ଗ୍ରେଡ୍‌ରେ ୮୬୯, ବି୨ ଗ୍ରେଡ୍‌ରେ ୧୧୧୮, ସି ଗ୍ରେଡ୍‌ରେ ୫୨୭, ଡି ଗ୍ରେଡ୍‌ରେ ୧୦ ଓ ଇ ଗ୍ରେଡ୍‌ରେ ଶୂନ ଜଣ ପାସ୍ କରିଛନ୍ତି। ଏଥର ୩,୩୪୩ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ୨,୯୧୭ଜଣ ମଧ୍ୟମା ପରୀକ୍ଷା ଦେଇଥିବା ବେଳେ ୪୨୬ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୨,୮୬୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୪୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି।

## ରାଜ୍ୟ ମୁକ୍ତ ବିଦ୍ୟାଳୟ ପାସ୍‌ହାର ୭୪.୭୮%

ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ପାସ୍ ହାର ୭୪.୭୮% ହୋଇଛି। ଏ୧ ଓ ଏ୨ ଗ୍ରେଡ୍‌ରେ ଶୂନ, ବି୧ ଗ୍ରେଡ୍‌ରେ ୭, ବି୨ ଗ୍ରେଡ୍‌ରେ ୧୧୯, ସି ଗ୍ରେଡ୍‌ରେ ୫୩୫, ଡି ଗ୍ରେଡ୍‌ରେ ୯୮୨ ଓ ଇ ଗ୍ରେଡ୍‌ରେ ୨୫୩୮ ଜଣ ପାସ୍ କରିଛନ୍ତି। ଏଥର ୫,୬୦୬ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ୫,୫୯୧ ଜଣ ପରୀକ୍ଷା ଦେଇଥିବା ବେଳେ ୪୧୮୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୪୨୧ ଜଣ ପରୀକ୍ଷାରେ ଅନୁପସ୍ଥିତ ଓ ୧୧ ଜଣ ମାଲପ୍ରାକ୍ଟିସ ହୋଇଛନ୍ତି।

## ୭୨ ଘଣ୍ଟାରେ ମିଳିବ ଅନ୍‌ଲାଇନ୍ ସାର୍ଟିଫିକେଟ

କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିବାର ବ୍ୟବସ୍ଥା ହୋଇଛି। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଉପଲବ୍ଧ ହେବ ଏହି ଅନ୍‌ଲାଇନ୍ ସାର୍ଟିଫିକେଟ। ଏଥିସହ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍‌ରେ ବୋର୍ଡର ମୋବାଇଲ୍ ନଂ ୭୭୧୦୦୫୮୧୯୨କୁ save କରିବା ପରେ ହ୍ୱାଟ୍ସଆପ୍‌ରେ BSE କିମ୍ବା HI ଲେଖି ମେସେଜ୍ କରିବେ। ଏହାପରେ ସେଥିରେ ଆସୁଥିବା ନିର୍ଦ୍ଦେଶକୁ ଅନୁସରଣ କରିବା ପରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିବାର ବ୍ୟବସ୍ଥା ହୋଇଛି।

## ବୋର୍ଡ ମୁଖ୍ୟାଳୟରେ ଖୋଲିଲା କଣ୍ଟ୍ରୋଲ ରୁମ୍

ପରୀକ୍ଷା ଫଳ ସଂକ୍ରାନ୍ତୀୟ ଯେକୌଣସି ସୂଚନା ପାଇଁ ବୋର୍ଡ ମୁଖ୍ୟାଳୟରେ ଶୁକ୍ରବାର ଠାରୁ ଏକ କଣ୍ଟ୍ରୋଲ ରୁମ କାର୍ଯ୍ୟାରମ୍ଭ କରିଛି। ଆସନ୍ତା ମେ ୯ ଯାଏ ପ୍ରତ୍ୟହ ସକାଳ ୧୦.୩୦ରୁ ଅପରାହ୍ନ ୫ଟା ଯାଏ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ। ଏଥିପାଇଁ ଟେଲିଫୋନ୍ ନମ୍ବର ୦୬୭୧-୨୪୧୨୦୫୯, ୨୪୧୨୦୬୦ ଏବଂ ୮୭୬୩୦୮୮୮୯୦ ଜାରି କରାଯାଇଛି।

## ସପ୍ଲିମେଣ୍ଟାରୀ ପରୀକ୍ଷା ଫର୍ମ ପୂରଣ ମେ ୧୪ରୁ

ବୋର୍ଡ ପକ୍ଷରୁ ସପ୍ଲିମେଣ୍ଟାରୀ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ତାରିଖ ଘୋଷଣା କରାଯାଇଛି। ଅକୃତକାର୍ଯ୍ୟ ହୋଇଥିବା ଅଥବା ପରୀକ୍ଷାରେ ଅନୁପସ୍ଥିତ ଥିବା ମାଟ୍ରିକ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମେ ୧୪ ତାରିଖରୁ ମେ ୨୬ ତାରିଖ ମଧ୍ୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିବେ।

## ମାର୍କ ଆଡିଶନ୍ ଚେକିଂ ଆବେଦନ ୫ରୁ

ମୂଲ୍ୟାୟନରେ ତ୍ରୁଟି ଥିଲେ ଅଥବା ଅସନ୍ତୁଷ୍ଟ ପରୀକ୍ଷାର୍ଥୀମାନେ ମାର୍କ ଆଡିଶନ୍ ଚେକିଂ ପାଇଁ ମେ ୫ରୁ ୧୬ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ମାଟ୍ରିକ ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ଏବଂ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀମାନେ ଅଫଲାଇନ୍ ମାଧ୍ୟମରେ ବୋର୍ଡର ବିଭିନ୍ନ ଜୋନ୍ ଅଫିସରେ ଆବେଦନ ଦାଖଲ କରିବେ।

# ପାରାଦୀପରେ ହେବ ବିମାନବନ୍ଦର

- ୧୫ ଜିଲାରେ ନିର୍ମାଣ ହେବ ହେଲିପୋର୍ଟ: ମୁଖ୍ୟମନ୍ତ୍ରୀ
- ଢେଙ୍କାନାଳ ବିପିଏସି ବିକାଶ ସମ୍ବନ୍ଧରେ ହେଲା ଆଲୋଚନା

ଭୁବନେଶ୍ୱର, ୨।୫(ସୁନିତ୍ ମିଶ୍ର)

ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ 'ବିମାନ ଚଳାଚଳ ଏବଂ ନେଟ୍‌ୱର୍କ ନିର୍ମାଣ ପରିଚାଳନା' ସମ୍ବନ୍ଧରେ ଆଲୋଚନା କରିଛନ୍ତି। ବୈଠକରେ ପାରାଦୀପରେ ଏକ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର(ଏସ୍‌ଜେଆଇଏ) ବିକାଶ ଏବଂ ରାଉରକେଲା ବିମାନବନ୍ଦରର ଉନ୍ନୀତକରଣ ଉପରେ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିକରିବା ପାଇଁ, ଜୟପୁର, ଦାଣ୍ଡବୋଷ, ରଙ୍ଗେଇଲୁଣ୍ଡା, ଗୋତମା, ସତୀଭଟା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦ୍ଦାରୋଡ୍ ଏବଂ ଉତ୍କେଳା ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦରଗୁଡ଼ିକର ଉନ୍ନତୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାସହ ରାଜ୍ୟର ୧୫ ଜିଲାରେ ହେଲିପୋର୍ଟ ନିର୍ମାଣ ଏବଂ ଢେଙ୍କାନାଳର ବିରାଶାଳସ୍ଥିତ ଏୟାରଷ୍ଟ୍ରିପ୍‌ରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର(ବିପିଏସି)ର ବିକାଶ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଛି। ନୋଡାଲ ଏଜେନ୍ସି ଭାବେ ଏହି ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର, ହେଲିପ୍ୟାଡ୍ ଏବଂ ଡ୍ରୋନ୍ ହବ୍ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହ ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିମାନବନ୍ଦରଗୁଡିକର କାର୍ଯ୍ୟଦକ୍ଷତାକୁ ଆହୁରି ବିକାଶ ଏବଂ ଏହାର ଆଧୁନିକୀକରଣ କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଛନ୍ତି। ରାଷ୍ଟ୍ରାୟତ୍ତ ବିମାନବନ୍ଦରଗୁଡ଼ିକର ଉନ୍ନତୀକରଣ, ବିମାନ ସଂଯୋଗ ବୃଦ୍ଧି, ବିମାନ ଚଳାଚଳ ୟୁନିଟ୍ ଦକ୍ଷତା ବୃଦ୍ଧି ସହ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବୃଦ୍ଧି ପାଉଥିବା ବିମାନ ଚଳାଚଳ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ମାନବ ସମ୍ବଳର ପ୍ରସ୍ତାବ ସହ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଛି। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଇପିକଲ୍‌ର ଏମ୍‌ଡି ଭୂପିନ୍ଦର ସିଂ ପୁନିଆ, ଡାଇରେକ୍ଟର, ସିଭିଲ ଆଭିଏସନ୍ ଦେବଦତ୍ତ ସୁରଞ୍ଜିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭାଗ୍ୟସ୍ଥାନକୁ ଚନ୍ଦ୍ର ଅବଲୋକନ କରୁଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ପରିବାର ସହ ଆଲୋଚନା କରିପାରନ୍ତି। ସରକାରୀ ସ୍ତରରୁ ଉପକୃତ ହେବା ସହ ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ନୂଆ ବ୍ୟବସାୟ ଯୋଡିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ** ରବି ଉଚ୍ଚରାଶିରେ ଥିବାରୁ ସହକର୍ମୀ ସହାନୁଭୂତି ସହ କାମ ହାସଲରେ ସାହାଯ୍ୟ କରିବେ। ବନ୍ଧୁଙ୍କ ସହ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଆଗାମୀ ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଆଇନ ସହାୟତା ଲାଭପୂର୍ବକ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ଧନାଧିପ ରାଶିରେ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସହ ଅର୍ଥ ସମ୍ବନ୍ଧିତ ଆଲୋଚନାରେ ଭାଗ ନେବେ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ଆଜି ପାଇଯିବେ। ଶୁକ୍ରଜନିତ ସାହିତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। ପରିବାରରେ ପାରସ୍ପରିକ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** କେନ୍ଦ୍ର କୋଣାଧିପ ମଙ୍ଗଳଙ୍କ ଦୁର୍ବଳତାଜନିତ କର୍ମକ୍ଷେତ୍ରରେ ଅସଫଳତା ଏବଂ ସନ୍ତାନଙ୍କ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଅବଶ୍ୟ ଉଚ୍ଚସ୍ଥ ଶୁକ୍ରଙ୍କ ପ୍ରଭାବରେ ସାହିତ୍ୟ, ସାମ୍ବାଦିକତା, କ୍ରୀଡା,କଳା,ସଙ୍ଗୀତ ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଦାୟିତ୍ୱ ନିର୍ବାହକରି ଆଶ୍ୱସ୍ତି ଲଭିବେ।

**ସିଂହ** ଭୂସୁତ ବ୍ୟୟଭାବରେ ରହିଥିବାରୁ ଜାଗାବାଡ଼ି କ୍ରୟବିକ୍ରୟ ସକାଶେ ମନସ୍ଥ କରିପାରନ୍ତି। ନିଜର ଉଚ୍ଚପଦସ୍ଥ ସମ୍ପର୍କୀୟଙ୍କ ସହଯୋଗରୁ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ଆପଣଙ୍କ ସହ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି । ପାରିବାରିକ ସ୍ତରରେ ଅସୁବିଧା ସୃଷ୍ଟି ଲକ୍ଷ୍ୟ କରିପାରନ୍ତି।

**କନ୍ୟା** ଲାଭାଧିପ କର୍ମସ୍ଥାନରେ ରହିଥିବାରୁ ଯାହା ପାଇବା ସକାଶେ ଆଶା ବାନ୍ଧିଛନ୍ତି ତାହା ପୂରଣ ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଦିଗରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିପାରେ। ସମ୍ପର୍କୀୟଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ।

**ତୁଳା** ଶନିଙ୍କ ଦୁଃସ୍ଥାନାବସ୍ଥାନ ହେତୁ ପାରିବାରିକ କ୍ଷେତ୍ରରେ ମତାନ୍ତରର ଆଶଙ୍କା ଦେଖାଦେଇପାରେ। ରବିଙ୍କ ପ୍ରଭାବରେ ସରକାରୀ ସ୍ତରରେ ଅଟକି ରହିଥିବା କାମ ଓ ପ୍ରତୀକ୍ଷିତ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟସାଧନ କରିବେ।

**ବିଛା** ଅଷ୍ଟମସ୍ଥ ଚନ୍ଦ୍ର ସାଙ୍ଗକୁ ନୀଚସ୍ଥ ମଙ୍ଗଳଜନିତ ଦୁର୍ଭାବନା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ସହାୟତାରେ, ବୟସ୍କଙ୍କ ପରାମର୍ଶରେ, ଆଲୋଚନା ମାଧ୍ୟମରେ କାମକଲେ ଉପକୃତ ହୋଇପାରିବେ। ଆର୍ଥିକ ସ୍ଥିତି, ବନ୍ଧୁସମ୍ପର୍କ, ସ୍ଥଗିତକାମ ଏବଂ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ଧନୁ** ଅଷ୍ଟମାଧିପତି ସପ୍ତମସ୍ଥ ଯୋଗୁ ସାଧାରଣକଥାକୁ କେନ୍ଦ୍ରକରି ସ୍ୱାମୀ/ସ୍ତ୍ରୀଙ୍କ ମଧ୍ୟରେ ବିତର୍କ ସୃଷ୍ଟିହେବ। ଅଫିସିଆଲି କାମରେ ଟେନ୍‌ସନ ବୃଦ୍ଧି ପାଇପାରେ। ମନ ଭିତରେ ଭୟ ଓ ଆଶଙ୍କା ଭରି ରହିଥିଲେ ମଧ୍ୟ ଜିଦ୍‌ରେ ଅଟଳ ରହିପାରନ୍ତି। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର** ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ପରିସ୍ଥିତି ଭଲ ଦିଗକୁ ଗତି କରିବ। ନୂତନ ଗୃହ, ଯାନବାହନ, ମୂଲ୍ୟବାନ ଦ୍ରବ୍ୟ, ନିର୍ମାଣ ଓ ଜିଣାବିକା କ୍ଷେତରେ ଆଶା ପୂରଣ ହେବ। ଯାତ୍ରା ସମୟରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ପଶ୍ଚାତ୍ତେ ମନସ୍ତାପ କରିବାକୁ ପଡିବ । ବନ୍ଧୁ କରୁଥିବା କାର୍ଯ୍ୟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଅନୁକୂଳ ଗ୍ରହସ୍ଥିତିରୁ ଆପଣଙ୍କ ଦୃଢ଼ ମନୋବଳ ଓ ଧୈର୍ଯ୍ୟ ପ୍ରତ୍ୟେକ କାମ ପାଇଁ ସଫଳତାର ପୃଷ୍ଠଭୂମି ପାଳଟିଯିବ। ସଭା ସମିତିରେ କିମ୍ବା ପରିବାର ଓ ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷା କରି ମନ୍ତବ୍ୟ ଦେଇପାରନ୍ତି। ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇବେ। ଶିଳ୍ପ,ବାଣିଜ୍ୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ** ରାଶିରେ ଚତୁଃଗ୍ରହ ରହିଥିବାରୁ ଦୈହିକ ଓ ମାନସିକ ଅସୁସ୍ଥତା ନିରୁତ୍ସାହିତ କରିବ। ବାଣିଜ୍ୟରେ କ୍ଷତିର ସାମ୍ନା କରି ଆର୍ଥିକ ସମସ୍ୟାରୁ ଲୋନ୍ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଶିକ୍ଷା, ସନ୍ତାନ, ସଭାସମିତି,ସାହିତ୍ୟରେ ସମସ୍ୟାର ସମାଧାନ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ।

ଆଜି ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ, ବୈଶାଖ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ଶନିବାର, ରାଶିନକ୍ଷତ୍ର-ଦିବା ଘ. ୧୨.୩୫ ପର୍ଯ୍ୟନ୍ତ ପୁନର୍ବସୁ/ କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୦୭ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮.୩୨ ଗତେ ଘ.୧୦.୦୭ ମଧ୍ୟେ ରାହୁକାଳ।

# ପ୍ରେସ୍ ସ୍ୱାଧୀନତାର ଗୁରୁତ୍ୱ

ସାରା ବିଶ୍ୱରେ ପ୍ରତିବର୍ଷ ମେ' ୩ ତାରିଖରେ ବିଶ୍ୱ ପ୍ରେସ୍‌ସ୍ୱାଧୀନତା ଦିବସ ପାଳନ ହୋଇଥାଏ। ପ୍ରେସ୍ ସ୍ୱାଧୀନତାର ଗୁରୁତ୍ୱ ପ୍ରତି ଜନସଚେତନତା ସୃଷ୍ଟି ତଥା ସାମ୍ବାଦିକମାନଙ୍କୁ ସେମାନଙ୍କ ସାହସିକ ଉଦ୍ୟମ ନିମନ୍ତେ ସମ୍ମାନ ଜଣାଇବା ଏହି ଦିବସର ପ୍ରମୁଖ ଉଦ୍ଦେଶ୍ୟ। ଗଣମାଧ୍ୟମ ବିନା ଗଣତନ୍ତ୍ର ଅସୁରକ୍ଷିତ। ଏକ ସଫଳ ଗଣତନ୍ତ୍ର ପାଇଁ ଏକ ସ୍ୱାଧୀନ ଗଣମାଧ୍ୟମ ନିତାନ୍ତ ଅପରିହାର୍ଯ୍ୟ। ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ଅନୁସାରେ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଏକ ମୂଳ ସତ୍ୟ ଉପରେ ଗୁରୁତ୍ୱାରୋପ କରେ; ତାହା ହେଲା 'ଲୋକଙ୍କର ସ୍ୱାଧୀନତା ପ୍ରେସ୍ ସ୍ୱାଧୀନତା ଉପରେ ନିର୍ଭରଶୀଳ'। ଏକ ସ୍ୱାଧୀନ ଗଣମାଧ୍ୟମ ନ୍ୟାୟ, ସମାନତା, ଉତ୍ତରଦାୟିତ୍ୱ ଓ ମାନବିକ ଅଧିକାରର ପ୍ରମୁଖ ଆଧାର ଭାବେ କାର୍ଯ୍ୟକରେ। ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଥୋମାସ ଜେଫରସନ୍ ଏକଦା କହିଥିଲେ, ଯେଉଁଠି ପ୍ରେସ୍ ସ୍ୱାଧୀନ ସେଇଠି ସମସ୍ତେ ସୁରକ୍ଷିତ। ସ୍ୱାଧୀନ ଗଣମାଧ୍ୟମ ବିନା ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା କଷ୍ଟକର। ଏହି ଦିବସର ଇତିହାସ ଦେଖିବାକୁ ଗଲେ ୧୯୯୧ରେ ଆଫ୍ରିକୀୟ ସାମ୍ବାଦିକମାନଙ୍କର ପ୍ରେସ୍ ସ୍ୱାଧୀନତା ସପକ୍ଷରେ ସ୍ୱରଉତ୍ତୋଳନର ଘଟଣା ସାମ୍ନାକୁ ଆସେ। ଯାହା ପରବର୍ତ୍ତୀ ସମୟରେ 'ଡିକ୍ଲାରେଶନ ଅଫ୍ ଉଇଣ୍ଡହୋକ'ର ରୂପ ନେଇଥିଲା। ୧୯୯୩ ମସିହାରେ ସଂଯୁକ୍ତରାଷ୍ଟ୍ର ମହାସଭା ପ୍ରଥମ ଥର ପାଇଁ ପ୍ରେସ୍ ସ୍ୱାଧୀନତା ଦିବସ ପାଳନର ନିଷ୍ପତ୍ତି ନେଇଥିଲା। ମେ' ୩ ତାରିଖରେ ଉଇଣ୍ଡହୋକ ଡିକ୍ଲାରେଶନ ଗୃହୀତ ହୋଇଥିବା କାରଣରୁ ଏହି ଦିବସ ପାଇଁ ମେ' ୩ ତାରିଖକୁ ବଛା ଯାଇଥିଲା। ଏ ବର୍ଷ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଲାଗି ବିଷୟବସ୍ତୁ ରହିଛି: 'ରିପୋର୍ଟିଂ ଇନ୍ ଦ ବ୍ରେଭ ନ୍ୟୁ ୱାର୍ଲ୍ଡ ଦି ଇମ୍ପାକ୍ଟ ଅଫ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଅନ୍ ପ୍ରେସ୍ ଫ୍ରିଡମ୍ ଆଣ୍ଡ ଦ ମିଡିଆ'। କୃତ୍ରିମ ବୁଦ୍ଧିମତ୍ତା ବର୍ତ୍ତମାନ ସମୟରେ ପ୍ରଭାବ ବିସ୍ତାର କରି ଚାଲିଛି। ଏହାର ବହୁଳ ପ୍ରୟୋଗ ସୂଚନା ସଂଗ୍ରହ, ବିନିମୟ ଓ ଉପଯୋଗ ଆଦି ଦିଗଗୁଡ଼ିକରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଛି। ତେବେ ଏହା ସାମ୍ପ୍ରତିକ ଗଣମାଧ୍ୟମ ସମ୍ମୁଖରେ ଉଭୟ ଆହ୍ୱାନ ଓ ସମ୍ଭାବନା ସୃଷ୍ଟି କରିଛି। ବର୍ତ୍ତମାନ ଆମେ ନ୍ୟୁଜ୍‌ରୁମ ଅଟୋମେଶନ, ଆଲ୍‌ଗୋରିଦମ୍, କଣ୍ଟେଣ୍ଟ ଭିଜିବିଲିଟି, ଡେଟା ଆନାଲିସିସ୍, ଫ୍ୟାକ୍ଟ ଚେକିଂ, ସର୍ଭେଲାନ୍ସ, ଡିସ୍‌ଇନ୍‌ଫର୍ମେଶନ ଆଦି କିଛି ଶବ୍ଦ ସହ ଢେର ଅଧିକେ ପରିଚିତ ଅଛୁ। ଏସବୁ ଦିଗରେ କୃତ୍ରିମ ବୁଦ୍ଧିମତ୍ତାର ବହୁଳ ଉପଯୋଗ ହେବାରେ ଲାଗିଛି। ତେବେ ଏହାର ପ୍ରୟୋଗ ପ୍ରେସ୍ ସ୍ୱାଧୀନତାକୁ ସଙ୍କୁଚିତ ନ କରିବା ଆବଶ୍ୟକ। ମନର ପ୍ରକୃତି ମାଧ୍ୟମର ପ୍ରକୃତିକୁ ପ୍ରଭାବିତ କରେ। ଏକ ସକାରାତ୍ମକ ଆଭିମୁଖ୍ୟ ପ୍ରେସ୍ ସ୍ୱାଧୀନତାର ପ୍ରକୃତ ଉଦ୍ଦେଶ୍ୟକୁ ବହନ କରେ। ଯଦି ଆଭିମୁଖ୍ୟ ନକାରାତ୍ମକ, ତେବେ ସ୍ୱାଧୀନତାର ପ୍ରକୃତ ଉଦ୍ଦେଶ୍ୟ ମୂଲ୍ୟହୀନ ପାଲଟେ। କୃତ୍ରିମ ବୁଦ୍ଧିମତ୍ତାକୁ ବୃହତ୍ତର ସାମାଜିକ ସ୍ୱାର୍ଥ ହାସଲ ଦିଗରେ ପ୍ରୟୋଗ କରାଯିବା ଜରୁରୀ। ପ୍ରେସ୍ ସ୍ୱାଧୀନତା ଦିବସ ମଧ୍ୟ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସମ୍ମାନର କଥା କହେ। ଯେଉଁଠି ସାମ୍ବାଦିକ ସୁରକ୍ଷିତ ନୁହନ୍ତି, ସେଇଠି ଗଣମାଧ୍ୟମର ସ୍ୱାଧୀନତା ପ୍ରଭାବିତ ହୋଇଥାଏ ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଜାଣିରଖିବା ଦରକାର ଯେ ଏକ ସୁସ୍ଥ ସମାଜର ପରିକଳ୍ପନା ଏକ ସ୍ୱାଧୀନ, ସଚେତନ ଓ ସମ୍ବେଦନଶୀଳ ଗଣମାଧ୍ୟମ ବିନା ଅସମ୍ଭବ।



ଡ. ଦେବୀଲାଲ ମିଶ୍ର
ଅଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ



# ଗଣତନ୍ତ୍ରକୁ ମଜଭୁତ୍ କରିଥାଏ ଗଣମାଧ୍ୟମ

**ଗଣତାନ୍ତ୍ରିକ ମୂଳଦୁଆକୁ ମଜଭୁତ୍ କରିଥାଏ ଗଣମାଧ୍ୟମ। ଏହା କେବଳ ଏକ ଶବ୍ଦ ନୁହେଁ, ବରଂ ସମାଜ ପ୍ରତି କର୍ତ୍ତବ୍ୟ। ତେଣୁ ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩କୁ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ' ପାଳନ କରାଯାଉଛି। ଏହି ଦିବସ କେବଳ ଏକ ସ୍ମରଣୀୟ ଦିନ ନୁହେଁ, ବରଂ ଏହା ଏକ ଆହ୍ୱାନ ଏଭଳି ଦୁନିଆର ପରିକଳ୍ପନା ପାଇଁ, ଯେଉଁଠାରେ ସାମ୍ବାଦିକ ବିନା ଭୟ ଏବଂ ସଙ୍କୋଚରେ ସତ୍ୟକୁ ସାମ୍ନାକୁ ଆଣି ପାରିବ। ତେବେ ପ୍ରେସ ସ୍ୱାଧୀନତା ସମ୍ପର୍କିତ ପ୍ରସଙ୍ଗକୁ ନେଇ ଏମାନେ ଯାହା କୁହନ୍ତି ...**

## ସତ୍ୟ ଖବର ପରିବେଷଣର ସ୍ୱାଧୀନତା ମିଳିବା ଦରକାର



ବର୍ତ୍ତମାନ ସମୟରେ ସ୍ୱାଧୀନତା ଶବ୍ଦର ପରିଭାଷା ବଦଳି ଯାଇଛି। ସାମ୍ବାଦିକଙ୍କଠାରୁ ଆରମ୍ଭ କରି ଯେଉଁମାନେ ଖବର ଏଡିଟିଂ କରୁଛନ୍ତି, ଯେଉଁମାନେ ଏହାକୁ ପରିବେଷଣ କରୁଛନ୍ତି ସମସ୍ତେ 'ପ୍ରେସ୍' ମଧ୍ୟରେ ଯାଉଛନ୍ତି। ତେବେ ମାଲିକମାନଙ୍କୁ ପ୍ରେସ୍ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଉ ନ ଥିବାବେଳେ, ବାସ୍ତବରେ ସମସ୍ତ ସ୍ୱାଧୀନତା ତାଙ୍କ ପାଖରେ ରହୁଛି। କିଛି କ୍ଷେତ୍ରରେ ଆମେ ମତାମତକୁ ବଦଳାଇ ପାରିବା ମାତ୍ର ସତ୍ୟକୁ କେବେବି ବଦଳାଇ ପାରିବା ନାହିଁ। ମାତ୍ର କେତେକ ସମୟରେ ପରିବେଷଣ ହେଉଥିବା ଖବରରେ ସତ୍ୟାସତ୍ୟ ରହୁନାହିଁ। ଫଳରେ ପ୍ରେସ୍ ତାହାର ମୂଲ୍ୟବୋଧ ହରାଉଛି। ତେଣୁ ଏ ସବୁ ଦିଗକୁ ଧ୍ୟାନ ଦେଇ ସାମ୍ବାଦିକମାନଙ୍କୁ ସତ୍ୟ ଖବର ପରିବେଷଣର ସ୍ୱାଧୀନତା ପ୍ରଦାନ କରାଯିବା ଦରକାର।

**– ଡ. ନଳିନି ପାତ୍ର,** ଏଚ୍‌ଓଡି, ଜର୍ଣ୍ଣାଲିଜିମ୍ ଆଣ୍ଡ୍ ମାସ୍ କମ୍ୟୁନିକେଶନ୍, ବିଜେବି ମହାବିଦ୍ୟାଳୟ

## ଦାୟିତ୍ୱପୂର୍ଣ୍ଣ, ନୈତିକତା ଆଦି ଗୁଣ ରହିବା ଆବଶ୍ୟକ



ତୃଣମୂଳସ୍ତରରେ କାମ କରୁଥିବା ରିପୋର୍ଟର ବା ସାମ୍ବାଦିକଙ୍କ ଠାରୁ ଆରମ୍ଭ କରି ମାଲିକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଦାୟିତ୍ୱପୂର୍ଣ୍ଣ, ନୈତିକତା ଆଦି ଗୁଣ ରହିବା ଜରୁରୀ। ଲୋକଙ୍କ ବାସ୍ତବ ସମସ୍ୟାକୁ ସର୍ବ ସମ୍ମୁଖକୁ ଆସିବା ଦରକାର। ଏଥିସହ ବିନା ଭୟରେ ସତ୍ୟ ଖବର ପରିବେଷଣ କରିବା ଆବଶ୍ୟକ। ତେବେ ହିଁ ପ୍ରେସ୍ ସ୍ୱାଧୀନତା ଦିବସର ପ୍ରକୃତ ମୂଲ୍ୟ ମିଳି ପାରିବ।

**– ଡ. ସନ୍ତୋଷ କୁମାର ବିଶ୍ୱାଳ,** ଆସୋସିଏଟ୍ ପ୍ରଫେସର, ଜର୍ଣ୍ଣାଲିଜିମ୍ ଆଣ୍ଡ ମାସ୍ କମ୍ୟୁନିକେଶନ୍

## ଏମାନଙ୍କୁ ପ୍ରେରଣା ଜରୁରୀ



ପ୍ରେସ୍ ସ୍ୱାଧୀନତା ଦିବସ ଓଡ଼ିଶା ତଥା ଭାରତୀୟ ଗଣମାଧ୍ୟମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ବର୍ତ୍ତମାନ ଓଡ଼ିଶାରେ ସାମ୍ବାଦିକମାନେ ଅନେକ ଚାପ ଓ ବିପଦରେ କାମ କରୁଛନ୍ତି, ରାଜନୈତିକ ହସ୍ତକ୍ଷେପ, ଆର୍ଥିକ ଅସୁରକ୍ଷା ଓ ସାମାଜିକ ଆକ୍ରମଣ ସେମାନଙ୍କ ସ୍ୱାଧୀନତାକୁ ହରଣ କରୁଛି। ଏହି ଦିବସରେ ଆମେ ସାମ୍ବାଦିକମାନଙ୍କୁ ନିର୍ଭୀକ ହେବାକୁ, ସତ୍ୟର ସୁରକ୍ଷା କରିବାକୁ ଓ ଗଣତନ୍ତ୍ରର ପ୍ରହରୀ ହେବାକୁ ପ୍ରେରଣା ଦେବା ଜରୁରୀ। ଓଡ଼ିଶାରେ ଗଣମାଧ୍ୟମର ମର୍ଯ୍ୟାଦା ଫେରାଇ ଆଣିବାକୁ ସରକାର, ସମାଜ ଓ ସାମ୍ବାଦିକମାନେ ଏକାଠି ହୋଇ ସ୍ୱଚ୍ଛ, ନୈତିକ ଓ ମୁକ୍ତ ସାମ୍ବାଦିକତାର ସ୍ୱପ୍ନ ସାକାର କରିବା ଆବଶ୍ୟକ।

**–ସୁରଜ କୁମାର ବେହେରା,** ଜର୍ଣ୍ଣାଲିଜିମ୍ ଛାତ୍ର

## ଲୋକଙ୍କ ସ୍ୱର ହୋଇ କାର୍ଯ୍ୟ କରୁଛି ଗଣମାଧ୍ୟମ



ଗଣମାଧ୍ୟମ ଜନସାଧାରଣଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଉଲ୍ଲେଖ କରିବା ସହ କ୍ଷମତାରେ ଥିବା ଲୋକଙ୍କୁ ଉତ୍ତରଦାୟୀ କରିବାକୁ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଂପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଥାଏ। ଗଣମାଧ୍ୟମ ସବୁବେଳେ ଲୋକଙ୍କ ସ୍ୱର ହୋଇ ସମାଜର ତୃଣମୂଳସ୍ତରରୁ ସମସ୍ୟାକୁ ସମାଧାନ କରିବା ପାଇଁ ଅହରହ ପ୍ରୟାସ କରୁଛି।

**– ଦେବାଶିଷ ସାହୁ,** ଜର୍ଣ୍ଣାଲିଜିମ୍ ଛାତ୍ର

**ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର**

# ମାଟ୍ରିକ୍ ପରୀକ୍ଷାଫଳ

# ମେଧାବୀ ଛାତ୍ରୀଛାତ୍ରଙ୍କ ମୁହଁରୁ...

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି। ପରିଶ୍ରମ ଅନୁସାରେ ଫଳ ମିଳିଥିବାରୁ ଅଧିକାଂଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଏଥିସହ ଆଶା ଅନୁସାରେ କମ୍ ମାର୍କ ପାଇଥିବା ଛାତ୍ରୀଛାତ୍ର ଦୁଃଖ ପ୍ରକାଶ କରିଛନ୍ତି। ପୁଅଙ୍କ ଅପେକ୍ଷା ଝିଅମାନେ ଅଧିକ ମାର୍କ ରଖିଛନ୍ତି। ତେବେ ମାଟ୍ରିକ୍ ପରୀକ୍ଷାଫଳକୁ ନେଇ ବିଦ୍ୟାଳୟ ଓ ପରିବାରରେ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ପିଲାମାନେ ମିଠା ଖୁଆଇ ଖୁସି ମନାଇଛନ୍ତି।



ମାଟ୍ରିକ୍ ଫଳ ପ୍ରକାଶ ପାଇବା ପରେ କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

## ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତ ହେବି

ମୁଁ ୯୩% ମାର୍କ ରଖି ଆମ ସ୍କୁଲର ଟପ୍ପର ହୋଇଥିବାରୁ ବହୁତ ଖୁସି ଲାଗୁଛି। ପ୍ରତିଦିନ ୬ଘଣ୍ଟା ପାଠପଢୁଥିଲି। ଘରେ ମୋ ପରୀକ୍ଷାଫଳକୁ ନେଇ ସମସ୍ତେ ବହୁତ ଖୁସି ଅଛନ୍ତି। ଯୁକ୍ତ ୨ ବିଜ୍ଞାନ ପଢ଼ିବି। ୟୁପିଏସ୍‌ସି ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବି। ତେବେ ମୋର ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ବହୁତ ଧନ୍ୟବାଦ ଜଣାଇବି।

**– ଶୁଭଶ୍ରୀ ପଟ୍ଟନାୟକ, ଛାତ୍ରୀ, ୟୁନିଟ୍–୬ ସରକାରୀ ଉଚ୍ଚବିଦ୍ୟାଳୟ, ଭୁବନେଶ୍ୱର**

## ଆଶା ଅନୁସାରେ ଫଳ ମିଳିଛି, ଡାକ୍ତର ହେବି

ଆଶା ଥିଲା ମୁଁ ୯୫ ପ୍ରତିଶତ ମାର୍କ ରଖିବି। ମୋର ପରିଶ୍ରମ ହିସାବରେ ହିଁ ଫଳ ମିଳିଛି। ମୁଁ ପ୍ରତିଦିନ ୧୩ରୁ ୧୪ ଘଣ୍ଟା ପାଠପଢ଼େ। ପରୀକ୍ଷା ପ୍ରସ୍ତୁତିରେ ଗୁରୁଜୀ ଗୁରୁମା ମୋତେ ସହାୟତା କରିଥିଲେ। ଏଥିସହ ଘରେ ମାମା, ଦିଦି ମୋ ପାଠପଢ଼ାରେ ଅଧିକ ଧ୍ୟାନ ଦେଉଥିଲେ। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାର ଲକ୍ଷ୍ୟ ରଖିଛି।

**– ସୌରଜିତ ପ୍ରଧାନ, ସରସ୍ୱତୀ ଶିଶୁ ମନ୍ଦିର, ବରଗଡ଼, ଭୁବନେଶ୍ୱର**

## ଠିକ୍ ମୂଲ୍ୟାୟନ ହୋଇ ନ ଥିବାରୁ ଆଶାଠାରୁ ମାର୍କ କମିଲା

ପରୀକ୍ଷା ପାଇଁ ମୁ ବହୁତ ପରିଶ୍ରମ କରୁଥିଲି। ସ୍କୁଲ ଓ ଟ୍ୟୁଶନ ବ୍ୟତୀତ ଦିନକୁ ୬ରୁ ୭ ଘଣ୍ଟା ପାଠ ପଢୁଥିଲି। ୯୭ରୁ ୯୮% ମାର୍କ ରହିବାର ଆଶା ଥିଲା, କିନ୍ତୁ ରହିଛି ୯୪%। ଠିକ୍‌ରେ ମୂଲ୍ୟାୟନ ହୋଇ ନ ଥିବାରୁ ସାହିତ୍ୟ, ଗଣିତ ଓ ସାମାଜିକ ବିଜ୍ଞାନରେ କମ୍ ମାର୍କ ଆସିଛି। ପରୀକ୍ଷାଫଳକୁ ନେଇ ମୁଁ ବହୁତ ଦୁଃଖିତ। ମୋର ବୋର୍ଡ଼ କର୍ତ୍ତୃପକ୍ଷକୁ ଅନୁରୋଧ ଯେ, ଠିକ ମୂଲ୍ୟାୟନ କରାଯାଉ ଓ ମୋତେ ପ୍ରକୃତ ନ୍ୟାୟ ମିଳୁ।

**– ଶୁଭମ୍ ପ୍ରଧାନ, ୟୁନିଟ୍–୮ ସରସ୍ୱତୀ ଶିଶୁ ମନ୍ଦିର, ଭୁବନେଶ୍ୱର**

## ପରିଶ୍ରମ ହିସାବରେ କମ୍ ମାର୍କ ମିଳିଛି

ମୋର ଆଶା ଥିଲା ୯୦ ପ୍ରତିଶତରୁ ଅଧିକ ମାର୍କ ରଖିବି। ହେଲେ ମିଳିଛି ୯୦%। ମୋ ପରିଶ୍ରମ ହିସାବରେ ମୋତେ ଠିକ୍ ମାର୍କ ମିଳିନି। ସେଥିପାଇଁ ମତେ ବହୁତ ଦୁଃଖ ଲାଗୁଛି। ଆଗକୁ ଆହୁରି ପରିଶ୍ରମ କରିବି। ଯୁକ୍ତ୨ରେ ବିଜ୍ଞାନ ବିଷୟରେ ପାଠପଢ଼ିବି ଓ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

**–ପ୍ରିୟଙ୍କା ମୁଦୁଲି, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**

## ପ୍ରତିଦିନ ୫ରୁ ୬ଘଣ୍ଟା ପାଠପଢ଼େ

ମାଟ୍ରିକ୍‌ରେ ମୋର ୫୨୫ ମାର୍କ ରହିଛି। ଆଶା ଓ ପରିଶ୍ରମ ଅନୁସାରେ ଠିକ୍ ମାର୍କ ମିଳିଛି। କିଛି ବିଷୟରେ ଅଧିକ ମାର୍କର ରହିବ ବୋଲି ଭାବିଥିଲି। ସ୍କୁଲ ଓ ବିଦ୍ୟାଳୟରେ ସବୁବେଳେ ମନ ଦେଇ ପାଠପଢୁଥିଲି। ଘରେ ମଧ୍ୟ ପ୍ରତିଦିନ ୫ରୁ ୬ ଘଣ୍ଟା ପଢ଼େ। ମୋର ଏହି ସଫଳତା ପଛରେ ମୋ ମା' ବହୁ ସହଯୋଗ କରନ୍ତି।

**–ସିଦ୍ଧାର୍ଥ ମହାନ୍ତି, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**

## ଗୁରୁଜନଙ୍କ ଆଶୀର୍ବାଦ ଥିଲେ ସଫଳତା ସବୁବେଳେ

ମୁଁ ଦିନକୁ ପ୍ରାୟ ୯ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଆଶା ଅନୁଯାୟୀ ୯୫.୫% ମାର୍କ ରଖିଛି। ଓଡ଼ିଶାରେ ୯୨ ନମ୍ବର ସ୍ଥାନରେ ରହିଛି। ଆଶା ଅନୁସାରେ ଅଧିକ ମାର୍କ ରହିଥିବାରୁ ମୁଁ ବହୁତ ଖୁସି। ସାର୍ ଓ ଦିଦିଙ୍କ ସହିତ ବାପା ମାଆ ମୋତେ ପାଠପଢ଼ାରେ ବହୁତ ସାହାଯ୍ୟ କରିଥିଲେ। ଗୁରୁଜନଙ୍କ ଆଶୀର୍ବାଦ ଥିଲେ ସଫଳତା ସବୁବେଳେ।

**– ପ୍ରତ୍ୟାଶା ବିଶ୍ୱାଳ, ୟୁନିଟ୍–୮ ସରସ୍ୱତୀ ଶିଶୁ ମନ୍ଦିର, ଭୁବନେଶ୍ୱର**

## କମର୍ସ ପାଠ ପଢ଼ିବି, ସରକାରୀ ଚାକିରି କରିବି

ମୋର ପରୀକ୍ଷାରେ ୪୮୩ ମାର୍କ ରହିଛି। ଅଧିକ ମାର୍କ ରହିବ ବୋଲି ଭାବିଥିଲି, କିନ୍ତୁ କମିଯାଇଛି। ଆଗକୁ ମୁଁ କମର୍ସ ପଢ଼ିବି। ଭବିଷ୍ୟତରେ ସରକାରୀ ଚାକିରି କରିବାକୁ ଲକ୍ଷ୍ୟ ରଖିଛି। ପାଠ ପଢ଼ିବାରେ ଘର ଲୋକଙ୍କର ଭୂମିକା ବହୁତ ରହିଛି। ମୋର ସଫଳତାର ସବୁ ଶ୍ରେୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ମାଆବାପାଙ୍କୁ ଦେବି।

**– ଏସ୍. ଲିଙ୍ଗରାଜ ରେଡ୍ଡୀ, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**

## ଆଗକୁ ନର୍ସିଂ କରି ଲୋକଙ୍କ ସେବା କରିବି

ମୋର ପରୀକ୍ଷା ଭଲ ହୋଇଥିଲା। ଆଶା କରିଥିଲି ୯୦ ପ୍ରତିଶତରୁ ଅଧିକ ରଖିବି ବୋଲ। କିନ୍ତୁ ୫୦୨ ମାର୍କ ରଖିଛି। ଆଗକୁ ମୁଁ ବିଜ୍ଞାନରେ ଯୁକ୍ତ ୨ ପଢ଼ିବି। ତା' ପରେ ନର୍ସିଂ କରି ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି। ପରିବାରର ସମସ୍ତ ସଦସ୍ୟଙ୍କୁ ମୋ ସଫଳତାର ଶ୍ରେୟ ଦେବି।

**–ସସ୍ମିତା ସାହୁ, ୟୁନିଟ –୬ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର**

## ପରୀକ୍ଷାଫଳ ଶୁଣି ଖୁସି ଲାଗୁଛି

ମୁଁ ଆଶା ଅନୁସାରେ ମାର୍କ ରଖିପାରି ନାହିଁ। ତଥାବି ମୁଁ ମୋର ପରୀକ୍ଷାଫଳରେ ଖୁସି ଅଛି। ମୋ ସଫଳତା ପଛରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ବହୁ ପରିଶ୍ରମ କରିଥିଲେ। ସେମାନେ ପାଠପଢ଼ା ପ୍ରତି ସବୁବେଳେ ଧ୍ୟାନ ଦେଉଥିଲେ। ଆଗକୁ ମୁଁ ମୋ ବିଦ୍ୟାଳୟ ସହିତ ବାପା, ମାଆଙ୍କ ନାମକୁ ଉଜ୍ଜ୍ୱଳ କରିବାକୁ ଚେଷ୍ଟା କରିବି।

**– ଶୁଭରଞ୍ଜନ ବାରିକ, ବିବେକାନନ୍ଦ ସ୍କୁଲ, ୟୁନିଟ୍–୪, ଭୁବନେଶ୍ୱର**

## ବୈଜ୍ଞାନିକ ହେବା ପାଇଁ ଆଶା ରଖିଛି

ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଦେବଗଡ଼ ଜିଲାରେ ଟପ୍ପର ହୋଇଥିବା ଜାଣି ଖୁସି ଲାଗିଲା। ପରୀକ୍ଷା ପାଇଁ ପ୍ରାୟ ୮ ଘଣ୍ଟା ପରିଶ୍ରମ କରୁଥିଲି। ସଫଳତାର ଶ୍ରେୟ ମା', ବାପା, ମାଈଁ ଓ ମାମୁଙ୍କୁ ଦେବି। ଭବିଷ୍ୟତରେ ଅଧିକ ପରିଶ୍ରମ କରିବା ସହ ବୈଜ୍ଞାନିକ ହେବା ପାଇଁ ଆଶା ରଖିଛି।

**– ଧନେଶ୍ୱର ବିଶି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦେବଗଡ଼**

## ଡାକ୍ତର ହୋଇ ସେବା କରିବି

ଦିନକୁ ସ୍କୁଲ ସମୟକୁ ଛାଡି ୧୦ରୁ ୧୨ଘଣ୍ଟା ପରିଶ୍ରମ କରୁଥିଲି। ମୋ ପରିଶ୍ରମ ଅନୁଯାୟୀ ମୋତେ ୫୮୩ ନମ୍ବର ମିଳିଛି। ଏହି ସଫଳତାର ଶ୍ରେୟ ମା', ବାପା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଉଛି। ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି।

**– ଲିପ୍‌ସିତା ସାହୁ, ବାଗୁଡ଼ି ନୋଡ଼ାଲ ହାଇସ୍କୁଲ, ସୋର, ବାଲେଶ୍ୱର**

# କଠିନ ପରିଶ୍ରମ, ଅଧ୍ୟବସାୟ ହିଁ ସଫଳତାର ଚାବିକାଠି: ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୨।୫(ସୁଚିସ୍ମିତା ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଫଳପ୍ରକାଶ ପାଇଥିବାବେଳେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେ ବିଦ୍ୟାର୍ଥୀଙ୍କ ସଫଳ ଏବଂ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି। ଏକ ବାର୍ତ୍ତାରେ ମନ୍ତ୍ରୀ ସୂରଜ କହିଛନ୍ତି, ମାଟ୍ରିକ୍ ପରୀକ୍ଷା ହେଉଛି ଛାତ୍ରୀଛାତ୍ରଙ୍କ କ୍ୟାରିୟରର ପ୍ରଥମ ସୋପାନ। ମାଟ୍ରିକ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ବିଦ୍ୟାର୍ଥୀମାନଙ୍କୁ ମୁଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ହିଁ ସଫଳତାର ଚାବିକାଠି। ଆଜି ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ବିଦ୍ୟାର୍ଥୀମାନେ ଆଗାମୀ ଦିନରେ ମଧ୍ୟ ନିଜର ପରିଶ୍ରମ ଜାରି ରଖିବେ। ଉଚ୍ଚଶିକ୍ଷା ଲାଭ କରି ନିଜ ପାଇଁ ଏକ ସ୍ୱର୍ଣ୍ଣିମ ଭବିଷ୍ୟତର ନିର୍ମାଣ କରିବେ ବୋଲି ମୁଁ ଆଶା କରୁଛି। ଏଥିସହ ଆଜିର ମାଟ୍ରିକ୍ ପରୀକ୍ଷାଫଳରେ ଆଶାନୁରୂପକ ଫଳ ପାଇ ନ ଥିବା ବିଦ୍ୟାର୍ଥୀମାନେ ହତୋତ୍ସାହିତ ନ ହୋଇ ଆଗାମୀ ଦିନରେ ଅଧିକ ପରିଶ୍ରମ କରି ସଫଳତା ଅର୍ଜନ କରନ୍ତୁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ କହିଛନ୍ତି।

# ଖୋର୍ଦ୍ଧା ଜିଲାରେ ପାସ୍ ହାର ୯୭.୩୧%

**ଖୋର୍ଦ୍ଧା, ୨।୫(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାରେ ୩୩୮ ବିଦ୍ୟାଳୟର ୨୬୯୦୭ ଜଣ ପରୀକ୍ଷା ଦେଇଥିଲେ। ୨୩୦ଜଣ ଅନୁପସ୍ଥିତ ରହିଥିଲେ। ୨୫୯୫୯ଜଣ ପାସ୍ କରିଛନ୍ତି। ସେଥିରୁ ୧୩୧୫୨ ଛାତ୍ର ଏବଂ ୧୨୮୦୭ ଛାତ୍ରୀ ରହିଛନ୍ତି। ଜିଲାରେ ପାସ୍ ହାର ୯୭.୩୧ପ୍ରତିଶତ ରହିଛି। ଏ–୧ରେ ୧୭୫, ଏ–୨ରେ ୭୯୨, ବି–୧ରେ ୨୨୪୭, ବି–୨ରେ ୪୭୮୦, ସିରେ ୭୨୦୦, ଡିରେ ୭୧୮୪, ଇରେ ୩୫୮୧ଜଣ ରହିଥିବା ବେଳେ ୭୧୮ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଏ–୧ ଏବଂ ଏ–୨ରେ ଓଡ଼ିଶାରେ ୪ର୍ଥ ସ୍ଥାନରେ ରହିଥିବା ବେଳେ ଶତପ୍ରତିଶତ ବିଦ୍ୟାଳୟ ତାଲିକାରେ ୧୦ନଂ. ସ୍ଥାନରେ ରହିଛି। ପିଲାଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଏବଂ ଜିଲାପାଳ ଚଞ୍ଚଳ ରାଣା ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ଚଳିତ ବର୍ଷ ଏକାଧିକ ଛାତୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଏବଂ ଅକୃତକାର୍ଯ୍ୟ ହୋଇଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାରେ ଦୁର୍ବଳ ଶିକ୍ଷାବ୍ୟବସ୍ଥା ନେଇ ବୁଦ୍ଧିଜୀବୀ, ଶିକ୍ଷାବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ତର୍ଜମା କରିବାକୁ ସାଧାରଣରେ ଦାବି ହୋଇଛି।




କଟକସ୍ଥିତ ବୋର୍ଡ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ମାଟ୍ରିକ ପରୀକ୍ଷାଫଳ ପୁସ୍ତିକାକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉନ୍ମୋଚନ କରୁଛନ୍ତି।

ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

-ରାମାନୁଚାର୍ଯ୍ୟଙ୍କ ଜୟନ୍ତୀ, ଶନିଶ୍ଚର ମହାଯଜ୍ଞ



# ସିପିସି ଓ କେନ୍ଦ୍ର କର୍ମଚାରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସରକାର ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ (ସିପିସି) ଗଠନ ପାଇଁ ସ୍ୱୀକୃତି ଦେବାର ପ୍ରାୟ ୪ ମାସ ବିତିଗଲାଣି କିନ୍ତୁ ଏଯାବତ୍ ସେଭଳି ନୂଆ ପଦକ୍ଷେପ ନିଆଯାଇନାହିଁ। ଏବେ ଗୁଞ୍ଜରଣ ସୃଷ୍ଟି ହେଉଛି ଯେ, ପ୍ରକ୍ରିୟାରେ ଅଗ୍ରଗତି ହେଉଛି। କିନ୍ତୁ ଏଥିରେ ତ୍ୱରିତ୍ ପଦକ୍ଷେପ ନେବା ବଦଳରେ ଅମଲାତନ୍ତ୍ରର ଅଭିଯୋଗ ଉଠୁଥିବା ମନେ ହେଉଛି। ସରକାର ସିପିସି ଗଠନ ଚୂଡ଼ାନ୍ତ କରିବା ପାଇଁ ସାବଧାନ ସହକାରେ ଧୀରେ ଧୀରେ ଆଗକୁ ବଢ଼ିବା ସହ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ବାଛୁଛନ୍ତି। ତାହା ଠିକ୍, ତଥାପି ଆମେ ଟିମ୍ ଗଠନ ସମ୍ପର୍କରେ କହୁଛୁ, ଚୂଡ଼ାନ୍ତ ଚିଠା କଥା କିମ୍ବା ବିଚାର ବିମର୍ଶ ବିଷୟରେ କହୁନାହୁଁ। କେନ୍ଦ୍ର ସରକାରୀ କର୍ମଚାରୀଙ୍କର ୧୦ ବର୍ଷରେ ଦରମା ଓ ପେନ୍‌ସନ ସମୀକ୍ଷା କରିବାର ପରମ୍ପରା ରହିଛି । ଏହା ଜୀବନଯାପନର ଖର୍ଚ୍ଚ, ଆର୍ଥିକ ସ୍ଥିତି ଓ ମୁଦ୍ରାସ୍ଫୀତି ବିଷୟ ବିଚାରକୁ ନେଇ କରାଯାଏ। ଏହା ଠିକ୍ କଥା। କିନ୍ତୁ ଏହା ପାଖାପାଖି ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ପେନ୍‌ସନଭୋଗୀଙ୍କୁ ପ୍ରଭାବିତ କରୁଥିବାବେଳେ ଏହି ପ୍ରକ୍ରିୟାକୁ ଜରୁରୀଭିତ୍ତିରେ ଆରମ୍ଭ କରିବା ଅନିବାର୍ଯ୍ୟ ବୋଲି ବିଚାର କରିବା ଉଚିତ ଥିଲା। କିନ୍ତୁ ଏହା ପରିବର୍ତ୍ତେ, ଶିଥିଳତା ଲକ୍ଷ୍ୟ କରାଯାଉଛି। ଗତ ସପ୍ତାହରେ, ଏକ ଔପଚାରିକ ଚିଠି ଜାରି କରାଯାଇ ଡେପୁଟେଶନ ଆଧାରରେ ୩୫ଟି ପଦବୀ ପୂରଣ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିରୁ ବଝାପଡୁଛି, କାର୍ଯ୍ୟାଳୟର ପୁନର୍ଗଠନ ପ୍ରକ୍ରିୟା ଏବେ ବି ଚାଲିଛି। ଯଦି ସବୁ କିଛି ଠିକ୍‌ଠାକ୍ ଚାଲେ, ତେବେ ଅଷ୍ଟମ ସିପିସି ୨୦୨୬ ମଧ୍ୟ ଭାଗରେ ଏହାର ରିପୋର୍ଟ ଦାଖଲ କରିବ। ପୂର୍ବର ଦରମା ଓ ପେନ୍‌ସନର ପୁନଃନିର୍ଦ୍ଧାରଣ ୨୦୨୭-୨୮ରେ ହୋଇପାରେ। ବେତନକୁ ମହଙ୍ଗାମାଡ଼ ହେଉଥିବାବେଳେ, ଲୋକଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ କୁହାଯାଉଛି। ମନେରଖିବାକୁ ହେବ ଯେ, ଲୋକଙ୍କ ବାସ୍ତବ ଖର୍ଚ୍ଚକୁ ଲକ୍ଷ୍ୟକରି ଶୀଘ୍ର ପଦକ୍ଷେପ ନେବା ଦରକାର ଏବଂ ଏହା ହିଁ ଉପଯୁକ୍ତ ସମୟ।

### ଆଗରେ ୧୯୯୪ ବ୍ୟାଚ

ସରକାର ତାଙ୍କର ବାବୁମାନଙ୍କୁ ଅଦଳବଦଳ କରିବା ସମୟରେ କିଛି ଉତ୍ତେଜନା ବା ପ୍ରଶାସନିକ ହଲଚଲ ଦେଖିବାକୁ ମିଳିଥାଏ। ଏହା ନିୟମିତ ଭାବେ ପ୍ରକାଶ ପାଉଥିଲେ ମଧ୍ୟ ତାହା ଅନେକ କ୍ଷେତ୍ରରେ ଅଜଣା ରହିଯାଏ। କିନ୍ତୁ ଏଥର ସମସ୍ୟା ସାମ୍ନାକୁ ଆସିଛି। ନିକଟରେ କରାଯାଇଥିବା ସଦ୍ୟତମ ଅଦଳବଦଳର ଏକ ତାଲିକାଠାରୁ ଅଧିକ କିଛି ବିଷୟ ସାମ୍ନାକୁ ଆସିଛି। ଅଦଳବଦଳରେ ଆଗୁଆ ରହିଛି ୧୯୯୪ ବ୍ୟାଚ ଆଇଏଏସ୍। ଏକ ପଦକ୍ଷେପ କ୍ରମେ, ଏହି ବ୍ୟାଚ୍‌ର ୯ ଜଣ ଅଧିକାରୀଙ୍କୁ ଅତିରିକ୍ତ ସଚିବରୁ ସଚିବ ପଦବୀକୁ ପଦୋନ୍ନତି ଦିଆଯାଇଛି ଏବଂ ଆଉ ଦୁଇ ଜଣଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି। ଗୋଟିଏ ବ୍ୟାଚରୁ ୧୧ ଜଣ ଏବେ ଭାରତରେ ଅମଲାତନ୍ତ୍ରିକ ଶୀର୍ଷରେ ବସିଛନ୍ତି। ଏହିସବୁ ଅଧିକାରୀଙ୍କ ମଧ୍ୟରୁ ଅନେକେ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏବଂ କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରିସାରିଛନ୍ତି। କାର୍ଯ୍ୟରତ ରାଜସ୍ୱ ସଚିବ ଅରବିନ୍ଦ ଶ୍ରୀବାସ୍ତବ ଏବକାର ପଦୋନ୍ନତି ପାଇବା ପର୍ଯ୍ୟନ୍ତ ପିଏମ୍‌ଓରେ ଥିଲେ। ଆର୍ଥିକ ବ୍ୟାପାର ସଚିବ ଭାବେ ନିଯୁକ୍ତ ହୋଇଥିବା ଅନୁରାଧା ଠାକୁର ପୂର୍ବରୁ କ୍ୟାବିନେଟ ସଚିବ ରହିଥିଲେ। ଏହି ସବୁ ନିଯୁକ୍ତି ସେମାନଙ୍କୁ ଭାରତର ବିତ୍ତୀୟ ଏବଂ ଆର୍ଥିକ ନୀତି ପରିଚାଳନାର କେନ୍ଦ୍ରରେ ରଖିଛି। ଏଭଳି ପଦକ୍ଷେପ ଗୋଟିଏ ବ୍ୟାଚ୍‌କୁ ନେଇ ପ୍ରଶାସନିକ ନେତୃତ୍ୱର ଏକୀକରଣ, ସମ୍ଭବତଃ ମୂଲ୍ୟାୟନ କେନ୍ଦ୍ରର ପ୍ରାଥମିକତାକୁ ପ୍ରତିପାଦନ କରୁଛି। ଏକାବେଳକେ ଗୋଟିଏ ବ୍ୟାଚର ଆଇଏଏସ୍‌ଙ୍କ ପଦୋନ୍ନତି ଅପ୍ରତ୍ୟାଶିତ ନୁହେଁ। କିନ୍ତୁ ଯେଉଁଭଳି ଭାବେ ଯେଉଁ ସ୍ତରରେ ସେମାନଙ୍କୁ ନିଯୁକ୍ତ କରାଯାଇଛି ତାହା ଗୁରୁତ୍ୱପୂର୍ଣ୍ଣ।

### ଗୁପ୍ତା ମଙ୍ଗ ଧରିଲେ

ସାତବର୍ଷ ପୂର୍ବେ ଏନ୍‌ଏସ୍‌ଇ ଇଣ୍ଟରନ୍ୟାଶନାଲ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ-ଆଇଏକ୍ସ) ଧୁମ୍‌ଧାମରେ ଗିଫ୍ଟ ସିଟି (ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍ ସିଟି)ରେ ଆରମ୍ଭ କରାଯାଇଥିଲା। ବିଶ୍ୱ ଅର୍ଥନୀତିରେ ଏହି ସହର ପରବର୍ତ୍ତୀ ସିଙ୍ଗାପୁର କିମ୍ବା ଲଣ୍ଡନ ହେବ ବୋଲି ଅଧିକାଂଶ ଲୋକେ ଗ୍ରହଣ କରିନେଇଥିଲେ। ହେଲେ ଏଯାବତ ପ୍ରଚାରପ୍ରସାର ତୁଳନାରେ ଅଗ୍ରଗତି ଠିକ୍ ଭାବେ ହୋଇପାରିନାହିଁ। ଏକ ଯତ୍ନଶୀଳ ଢାଞ୍ଚା ଓ ରାଜନୈତିକ ଇଚ୍ଛାଶକ୍ତି ଗଠନ କରିବା ପରିବର୍ତ୍ତେ, ଏନ୍‌ଏସ୍‌ଇ-ଆଇଏକ୍ସ ଫିକା ପଡ଼ିଯାଇଛି। ପୂର୍ବତନ ଅର୍ଥ ସଚିବ ଓ ବିନିବେଶ କ୍ଷେତ୍ରରେ ଦାୟିତ୍ୱ ବହନ କରିଥିବା ନୀରଜ କୁମାର ଗୁପ୍ତା ଏନ୍‌ଏସ୍‌ଇ-ଆଇଏକ୍ସର ଚେୟାରମ୍ୟାନ ଏବଂ ପବ୍ଲିକ ଇଣ୍ଟରେଷ୍ଟ ଡାଇରେକ୍ଟର ଭାବେ ଯୋଗଦେଇଛନ୍ତି। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ଏବଂ ଏକ୍ସଚେଞ୍ଜ ଟ୍ରେଡ୍ ଫଣ୍ଡକୁ ନିୟନ୍ତ୍ରଣ କରିବାରେ ତାଙ୍କର ଗଭୀର ଅଭିଜ୍ଞତା ଓ ନୀତି ପୁନର୍ଗଠନର ନେତୃତ୍ୱରେ ଦଶନ୍ଧି ବ୍ୟାପୀ ଅଭିଜ୍ଞତା ରହିଛି। ତେବେ ଗୁପ୍ତାଙ୍କ ନିଯୁକ୍ତି ଏନ୍‌ଏସ୍‌ଇ-ଆଇଏକ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ତେବେ ଗିଫ୍ଟସିଟିର ଏକୀକୃତ ନିୟାମକ ଆଇଏଫ୍‌ଏସ୍‌ସିଏ କିଛି ନୂତନତ୍ୱ ଆଣିପାରିନାହିଁ। ଏହା ସେବି ଓ ଆର୍‌ବିଆଇର ପୁରୁଣା ନିୟାମକ ଉପରେ ନିର୍ଭର କରୁଛି । ସ୍ପଷ୍ଟ ଭାବେ କହିବାକୁ ଗଲେ ଆଇଏଫ୍‌ଏସ୍‌ସିଏ ଏହାକୁ ହଟାଇବାକୁ ଚାହୁଁନାହିଁ। ଏନ୍‌ଏସ୍‌ଇ-ଆଇଏକ୍ସକୁ ଏକ ବିତ୍ତୀୟ ଆକର୍ଷକ କରିବାକୁ ସିଙ୍ଗାପୁରଠାରୁ ଅଧିକ କାରବାର ସୁବିଧା ପ୍ରଦାନ କରିବା ହେବ । ଅର୍ଥାତ୍ ତ୍ୱରିତ୍ ସ୍ୱୀକୃତି, ଅନୁପାଳନ ଏବଂ ଏକ ସ୍ମାର୍ଟ ନିବେଶକ ନିୟମ ଆଣିବାକୁ ପଡ଼ିବ । ତେବେ ନିୟାମକଗୁଡ଼ିକୁ ସେହିଭଳି କରିବା ଉପାୟ ଗୁପ୍ତା ଜାଣନ୍ତି ଏବଂ ଏହି ସମୟରେ ସେ ଏହା ପ୍ରମାଣ କରିପାରିବେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | 2 | | |
| | | 7 | | | | | | 1 |
| | | | | 8 | 1 | | 3 | 7 |
| 6 | | 5 | 3 | | | | | |
| | 4 | | 6 | | | | 9 | |
| 2 | | | | 7 | | | | |
| | | 8 | | | | | 4 | |
| | | 1 | | 5 | | 7 | | |
| | | | 2 | 4 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 6 | 7 | 8 | 4 | 2 | 5 | 9 |
| 5 | 7 | 9 | 2 | 6 | 1 | 4 | 8 | 3 |
| 2 | 8 | 4 | 5 | 3 | 9 | 7 | 1 | 6 |
| 6 | 5 | 7 | 1 | 9 | 3 | 8 | 4 | 2 |
| 9 | 2 | 8 | 4 | 7 | 6 | 1 | 3 | 5 |
| 4 | 3 | 1 | 8 | 5 | 2 | 6 | 9 | 7 |
| 8 | 9 | 3 | 6 | 1 | 7 | 5 | 2 | 4 |
| 1 | 6 | 2 | 3 | 4 | 5 | 9 | 7 | 8 |
| 7 | 4 | 5 | 9 | 2 | 8 | 3 | 6 | 1 |

ଗତ ସଂସ୍କରଣର ଉତ୍ତର

# ନର୍କ ଓ ସ୍ୱର୍ଗର ଧାରଣା



ସହଦେବ ସାହୁ

ପ୍ରାୟ ପ୍ରତି ଧର୍ମର ଅନୁଗତମାନେ କହନ୍ତି, ସେମାନଙ୍କ ଧର୍ମରେ ବିଶ୍ୱାସ କରୁ ନ ଥିବା ଲୋକେ ନର୍କକୁ ଯିବେ, ସେମାନେ ନିଜେ ଯେ ଅନ୍ୟ ଧର୍ମର ବିଶ୍ୱାସୀମାନଙ୍କ ମତରେ ନର୍କକୁ ଯିବେ ଭୁଲିଯାଆନ୍ତି। ଏକ ଧର୍ମର ପ୍ରଚାରକ ଅନ୍ୟ ଧର୍ମର ଅନୁଗାମୀ ହୋଇ ନ ଥିବାରୁ ନର୍କକୁ ଯିବ - ଅର୍ଥାତ୍ ଦୁନିଆରେ ସବୁ ଲୋକ ନର୍କକୁ ଯିବେ, କେହି ସ୍ୱର୍ଗକୁ ଯିବେ ନାହିଁ। ସ୍ୱର୍ଗର ଧାରଣା ତେବେ ଅଳୀକ। ଏସବୁ ସାଧାରଣ ଜ୍ଞାନର ଅଭାବ ଯୋଗୁ ଘଟିଥାଏ। ଜ୍ଞାନ ଲୋକକୁ ବିଜ୍ଞ ଓ ସମର୍ଥ କରିଥାଏ, ଉତ୍ତମ ନାଗରିକ କରିଥାଏ। ସେଇଥିପାଇଁ କୁହାଯାଏ 'ଶିକ୍ଷା-ବିହୀନ ଗଣତନ୍ତ୍ର ସୀମାହୀନ ପ୍ରବଞ୍ଚନା': ଡିମୋକ୍ରାସି ୱିଦାଉଟ୍ ଏଜୁକେଶନ ଇଜ୍ ହିପୋକ୍ରାସି ୱିଦାଉଟ୍ ଲିମିଟେଶନ। କୌଣସି ଗୋଟିଏ ଗୀତ ବା କବିତାର ମାନେ ବୁଝିବାକୁ କାଲ୍‌କୁଲସ୍ ଭଳି ଉଚ୍ଚତର ଗଣିତ ଦରକାର ହୁଏ ନାହିଁ। କିନ୍ତୁ ସଙ୍ଗୀତ କିଭଳି ବାହାରୁଛି ଓ କବିତା ଲେଖିବା ପଛରେ ମଣିଷର ମୁଣ୍ଡ କିପରି କାମ କରୁଛି, ସେଗୁଡ଼ିକୁ ଜାଣିବାରେ ବିଶେଷ ଜ୍ଞାନ, ବିଜ୍ଞାନ, ସହାୟକ ହୁଏ। ନିୟମରେ ଚାଲିବାକୁ ନିୟମିତ କୁହାଯାଏ। ଏହାର ଓଲଟା ହେଉଛି ଘଟଣାଚକ୍ରରେ ବା ସଂଯୋଗକ୍ରମେ, ହଠାତ୍ ବା ଚାନ୍ସରେ ଘଟିବା। ପ୍ରକୃତି ଯେ ନିୟମାନୁଗତ, ତା'ର କାର୍ଯ୍ୟପ୍ରଣାଳୀ ନିୟମିତ, ଏ କଥା ଆଦି ମାନବ ଜାଣି ନ ଥିଲା, ବଣ ଜଙ୍ଗଲରେ ଅନ୍ୟ ପ୍ରାଣୀମାନଙ୍କ ଭଳି ତିଷ୍ଠିଥିଲା। ୧୨ ଲକ୍ଷ ବର୍ଷ ତଳେ ପୃଥିବୀରେ ମଣିଷ ସଂଖ୍ୟା ୫୫ ହଜାର ପାଖାପାଖି ଥିଲା ବୋଲି ବୈଜ୍ଞାନିକମାନେ ଅନୁମାନ କରନ୍ତି। ସେମାନେ ଚଳୁଥିଲେ ଯେପରି ଆଜି ଜଙ୍ଗଲର ପ୍ରାଣୀମାନେ ଚଳନ୍ତି। ୨୦,୦୦୦ ବର୍ଷ ତଳେ ଗତ ବରଫ ଯୁଗ ଶେଷ ହେଲା ବେଳକୁ ମଣିଷ ସଂଖ୍ୟା ୧୦ ଲକ୍ଷ ହେଲା। ପରବର୍ତ୍ତୀ ୧୫୦୦୦ ବର୍ଷରେ ଧୀରେ ଧୀରେ ବିବର୍ତ୍ତନ ଘଟି ଖ୍ରୀଷ୍ଟପୂର୍ବ ୫୦୦୦ ବେଳକୁ (ଅର୍ଥାତ୍ ଆଜିଠୁ ପ୍ରାୟ ୭୨୦୦ ବର୍ଷ ତଳେ) ମାନବ ସଂଖ୍ୟା ୫୦ ଲକ୍ଷ ହୋଇଗଲା। ପରବର୍ତ୍ତୀ କାଳରେ ମଣିଷର ସାମାଜିକ ଓ ଅର୍ଥନୈତିକ ଜୀବନରେ ଏଭଳି ପରିବର୍ତ୍ତନ ଘଟିଲେ ଯେ ୧୮୦୦ ଖ୍ରୀଷ୍ଟାବ୍ଦ ବେଳକୁ ୧୦୦ କୋଟି ହୋଇଗଲା, ଆଉ ୧୨୫ ବର୍ଷ ଭିତରେ ଏବେ ୮୦୦ କୋଟି ହୋଇଗଲାଣି। ଏ ଶତାବ୍ଦୀ ଶେଷ ବେଳକୁ ୧୦୦୦ କୋଟି ହୋଇଯାଇଥିବ।

ପ୍ରାରମ୍ଭରେ ଫଳମୂଳ ସଂଗ୍ରହ ତଥା ବନ୍ୟଜନ୍ତୁ



ଶିକାର ଉପରେ ନିର୍ଭରଶୀଳ ଯାଯାବର ଜୀବନ ହେଉ କି ପରେ କୃଷିଭିତ୍ତିକ ସ୍ଥାୟୀ ବସବାସ ଜୀବନ ହେଉ ବଳବାନ୍‌ର ଦୁର୍ବଳ ଉପରେ ଉତ୍ପୀଡ଼ନ ଚାଲୁ ରହିଲା। ଯେତେ ପ୍ରକାର ଶାସନ ବ୍ୟବସ୍ଥା ହେଲେ ବି, ନୀତି ନିୟମ କଲେ ବି ବଳବାନ୍‌ର ନିରୀହ ଉପରେ ଅତ୍ୟାଚାରକୁ ବା ବଳବାନ୍ ଗୋଷ୍ଠୀର ଦୁର୍ବଳ ଗୋଷ୍ଠୀ ଉପରେ ନିର୍ଯାତନାକୁ ରୋକିହେଲା ନାହିଁ - ଶାସନର ଅନ୍ତରାଳେ ଘଟିଲା। ପ୍ରତିକାର ରୂପେ ଯୁଗେ ଯୁଗେ ଋଷିପ୍ରତିମ ବ୍ୟକ୍ତିମାନେ ପ୍ରଚାରକଲେ ସମାଜକୁ ବାନ୍ଧିରଖିବା ବା ଧରି ରଖିବାର ନିୟମ - ଧର୍ମ: ଯେ ଯାହାର ଧର୍ମ ନ ପାଳିଲେ ସଂସାରକୁ ନିୟନ୍ତ୍ରଣ କରୁଥିବା ଶକ୍ତି - ଈଶ୍ୱର/ଆଲ୍ଲା/ଲର୍ଡ/ଗଡ୍ - ଜୀବନ ଶେଷରେ ଦଣ୍ଡ ଦେବେ। ଏପରି ସବ୍‌ଜାନତା ଐଶ୍ୱରିକ ଶକ୍ତିର ଅବତାରଣା କଲାବେଳେ ତାଙ୍କର ରହିବା ସ୍ଥାନ ବି ତ ଦେଖାଇବାକୁ ପଡ଼ିବ। ତାକୁ କୁହାଗଲା ସ୍ୱର୍ଗ। ଈଶ୍ୱର ଦଣ୍ଡ ଦେଲେ ସେ ତ ପୁଣି ଦଣ୍ଡ ଭୋଗିବା ସ୍ଥାନ ଦେଖାଇବେ, ତାହା ହେଲା ନର୍କ। ଧର୍ମପ୍ରଚାରକମାନେ କହିଲେ ଯେ ସେ ସବୁ ଦେଖୁଛନ୍ତି, ଲୁଚାଛପା କାମ ବି, ଯାହା ଅଧର୍ମ ବା ଧର୍ମାନୁମୋଦିତ ନୁହେଁ ତାହା ପାପ, ତାହା କଲେ ନର୍କ ଭୋଗିବାକୁ ପଡ଼ିବ। ଧର୍ମର ଅନୁଗତମାନେ ଧର୍ମ ବା ନିୟମ ସବୁ ପାଳନକଲେ ସଂସାର ସୁଖଶାନ୍ତି ନଷ୍ଟ ହେବନାହିଁ, ମଣିଷର ଜୀବନ ଧର୍ମପରାୟଣ ହେଉଥିବାରୁ ଈଶ୍ୱର ଏଭଳି ଧର୍ମାତ୍ମାକୁ ସ୍ୱର୍ଗକୁ ନେଇଯିବେ ବୋଲି ଆଶା ଦିଅନ୍ତି ଧର୍ମପ୍ରଚାରକମାନେ। ଗୀତାରେ କୁହାଯାଇଛି ଧର୍ମପ୍ରଚାରକ ନ କହି ଧର୍ମସଂସ୍ଥାପକ କୁହାଯାଇଛି, କାରଣ ପ୍ରଚଳିତ ଧର୍ମକୁ ଶୁଦ୍ଧକରି ସ୍ଥାପନ କରିବା ହିଁ ସଂସ୍ଥାପନ। ଗୀତାରେ ପ୍ରଚଳିତ ଧର୍ମ ହେଉଛି ସନାତନ ବା ପାରମ୍ପରିକ ଧର୍ମ, ଯାହା ସେତେବେଳେ ବର୍ଣ୍ଣଭିତ୍ତିକ ବା ଜାତିଭିତ୍ତିକ ଥିଲା।

ମଣିଷ ଦେଖିଥିବ ପରିବେଶ ଓ ଜଳବାୟୁର କ୍ରମାନ୍ୱୟତା ବା ପର୍ଯ୍ୟାୟ ଅଛି, ଯେତେବେଳେ ପର୍ଯ୍ୟାୟର ବ୍ୟତିକ୍ରମ ଅର୍ଥାତ୍ (ପ୍ରାକୃତିକ) ବିପର୍ଯ୍ୟୟ ଘଟିଥିବ, ସେ ଭାବିଥିବ କୌଣସି ନୈସର୍ଗିକ ଶକ୍ତି ପରିବେଶକୁ ନିୟନ୍ତ୍ରିତ କରୁଛି, ତାହାର ବିଭାବ ମାନ ପରିବେଶ ତଥା ମଣିଷର ଜୀବନକୁ ନିୟନ୍ତ୍ରିତ କରୁଛି। ସେଇଠୁ ଧର୍ମର ଧାରଣା ଦୃଢ଼ୀଭୂତ ହୋଇଥିବ, ନିଜେ ନିୟମ (ଧର୍ମ) ନ ମାନିଲେ ଅକାଳ (ବିପଦ) ଆସିବ, ଯେଉଁ ବିପଦକୁ ଅକ୍ତିଆର କରିପାରି ନ ଥିବ ତାକୁ ଈଶ୍ୱରଙ୍କ ଅଭିଶାପ ବୋଲି ଧରିନେଇ ପୂଜାପାଠ କରିଥିବ। ଖାଦ୍ୟ ସଂଗ୍ରହ ସହ ଆଶ୍ରୟସ୍ଥଳୀ ସୁବିଧା ଘେନି ବିଭିନ୍ନ ଅଞ୍ଚଳରେ ବିଚ୍ଛିନ୍ନ ହୋଇ ରହିଥିବାରୁ ଭାଷା ଭିନ୍ନ ହେଲା ତ ଦେବଦେବୀଙ୍କ ନାଁ ଭିନ୍ନ ଦେଲା। ପ୍ରକୃତିର ନିୟମିତତାକୁ ଲକ୍ଷ୍ୟକରି ମଧ୍ୟ ସେମାନେ ଭାବୁଥିଲେ ପୃଥିବୀ ସମସ୍ତଙ୍କର କେନ୍ଦ୍ର, ଉପରର ଆକାଶ ହେଉଛି ସ୍ୱର୍ଗ, ତଳେ କିଛି ଜାଣି ନ ହେଉଥିବା ପରିବେଶ ହେଉଛି ନର୍କ।

ବ୍ରହ୍ମାଣ୍ଡରେ ସୌରମଣ୍ଡଳ ବାହାରେ ବି ପୃଥିବୀ ଭଳି ବହୁ ଗ୍ରହ (ଏକ୍ସୋପ୍ଲାନେଟ୍) ଅଛି, କୌଣସି କୌଣସି ଏକ୍ସୋପ୍ଲାନେଟ୍‌ରେ ମଣିଷ ଭଳି ବା ମଣିଷଠାରୁ ଜ୍ଞାନୀ ଜୀବ ଥାଇପାରନ୍ତି, ବୈଜ୍ଞାନିମାନେ ସେଗୁଡିକୁ ଠାବ କରିବାର ଟେକ୍ନୋଲୋଜି ଏଯାଏ ପାଇନାହାନ୍ତି, ଅଥବା ଏକ୍ସୋପ୍ଲାନେଟ୍‌ର ଅଧିବାସୀମାନେ ଏଯାଏ ଆମ ସହ ସମ୍ପର୍କ ରଖିପାରିନାହାନ୍ତି। ଏମିତି ବହୁ ସଂସାର ଅଛି, ଯେଉଁଠି ଗ୍ରହର ଦୃଶ୍ୟଭାଗ ସ୍ୱର୍ଗ ଓ ଅଦୃଶ୍ୟ ନିମ୍ନଭାଗ ପାତାଳ ବା ନର୍କ କୁହାହେଉଥିବ। ତେଣୁ ଏବେ ଭାବିବା କଥା ଯେ ମନର ଅବସ୍ଥା ଉପରେ ନର୍କ ଓ ସ୍ୱର୍ଗର ଧାରଣା ପର୍ଯ୍ୟବସିତ ; ଅନିୟମ କାମ ମନରେ ଯେଉଁ ଦୁଃଖ ଓ କଷ୍ଟ ଆଣେ ତାହା ନର୍କ, ଆଉ ଭଲ କାମ ମନରେ ଯେଉଁ ସୁଖ ଓ ଖୁସି ଆଣେ ତାହା ସ୍ୱର୍ଗ। ଭଲ କାମ କରିବା ଓ କାହାରିକୁ ଦୁଃଖ ନ ଦେବା ହେଉଛି ଧର୍ମ। ପ୍ରଚାରକ ବା ଅବତାର ଶୁଣାଇଥିବା କେତେକ ରୀତିନୀତି ମାନିବାକୁ ସେହି ପ୍ରଚାରକଙ୍କ ନାଁରେ ଧର୍ମ ବୋଲି କହିବା ଆମର ଭୁଲ୍, ପ୍ରଚାରକ ନିଜେ ଧର୍ମର ନାଁ ଦେଇନାହାନ୍ତି, ସେମାନଙ୍କ ଅନୁଗତମାନେ ବା ଶିଷ୍ୟମାନେ ହିଁ ତାଙ୍କ ନାମାନୁସାରେ ଧର୍ମର ନାମ ରଖିଛନ୍ତି। ମହମ୍ମଦ ଜନ୍ମରୁ ଇସ୍‌ଲାମ ନ ଥିଲେ, ବୁଦ୍ଧ ଜନ୍ମରୁ ବୌଦ୍ଧ ନ ଥିଲେ, ଯିଶୁ ଜନ୍ମରୁ ଖ୍ରୀଷ୍ଟିଆନ୍ ନ ଥିଲେ ; ଜନ୍ମରୁ ବିଧର୍ମୀ ଥିବା ବ୍ୟକ୍ତି ତ ଧର୍ମପ୍ରଚାରକ! ପ୍ରତ୍ୟେକେ କେତେକ ସାମାଜିକ ରୀତିନୀତି ବଖାଣିଥିଲେ ଓ ସେଗୁଡ଼ିକୁ ଅନୁସରଣକଲେ ମଣିଷ ଜୀବନ ସୁଖମୟ ହେବ ବୋଲି ପ୍ରଚାର କରିଥିଲେ। ଆଉ ହିନ୍ଦୁ ତ ଏକ ସଂସ୍କାର ମାତ୍ର, ଯାହା ମୌସୁମୀ ଅଞ୍ଚଳର ଜଳପୁଷ୍ଟ ଭୂଇଁରେ ବଞ୍ଚିରହିବାର ଧର୍ମ।

sahadevas@yahoo.com

# ମାଟିର ମହକ



ଡ. ସୀତାକାନ୍ତ ତ୍ରିପାଠୀ

ଯୁଗେ ଯୁଗେ ମାଟିକୁ ନେଇ ବିବାଦ ରହିଆସିଛି। ମାଟିର ଗୁଣ ଯଥା ଉର୍ବର, ଅନୁର୍ବର, ସମତଳ, ଜଙ୍ଗଲ, ପାହାଡ଼-ପର୍ବତ ଇତ୍ୟାଦି କଥା କହି ବିଚାର କରନ୍ତି ନାହିଁ ବରଂ ତାକୁ ଆଧାର କରି ନିଜର ପରିଚୟ ଜାହିର କରିବା ହେଉ କିମ୍ବା ତାକୁ ଅଧିକାର କରି ନେଇ ନିଜ ବୀରତ୍ୱର ସନ୍ତକ ଭାବେ ଅନ୍ୟମାନଙ୍କ ଆଗରେ ବାହୁସ୍ଫୋଟ ମାରି ଭୟଭୀତ କରିବା ହେଉ ସବୁଠି ତା' ପ୍ରତି ଥିବା ଆକର୍ଷଣ ବାରି ହୋଇ ପଡ଼େ। ଫରକ ହେଉଛି ମାଟି ପ୍ରତି ମମତା ଆଉ ମାଟିରୁ ଜନ୍ମ ନେଇଥିବା ମଣିଷ, ଜୀବଜନ୍ତୁ ତଥା ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ସହିତ ସମ୍ପର୍କର ସୂତାଖିଅ। ଆମେ ସମସ୍ତେ ଆମ ମାଟିକୁ ନେଇ ଗର୍ବ କରୁ । ସୁବିସ୍ତୀର୍ଣ୍ଣ ମାଟି ଉପରେ ବିଭିନ୍ନ ସୀମାରେଖା ଟାଣି ନିଜର ଦେଶ, ରାଜ୍ୟ, ଭାଷା ଆଦି ବିଭିନ୍ନ ପରିଚୟ ସୃଷ୍ଟି କରୁ। ମା' ଯେମିତି ଆମ ଜୀବ ସାର ମୂଳ ପିଣ୍ଡ ଠିକ୍ ସେହିଭଳି ମାଟି ମଧ୍ୟ ସୃଷ୍ଟି ଏବଂ ସମ୍ଭାବନାର ମୂଳ ଆଧାର, ଯେଉଁଥିପାଇଁ ଆମେ କହୁ ''ମାଟି ନୁହେଁ ସିଏ ଆମ ମା' ଟି''। ପଞ୍ଚମହାଭୂତରେ ଗଢ଼ା ଆମର ଜୀବନ ହେଉ କିମ୍ବା ଉତ୍ପାଦନ ପ୍ରକ୍ରିୟାର ଏକ ମୁଖ୍ୟ ମାଧ୍ୟମ ଭାବେ ବିବେଚିତ ହେଉଥିବା ମାଟିର ଗୁରୁତ୍ୱ ସବୁଠି ବାରି ହୋଇ ପଡ଼ିଥାଏ। ଯଦି ଆମ ଜୀବନ, ସମ୍ପର୍କ, ଅର୍ଥନୀତି, ରାଜନୀତି ସବୁକିଛି ଏହି ମାଟି ଉପରେ ନିର୍ଭରଶୀଳ ତା'ହେଲେ ଏହାର ମହକକୁ ଭୁଲିଯାଇ ଆମେ ତା' ଉପରେ ଅତ୍ୟାଚାର କରୁଛୁ କାହିଁକି? ପ୍ରଜାପତିର ଡେଣା ଲାଗିଗଲା ପରେ ସିଏ ଯେମିତି ଏ ଫୁଲରୁ ସେ ଫୁଲକୁ ଉଡ଼ିବୁଲେ ସେହିଭଳି ଭାବେ ଯେଉଁ ମାଟି ଆମକୁ ବଡ଼ କରି ଦୁନିଆରେ ବଞ୍ଚିବା ଶିଖାଇ ଛୋଟରୁ ବଡ଼ କରି ଗଢ଼ିଥାଏ ତା' ପ୍ରତି ଥିବା କର୍ତ୍ତବ୍ୟକୁ ପାସୋରି ଦେଇ ଆମେ ଅନ୍ୟ କେଉଁ ମାଟିର ବାସ୍ନାରେ ବିମୋହିତ ହୋଇ ଫୁରକିନା ଉଡ଼ିଯିବା କ'ଣ ବିଜ୍ଞତାର ପରିଚୟ? ଏହି ମାଟି ପ୍ରତି ଥିବା ମମତାକୁ ଆଧାର କରି ରାମାୟଣରେ ବର୍ଣ୍ଣିତ ଏକ ଶ୍ଳୋକ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ।

ଲଙ୍କାପତି ରାବଣର ନିଧନ ପରେ ଯେତେବେଳେ ଶ୍ରୀରାମଚନ୍ଦ୍ରଙ୍କୁ ସ୍ୱର୍ଣ୍ଣମୟୀ ଲଙ୍କାରେ ରାଜା ହେବା ପାଇଁ ତାଙ୍କର ସହଯୋଗୀ ତଥା ଭ୍ରାତା ଲକ୍ଷ୍ମଣ ଅନୁରୋଧ କଲେ ତାଙ୍କ ପାଟିରୁ ବାହାରି ପଡ଼ିଲା ''ଅୟି ସ୍ୱର୍ଣ୍ଣମୟୀ ଲଙ୍କା ନମେ ରୋଚତେ ଲକ୍ଷ୍ମଣ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ''। ଅର୍ଥାତ୍ ରାମଚନ୍ଦ୍ରଙ୍କୁ ନିଜ ମାଟି ଅଯୋଧ୍ୟା ଆଗରେ ଲଙ୍କାର ସମସ୍ତ ସମ୍ପଦ ଐଶ୍ୱର୍ଯ୍ୟ ତୁଚ୍ଛ ଲାଗିଥିଲା। କେବଳ ପରିସ୍ଥିତି, ପରିବେଶ ତଥା ଆବଶ୍ୟକତା ଦୃଷ୍ଟିକୋଣରୁ ଲଙ୍କାକୁ ଆକ୍ରମଣ କରି ବିଜୟପ୍ରାପ୍ତ କରିଥିଲେ ମଧ୍ୟ ସିଏ ନିଜର ମାତୃଭୂମିକୁ ଫେରି ଆସିବାକୁ ଶ୍ରେୟସ୍କର ମଣିଥିଲେ। ବିଶ୍ୱବିଜୟୀ ଆଲେକଜାଣ୍ଡାର ମଧ୍ୟ ବିଭିନ୍ନ ଦେଶକୁ ଆକ୍ରମଣ କରି ନିଜର ଅଧିକାର ଜାହିର କରି ସାରିବା ପରେ ନିଜ ମାତୃଭୂମିକୁ ଫେରିଯିବା ପାଇଁ ଶ୍ରେୟସ୍କର ମନେକରିଥିଲେ।



ବେପାର, ବଣିଜ, କର୍ମସଂସ୍ଥାନ ତଥା ଶିକ୍ଷାଲାଭ ନିମିତ୍ତ ମଣିଷ ନିଜ ମାଟିର ସୀମାରେଖା ଛାଡ଼ି ଅନ୍ୟମାଟିକୁ ଯାଏ। ଆଶା ଆଶଙ୍କାରେ ଯାଇଥିବା ଲୋକମାନେ ଯେତେବେଳେ ନୂଆ ମାଟି, ପାଣି, ପବନ ଦ୍ୱାରା ଆକର୍ଷିତ ହୁଅନ୍ତି ସେତେବେଳେ ଧୀରେ ଧୀରେ ନିଜ ମାଟିର ମହକ ଆଉ ସେମାନଙ୍କୁ ବିଶେଷଭାବେ ଆକର୍ଷିତ କରିପାରେ ନାହିଁ ବରଂ ନିଜକୁ ଦୂରେଇ ନେଇ ସେମାନେ ନୂଆ ଜାଗାରେ ଖାପ ଖୁଆଇ ଚଳିବାର ଆଦବକାଇଦା ଧୀରେ ଧୀରେ ଶିଖିଯାଇ ପ୍ରବାସୀ ଭାବେ ରହିବାକୁ ଉଚିତ ମନେକରିଥାଆନ୍ତି। ବେଳେବେଳେ ଏମିତି ହୁଏ ନିଜ ଭାଷା, ଜ୍ଞାନ, ସଂସ୍କୃତି ତଥା ଭାସ୍କର୍ଯ୍ୟର ପ୍ରଚାର ଓ ପ୍ରସାରକୁ ଅଣଦେଖା କରି ତା'ର ଉଚିତ ସମ୍ମାନ କରିବା ତଥା ଭୁଲିଯିବା ସହିତ ନିଜ ପିଲାମାନଙ୍କୁ ସେଗୁଡ଼ିକୁ ଶିଖାଇବା ପାଇଁ ଠିକ୍ ମନେକରନ୍ତି ନାହିଁ। ଆଜିର ବୈଶ୍ୱୀକରଣ ଏବଂ ଉଦାରବାଦୀ ଅର୍ଥନୀତି ଯୁଗରେ ସମଗ୍ର ବିଶ୍ୱ ଏକ ପରିବାର ସଦୃଶ ମନେହେଲେ ମଧ୍ୟ ଦେଶ-ଦେଶ ମଧ୍ୟରେ ଥିବା ସୂକ୍ଷ୍ମ ବିଶେଷତ୍ୱ, ଅଦ୍ୱିତୀୟ ଭାବକୁ ଆଧାର କରି ସୃଷ୍ଟି ହେଉଥିବା ବିଭେଦତା ଆଜି ପ୍ରଶମିତ ହେବା ଜାଗାରେ ବଢ଼ିବାରେ ଲାଗୁଛି। ଯାହାଫଳରେ ଯେଉଁ ମାଟି ମା'କୁ ପର କରି ଅନ୍ୟ ମାଟି ମା'କୁ ଆଦର କରୁଥିଲେ ତା'ରି ପାଖକୁ ଫେରି ଆସିବାର ଅବକାଶ ସୃଷ୍ଟି ହେଉଛି। ମା' ତ ସର୍ବଂସହା, ନିଜ ସନ୍ତାନମାନଙ୍କୁ ପର କରିବ ବା କେମିତି? ତାର ଦୁଇ ହାତ ସବୁବେଳେ ସନ୍ତାନମାନଙ୍କୁ କୋଳେଇ ନେବା ପାଇଁ ତ' ଆଗ୍ରହୀ !

ଅନ୍ୟପକ୍ଷରେ ଆମେ ଯେଉଁମାନେ ମା' ପାଖରେ ସବୁଦିନ ପାଇଁ ରହୁ ତା'ର ଅନ୍ତର କଥା ବୁଝିବାରେ ପ୍ରାୟତଃ ଅସମର୍ଥ। ଜାତି, ଧର୍ମ, ଭାଷା ଆଦି ବିଭିନ୍ନ ତତ୍ତ୍ୱକୁ ନେଇ ଆମ ଭିତରେ ଝଗଡ଼ା ଆଉ ଅଶାନ୍ତି। ମା' ପାଖରେ ତ ସମସ୍ତ ସନ୍ତାନ ସମାନ। ତାକୁ ଆଧାର କରି ଯେଉଁ ଭିନ୍ନ ଭିନ୍ନ ପରିଚୟ ସୃଷ୍ଟି କରୁଛୁ ତାକୁ କ'ଣ ଭଲ ଲାଗୁଥିବ ? ଭବିଷ୍ୟତକୁ ଅଣଦେଖା କରି, ହାନି-ଲାଭର ବିଚାର ନ କରି ତା' ଉପରେ ଯେଉଁ ଅତ୍ୟାଚାର କରୁଛୁ ତାହା କ'ଣ ଆମ ସ୍ନେହ-ଶ୍ରଦ୍ଧାର ନିଦର୍ଶନ? ମା'ର ସ୍ୱାସ୍ଥ୍ୟ, ଶିକ୍ଷା, ମନ ଉପରେ ଯେମିତି ଶିଶୁର ଭବିଷ୍ୟତ ନିର୍ଭର କରେ ମାଟିର ମାନ ଉପରେ ମଧ୍ୟ ସଭ୍ୟତା ନିର୍ଭରଶୀଳ। ଯେଉଁ ମାଟିର ମହକ ଟିକକକୁ ନେଇ ଆମେ ଗର୍ବ କରୁ ଆମମାନଙ୍କ ପାଇଁ ଯଦି ତାହା ଦୁର୍ଗନ୍ଧରେ ରୂପାନ୍ତରିତ ହୁଏ ତାହା ଆମକୁ ଭଲ ଲାଗିବ ତ? ତେଣୁ ଆମ ମାଟି-ପାଣି-ପବନର ସ୍ୱତନ୍ତ୍ରତାକୁ ବଜାୟ ରଖିବା ପାଇଁ ଆମେ ସମସ୍ତେ କାୟ-ମନ ବାକ୍ୟରେ ବଚନବଦ୍ଧ ହେବା ଦରକାର ନ ହେଲେ ଆମେ ପରିଚୟବିହୀନ, ବିବର୍ଣ୍ଣ ପରିଚୟ କିମ୍ବା ଭିନ୍ନ ପରିଚୟ ନେଇ ବଞ୍ଚିବା ହିଁ ସାର ହେବ।

ଭଦ୍ରକ, ମୋ: ୯୭୭୮୭୬୪୩୯୪

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭ୍ରାମ୍ୟମାଣ ଲାଇବ୍ରେରି ଲୋକଙ୍କ ପାଖରେ ବହି ପହଞ୍ଚାଇ ଦେଇପାରୁଛି। ଉତ୍ତରାଖଣ୍ଡ ଓ ରାଜସ୍ଥାନରେ ଏହି ଲାଇବ୍ରେରି ଚାଲିଛି ଘୋଡ଼ା ଓଟଙ୍କ ସାହାଯ୍ୟରେ। ଉତ୍ତରାଖଣ୍ଡର ଦୁର୍ଗମ ଗାଁ ଗୁଡ଼ିକୁ ଘୋଡ଼ା ଲାଇବ୍ରେରି ଯାଇ ଲୋକଙ୍କ ପାଖରେ ପହଞ୍ଚିଯାଉଛି। ଏହି ଲାଇବ୍ରେରି ଖୋଲିଛନ୍ତି ଶୁଭମ ବଧାନି। ସେ ଘୋଡ଼ା ପିଠିରେ ବ୍ୟାଗଗୁଡ଼ିକରେ ବହି ଲଦି ବିଭିନ୍ନ ଗାଁରେ ଲୋକଙ୍କୁ ବହି ଦେଉଛନ୍ତି। ଘୋଡ଼ା ଲାଇବ୍ରେରି ପ୍ରତି ଛୋଟପିଲାମାନେ ଆକର୍ଷିତ ହେଉଛନ୍ତି ଓ ବହି ନେଇ ପଢୁଛନ୍ତି। ଏହି ଲାଇବ୍ରେରି ପ୍ରତି ସପ୍ତାହରେ ଥରେ ବିଭିନ୍ନ ଗାଁରେ ବୁଲୁଛି। ସେହିଭଳି ରାଜସ୍ଥାନରେ ରଙ୍ଗିନ କନା ଓ ବେଲୁନରେ ସଜ୍ଜିତ ଓଟଗାଡ଼ି ଲାଇବ୍ରେରି ଗାଁକୁ ଗାଁ ବୁଲି ଲୋକଙ୍କୁ ବହି ଦେଉଛି। ବିଶେଷକରି ଗଳ୍ପ ବହି ଓ ପିଲାଙ୍କ ପାଇଁ ଅନେକ ଶିକ୍ଷଣୀୟ ବହି ରହିଛି ଏହିସବୁ ଲାଇବ୍ରେରିରେ। ଦିଲ୍ଲୀରେ ଭ୍ରାମ୍ୟମାଣ ଲାଇବ୍ରେରି ବୁକ୍‌ୱର୍ମ ବସ୍‌ରେ ଚାଲୁଛି। ବସ୍‌ରେ ଚାଲିଥିବା ଲାଇବ୍ରେରିରେ ଲୋକେ ବସି ପଢ଼ିବାର ବ୍ୟବସ୍ଥା ହୋଇଛି। ଏହାକୁ ଲୋକେ କହୁଛନ୍ତି ସଞ୍ଚାର ଗ୍ରନ୍ଥାଳୟ। ମୁମ୍ବାଇରେ ମଧ୍ୟ ଏକ ଭ୍ରାମ୍ୟମାଣ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ପ୍ରତିଦିନ ୫ଟି ସ୍ଥାନକୁ ଯାଉଛି। ଏଥିରେ ୧୦,୦୦୦ ବହି ରହିଛି। ଗୋଟିଏ ସ୍ଥାନରେ ତାହା ଅତିବେଶିରେ ଦେଢ଼ ଘଣ୍ଟା ରହୁଛି। ଭ୍ରାମ୍ୟମାଣ ଲାଇବ୍ରେରିରୁ ଲୋକେ ବହି ନେଇ ପଢୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ମେ ୧୯୭୬

- ରାଜ୍ୟର ୩ଟି ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଧାର୍ଯ୍ୟ କରିଥିବା ଦରମା ହାରରେ ଦରମା ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।
- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ବୋକାରୋଠାରେ ରୁଷ୍-ଭାରତ ସହଯୋଗିତାର ଉଜ୍ଜ୍ୱଳତମ ନିଦର୍ଶନ ବିରାଟ ଇସ୍ପାତ ପ୍ରକଳ୍ପର 'ହଟ୍‌ଷ୍ଟ୍ରିପ୍ ମିଲ୍' ଉଦ୍‌ଘାଟିତ।

# ପାଠକ ଶ୍ରେଷ୍ଠ ବିଚାରକ

## ଜନଔଷଧିର ମୂଲ୍ୟକୁ ନେଇ ଦ୍ୱନ୍ଦ୍ୱ

ମହାଶୟ,

ପ୍ରଧାନମନ୍ତ୍ରୀ ଜନଔଷଧି ଦୋକାନଗୁଡ଼ିକରେ ଜେନେରିକ ମେଡିସିନଗୁଡ଼ିକ ସର୍ବାଧିକ ୭୦ରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ମିଳୁଛି ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ବାରମ୍ବାର ସୂଚନା ଦିଆଯାଉଛି । ମାତ୍ର କେଉଁ ଔଷଧି କେତେ ରିହାତି ଦରରେ ମିଳୁଛି, ତାହା ଗ୍ରାହକମାନେ ଜାଣିବାର ସୁବିଧା ନାହିଁ । ଏହାର ସୁଯୋଗ ନେଇ ଦୋକାନୀମାନେ ନିର୍ଦ୍ଦିଷ୍ଟ ଔଷଧକୁ ବିଭିନ୍ନ ଦରରେ ବିକ୍ରି କରୁଛନ୍ତି । ଗୋଟିଏ ଉଦାହରଣରୁ କଥାଟି ସ୍ପଷ୍ଟ ହୋଇପାରିବ । ଗ୍ୟାସ ଔଷଧ ପାଣ୍ଟାପାଷ୍ଟ ଡି.ଏସ୍.ଆର୍.ର ଏମ୍‌ଆର୍‌ପି ୧୬୩ ଟଙ୍କା ଲେଖାଥିବା ବେଳେ କେତେକ ଦୋକାନୀ ୨୦ ଟଙ୍କାରେ ବିକ୍ରି କରୁଥିବା ବେଳେ ଅନ୍ୟ ଦୋକାନୀ ୯୦ ଟଙ୍କା ଦରରେ ବିକ୍ରି କରୁଛନ୍ତି । ଏହିପରି ଭାବରେ ଗ୍ରାହକମାନଙ୍କୁ ଶୋଷଣ କରାଯାଉଛି । ଏଣୁ ପ୍ରତ୍ୟେକ ଔଷଧରେ ପ୍ରକୃତ ବିକ୍ରିମୂଲ୍ୟ ଲେଖାଗଲେ ଲୋକମାନେ ଉପକୃତ ହୁଅନ୍ତେ ଓ ଔଷଧର ପ୍ରକୃତ ବିକ୍ରି ମୂଲ୍ୟକୁ ନେଇ ଦ୍ୱନ୍ଦ୍ୱ ଦୂର ହୋଇପାରିବ । କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

## ପୁରୀରେ ମାଙ୍କଡ଼ ଉତ୍ପାତ

ମାଙ୍କଡ଼ ଉତ୍ପାତ ପୁରୀ ସହରରେ ଏକ ପୁରାତନ ସମସ୍ୟା ହେଲେ ବି ଖରାଦିନେ ଖାଦ୍ୟ ଓ ପାନୀୟ ଅଭାବରୁ ଜଙ୍ଗଲୀ ମାଙ୍କଡ଼ ମଧ୍ୟ ବସତି ଅଭିମୁଖୀ ହେବାରୁ ଏହା ଏକ ନୂତନ ଓ ଭିନ୍ନ ସମସ୍ୟା ସୃଷ୍ଟି କରୁଛି। ଶ୍ରୀମନ୍ଦିର ପରିସର ଓ ପାର୍ଶ୍ୱବର୍ତ୍ତୀ ସାହି/ବସ୍ତିରେ ମାଙ୍କଡ଼ମାନେ ସାହିବାସିନ୍ଦା ଓ ଦର୍ଶନାର୍ଥୀ ତଥା ପର୍ଯ୍ୟଟକମାନଙ୍କ ଖାଦ୍ୟପଦାର୍ଥ ଓ ମନିପର୍ସ, ଭ୍ୟାନିଟ୍ ଲୁଟିନେଉଛନ୍ତି। ଭୟରେ ଲୋକମାନେ ଛାତ ଉପରକୁ ଯାଇପାରୁନାହାନ୍ତି। ତେଣେ ଗଛ, ପତ୍ର, ଫୁଲ ଓ ଫଳ ମାଙ୍କଡ଼ଙ୍କ କବଳରୁ ବର୍ତ୍ତିପାରୁ ନାହିଁ। ବାଟୁଳିଖଡ଼ା, ବଡ଼ ବାଉଁଶ ଆତ୍ମରକ୍ଷାର ମାଧ୍ୟମ ହୋଇଛି ଓ ସାଇକେଲ ଟାୟାରରେ ଲୁହାକଣ୍ଟା ମାଳ ଟିଭି ଆଣ୍ଟିନା ସୁରକ୍ଷା କବଚ ସାଜିଛି। ଏହାର ଉପଚାର କେବେ?

-ଡି.ପି ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସିନେମା ଯିବାକୁ ଟ୍ୟାକ୍‌ସିରେ ଚଢ଼ି
ତରୁଣ ବନ୍ଧୁ ଡାକଇ ଆସ
''ଛାତିର ବ୍ରୋଚ୍‌ଟା ଦିଏ ମୁଁ ସଜାଡ଼ି
ନ ହେଲେ ନ ହେଉ ଆଇ ଏ ପାଶ।''
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଯାଜପୁର ଜିଲାରେ ଏ-୧ରେ ୮୪ କୃତକାର୍ଯ୍ୟ

**ପ୍ରକାଶ ପାଇଲା ମାଟ୍ରିକ୍ ପରୀକ୍ଷାଫଳ**

ଯାଜପୁର ଟାଉନ,୨।୫ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ବାର୍ଷିକ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଯାଜପୁର ଜିଲାରେ ମୋଟ ୨୩,୭୬୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୨,୫୪୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ପାସ୍ ହାର ୯୫.୦୪ ପ୍ରତିଶତ ରହିଛି। ସେମାନଙ୍କ ମଧ୍ୟରେ ଏ-୧ରେ ୮୪, ଏ-୨ରେ ୪୯୧, ବି-୧ରେ ୧୬୪୮, ବି-୨ରେ ୩୭୦୯, ସି-୬୨୫୩, ଡି-୭୯୧୮, ଇ-୩୩୫୯ ଗ୍ରେଡ଼ରେ କୃତ କାର୍ଯ୍ୟ ହୋଇଥିବାବେଳେ ୧୧୭୫ ଜଣ ଛାତ୍ରଛାତ୍ରୀ ଅକୃତ କାର୍ଯ୍ୟ ହୋଇଛନ୍ତି। ଜିଲାର ୪୪୩ଟି ସ୍କୁଲରେ ମୋଟ ୨୪ହଜାର୬୩ଜଣ ଫର୍ମ ପୂରଣ କରିଥିବା ବେଳେ ୩୫୫ଜଣ ଅନୁପସ୍ଥିତ ଥିଲେ। ଚଳିତ ବର୍ଷ ଜିଲାରେ ଛାତ୍ରଙ୍କ ପାସ୍ ହାର ୧୧ହଜାର୨୫୯ ଥିବାବେଳେ ଛାତ୍ରୀଙ୍କ ପାସ୍ ହାର ୧୧ହଜାର୨୮୩ ରହିଥିବା ଜଣାପଡ଼ିଛି।

# ଜିଲାରେ ସର୍ବାଧିକ ନମ୍ବର ରଖିଲେ ପ୍ରତୀକ୍ଷା ପଣ୍ଡା

ଯାଜପୁର ଟାଉନ,୨।୫ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)



ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଯାଜପୁର ମ୍ୟୁନିସିପାଲ ହାଇସ୍କୁଲର ଛାତ୍ରୀ ପ୍ରତୀକ୍ଷା ପଣ୍ଡା ୫୭୪ ନମ୍ବର ରଖି ଜିଲାରେ ସର୍ବୋଚ୍ଚ ନମ୍ବର ଅଧିକାରୀ ହୋଇଛନ୍ତି। ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ୫ନଂ ୱାର୍ଡ କିଆରେଶ୍ୱର ଗ୍ରାମର ମନୋଜ କୁମାର ପଣ୍ଡା ଓ ଝରଣା ପଣ୍ଡାଙ୍କ ଏକମାତ୍ର କନ୍ୟା ପ୍ରତୀକ୍ଷା ପଣ୍ଡାଙ୍କ ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଧର୍ମଶାଳାରେ ଏ-୧ ପାଇଥିବା ଛାତ୍ରୀଛାତ୍ର



ଆକାଂକ୍ଷା ପ୍ରିୟଦର୍ଶିନୀ ସ୍ୱାଇଁ



ବୈଶାଲିନ୍ ସାମଲ



ପ୍ରିୟଦର୍ଶିନୀ ଜେନା



ସୁରିୟାସେନ୍ ଦାଶ

ଧର୍ମଶାଳା,୨।୫(ବଟକୃଷ୍ଣ ପରିଡ଼ା)

ମାଟ୍ରିକ ପରୀକ୍ଷାରେ ଧର୍ମଶାଳା ବ୍ଲକ ମୋହନପୁରସ୍ଥିତ ପିସିଏକାଡେମୀର ଆକାଂକ୍ଷା ପ୍ରିୟଦର୍ଶିନୀ ସ୍ୱାଇଁ ୫୬୦ମାର୍କ ରଖି 'ଏ'ୱାନ୍ ପାଇଛନ୍ତି। ହରିଦାସପୁର-କଣ୍ଠିଆ ହାଇସ୍କୁଲର ବୈଶାଲିନ୍ ସାମଲ ୫୪୦ ମାର୍କ ରଖି 'ଏ' ୱାନ୍ ପାଇଛନ୍ତି। ସେହିପରି ଶ୍ୟାମ୍‌ସୁନ୍ଦର ହାଇସ୍କୁଲ୍‌ର ପ୍ରିୟଦର୍ଶିନୀ ଜେନା ୫୪୯ମାର୍କ ରଖି ଏ ୱାନ୍ ପାଇଛନ୍ତି। ଏହି ସ୍କୁଲର ସୁରିୟାସେନ୍ ଦାଶ ମହାପାତ୍ର ୫୫୪ ମାର୍କ ରଖି ଏ ୱାନ୍ ପାଇଥିବା ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକମାନେ ସୂଚନା ଦେଇଛନ୍ତି।

# ବାଇକ୍ ଚୋରି ଅଭିଯୋଗରେ ୩ ଗିରଫ

ଯାଜପୁର ଟାଉନ,୨।୫ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ପୋଲିସ ଜଣେ ବାଇକ ଚୋରି ଅଭିଯୁକ୍ତ ଓ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦଶରଥପୁର ଥାନା ମୁଥାଗାଁ ଅଞ୍ଚଳର ଅଦ୍ଭୁତ ଜେନା(୨୦ବର୍ଷ) ଓ ତାଙ୍କ ୨ ସହଯୋଗୀ ସୁଧାଂଶୁ ଦାସ ଏବଂ ଗୁଡୁ ଜେନା। ଏଥିସହିତ ସେମାନଙ୍କ ନିକଟରୁ ଚୋରି ବାଇକ ଜବତ କରିଛି। ୨୦୨୪ ମେ ୨୫ରେ ଯାଜପୁର ଯାଗେଶ୍ୱରପୁର ଅଞ୍ଚଳରେ ରହୁଥିବା ବିଞ୍ଝାରପୁର ଅଞ୍ଚଳର ମନୋଜ ସାହୁଙ୍କ ଭଡ଼ା ଘର ସମ୍ମୁଖରୁ ତାଙ୍କ ବାଇକ ଚୋରି ହୋଇଥିଲା। ଏନେଇ ମନୋଜ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତମାନେ ବାଇକ୍‌ବିକ୍ରିକରିଆସିଥିବା ବେଳେ ଧରା ପଡ଼ିଥିଲେ। ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଯାଜପୁର ତଦନ୍ତ କରି ଗାଡ଼ି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

# ବରୀ ବିଧାୟକଙ୍କୁ ତୁରନ୍ତ ଗିରଫ କରାଯାଉ: କଂଗ୍ରେସ



ଭୁବନେଶ୍ୱର,୨।୫ (ରବିନାରାୟଣ ଜେନା)

ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଗିରଫ କରିବା ଲାଗି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ କହିଛନ୍ତି ଯେ, ଭାଜପା ସରକାରରେ ରାଜ୍ୟରେ ଦୁଇଟି ଆଇନ ଚାଲିଛି। ଗୋଟିଏ ସାଧାରଣ ଜନତାଙ୍କ ପାଇଁ ଆଉ ଗୋଟିଏ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ପାଇଁ । ସେ କହିଲେ ଯେ, ବରୀ ବ୍ଲକର କନିଷ୍ଠ ରାଜସ୍ୱ ସହାୟକ ଅମର କୁମାର ନାୟକ ଯିଏକି ଜଣେ ଦଳିତ ବର୍ଗର ଅଟନ୍ତି ତାଙ୍କୁ ବରି ବିଧାୟକ ବ୍ଲକ ପରିସର ଭିତରେ ଏବଂ ବିଡିଓଙ୍କ ସମ୍ମୁଖରେ ମରଣାନ୍ତକ ଆକ୍ରମଣ କଲେ। ବିଧାୟକ ତାଙ୍କୁ ଜୀବନରୁ ମାରିଦେବା ପାଇଁ ମଧ ଧମକ ଦେଇଛନ୍ତି। ଜଣେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ବିଧାୟକ ଯଦି ଏଭଳି ଆଚରଣ କରନ୍ତି ତେବେ ସରକାରୀ ବ୍ୟବସ୍ଥା ଚାଲିବ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ଏପରି କି ଭାଜପା ସରକାରରେ ସରକାରୀ କର୍ମଚାରୀ ଅସୁରକ୍ଷିତ ଏବଂ ପୋଲିସ ପ୍ରଶାସନ ସଂପୂର୍ଣ୍ଣ ନିରବ ଏବଂ ନିଷ୍କ୍ରିୟ ପାଲଟିଛି। ଯଦି ସରକାରଙ୍କ ପକ୍ଷରୁ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ ପୂର୍ବକ ବିଧାୟକଙ୍କୁ ଗିରଫ କରା ନଯାଏ ତେବେ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଲିଙ୍ଗେଶ୍ୱର ଶିଶୁ ବିଦ୍ୟାମନ୍ଦିରରେ ୪ଜଣଙ୍କୁ 'ଏ' ୱାନ



ଦୀପାଂଶୁ ଦାସ



ଶୁଭସ୍ମିତା ସ୍ୱାଇଁ



ସଂଗୀତା ବେହେରା



ସୌମ୍ୟଜିତ ପଣ୍ଡା

ପାଣିକୋଇଲି,୨।୫ (ବିକାଶ ମଲ୍ଲିକ)

ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପାସହାର ଶତ ପ୍ରତିଶତ ହୋଇଛି। ମୋଟ ୨୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସୌମ୍ୟଜିତ ପଣ୍ଡା ୫୭୪, ଦୀପାଂଶୁ ଦାଶ ୫୬୦, ସଂଗୀତା ବେହେରା ୫୫୫ ଓ ଶୁଭସ୍ମିତା ସ୍ୱାଇଁ ୫୪୩ ନମ୍ବର ରଖି 'ଏ' ୱାନ ପାଇଛନ୍ତି। ଏ ଟୁରେ ବିଷ୍ଣୁପ୍ରିୟା ଦଳାଇ ସଫଳତା ହାସଲ କରିଥିବାବେଳେ ବି ୱାନରେ ୧୧ ଜଣ, ବି ଟୁରେ ୪ଜଣ, ସିରେ ୨ଜଣ, ଡିରେ ୫ଜଣ ଓ ଇରେ ଜଣେ ସଫଳତା ପାଇଛନ୍ତି।

# ୩ ବିଦ୍ୟାଳୟରୁ ୭ ପରୀକ୍ଷାର୍ଥୀଙ୍କୁ ଏ-୧

## ସର୍ବାଧିକ ନମ୍ବର ରଖିଲେ ବିଦ୍ୟୁତ୍ ପ୍ରଭା ଦାଶ



ଯୋଗେଶ କୁମାର ସାହୁ



ନୀଶିକାନ୍ତ ରାଉତ



ଶୁଭମ ରାଉତ



ଆତ୍ମାବିତ୍ ଷଡ଼ଙ୍ଗୀ



ବିଦ୍ୟୁତ୍ ପ୍ରଭା ଦାସ



ଜ୍ୟୋତିର୍ମୟୀ ସାହୁ



ଶୁଭେନ୍ଦୁ ଦାସ

ରସୁଲପୁର,୨।୫(ରଞ୍ଜିତ ରାଉତ)

ମାଟ୍ରିକ ପରୀକ୍ଷା ଫଳ-୨୦୨୫ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ରସୁଲପୁର ବ୍ଲକର ପାସହାର ୯୦ଶତକଡାରୁ ଊର୍ଦ୍ଧ୍ୱ ରହିଛି। ପୂର୍ବଥର ଭଳି ଏଥର ବି ଛାତ୍ରଙ୍କ ଅପେକ୍ଷା ଛାତ୍ରୀ ଆଗରେ ରହିଛନ୍ତି। ବ୍ଲକରୁ ୩ ବିଦ୍ୟାଳୟର ୭ ପରୀକ୍ଷାର୍ଥୀ ଏ-ୱାନ ହାସଲ କରିଛନ୍ତି। ସେଥି ମଧ୍ୟରୁ ଗନ୍ଧଣ ପଞ୍ଚାୟତ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିଦ୍ୟୁତପ୍ରଭା ଦାଶ ବ୍ଲକ୍‌ରେ ସର୍ବାଧିକ ନମ୍ବର ରଖିଛନ୍ତି। ସେ ୫୬୦ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଶ୍ରୀବନ୍ତପୁର ପଞ୍ଚାୟତର ମା' ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟରୁ ଶୁଭମ୍ ରାଉତ-୫୫୦, ଶୁଭେନ୍ଦୁ ଦାସ-୫୪୬, ନିଶିକାନ୍ତ ରାଉତ-୫୪୦ ନମ୍ବର ରଖିଥିବାବେଳେ ଉକ୍ତ ବିଦ୍ୟାଳୟର ଛାତ୍ରୀ ରାଜଶ୍ରୀ ଦାସ-୫୩୮ନମ୍ବର ରଖି ମାତ୍ର ୨ନମ୍ବର ପାଇଁ ଏ-ୱାନରୁ ବଞ୍ଚିତ ହୋଇଛନ୍ତି। ମୁଗୁପାଳ ପଞ୍ଚାୟତ ଅଧୀନ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳରୁ ୩ଜଣ ବିଦ୍ୟାର୍ଥୀଙ୍କୁ ଏ-ୱାନ ସଫଳତା ମିଳିଛି। ସେମାନେ ହେଲେ ଜ୍ୟୋତିର୍ମୟୀ ସାହୁ-୫୫୪, ଯୋଗେଶ ସାହୁ-୫୫୨ ଓ ଆତ୍ମାବିତ୍ ଷଡ଼ଙ୍ଗୀ-୫୪୪। ଏଥର ବ୍ଲକ ଅଞ୍ଚଳର ୪୦ ବିଦ୍ୟାଳୟରୁ ୨୨୬୪ଜଣ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେଥି ମଧ୍ୟରୁ ୨୫୦ଜଣ ପରୀକ୍ଷାର୍ଥୀ ୧୪ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସଫଳତା ପାଇଥିବା ୭ ଏ-ୱାନ ବିଦ୍ୟାର୍ଥୀଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି। ସଫଳ ବିଦ୍ୟାର୍ଥୀଙ୍କ ପରିବାରରେ ଖୁସିର ଲହରି ଖେଳିଯାଇଛି। ବିଦ୍ୟାର୍ଥୀମାନେ ସଫଳତାକୁ ନେଇ ଖୁସି ପ୍ରକଟ କରିବା ସହ ସେମାନଙ୍କ ଶିକ୍ଷା ଭବିଷ୍ୟତ ଓ ଜୀବନ ଲକ୍ଷ୍ୟ ହାସଲକୁ ନେଇ ଆଶାବାଦୀ ହୋଇପଡିଛନ୍ତି।

# ୪୮ ଘଣ୍ଟାରେ କାର୍ଯ୍ୟାନୁଷ୍ଠାନ ଦାବିକଲା ଅମଲା ସଂଘ

**ବରୀ ବିଧାୟକଙ୍କ ଆକ୍ରମଣ ଘଟଣା**



ଯାଜପୁର ଟାଉନ,୨।୫ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ବରୀ ବ୍ଲକ୍‌ରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହାୟକ ଅମର ରଞ୍ଜନ ନାୟକଙ୍କୁ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମାଡ଼ ମାରିବା ଘଟଣାକୁ ନେଇ ଅମଲା ସଂଘ ଉଦ୍‌ବେଗ ପ୍ରକାଶ କରିଛି। ସଂଘ କାର୍ଯ୍ୟନିର୍ବାହୀ କମିଟିର ଏକ ଜରୁରୀ ବୈଠକ କରାଯିବା ସହ ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଆଗାମୀ ୪୮ଘଣ୍ଟା ମଧ୍ୟରେ ଯଦି ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ସଂଘ କଲମ ଛାଡ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT81 ତା.26.04.2025ରିଖ
**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ସରଳା-ଶାସନ ମଧ୍ୟରେ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ଶାସନ ଷ୍ଟେସନଠାରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ଯୋଗାଣ, ସଂସ୍ଥାପନ ଓ ପ୍ରଚଳନ ଏବଂ ସରଳା ଷ୍ଟେସନରେ M/S KYOSAN ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ (EI)ର ପରିବର୍ତ୍ତନ।"
**ଆନୁମାନିକ ମୂଲ୍ୟ :** ₹ 20,26,88,159/-, EMD : ₹ 11,63,500/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।
**ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ :** ତା.19.05.2025ରିଖ 1500 ଘଟିକାରେ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ : www.ireps.gov.in ରେ ଉପଲବ୍ଧ ହେବ। ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।
ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ/ସମ୍ବଲପୁର
PR-16/CI/25-26

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
**ONE DRIVER** and
**ONE COOK** (Female)
Lodging and Fooding arrangements is ours only for Bhubaneswar.
9338675380, 7894505580

**WANTED**
Applications are invited for temporary appointment for **Jr. Steno, Data Entry Operator, Accounts Assistant, Accounts Officer and Assistant Secretary** in the office of Odisha State Bar Council, Cuttack. For details visit the official website of Odisha State Bar Council :
www.odishabarcouncil.org

**WANTED**
LADIES OFFICE EXECUTIVE
RAHIBA GHARA FREE
Attached Bathroom
KHAIBA FREE
Salary 10000 + Bonus 50000 to 100000 annual + other benefits
PHULANAKHARA, CUTTACK
7809525452

See Career Appointment on every **Wednesday & Saturday**

# ଶ୍ରମିକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ: ମନ୍ତ୍ରୀ

କାଳିଆପାଣି,୨।୫ (ଅସିତ ମହାନ୍ତ)



ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

କ୍ରୋମଜୋନର ଖଣି ଅଞ୍ଚଳରେ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନ ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କାଳିଆପାଣି ଖଣି ଅଞ୍ଚଳର ଦୁର୍ଗା ପଡ଼ିଆଠାରେ ସମ୍ପାଦକ ଅମଳେନ୍ଦୁ ବେହୁରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଞ୍ଚଳର ଶ୍ରମିକଙ୍କ ଜୀବନ ଜୀବିକାକୁ ନେଇ କମ୍ପାନୀଙ୍କ ସହ କୌଣସି ସାଲିସ କରାଯିବନାହିଁ, ଶ୍ରମିକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ ବୋଲି ପ୍ରକାଶ କରିଥିଲେ। ଶ୍ରମିକ ସଂଘ ସଭାପତି ସବ୍ୟସାଚୀ ବଳ ସାମନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ, ଭାଜପା ରାଜ୍ୟ ପରିଷଦ ସଭ୍ୟ ପ୍ରଶାନ୍ତ ରାୟ, ଜିଲା ସମ୍ପାଦକ ସୁଧାଂଶୁ ଭଞ୍ଜ, ପ୍ରତାପ ଧୀର, ପବିତ୍ର ମୋହନ ମହାପାତ୍ର, ବିଦ୍ୟାଧର ପାତ୍ର, ରମଣୀ ରଞ୍ଜନ ବଳସାମନ୍ତ, ଶେଖର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୂର୍ବ ସରକାରଙ୍କ ଶ୍ରମିକ ମାରଣ ନୀତି ବଖାଣିବା ସହ ନିଜ ମଧ୍ୟରେ ଭାଇଚାରା ରଖି ନିଜ ହକ ପାଇଁ ଲଢେଇ କରିବାର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ। ଭାଜପା ଜିଲା ଉପସଭାପତି ପୁଷ୍ପକ ମହାପାତ୍ର ମଞ୍ଚ ପରିଚାଳନା କରିଥିବା କରିଥିଲେ। ଖଣି ଅଞ୍ଚଳ ମଣ୍ଡଳ ସଭାପତି ମନୋଜ ନାୟକ, ସତ୍ୟଜିତ ନାୟକ, ସରପଞ୍ଚ ତପନ ନାୟକ, ଅଶ୍ୱିନ ପରିଡ଼ା, ସମିତି ସଭ୍ୟ ରଞ୍ଜନ ନାୟକ ଉପସ୍ଥିତ ଥିଲେ। ଖଣି ଅଞ୍ଚଳର ଇମ୍ଫା, ଓଏମ୍‌ସି, ଟାଟା ଷ୍ଟିଲ, ଜିନ୍ଦଲ, ବାଲେଶ୍ୱର ଆଲଏଜ, ଫେକର ଆଦି ଖଣିରେ କାର୍ଯ୍ୟ କରୁଥିବା ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଏଥିରେ ସାମିଲ ହୋଇଥିଲେ। ବିଭିନ୍ନ ଖଣିରେ କାର୍ଯ୍ୟ କରୁଥିବା ୧୭ ଜଣ ଶ୍ରମିକଙ୍କୁ ଚଳିତ ବର୍ଷ ପାଇଁ ବେଷ୍ଟ ୱାର୍କର ଭାବେ ସମ୍ମାନିତ କରାଯାଇଥିଲା।

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha
Advertisement No. 06/2025-26 Date of Insertion- 02.05.2025
वॉक–इंन–इंटरव्यू
भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में **01 (एक) यंग प्रोफेशलन**–II पद की भर्ती के लिए दिनांक 19.05.2025 को **पू.10.00** बजे वॉक–इंन–इंटरव्यू बजे आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वेबसाइट http://www.cifa.nic.in पर जाएं।
**WALK-IN INTERVIEW**
A Walk-in-Interview will be held on **19.05.2025** at **ICAR-CIFA, Bhubaneswar** at 10.00 A.M. for **01 (one) no. of Young Professional-II, (YP-II)** (purely on contractual basis) work under the **ICAR Research Project "Genome Editing in Aquaculture"** at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to ICAR-CIFA website: http://www.cifa.nic.in.
मुख्य जाँचकर्ता/Principal Investigator

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
**T.No. TPWODL/AK/O/SER/ 2500000940 Date. 03.05.2025**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :
**RC For Meter Reading, Spot Billing, Colored Bill printing for Non SBM consumers and Bill Distribution at TPWODL.**
Interested bidders are to submit Tender Participation Fee and Authorization Letter through email on or before **09th May 2025, 22:00Hrs.,** after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- **Head- Contracts & Procurement**

# କ୍ଷେତ୍ର ପରିଦର୍ଶନରେ ଗଲେ ୫୪ ଚାଷୀ

ରସୁଲପୁର,୨।୫ (ରଞ୍ଜିତ ରାଉତ)




କ୍ଷେତ୍ର ପରିଦର୍ଶନରେ ଯାଇଥିବା ଚାଷୀ।

ଦୀର୍ଘସ୍ଥାୟୀ ଯୋଗିକ କୃଷି ସମ୍ପର୍କିତ ତାଲିମ ପ୍ରଦାନ ଏବଂ ପ୍ରାକୃତିକ ଓ ଜୈବିକ ଉପାୟରେ କୃଷିକାର୍ଯ୍ୟ କରି କୃଷକଙ୍କର କିଭଳି ମାନସିକ, ସାମାଜିକ, ଅର୍ଥନୈତିକ ଆଦିର ବିକାଶ ହେଉଛି ତା'ର କ୍ଷେତ୍ର ପରିଦର୍ଶନ ପାଇଁ ରସୁଲପୁର ଓ ସୁକିନ୍ଦା ଅଞ୍ଚଳରୁ ୫୪ ଚାଷୀଙ୍କୁ ଚୟନ କରାଯାଇଛି। ରସୁଲପୁର ବ୍ଲକ କୃଷି କାର୍ଯ୍ୟାଳୟ ପରିସରରୁ ଉକ୍ତ ଚାଷୀଙ୍କୁ ଗଙ୍ଗୋତ୍ରୀ ସୋସିଆଲ ଅର୍ଗାନାଇଜେସନ୍ ଓ ଆଇଡିଆଲ ଡେଭଲପମେଣ୍ଟ ଏଜେନ୍ସି ମିଳିତ ଉଦ୍ୟମରେ 'ରାଜଯୋଗ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେସନ' ବ୍ରହ୍ମକୁମାରୀ ରାଜସ୍ଥାନ ମାଉଁଟଆବୁକୁ ନିଆଯାଇଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଅଣଧାନ ଚାଷ ଯଥା ; ପରିବା, ଡାଲିଜାତୀୟ, ତୈଳବୀଜ ଆଦି କୃଷି ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ କୃଷି କର୍ମଶାଳା ଆୟୋଜନ କରାଯାଇ ଚାଷୀଙ୍କ ଦକ୍ଷତା ବୃଦ୍ଧି କରାଯାଉଛି। ସେହିପରି ପ୍ରାକୃତିକ ଓ ଜୈବିକ ପଦ୍ଧତିରେ କୃଷି କାର୍ଯ୍ୟକରି କୃଷକଙ୍କ କିଭଳି ସାମାଜିକ, ଅର୍ଥନୈତିକ, ମାନସିକ ଚିନ୍ତାଧାରର ବିକାଶ ହୋଇପାରିବ ସେ ଦିଗରେ ପ୍ରୟାସ କରାଯାଉଛି। ଏ ଦିଗରେ ଆଗ୍ରହ ପ୍ରକାଶ କରୁଥିବା ଚାଷୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଭ୍ରମଣ ସୁବିଧା ପ୍ରଦାନ କରାଯାଇଛି। ଗଙ୍ଗୋତ୍ରି ସୋସିଆଲ ଅର୍ଗାନାଇଜେସନ ଓ ଆଇଡିଆଲ ଡେଭଲପମେଣ୍ଟ ଏଜେନ୍ସିର ସମ୍ପାଦକ ରବିନାରାୟଣ ସାହୁ, ଚନ୍ଦ୍ରକାନ୍ତ ବରାଳ ପ୍ରମୁଖ ପରିଭ୍ରମଣକାରୀଙ୍କ ସହ ଯାତ୍ରା କରିଛନ୍ତି। କୃଷକମାନେ ତପୋବନ କୃଷି କେନ୍ଦ୍ର ବୁଲି ଦେଖିବା ସହ ଯୋଗିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ନେବେ। ତାଲିମପ୍ରାପ୍ତ ଚାଷୀ ଅର୍ଜନ କରିଥିବା ଜ୍ଞାନ କୌଶଳ ଓ କୃଷି ପ୍ରଣାଳୀକୁ ନିଜ ଅଞ୍ଚଳର କୃଷି କାର୍ଯ୍ୟରେ ବ୍ୟବହାର କରିବେ ବୋଲି ଅର୍ଗାନାଇଜେସନର ପ୍ରତିନିଧି ଅନୁସୂୟା ରାଉତ ସୂଚନା ଦେଇଛନ୍ତି।

इंडियन बैंक Indian Bank
इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ,**
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭
**ଡ଼ିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **ଇଣ୍ଡିଆନ ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତା/ଜାମିନ୍‌ଦାରଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| **ଜଗତସିଂହପୁର ଶାଖା** ଋଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା ଏବଂ ଋଣ ଆକାଉଣ୍ଟ ନଂ. | ଋଣ ପରିମାଣ | ୨୪.୦୪.୨୦୨୫ ସୁଦ୍ଧା ବକେୟା ଦେୟ | ନୋଟିସ୍ ତାରିଖ/ ଏନ୍‌ପିଏ ତାରିଖ |
|---|---|---|---|
| **(୧) ମେସର୍ସ ଓରଚିଡ୍ ମାର୍ଟ (ଋଣଗ୍ରହୀତା-ପାର୍ଟନରସିପ୍ ଫାର୍ମ)**, ସା: ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର/ବନ୍ଧକଦାତା)**, ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର-୭୫୪୧୦୩, **(୩)ଶ୍ରୀ ସେଖ୍ ଆମିନସ୍ ସାଜିଦିନ୍,(ପାର୍ଟନର/ବନ୍ଧକଦାତା)**, ପିତା: ମହମ୍ମଦ ସେକ୍‌ୱାଜ୍, ଓହଳ, ଜଗତସିଂହପୁର-୭୫୪୧୦୩, **(୪)ଶ୍ରୀ ସେଖ୍ ମଜହର ଅଲୀ (ପାର୍ଟନର)**, ପିତା: ଶେଖ୍ ଅଥର ଅଲୀ, ଠିକଣା: ପିତେଇପୁର, ଜଗତସିଂହପୁର, ପିନ୍- ୭୫୪୧୦୬ । **ଋଣ ଆକାଉଣ୍ଟ ନଂ.**ଓସିସି-୬୪୭୯୩୦୯୦୩୩, ଜିଇସିଏଲ୍‌ଏସ୍- ୭୩୦୭୦୩୧୭୮୧ । | ଓସିସି- ଟ.୨,୨୫,୦୦,୦୦୦/- ଜିଇସିଏଲ୍‌ଏସ୍- ଟ.୨୬,୭୦,୦୦୦/- | ଓସିସି- ଟ.୨,୩୬,୧୪,୩୩୩/- ଜିଇସିଏଲ୍‌ଏସ୍- ଟ.୧୨,୨୪,୭୬୭/- ସମୁଦାୟ: ଟ.୨,୪୮,୩୯,୧୦୦/- | ୨୪.୦୪.୨୦୨୫ / ୦୪.୦୪.୨୦୨୫ |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ**
**ସମ୍ପତ୍ତି ନଂ.୧: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୧୮୭/୨୦୮୬, ଖାତା ନଂ.୫୨୫/୭୮୪, ମୌଜା: ଦେଉଳିଗ୍ରାମେଶ୍ୱର, ଜଗତସିଂହପୁର, ଏରିଆ: ଏ୦.୬୦ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୫୬୮, ଦକ୍ଷିଣ- ରାସ୍ତା ଏବଂ ଉମେଶ ଚନ୍ଦ୍ର ପରିଡା, ପୂର୍ବ- ପ୍ଲଟ ନଂ.୧୮୭/୧୯୯୪ (ଦିପ୍ତିରାଣୀ କାନୁନ୍‌ଗୋ), ପଶ୍ଚିମ- ଗ୍ରାମ ରାସ୍ତା । **ସମ୍ପତ୍ତି ନଂ.୨: (କ)ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୪୯୫, ୪୯୬/୧୨୮୪, ଖାତା ନଂ.୨୫୮/୬୨୨, ଏରିଆ: ଏ୦.୦୪୫ ଡିସିମିଲି, ମୌଜା: ମାଧପୁର, ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର- ନିଜ ପ୍ଲଟ ନଂ.୪୯୬, ଦକ୍ଷିଣ- ରାସ୍ତା ଏବଂ ପ୍ଲଟ ନଂ.୪୯୪, ପୂର୍ବ- ପ୍ଲଟ ନଂ.୪୯୯, ପଶ୍ଚିମ- ପ୍ଲଟ ନଂ.୪୯୨, **(ଖ)ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୪୯୬, ଖାତା ନଂ.୨୫୮/୬୨୦, ଏରିଆ: ୦.୦୪୫ ଡିସିମିଲି, ମୌଜା: ମାଧପୁର, ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର-ଉତ୍ତର- ପ୍ଲଟ ନଂ.୪୯୭, ଦକ୍ଷିଣ- ପ୍ଲଟ ନଂ.୪୯୫, ୪୯୬/୧୨୮୪ (ମହମ୍ମଦ ଜାମିଲ୍), ପୂର୍ବ- ପ୍ଲଟ ନଂ.୪୯୯, ପଶ୍ଚିମ- ପ୍ଲଟ ନଂ.୪୯୨ । **ସମ୍ପତ୍ତି ନଂ.୩: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୫୯୫, ଖାତା ନଂ.୨୩୧/୨୦୩, ମୌଜା: ଓହଳ, ଜଗତସିଂହପୁର, ଏରିଆ: ଏ୦.୦୪୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଗୁରୁ ଚରଣ ବେହେରା, ଦକ୍ଷିଣ- ରାସ୍ତା, ପୂର୍ବ- ନିଲୋଫେରେ ଯାକେଦିନ୍, ପଶ୍ଚିମ- ପ୍ଲଟ ନଂ.୧୨୦୯ । **ସମ୍ପତ୍ତି ନଂ.୪: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୬୪୪/୪୪୯୨, ଖାତା ନଂ.୪୯୪/୧୪୩୫, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ନିଜ ପ୍ଲଟ (ପ୍ଲଟ ନଂ.୬୪୩), ଦକ୍ଷିଣ- କନ୍ଦର୍ପ ସାହୁ, ପୂର୍ବ- ସିଉଳା ପାତ୍ର, ପଶ୍ଚିମ- ଦେବ ସିଂ । **ସମ୍ପତ୍ତି ନଂ.୫: ଶ୍ରୀ ସେଖ୍ ଆମିନସ୍ ସାଜିଦିନ୍** ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୫୯୬/୧୫୯୬, ଖାତା ନଂ.୨୩୧/୨୧୯, ମୌଜା: ଓହଳ, ଜଗତସିଂହପୁର, ଏରିଆ: ଏ୦.୦୮ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଗୁରୁ ଚରଣ ବେହେରା, ଦକ୍ଷିଣ- ରାସ୍ତା, ପଶ୍ଚିମ- ସେଖ୍ ଆଇନୁଜ୍ ଯାକେଦିନ୍, ପୂର୍ବ- ନିଲୋଫେରେ ଯାକେଦିନ୍ ।

ଆପଣମାନେ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

ସ୍ଥାନ- ଭୁବନେଶ୍ୱର, ତାରିଖ- ୦୨.୦୫.୨୦୨୫ | କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

# ଜଗତ୍‌ସିଂହପୁର ଜିଲ୍ଲାରେ ପାସ୍ ହାର ୯୭.୦୯%

## ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ
### ଧୃତିସୁନ୍ଦର ସ୍ୱାଇଁ ଜିଲ୍ଲା ଟପ୍ପର



**ଜଗତ୍‌ସିଂହପୁର, ୨।୫ (ପ୍ରମୋଦ କୁମାର ନାୟକ)**

ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତବର୍ଷ ଜିଲ୍ଲାର ମୋଟ ୧୧,୯୬୫ ଜଣ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୭.୦୯% ପାସ୍ କରିଛନ୍ତି। ଗତବର୍ଷ ରେଗୁଲାରରେ ପାସ୍ ହାରରେ ଜଗତ୍‌ସିଂହପୁର ଜିଲ୍ଲା ୩ୟ ସ୍ଥାନରେ ଥିବାବେଳେ ଚଳିତବର୍ଷ ୧୧ତମ ସ୍ଥାନକୁ ଖସିଛି। ଗତବର୍ଷ ପରିଷଦ ପକ୍ଷରୁ ଜିଲ୍ଲାର କେତେଜଣ ଛାତ୍ରୀଛାତ୍ର ଏ୧, ଏ୨ କିମ୍ବା ଅନ୍ୟ ଗ୍ରେଡ୍ ଆଦି ପାଇଥିଲେ ସେ ସମ୍ପର୍କରେ ସୂଚନା ଦିଆଯାଇ ନ ଥିଲା। କିନ୍ତୁ ଏଥର ପୂର୍ଣ୍ଣ ସୂଚନା ଦିଆଯାଇଛି। ଜିଲ୍ଲାର ମୋଟ ୨୬୬ଟି ଉଚ୍ଚ ବିଦ୍ୟାଳୟରେ ୧୨,୪୫୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୩୦ ଜଣ କୌଣସି କାରଣରୁ ପରୀକ୍ଷା ନ ଦେଇ ଅନୁପସ୍ଥିତ ଥିଲେ। ଅବଶିଷ୍ଟ ୧୧,୯୬୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ଛାତ୍ରୀ ୬୦୪୧ ଓ ଛାତ୍ର ୫୯୨୪ ଜଣ। ଫଳ ପ୍ରକାଶ ପରେ ଜିଲ୍ଲାରେ ୬୦ ଜଣ ଏ-୧ ଗ୍ରେଡ୍ ପାଇଥିବା ଜଣାଯାଇଛି। ଏଥିସହ ଏ-୨ ୩୮୨, ବି୧ ୧୨୨୯, ବି-୨ ୨୫୩୪, ସି - ୩୫୫୭, ଡି-୨୯୮୧, ଇ- ୧୨୨୨ ଓ ଏଫ୍ ଗ୍ରେଡ୍ ୩୫୯ ପାଇଛନ୍ତି। ପାରାଦୀପସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ର ଧୃତିସୁନ୍ଦର ସ୍ୱାଇଁ ମୋଟ ୬୦୦ ନମ୍ବରରୁ ସର୍ବାଧିକ ୫୭୩ ମାର୍କ ରଖି ଜିଲ୍ଲା ଟପ୍ପର ହେବାର ଗୌରବ ହାସଲ କରି ପାରିଛନ୍ତି। ସେହିପରି ଏକ୍ସ ରେଗୁଲାରରେ ଜିଲ୍ଲାର ୧୧ଟି ଉଚ୍ଚ ବିଦ୍ୟାଳୟର ୧୧ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। କିନ୍ତୁ ପରୀକ୍ଷା ବେଳେ ଜଣେ ଅନୁପସ୍ଥିତ ଥିଲେ। ଫଳ ପ୍ରକାଶ ପରେ ୨ ଜଣ ଅର୍ଥାତ୍ ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮.୧୮% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ବି-୨ ଜଣେ, ଡି-୧ ଓ ଏଫ୍-ଗ୍ରେଡ୍ ଗ୍ରେଡ୍ ୮ ଜଣ ପାଇଛନ୍ତି। ଅନୁରୂପ ଭାବେ ଚଳିତବର୍ଷ ୩୨ ଜଣ ଛାତ୍ରୀଛାତ୍ର କରେସପଣ୍ଡେଣ୍ଟ କୋର୍ସ (ସିସି) ରେଗୁଲାର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଅନୁପସ୍ଥିତ ଥିଲେ। ଫଳ ପ୍ରକାଶ ପରେ ଜଣେ ଛାତ୍ରୀ ଓ ଜଣେ ଛାତ୍ର ଏହିପରି ମୋଟ ୨ ଜଣ ଅର୍ଥାତ୍ ୦.୩୩% ପାସ୍ କରିଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରୁ ସି-୨ ଓ ଏଫ୍ ଗ୍ରେଡ୍ ୨୮ ଜଣ ପାଇଛନ୍ତି। ଫଳ ପ୍ରକାଶ ପରେ ଯେଉଁମାନେ ଭଲ ମାର୍କ ରଖିଛନ୍ତି ସେମାନେ ଖୁସି ବ୍ୟକ୍ତ କରିଥିବାବେଳେ କମ୍ ମାର୍କ ରଖିଥିବା ଛାତ୍ରୀଛାତ୍ରମାନେ କିଛି ଅଂଶରେ ଦୁଃଖପ୍ରକାଶ କରିଛନ୍ତି। ଆଉ ଫେଲ ହୋଇଥିବା ଛାତ୍ରୀଛାତ୍ରମାନେ ମାନସିକ ଭାବେ ଚାପଗ୍ରସ୍ତ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୧ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଚାଲିଥିଲା। ମୋଟ ୬୦୦ ନମ୍ବର ପାଇଁ ପରୀକ୍ଷା ହୋଇଥିଲା। ଚଳିତବର୍ଷ ଜଗତ୍‌ସିଂହପୁର ଜିଲ୍ଲାର ୮ଟି ବ୍ଲକ ଅଞ୍ଚଳରେ ୯୦ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା।

**ନାଉଗାଁ,(ସୁଧା ବେହୁରା):** ନାଉଗାଁ ବ୍ଲକରୁ ୪ ଜଣ ପରୀକ୍ଷାର୍ଥୀ ଏ-୧ରେ କୃତକାର୍ଯ୍ୟ ହୋଇଛନ୍ତି। ତ୍ରିଲୋଚନପୁର ଗୋପବନ୍ଧୁ ସ୍ମାରକୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନୁଷ୍କା ସ୍ୱାଇଁ ଓ ଅଳୋଶ୍ୱରପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଇତିଶ୍ରୀ ବାରିକ ଉଭୟ ୫୪୯ ନମ୍ବର ରଖିଥିବା ବେଳେ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ୱାଧୀନ ସ୍ୱାଇଁ ୫୪୭ ଓ ଗାରେଇଝିଲ୍ଲି ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନୁଷ୍ଣିତା ଦାସ ୫୪୩ ନମ୍ବର ରଖିଛନ୍ତି। ବ୍ଲକରେ ସମୁଦାୟ ୮୪୭ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୮୩୭ କୃତକାର୍ଯ୍ୟ ହୋଇଛନ୍ତି।

**ପାରାଦୀପ,(ଶରତ ରାଉତ):** ପାରାଦୀପ ଦଶମ ପରୀକ୍ଷାରେ ପାରାଦୀପସ୍ଥିତ ଗଣପତି ଶିଶୁ ବିଦ୍ୟା ମନ୍ଦିର ବାଲିଝରା ପାରାଦୀପର ୨୮ ଜଣ ଛାତ୍ରୀଛାତ୍ରପରୀକ୍ଷା ଦେଇଥିବାବେଳେ ସମସ୍ତେ ପାସ କରିଛନ୍ତି । ଏଠାରେ କୌଣସି ଛାତ୍ରୀଛାତ୍ର ଏ-୧ ପାଇ ନଥିବାବେଳେ ଏ-୨ ରେ ୫ ଜଣ ଛାତ୍ରୀଛାତ୍ର ରହିଛନ୍ତି । ପାରାଦୀପର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ-୧ ରେ ୫,ଏ-୨ରେ ୨୧, ବି-୧ରେ ୪୮, ବି-୨ରେ ୫୨,ସି-୩୨ ଏବଂ ଡି-ବର୍ଗରେ ୧୬ ଜଣ ପାଶ କରିଛନ୍ତି। ଧୃତିସୁନ୍ଦର ୫୭୩ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିପରି ପିପିଏଲ ଡିଏଭି ସ୍କୁଲର ୪୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ଏ-୧ ଗ୍ରେଡରେ ୩ ଓ ଏ-୨ରେ ୧୭ ଛାତ୍ରୀଛାତ୍ର ଅଛନ୍ତି । ସୂର୍ଯ୍ୟମୋହନ ଦାସ ୯୩.୩, ଅଂଶୁମାନ ସ୍ୱାଇଁ ୯୨.୩, ରାଜନନ୍ଦିନୀ ସ୍ୱାଇଁ ୯୧.୭% ନମ୍ବର ରଖି ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

**ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ):** ମାଟ୍ରିକ ପରୀକ୍ଷାରେ ରଘୁନାଥପୁର ବ୍ଲକର ୯୭ପ୍ରତିଶତ ଛାତ୍ରୀଛାତ୍ର ପାସ କରିଥିବା ବେଳେ ସାନତିହଡ଼ା ପଲ୍ଲୀପ୍ରଭା ହାଇସ୍କୁଲର ଛାତ୍ର ସୂର୍ଯ୍ୟକାନ୍ତ ଜେନା ସର୍ବାଧିକ ୬୦୦ମାର୍କରୁ ୫୭୨ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସୂଚନାଯୋଗ୍ୟ, ରଘୁନାଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ୨୬ଟି ସ୍କୁଲର ୯୮୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୯୫୪ ଜଣ କୃତକାର୍ଯ୍ୟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୮ ଜଣ ଏ-୧ରେ ପାସ କରିଛନ୍ତି।

**କୁଜଙ୍ଗ/ରାହାମା, (ମନୋଜ ପ୍ରଧାନ, ଶ୍ରୀକାନ୍ତ ଦାସ):** ମାଟ୍ରିକ ପରୀକ୍ଷାରେ କୁଜଙ୍ଗ ବ୍ଲକର ୧୧ ଜଣ ଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଳପଡ଼ା ରାହାମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ମିଳିଛି। ଏଠାରେ ଏ୧ରେ-୬, ଏ୨-୭, ବି୧ -୨୩, ବି୨-୧୭, ସି-୧୨ ଏବଂ ଡି ଗ୍ରେଡ୍‌ରେ ୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆଦିତ୍ୟ ପ୍ରସାଦ ଦାସ ୫୬୫ ନମ୍ବର ରଖି ସ୍କୁଲ ଓ କୁଜଙ୍ଗ ବ୍ଲକରେ ଟପ୍ପର ହୋଇଛନ୍ତି।

# ସାମୂହିକ ପ୍ରଚେଷ୍ଟା, ସମର୍ପଣ ଯୋଗୁ ସଫଳତା ମିଳୁଛି: ହାରାନ୍ଧ



ଅଂଶୀଦାରମାନଙ୍କ ପାଇଁ ଉତ୍କର୍ଷତା ସନ୍ଧ୍ୟାରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ବକ୍ତବ୍ୟ ଦେଉଛନ୍ତି।

**ପାରାଦୀପ,୨।୫ (ଶରତ ରାଉତ)**

ପାରାଦୀପ ବନ୍ଦର ଚଳିତ ଆର୍ଥିକ ବର୍ଷରେ ରେକର୍ଡ ପଣ୍ୟ କାରବାର କରି ଦେଶର ୧ ନମ୍ବର ହେବାର ମାନ୍ୟତା ହାସଲ କରିଛି। ସେଥିପାଇଁ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅଂଶୀଦାରମାନଙ୍କ ପାଇଁ ଉତ୍କର୍ଷତା ସନ୍ଧ୍ୟା ପାଳନ କରାଯାଇଛି। ଏଥିରେ ଆମଦାନୀ,ରପ୍ତାନୀକାରୀ ସଂସ୍ଥା, ଏଜେଣ୍ଟ, ଷ୍ଟିଭେଡର୍ସ, ସର୍ଭେ କମ୍ପାନୀ, କଷ୍ଟମ୍ସ, ସିଆଇଏସ୍‌ଏଫ ଓ ବିଭିନ୍ନ ଏଜେନ୍ସିର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସମସ୍ତ ଅଂଶୀଦାରମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ, ପାରାଦୀପ ହେଉଛି ଭାଇଚାରା ସହର। ଏଥିରେ ସମସ୍ତ ଅଂଶୀଦାରମାନଙ୍କ ପ୍ରୟାସ, ସମର୍ପଣ ରହିଛି। ସମଗ୍ର ବିଶ୍ୱରେ ଲୁହାପଥର, କୋଇଲା କାରବାର ମାନ୍ଦା ଥିବା ସତ୍ତ୍ୱେ ପାରାଦୀପ ବନ୍ଦର ୧୫୦ ମିଲିୟନ ମେଟ୍ରିକ ଟନ (ଏମ୍‌ଏମଟି)ପଣ୍ୟ କାରବାର କରିବା ଏକ ଚ୍ୟାଲେଞ୍ଜ ଥିଲା। ଆଗକୁ ପାରାଦୀପ ବନ୍ଦର ଆହୁରି ବିକଶିତ ହେବା ଭଳି ଖସଡ଼ା କରାଯାଇଛି।୨୦୩୦ସୁଦ୍ଧା ସମସ୍ତ କାରବାର ବୈଷୟିକ ବ୍ୟବସ୍ଥା ଅନୁସାରେ ହେବ ବୋଲି ଲକ୍ଷ୍ୟ ରହିଛି ବୋଲି ହାରାନ୍ଧ କହିଥିଲେ।ଶେଷରେ ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବିତରକ ସଂଘର ବାର୍ଷିକ ଉତ୍ସବ

**ପାରାଦୀପ,୨।୫(ଶରତ ରାଉତ)**



ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ପାରାଦୀପ ଖବରକାଗଜ ବିତରକ ସଂଘର ୧୧ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସ୍ଥାନୀୟ ମଧୁବନ ପୋର୍ଟ ଶ୍ରମିକସଂଘ ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ବିତରକମାନଙ୍କୁ ଶ୍ରମିକ ଦିବସର ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ଶୁକଦେବ ଜେନା, ଚିତ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସଭାପତି ପ୍ରଦୀପ କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବାଳକୃଷ୍ଣ ସୂତାର ଧନ୍ୟବାଦ ଦେଇଥିଲେ। ଏଥିରେ ପାରାଦୀପର ସମସ୍ତ ବିତରକମାନେ ଉପସ୍ଥିତ ଥିଲେ।

## ବାଲି ଟ୍ରକ୍ ଜବତ: ଚାଳକ ଗିରଫ

**ଏରସମା,୨।୫ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଥାନା ନିକଟସ୍ଥ ଏରସମା ମୁଖ୍ୟ ବଜାରରେ ବେଆଇନ ଭାବେ ଓଭର ଲୋଡ ବାଲି ନେଉଥିବା ହାଇୱାକୁ ଶୁକ୍ରବାର ପୋଲିସ ଜବତ କରିଛି। ଏଥିସହ ସମ୍ପୃକ୍ତ ହାଇୱା ଚାଳକଙ୍କୁ ଘଟଣାସ୍ଥଳରୁ ଗିରଫ କରିଛି। ବାଲି ଓଭରଲୋଡ ଉପରେ ସରକାର କଟକଣା ଜାରି କରିଛନ୍ତି। ଏହାକୁ ଅବମାନନା କରି ଏରସମା ଛକ ନିକଟରେ ଯାଉଥିବା ଉକ୍ତ ବେଆଇନ ବାଲି ବୋଝେଇ ହାଇୱାକୁ ପୋଲିସ ଧରିଥିଲା। ଏନେଇ ଥାନାରେ ମାମଲା (ନଂ.୧୪୩/୨୫) ରୁଜୁ କରାଯାଇ ହାଇୱା ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ପ୍ରେମଜିତ ଦାସ କହିଛନ୍ତି।

# ଖରାରେ କାମ କରୁଛନ୍ତି ଶ୍ରମିକ

**ନାଉଗାଁ,୨।୫(ସୁଧା ବେହୁରା)**

### ସରକାରୀ ନିର୍ଦ୍ଦେଶକୁ ମାନୁନାହାନ୍ତି କର୍ମଚାରୀ

ମେ' ୧ ତାରିଖକୁ ବିଶ୍ୱ ଶ୍ରମିକ ଦିବସ ଭାବେ ସାରା ଦେଶରେ ପାଳନ କରାଯାଏ। ଏହି ଦିନ ଶ୍ରମିକମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ମହଲରୁ ଶ୍ରମିକମାନଙ୍କୁ କାର୍ଯ୍ୟରୁ ବିଶ୍ରାମ ଦିଆଯାଇ ପୁରସ୍କୃତ ଓ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ଏହାର ବିପରିତ କାର୍ଯ୍ୟ ଜଗତ୍‌ସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଓଷକଣା ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ଦିନ ପଞ୍ଚାୟତର ଓଷକଣା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ କାର୍ଯ୍ୟ ହେଉଥିବାବେଳେ ଦିନ ୧୨ଟା ପରେ ମଧ୍ୟ ଖରାରେ ଦାଦନ ଶ୍ରମିକମାନେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏହି ପଞ୍ଚାୟତର ଓଷକଣା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଚତୁଃପାର୍ଶ୍ୱ କାର୍ଯ୍ୟ କରାଯିବା ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଅର୍ଥ ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପର କାର୍ଯ୍ୟାଦେଶ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କ ନାମରେ ରହିଛି। କାର୍ଯ୍ୟର ତଦାରଖ ଦାୟିତ୍ୱ ସରକାରୀ ଅଧିକାରୀଙ୍କ ହାତରେ ରହିଛି। ହେଲେ ମେ ୧ ତାରିଖକୁ ବିଶ୍ୱ ଶ୍ରମିକ ଦିବସ ଭାବେ ସାରା ଦେଶ ପାଳନ କରୁଥିବା ବେଳେ ଏହି ପ୍ରକଳ୍ପ ପାଇଁ ଶ୍ରମିକମାନଙ୍କୁ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏଠାରେ ଶ୍ରମ ଓ ରାଜସ୍ୱ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଛି। ଜବକାର୍ଡଧାରୀଙ୍କ ପରିବର୍ତ୍ତେ ଦାଦନ ଶ୍ରମିକଙ୍କୁ କାମ ଦିଆଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରୁଣ ପ୍ରଧାନଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଏପ୍ରସଙ୍ଗରେ ବ୍ଲକ ଶ୍ରମ ଅଧିକାରୀ ଶାନ୍ତନୁ କୁମାର ବ୍ରହ୍ମାଙ୍କୁ ପଚାରିବାରୁ ଅଭିଯୋଗ ଉପରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT81 ତା.26.04.2025ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ସରଲା-ଶାସନ ମଧ୍ୟରେ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ଶାସନ ଷ୍ଟେସନଠାରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ଯୋଗାଣ, ସଂସ୍ଥାପନ ଓ ପ୍ରଚଳନ ଏବଂ ସରଲା ଷ୍ଟେସନରେ M/S KYOSAN ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ (EI)ର ପରିବର୍ତ୍ତନ।"

**ଆନୁମାନିକ ମୂଲ୍ୟ :** ₹ 20,26,88,159/-, EMD : ₹ 11,63,500/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ :** ତା.19.05.2025ରିଖ 1500 ଘଟିକାରେ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ : www.ireps.gov.in ରେ ଉପଲବ୍ଧ ହେବ। ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ/ସମ୍ବଲପୁର
PR-16/CI/25-26

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
**ONE DRIVER** and **ONE COOK** (Female)
Lodging and Fooding arrangements is ours only for Bhubaneswar.
9338675380, 7894505580

**WANTED**
Applications are invited for temporary appointment for **Jr. Steno, Data Entry Operator, Accounts Assistant, Accounts Officer and Assistant Secretary** in the office of Odisha State Bar Council, Cuttack. For details visit the official website of Odisha State Bar Council :
**www.odishabarcouncil.org**

**WANTED**
LADIES OFFICE EXECUTIVE
RAHIBA GHARA FREE
Attached Bathroom
KHAIBA FREE
Salary 10000 + Bonus 50000 to 100000 annual + other benefits
PHULANAKHARA, CUTTACK
7809525452

See Career Appointment on every Wednesday & Saturday

## ଶ୍ରମିକ ଦିବସ
# ଏକତା ରହିଲେ ସଫଳତା ମିଳିବ

**ପାରାଦୀପ/କୁଜଙ୍ଗ,୨।୫ (ଶରତ ରାଉତ/ ମନୋଜ ପ୍ରଧାନ)**



ପୋର୍ଟ ୱାର୍କର୍ସ ୟୁନିୟନ ପରିସରରେ ଆୟୋଜିତ ଶ୍ରମିକ ଦିବସରେ ମଞ୍ଚାସୀନ ଅତିଥିମାନେ।

ପାରାଦୀପର ବିଭିନ୍ନ ସ୍ଥାନରେ ଗୁରୁବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଦୋଛକି ଜୀରୋ ପଏଣ୍ଟଠାରେ ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକସଂଘ ପକ୍ଷରୁ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟ ଦାସ, ତାପସ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାରତୀୟ ମଜଦୁର ସଂଘର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଧୁବନରେ ଥିବା ୟୁନିୟନ ପରିସରରେ ଏହି ଦିବସ ପାଳନ କରାଯାଇଛି। ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ, ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ପକ୍ଷରୁ ମଧ୍ୟ ଏହା ପାଳନ କରାଯାଇଥିଲା।

ସନ୍ଧ୍ୟାରେ ପୋର୍ଟ ୱାର୍କର୍ସ ୟୁନିୟନ ପରିସରରେ ଆୟୋଜିତ ଶ୍ରମିକ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ତଥା ଉକ୍ତ ୟୁନିୟନ ସଭାପତି ବିଭୁପ୍ରସାଦ ତରାଇ ଯୋଗ ଦେଇଥିଲେ। ଏହି ଅବସରରେ ଏମ୍‌ପି ତରାଇ କହିଥିଲେ, କେତେକ ଲୋକ ଫେକ ୟୁନିୟନ ନେତା ହେଲେଣି। ୟୁନିୟନରେ ମେମ୍ବର କରାଇବା ପାଇଁ ଶ୍ରମିକଙ୍କୁ ଅପହରଣ କରୁଛନ୍ତି। ଏଥିରେ ଜଣେ ଶ୍ରମିକ କିପରି ଏତେ ବଡ଼ ଲୋକଙ୍କ ସହ ସଂଘର୍ଷ କରିବ। ଏପରି ଲୋକଙ୍କ ମିଥ୍ୟା ପ୍ରଲୋଭନରେ ଭ୍ରମିତ ହୁଅ ନାହିଁ। ଏକତା ରହିଲେ ସଫଳତା ମିଳିବ ବୋଲି ସେ କହିଥଲେ। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, ବର୍ଷିଆନ ଶ୍ରମିକ ନେତା ଗୁଣନିଧି ଚୌଧୁରୀ, ବ୍ରିଜେଶ ଲେଙ୍କା ଉପସ୍ଥିତ ଥିଲେ। ଦିନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିଅନ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ନୂଆଗାଁସ୍ଥିତ ଶିଶୁ ଉଦ୍ୟାନ ପରିସରରେ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରମିକ ସମାବେଶରେ ସଂଘ କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ରାଉତ, ସମ୍ପାଦକ ମିହିର ଚରଣ ପରିଡ଼ା , ସୁଧୀର ରାଉତ ଓ ନନ୍ଦକିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ।

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha
CIFA

Advertisement No. 06/2025-26 Date of Insertion- 02.05.2025

वॉक–इंन–इंटरव्यू

भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में **01 (एक) यंग प्रोफेशलन**–II पद की भर्ती के लिए दिनांक 19.05.2025 को **पू.10.00** बजे वॉक–इंन–इंटरव्यू बजे आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वेबसाइट http://www.cifa.nic.in पर जाएं।

**WALK-IN INTERVIEW**

A Walk-in-Interview will be held on **19.05.2025** at **ICAR-CIFA, Bhubaneswar** at 10.00 A.M. for **01 (one) no. of Young Professional-II, (YP-II)** (purely on contractual basis) work under the **ICAR Research Project "Genome Editing in Aquaculture"** at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to ICAR-CIFA website: **http://www.cifa.nic.in.**

मुख्य जाँचकर्ता/Principal Investigator

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No. TPWODL/AK/O/SER/ 2500000940 Date. 03.05.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

**RC For Meter Reading, Spot Billing, Colored Bill printing for Non SBM consumers and Bill Distribution at TPWODL.**

Interested bidders are to submit Tender Participation Fee and Authorization Letter through email on or before **09th May 2025, 22:00Hrs.,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସରେ ୩ କୋଟି ୩୨ ଲକ୍ଷ ସହାୟତା

**ଜଗତସିଂହପୁର, ୨।୫ (ପ୍ରମୋଦ କୁମାର ନାୟକ)**


ଅତିଥିଙ୍କ ଗହଣରେ ସହାୟତା ରାଶି ପାଇଥିବା ଶ୍ରମିକମାନେ।

ଜଗତ୍‌ସିଂହପୁର ଜିଲ୍ଲାର ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଏମ୍‌ପି ବିଭୁ ତରାଇ, ବିଧାୟକ, ଅମରେନ୍ଦ୍ର ଦାସ,ଜଗତ୍‌ସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲାପାଳ ଜେ.ସୋନାଲ, ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଓଡିଶା କୋଠାବାଡି ବିଭାଗ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସଦସ୍ୟ ଲୋଭାକାନ୍ତ ସ୍ୱାଇଁ ଅତିଥିଭାବେ ଯୋଗଦେଇ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକମାନଙ୍କୁ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସହାୟତା ରାଶି ଓ ଯୋଜନା ସମ୍ବନ୍ଧରେ ଆଲୋକପାତ କରଥିଲେ। ଏହି ସମାରୋହରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୨୨୭ ଜଣଙ୍କୁ ପରିଚୟ ପତ୍ର, ଶିକ୍ଷା ସହାୟତା ରାଶି ୫୦୬ ଜଣଙ୍କୁ, ବିବାହ ସହାୟତା ରାଶି ୪୦୭, ପ୍ରସୂତିକାଳୀନ ସହାୟତା ୩, ମୃତ୍ୟୁକାଳୀନ ସହାୟତା ୩୨ ଓ ଅନ୍ତ୍ୟେଷ୍ଟିକାଳୀନ ସହାୟତା ୩୨ ଜଣଙ୍କୁ ପ୍ରଦାନ କରିଥିଲେ। ଏହିପରି ସର୍ବମୋଟ ୯୮୦ ଜଣ ବିଭିନ୍ନ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୩ କୋଟି ୩୧ ଲକ୍ଷ ୮୮ ହଜାର ୬ ଶହ ଟଙ୍କାର ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା। ଏହି ସମାରୋହକୁ ଜିଲ୍ଲା ଶ୍ରମ ଅଧିକାରୀ ( କଲ୍ୟାଣ) ସ୍ମୃତିରେଖା ନାୟକ ପରିଚାଳନା କରିଥିଲେ।

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ,**
**ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **ଇଣ୍ଡିଆନ ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତା/ଜାମିନ୍‌ଦାରଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| **ଜଗତସିଂହପୁର ଶାଖା** ଋଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା ଏବଂ ଋଣ ଆକାଉଣ୍ଟ ନଂ. | ଋଣ ପରିମାଣ | ୨୪.୦୪.୨୦୨୫ ସୁଦ୍ଧା ବକେୟା ଦେୟ | ନୋଟିସ୍ ତାରିଖ/ ଏନ୍‌ପିଏ ତାରିଖ |
|---|---|---|---|
| **(୧) ମେସର୍ସ ଓରଚିଡ୍ ମାର୍ଟ (ଋଣଗ୍ରହୀତା-ପାର୍ଟନରସିପ୍ ଫାର୍ମ),** ସା: ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର/ବନ୍ଧକଦାତା),** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର-୭୫୪୧୦୩, **(୩)ଶ୍ରୀ ସେଖ୍ ଆମିନସ୍ ସାଜିଦିନ୍,(ପାର୍ଟନର/ବନ୍ଧକଦାତା),** ପିତା: ମହମ୍ମଦ ସେକ୍‌ୱାଜ୍, ଓହଳ, ଜଗତସିଂହପୁର-୭୫୪୧୦୩, **(୪)ଶ୍ରୀ ସେଖ୍ ମଜହର ଅଲୀ (ପାର୍ଟନର),** ପିତା: ଶେଖ୍ ଅଥର ଅଲୀ, ଠିକଣା: ପିତେଇପୁର, ଜଗତସିଂହପୁର, ପିନ୍- ୭୫୪୧୦୬ । **ଋଣ ଆକାଉଣ୍ଟ ନଂ.**ଓସିସି-୬୪୭୯୩୦୯୦୩୩, ଜିଇସିଏଲ୍‌ଏସ୍- ୭୩୦୭୦୩୧୭୮୧ । | ଓସିସି- ଟ.୨,୨୫,୦୦,୦୦୦/- ଜିଇସିଏଲ୍‌ଏସ୍- ଟ.୨୬,୭୦,୦୦୦/- | ଓସିସି- ଟ.୨,୩୬,୧୪,୩୩୩/- ଜିଇସିଏଲ୍‌ଏସ୍- ଟ.୧୨,୨୪,୭୬୭/- ସମୁଦାୟ: ଟ.୨,୪୮,୩୯,୧୦୦/- | ୨୪.୦୪.୨୦୨୫ / ୦୪.୦୪.୨୦୨୫ |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ**

**ସମ୍ପତ୍ତି ନଂ.୧: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୧୮୭/୨୦୮୬, ଖାତା ନଂ.୫୨୫/୭୮୪, ମୌଜା: ଦେଉଳିଗ୍ରାମେଶ୍ୱର, ଜଗତସିଂହପୁର, ଏରିଆ: ଏ୦.୬୦ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୫୬୮, ଦକ୍ଷିଣ- ରାସ୍ତା ଏବଂ ଉମେଶ ଚନ୍ଦ୍ର ପରିଡା, ପୂର୍ବ- ପ୍ଲଟ ନଂ.୧୮୭/୧୯୯୪ (ଦିପ୍ତିରାଣୀ କାନୁନ୍‌ଗୋ), ପଶ୍ଚିମ- ଗ୍ରାମ ରାସ୍ତା । **ସମ୍ପତ୍ତି ନଂ.୨: (କ)ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୪୯୫, ୪୯୬/୧୨୮୪, ଖାତା ନଂ.୨୫୮/୬୨୨, ଏରିଆ: ଏ୦.୦୪୫ ଡିସିମିଲି, ମୌଜା: ମାଧପୁର, ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର- ନିଜ ପ୍ଲଟ ନଂ.୪୯୬, ଦକ୍ଷିଣ- ରାସ୍ତା ଏବଂ ପ୍ଲଟ ନଂ.୪୯୪, ପୂର୍ବ- ପ୍ଲଟ ନଂ.୪୯୯, ପଶ୍ଚିମ- ପ୍ଲଟ ନଂ.୪୯୨, **(ଖ)ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୪୯୬, ଖାତା ନଂ.୨୫୮/୬୨୦, ଏରିଆ: ୦.୦୪୫ ଡିସିମିଲି, ମୌଜା: ମାଧପୁର, ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର-ଉତ୍ତର- ପ୍ଲଟ ନଂ.୪୯୭, ଦକ୍ଷିଣ- ପ୍ଲଟ ନଂ.୪୯୫, ୪୯୬/୧୨୮୪ (ମହମ୍ମଦ ଜାମିଲ୍), ପୂର୍ବ- ପ୍ଲଟ ନଂ.୪୯୯, ପଶ୍ଚିମ- ପ୍ଲଟ ନଂ.୪୯୨ । **ସମ୍ପତ୍ତି ନଂ.୩: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୫୯୫, ଖାତା ନଂ.୨୩୧/୨୦୩, ମୌଜା: ଓହଳ, ଜଗତସିଂହପୁର, ଏରିଆ: ଏ୦.୦୪୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଗୁରୁ ଚରଣ ବେହେରା, ଦକ୍ଷିଣ- ରାସ୍ତା, ପୂର୍ବ- ନିଲୋଫେରେ ୟାକେଦିନ୍, ପଶ୍ଚିମ- ପ୍ଲଟ ନଂ.୧୨୦୯ । **ସମ୍ପତ୍ତି ନଂ.୪: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୬୪୪/୪୪୯୨, ଖାତା ନଂ.୪୯୪/୧୪୩୫, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ନିଜ ପ୍ଲଟ (ପ୍ଲଟ ନଂ.୬୪୩), ଦକ୍ଷିଣ- କନ୍ଦର୍ପ ସାହୁ, ପୂର୍ବ- ସିଉଳା ପାତ୍ର, ପଶ୍ଚିମ- ଦେବ ସିଂ । **ସମ୍ପତ୍ତି ନଂ.୫: ଶ୍ରୀ ସେଖ୍ ଆମିନସ୍ ସାଜିଦିନ୍** ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୫୯୬/୧୫୯୬, ଖାତା ନଂ.୨୩୧/୨୧୯, ମୌଜା: ଓହଳ, ଜଗତସିଂହପୁର, ଏରିଆ: ଏ୦.୦୮ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଗୁରୁ ଚରଣ ବେହେରା, ଦକ୍ଷିଣ- ରାସ୍ତା, ପଶ୍ଚିମ- ସେଖ୍ ଆଇନୁଜ୍ ୟାଜେଦିନ୍, ପୂର୍ବ- ନିଲୋଫେରେ ୟାଜେଦିନ୍ ।

ଆପଣମାନେ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

**ସ୍ଥାନ- ଭୁବନେଶ୍ୱର, ତାରିଖ- ୦୨.୦୫.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ**

# ଗ୍ରାମାଞ୍ଚଳର ବିକାଶର ସ୍ୱାସ୍ଥ୍ୟ, ଶିକ୍ଷାକୁ ଗୁରୁତ୍ୱ

## ଭାପୁର ବ୍ଲକର ନବମ ସାଧାରଣ ଅଧିବେଶନ

ନୟାଗଡ଼,୨।୫ ( ଲୋକନାଥ ମିଶ୍ର ) ନୟାଗଡ଼ ଜିଲା ଭାପୁର ବ୍ଲକ ସଦ୍ଭାବନା କକ୍ଷରେ ଭାପୁର ବ୍ଲକର ନବମ ସାଧାରଣ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶାରଦା ପ୍ରସନ୍ନ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୯ ନଂ ଜୋନର ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ୧୮ ନଂ ଜୋନର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ବିଭାଗୀୟ ଅଧିକାରୀ, ଭାପୁର ପଞ୍ଚାୟତ ସମିତିର ସମସ୍ତ ଜନପ୍ରତିନିଧି ଏହି ବୈଠକରେ ଉପସ୍ଥିତ ରହିଥିଲେ।




ବୈଠକରେ ଉପସ୍ଥିତ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ଅନ୍ୟମାନେ ।

ଗ୍ରାମାଞ୍ଚଳର ବିକାଶ ଓ ଉନ୍ନତିକରଣ ସହ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, କୃଷି ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଧାନ ଭାପୁର ବ୍ଲକକୁ ଆସିଥିବା ଅନୁଦାନ ଓ ଜଣେ ଠିକାଦାର କିଭଳି ସମସ୍ତ କାର୍ଯ୍ୟ ପାଉଛନ୍ତି ସେ ନେଇ ପ୍ରଶ୍ନ କରିଥିଲେ। ଗାଁ ଗହଳିରେ ଆୟୁଷ୍ମାନ କାର୍ଡ ପାଇଁ କେତେଜଣ ଦଲାଲ ଟଙ୍କା ଆଦାୟ କରୁଥିବା ଅଭିଯୋଗ ଉଠିଥିଲା। ଏ ନେଇ ବିଡିଓ ପଣ୍ଡା ପଦକ୍ଷେପ ନିଆଯିବ, ଆୟୁଷ୍ମାନ କାର୍ଡ ପାଇଁ କାହାରିକୁ ଟଙ୍କାଟିଏ ମଧ ଦିଅନ୍ତୁ ନାହିଁ ବୋଲି ସେ ପରାମର୍ଶ ଦେଇଥିଲେ।

# ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ ରଜନୀକାନ୍ତ

ନୟାଗଡ଼,୨।୫(ଲୋକନାଥ ମିଶ୍ର) ନୟାଗଡ଼ ବ୍ଲକ ଇଟାମାଟି ନାରାୟଣୀପାଟଣାସ୍ଥିତ ବାୟଭବନ ପରିସରରେ ଗୁରୁବାର ସନ୍ଧ୍ୟାରେ ଶିକ୍ଷାବିତ ରଜନୀକାନ୍ତ ମିଶ୍ରଙ୍କ ଦଶାହ ପାଳନ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରଜନୀକାନ୍ତ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସୁପରିଚିତ ତଥା ଆଇନଜୀବୀ ଚନ୍ଦ୍ରକିରଣ ମିଶ୍ର ସଂଯୋଜନା କରିଥିଲେ। ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁଙ୍କ ବେଦ ପାଠ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାର ଶୁଭାରମ୍ଭ ହୋଇଥିଲା। ପ୍ରାରମ୍ଭରେ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଆତ୍ମୀୟ ସ୍ୱଜନମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ରଜନୀକାନ୍ତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ରଜନୀକାନ୍ତଙ୍କ ସହକର୍ମୀ ତଥା ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବିନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱରଚିତ ସ୍ମୃତିରେ ସ୍ମୃତିରେ ରଜନୀକାନ୍ତ ଶୀର୍ଷକ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ।






ସ୍ମୃତିସଭାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

ଏ ଅବସରରେ ପ୍ରାଧ୍ୟାପକ ସୁନୀଲ କୁମାର ରଥ, କର୍ମଯୋଗ ଛୋଟରାୟ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାଶ, ସତ୍ୟନାରାୟଣ ରଥ, ଇଟାମାଟି ବୈଷୟିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପ୍ରଦୀପ୍ତ କୁମାର ପଟ୍ଟନାୟକ, ଅଧ୍ୟାପକ ଗାନ୍ଧୀ କୁମାର ସାହୁ, ଅଶୋକ କୁମାର ପାତ୍ର, ଶିକ୍ଷକ ଜଗନ୍ନାଥ ଦାଶ, ହେମନ୍ତ କୁମାର ରଥ, ରଞ୍ଜନ କୁମାର ଦାଶ ଓ ଆଇନଜୀବୀ ବଳଭଦ୍ର ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ମିଶ୍ରଙ୍କୁ ଜଣେ ଆଦର୍ଶ ଶିକ୍ଷକ, ବନ୍ଧୁପ୍ରାଣ, ଉଦାର ଓ ପରୋପକାରୀ ବ୍ୟକ୍ତିତ୍ୱ ରୂପେ ବର୍ଣ୍ଣନା କରିଥିଲେ। ଶେଷରେ ଜ୍ୟେଷ୍ଠପୁତ୍ର ଲଲାଟେନ୍ଦୁ ମିଶ୍ର ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ୍ ତଥା ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ପରମାନନ୍ଦ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ରଜନୀକାନ୍ତ ମିଶ୍ର(୭୯)ଙ୍କ ୬୭ବର୍ଷ ବୁଧବାର ପରଲୋକ ହୋଇଥିଲା। ରଜନୀକାନ୍ତଙ୍କ ଘର ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କରଡା ରଘୁନାଥପୁର ବ୍ରାହ୍ମଣ ଶାସନ ହୋଇଥିବା ବେଳେ ନୟାଗଡ଼ ବ୍ଲକ ଇଟାମାଟି ଭାଗବତ ମାର୍ଗସ୍ଥିତ ନାରାୟଣୀପାଟଣାରେ କର୍ମଭୂମି ଭାବେ ଆଦରି ନେଇଥିଲେ।

# କଷ୍ଟି ଡାକୁଆ ଭବନରେ ଶ୍ରମିକ ଦିବସ

ନୟାଗଡ଼,୨।୫(ଲୋକନାଥ ମିଶ୍ର) ନୟାଗଡ଼ରେ କଷ୍ଟିଡାକୁଆ ଭବନଠାରେ ଶ୍ରମିକ ନେତା ପବିତ୍ର ଇନ୍ଦ୍ରଜିତଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ଅନୁଷ୍ଠିତ ହୋଇ ଯାଇଛି। ଏ ଅବସରରେ ବଣ୍ଡିକାସିଦା ସଂଘର ନେତା କର୍ମୀଙ୍କ ଦ୍ୱାରା ଲାଲ ପତାକା ଉତ୍ତୋଳନ କରାଯାଇଥିଲା। ସିଆଇଟିୟୁର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ର ମଇ ଦିବସର ଇତିହାସ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ଅଧୁନା ଶ୍ରମିକ କୃଷକମାନଙ୍କ ସ୍ୱାର୍ଥ ବିରୋଧରେ ଚାଲିଥିବା ବିଶ୍ୱ ବ୍ୟାପି ପୁଞ୍ଜିବାଦୀ ଚକ୍ରାନ୍ତ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହାସହ ଆସନ୍ତା ୨୦ ସାଧାରଣ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।



ଶ୍ରମିକ ଦିବସରେ ଉପସ୍ଥିତ ଅତିଥିମାନେ ।

## ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପୋଲସରା,୨।୫(ସୁବ୍ରତ ବେହେରା): ସୁରଟରେ ଗତ ୨୯ ତାରିଖରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ଖଣ୍ଡୁରୁ ଗ୍ରାମ କୁମାର ସାହିର କାହ୍ନୁ ବେହେରା (୪୨)। ସ୍ତ୍ରୀ, ଦୁଇଟି ଝିଅ ଏବଂ ଗୋଟିଏ ପୁଅକୁ ନେଇ କାହ୍ନୁଙ୍କ ପରିବାର। ପରିବାର ଚଳାଇବା ପାଇଁ ସେ ସୁରଟ ଯାଇ ସେଠାରେ କାମ କରୁଥିଲେ। କିଛିଦିନ ତଳେ ଗାଁକୁ ଆସି ପରିବାର ସହିତ ହସଖୁସିରେ ସମୟ କାଟି କାଟିଥିଲେ। ଗତ ୨୭ ତାରିଖରେ ପୁଣି କାମ କରିବାକୁ ସୁରଟ ଯାଇଥିଲେ। ୨୯ ତାରିଖରେ ସେଠାରେ ପହଞ୍ଚି କମ୍ପାନୀକୁ କାମ କରିବାକୁ ଯିବା ବେଳେ ହଠାତ ତାଙ୍କର ମୃତ୍ୟୁ ହୋଇଥିବା ଖବରପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ମୃତଦେହ ଗାଁକୁ ଆଣିବାକୁ ଆର୍ଥିକ ସମ୍ବଳ ନ ଥିବାରୁ ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପରିବାରକୁ ଏବେ କିଏ ସହାୟ ହେବ ସେ ନେଇ ସ୍ତ୍ରୀ ଚିନ୍ତାରେ ପଡ଼ିଛନ୍ତି।

# ନୀଳମାଧବ ମାଟ୍ରିକ ପରୀକ୍ଷାରେ ନୂଆଗାଁ ବ୍ଲକ ଟପ୍ପର

ନୂଆଗାଁ, ୨।୫ (ଧନେଶ୍ୱର ସାହୁ) ନୂଆଗାଁ ବ୍ଲକ ନୋଡାଲ ଜନଶକ୍ତି ନୋଡାଲ ହାଇସ୍କୁଲ ଛାତ୍ର ନିଳମାଧବ ନାଥ ମାଟ୍ରିକ ପରୀକ୍ଷାରେ ୫୪୯ ନମ୍ବର ରଖି ବ୍ଲକ ଟପର ହୋଇଛନ୍ତି। ବ୍ଲକ ଚାହାଳି ଜନଶକ୍ତି ନୋଡାଲ ହାଇସ୍କୁଲରେ ବିଭିନ୍ନ ସମୟରେ ଶିକ୍ଷକ ସମସ୍ୟା ଯୋଗୁ ପାଠ ପଢ଼ା ସହ ସ୍କୁଲ ଆନୁଷଙ୍ଗିକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲେ ମଧ ପ୍ରତି କ୍ଷେତ୍ରରେ ବ୍ଲକର ଅଗ୍ରଣୀ ସ୍କୁଲ ହୋଇପାରିଛି। ଉକ୍ତ ସ୍କୁଲର ଛାତ୍ର ତଥା ଚାହାଳି ଗ୍ରାମର ଲକ୍ଷ୍ମୀଧର ନାଥଙ୍କ ପୁଅ ନୀଳମାଧବ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବ୍ଲକରେ ଟପର ହୋଇଛନ୍ତି। ନୀଳମାଧବଙ୍କ ସଫଳତା ପାଇଁ ତାଙ୍କ ମା' ରଜନୀ ନାଥ ଓ ସ୍କୁଲ ଶିକ୍ଷକମାନଙ୍କୁ ଶ୍ରେୟ ଦେଇଛନ୍ତି। ସେ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବେ ବୋଲି ଆଶା ରଖିଛନ୍ତି ନୀଳମାଧବ କହିଛନ୍ତି, କେବଳ ଯେ କଠୋର ପରିଶ୍ରମ କଲେ ସଫଳତା ପାଇ ପାରିବା ତାହା ଗୁରୁଙ୍କ ପାଠ। ଆମେ ପାଠର କନସେପ୍ଟକୁ ବୁଝିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ସେ ପ୍ରତିଦିନ ଟିୟୁସନକୁ ଯିବା ବ୍ୟତୀତ ଘରେ ୭ ଘଣ୍ଟା ମନ ଦେଇ ପାଠ ପଢୁଥିବା କହିଛନ୍ତି। ସେହିପରି ହଜାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଲିପ୍ସା ସାହୁ ୫୪୨ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ ବ୍ଲକରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ମଦ ଜବତ, ଜଣେ ଗିରଫ

ଖଣ୍ଡପଡ଼ା,୧।୫(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ବ୍ଲକ ଅଧୀନ ଯୋଗିଆପଲ୍ଲୀ ଗ୍ରାମରେ ଗୁରୁବାର ପୂର୍ବାହ୍ନରେ ଅଚାନକ ଚଢ଼ାଉ କରାଯାଇ ୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଯୋଗିଆପଲ୍ଲୀ ଗ୍ରାମର ସୁଶାନ୍ତ ସାହୁ(୩୩)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକାରୀ ଦୀପକ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ଚଢ଼ାଉ ଅଭିଯାନରେ ସାମିଲ ହୋଇଥିଲେ।

# କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ନୂଆଗାଁ,୨।୫ (ଧନେଶ୍ୱର ସାହୁ) ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡାସ୍ଥିତ ଭରତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟର ସ୍ତରୀୟ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରି ବିଭିନ୍ନ ସମୟରେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ କୋରଡା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ କବିତାମଞ୍ଜରୀ ବାହିନୀପତି ଓ କୋରଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନିତ୍ୟାନନ୍ଦ ସାହୁ ଚାକିରିରୁ ଅବସର ନେଇଥିବାବେଳେ ତାଙ୍କୁ କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ଭକ୍ତି ବିନୋଦ ସଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରଡା ସରପଞ୍ଚ ନିରୁପମା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ସେଠୀ, ସମିତି ସଭ୍ୟ ପ୍ରଫୁଲ୍ଲ ବେହେରା, ନୂଆଗାଁ ବ୍ଲକ ପ୍ରାଇମେରୀ ଶିକ୍ଷକ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ମହାପାତ୍ର, କୋରଡା ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଖଣ୍ଡୁଆଲ, ଭରତ ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ତ୍ରିନାଥ ଜାନୀ ପ୍ରମୁଖ ଯୋଗଦେଇଥିଲେ। ସିଆରସିସି ଶ୍ରୀନିବାସ ରଥ ମଞ୍ଚ ପରିଚାଳନା କରିଥିଲେ।

## ଅଷ୍ଟ ପ୍ରହର ନାମଯଜ୍ଞ

ଚକାପାଦ,୨।୫(ପ୍ରତାପ କିଶୋର ବେହେରା) ଚକାପାଦ ବ୍ଲକ ବପଲମେଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡେଗିଆଡ଼ି ଗ୍ରାମରେ ୩ ଧରି ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ଅକ୍ଷୟ ତୃତୀୟାରେ ନାମଯଜ୍ଞ ହୋଇଥିଲା। କନ୍ଧମାଳ ଜିଲା ବିଜେଡ଼ି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ନାମ ମଣ୍ଡପକୁ ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ କଳସ ଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିନ ନାମଯଜ୍ଞ ଓ ତୃତୀୟ ଦିନ ଘୃତ ଯଜ୍ଞ। ଛାନ ଯଜ୍ଞ ସହ ପୂର୍ଣ୍ଣାହୁତି ସାଙ୍ଗକୁ ଠାକୁର ବିସର୍ଜନ ହୋଇଥିଲା। ଶେଷ ଦିନରେ ଜଗନାଥ ପ୍ରସାଦର ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ନାଟକ ଉଦଘାଟନୀ ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବୈଦେହୀ କହଁର, ମୁଖ୍ୟ ବକ୍ତା ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ବଡ଼ାବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସାହାଣୀ, କିଶୋର କହଁର, ସରୋଜ କୁମାର ସାହୁ, ସରପଞ୍ଚ ରଞ୍ଜନ କୁମାର ମଲ୍ଲିକ, ସମିତି ସଭ୍ୟା ସୌଦାମିନୀ ବେହେରା, ନାଏବ ସରପଞ୍ଚ ସୁଲତନା ଦିଗାଲ, ରାଜେନ୍ଦ୍ର ନାରାୟଣ ବେହେରା ଅତିଥି ଭାବେ ଉପସ୍ଥିତ ଥିଲେ।

# ଖଣ୍ଡପଡ଼ାରେ ଚନ୍ଦନ ଯାତ୍ରା ମହୋତ୍ସବ ପାଇଁ ଶୁଭ ଖୁଣ୍ଟି ସ୍ଥାପନ



ଚନ୍ଦନଯାତ୍ରା ଲାଗି ଶୁଭଖୁଣ୍ଟି ପୋତାଯାଉଛି ।

ଖଣ୍ଡପଡ଼ା,୨।୫(ଅଜୟ କୁମାର ମହାରଣା) ଖଣ୍ଡପଡା ସହରର ଚନ୍ଦନ ବଜାରରେ ୩୯ ତମ ଚନ୍ଦନ ଯାତ୍ରା ମହୋତ୍ସବ ପରିପ୍ରେକ୍ଷୀରେ ପବିତ୍ର ଅକ୍ଷୟ ତୃତୀୟାରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଏହି ଅବସରରେ ପୂଜାର୍ଚ୍ଚନା କରାଯାଇଥିଲା। ଆସନ୍ତା ମେ ୧୯ ଓ ୨୦ ତାରିଖରେ ୨ ଦିନ ଧରି ମଦନ ମୋହନ ନାଟ୍ୟ ସଂସଦ ଆନୁକୂଲ୍ୟରେ ଚନ୍ଦନ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଚନ୍ଦନ ଯାତ୍ରା କମିଟିର ସଭାପତି ସରୋଜ କୁମାର ଚୌଧୁରୀଙ୍କଠାରୁ ପ୍ରକାଶ। ଚନ୍ଦନ ଯାତ୍ରା ମହୋତ୍ସବ ଅବସରରେ ସ୍ଥାନୀୟ ଅଞ୍ଚଳର କଳାକାରଙ୍କୁ ନେଇ ପୌରାଣିକ ଓ ସାମାଜିକ ନାଟକ ମଞ୍ଚସ୍ଥ ହେବ।

## ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ

ଟିକିଟି,୨।୫(ପ୍ରକାଶ ଚନ୍ଦ୍ର ସାହୁ) ଟିକିଟି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଗୁରୁବାର କର୍ଣ୍ଣଙ୍କ ଭୂଷଣ ମାଝୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ବ୍ରହ୍ମପୁର ସିଟି କଲେଜର ପ୍ରଧାନ ଶିକ୍ଷକ ଏବଂ ଗଞ୍ଜାମ ଜିଲା ବିଜ୍ଞାନ ସୁପରଭାଇଜର ଭାବେ ନିଜର ଦାୟିତ୍ୱ ସମ୍ପାଦନା କରିବା ସହ ପାରଦର୍ଶିତା ଦେଖାଇ ପାରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଟିକିଟି ବ୍ଲକରେ ଶିକ୍ଷାର ଉନ୍ନତି ପାଇଁ ନିଜେ ଚେଷ୍ଟା କରିବି ବୋଲି କହିଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨।୫(ରାକେଶ କୁମାର ରାଉତ) ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟ ଅଧିକ ୭ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବଉଳଖୋଲ ଗ୍ରାମର ସମୀର ପାତ୍ର। ଜି.ଉଦୟଗିରି ଥାନା ଅଞ୍ଚଳର ୧୪ ବର୍ଷୀୟା ନାବାଳିକାଙ୍କ ବାପା ଜଣେ ବ୍ୟବସାୟୀ। ଅଭିଯୁକ୍ତ ସମୀର ତାଙ୍କ ପାଖରେ କାମ କରୁଥିଲେ। ୨୦୧୮ରେ ନାବାଳିକାଙ୍କ ବାପା ଝିଲିକା ହୋଇ ଯାଇଥିଲେ। ଏହାପରେ ସମୀର ତାଙ୍କ ବ୍ୟବସାୟ ବୁଝୁଥିଲେ। ସେହିବର୍ଷ ମେ ୧୩ ତାରିଖରେ ମା' ଭଞ୍ଜନଗର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ନାବାଳିକା ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ସମୀର ତାଙ୍କୁ ବାପାଙ୍କୁ ଖୋଜି ଯିବା ବୋଲି କହି ଡାକି ନେଇଥିଲେ। ଯିବା ବେଳେ ଘରେ ଥିବା ୧୮ ହଜାର ଟଙ୍କା ଓ ଅଳଙ୍କାର ନେଇ ଯାଇଥିଲେ। ନାବାଳିକାଙ୍କୁ ନେଇ ସମୀର ଫେରାର ହୋଇଯାଇଥିଲେ। ନାବାଳିକାଙ୍କ ମା'ଘରକୁ ଫେରି ଝିଅକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ୩ଦିନ ପରେ ୧୬ ତାରିଖରେ ସେ ଜି.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୪୯/୧୮ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଘଟଣାର ପ୍ରାୟ ୨ ମାସ ପରେ ପଡ଼ିଶାକୁ ପୋଲିସ ଉଦ୍ଧାର କରି ସମୀରଙ୍କୁ ଗିରଫ କରିଥିଲା। ମାମଲାର ବିଚାର କରି ପୋକ୍‌ସୋ କୋର୍ଟ ବିଚାରପତି ରାଜେଶ ଦାଶ ୧୧ ଜଣ ସାକ୍ଷୀ ଓ ପଡ଼ିତାଙ୍କ ବୟାନ ସହିତ ଡାକ୍ତରୀ ରିପୋର୍ଟ ଆଧାରରେ ଦଣ୍ଡାଦେଶ ଶୁଣାଇଛନ୍ତି। ପଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT81 ତା.26.04.2025ରିଖ
କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ସମ୍ବଲପୁର ଡିଭିଜନରେ ... M/S KYOSAN ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଂ (EI)ର ପରିଚାଳନା।"
ଆନୁମାନିକ ମୂଲ୍ୟ : ₹ 20,26,88,159/-, EMD : ₹ 11,63,500/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।
ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ : ତା.19.05.2025ରିଖ 1500 ଘଣ୍ଟାରେ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ : www.ireps.gov.in ରେ ...
ଜାରି ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର
PR-16/CI/25-26

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹ 350 per sq.cm
Colour : ₹ 400 per sq.cm
PAY FOR 1, GET 1 FREE
For Bookings
Data : 0674-2580xxx
Email : advt@dharitri.com

**REQUIRED**
ONE DRIVER and ONE COOK (Female)
Lodging and Fooding arrangements is ours only for Bhubaneswar.
9338675380, 7894505580

**WANTED**
Applications are invited for temporary appointment for Jr. Steno, Data Entry Operator, Accounts Assistant, Accounts Officer and Assistant Secretary in the office of Odisha State Bar Council, Cuttack. For details visit the official website of Odisha State Bar Council : www.odishabarcouncil.org

**WANTED**
LADIES OFFICE EXECUTIVE
RAHIBA GHARA FREE
Attached Bathroom
KHAIBA FREE
Salary 10000 + Bonus 50000 to 100000 annual + other benefits
PHULANAKHARA, CUTTACK
7809525452

See Career Appointment on every Wednesday & Saturday

**भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान**
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 06/2025-26 Date of Insertion- 02.05.2025
वॉक-इन-इंटरव्यू
भा.कृ.अनु.प- केन्द्रीय मीठाजल जीव पालन अनुसंधान संस्थान, सीफा कौशल्यागंग, भुवनेश्वर, ओड़िशा में 01 (एक) यंग प्रोफेशनल-II पद की भर्ती के लिए दिनांक 19.05.2025 को पू.10.00 बजे वॉक-इन-इंटरव्यू आयोजित किया जायेगा। अधिक जानकारी हेतु कृपया भा.कृ.अनु.प-सीफा वेबसाइट http://www.cifa.nic.in पर जाएं।
WALK-IN INTERVIEW
A Walk-in-Interview will be held on 19.05.2025 at ICAR-CIFA, Bhubaneswar at 10.00 A.M. for 01 (one) no. of Young Professional-II, (YP-II) (purely on contractual basis) work under the ICAR Research Project "Genome Editing in Aquaculture" at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to ICAR-CIFA website: http://www.cifa.nic.in.
मुख्य जाँचकर्ता/Principal Investigator

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
T.No. TPWODL/AK/O/SER/ 2500000940 Date. 03.05.2025
TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :
**RC For Meter Reading, Spot Billing, Colored Bill printing for Non SBM consumers and Bill Distribution at TPWODL.**
Interested bidders are to submit Tender Participation Fee and Authorization Letter through email on or before 09th May 2025, 22:00Hrs., after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- Head- Contracts & Procurement

**ଇଣ୍ଡିଆନ ବ୍ୟାଙ୍କ Indian Bank ALLAHABAD**
**ଆଞ୍ଚଳିକ କାର୍ଯ୍ୟାଳୟ,** ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭
**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ...

| ଋଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା ଏବଂ ଋଣ ଆକାଉଣ୍ଟ ନଂ. | ଋଣ ପରିମାଣ | ୨୪.୦୪.୨୦୨୫ ସୁଦ୍ଧା ବକେୟା ଦେୟ | ନୋଟିସ୍ ତାରିଖ/ ଏନ୍‌ପିଏ ତାରିଖ |
|---|---|---|---|
| ଜଗତସିଂହପୁର ଶାଖା | | | |
| (୧) ମେସର୍ସ ଓଭେରିକ୍ ମାର୍ଟ (ଋଣଗ୍ରହୀତା-ପାର୍ଟନରସିପ୍ ଫାର୍ମ), ... (୨)ଶ୍ରୀ ମହମ୍ମଦ କାମିଲ୍ (ମ୍ୟାନେଜିଂ ପାର୍ଟନର/ବନ୍ଧକଦାତା), ... (୩)ଶ୍ରୀ ସେଖ୍ ଆମିନୁଲ୍ ସାହିଦିନ୍, (ପାର୍ଟନର/ବନ୍ଧକଦାତା), ... (୪)ଶ୍ରୀ ସେଖ୍ ମହଜର ଅଲ୍ଲୀ (ପାର୍ଟନର), ... | ଓସିସି- ଟ.୨,୨୫,୦୦,୦୦୦/- ଜିଇସିଏଲ୍‌ଏସ୍- ଟ.୨୬,୭୦,୦୦୦/- | ଓସିସି- ଟ.୨,୩୬,୧୪,୩୩୩/- ଜିଇସିଏଲ୍‌ଏସ୍- ଟ.୧୨,୨୪,୭୬୬/- ସମୁଦାୟ: ଟ.୨,୪୮,୩୯,୧୦୦/- | ୨୪.୦୪.୨୦୨୫ / ୦୪.୦୪.୨୦୨୫ |

ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ
ସମ୍ପତ୍ତି ନଂ.୧: ଶ୍ରୀ ମହମ୍ମଦ କାମିଲ୍‌ଙ୍କ ନାମରେ ଥିବା ସମ୍ପତ୍ତି ... ସମ୍ପତ୍ତି ନଂ.୨: ... ସମ୍ପତ୍ତି ନଂ.୩: ... ସମ୍ପତ୍ତି ନଂ.୪: ... ସମ୍ପତ୍ତି ନଂ.୫: ...
ଆପଣମାନେ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନେ ... ୬୦ ଦିନ ମଧ୍ୟରେ ... ପରିଶୋଧ କରିବାକୁ ... 
ସ୍ଥାନ- ଭୁବନେଶ୍ୱର, ତାରିଖ- ୦୨.୦୫.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

# ସିଆଇଟିୟୁ ପକ୍ଷରୁ ଶ୍ରମିକ ଦିବସ

ଯାଜପୁରରୋଡ୍,୨।୫
(ପବିତ୍ର ରଞ୍ଜନ ମହାନ୍ତି)

ସିଆଇଟିୟୁ ଯାଜପୁର ଜିଲା କମିଟି ପକ୍ଷରୁ ବ୍ୟାସନଗର ନେତାଜୀ ନଗର କାର୍ଯ୍ୟାଳୟରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସିଆଇଟିୟୁ ଅନୁବନ୍ଧିତ ନିର୍ମାଣ ଶ୍ରମିକ ସଂଘ, ପାଚିକା ସଂଘ, ଓଶ୍ରୁ, ବ୍ୟାସନଗର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘ, ରେଲୱେ ହକର୍ସ ଆଦି ସଙ୍ଗଠନର ଏକ ମିଳିତ ଶୋଭାଯାତ୍ରା ଜିଲା କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରି ନେତାଜୀ ନଗର ଡୋଲିପୁରଠାରେ ପହଞ୍ଚିଥିଲା। ପରେ ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନିର୍ମାଣ ଶ୍ରମିକ ସଂଘର ଲାଲମଣି ମୁଣ୍ଡା, ସନ୍ତୋଷ ବରାଳ ତ୍ରିଲୋଚନ ରାଉତ, ବିଜୟା ଲକ୍ଷ୍ମୀ ମହାନ୍ତି, ମନ୍ମଥ ରାୟ ଓ ବ୍ୟାସନଗର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘ ପକ୍ଷରୁ ପାନି କିସ୍କୁ, ମାଳତି ହାଁସଦା, ଗଙ୍ଗାଧର ନାୟକ, ସମୀର ମୁଖୀ, ରଶ୍ମି ରେଖା ନାୟକ ଏବଂ ଓଶ୍ରୁର ମୃତ୍ୟୁଞ୍ଜୟ ଦୋରା ପ୍ରମୁଖ ବକ୍ତବ୍ୟ ରଖୀଥିଲେ। ଇନ୍ତାଜ ଖାଁ, ପ୍ରମିଳା ନାୟକ,ଗୁରୁବାରୀ ଲାଗୁରି, ଭାଗବତ ମୁଖୀ, ମାନି ପାଳିଆ, ସଦାନନ୍ଦ ମୁଖି, ବାଦଲ ହାଁସଦା, ଡଲି ନାୟକ, ଗାଗର ମାରାଣ୍ଡି ଓ ଗୋପବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସଭା ପୂର୍ବରୁ ପ୍ରଫୁଲ୍ଲ ନାୟକ ଶ୍ରମିକ ଶ୍ରେଣୀର ଲାଲ ପତାକା ଉତ୍ତୋଳନ କରି ଶହୀଦ ବେଦୀରେ ମାଲ୍ୟାର୍ପଣ କରିଥିଲେ।

# ଏସ୍‌ଆର୍‌ସିକେଏମ୍‌ଏସ୍‌ର ଶ୍ରମିକ ଦିବସ

କାଳିଆପାଣି,୨।୫(ଅସିତ ମହାନ୍ତ)

ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘ(ଏସ୍‌ଆର୍‌ସିକେଏମ୍‌ଏସ୍) ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଂଘ ସମ୍ପାଦକ ଭାରତ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ କଲରଙ୍ଗି ଛକଠାରୁ ଏକ୍ ବାଇକ୍ ରାଲିରେ ସଂଘ ଉପଦେଷ୍ଟା ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କୁ କାଳିଆପାଣି ସ୍ଥିତ ସଂଘ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ଆୟୋଜିତ ସଭାରେ ଉପସଭାପତି ପ୍ରଭାତ ପ୍ରଧାନ ପୌରୋହିତ୍ୟ କରିଥିଲେ। ଉପଦେଷ୍ଟା ଘଡ଼ାଇ ଶ୍ରମିକଙ୍କ ସୁଖ ଦୁଃଖରେ ସଂଘ ସବୁବେଳେ କାର୍ଯ୍ୟ କରୁଥିଲା, କରିବ ବୋଲି ଉପସ୍ଥିତ ଶ୍ରମିକଙ୍କୁ ଆଶ୍ୱାସନା ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘ ପୂର୍ବତନ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଜିଲାପରିଷଦ ସଭ୍ୟା ଜେମା ଚାଖି ଓ ବିବେକା ବୋଷଙ୍କ ସହ ସଂଘ ସଦସ୍ୟମାନେ ସାମିଲ ହୋଇଥିଲେ।

# ମଙ୍ଗଳପୁରଠାରେ ବିଶ୍ୱ ଶ୍ରମିକ ଦିବସ ପାଳିତ


ଦଶରଥପୁର,୨।୫
(ସୁଶାନ୍ତ କୁମାର ବେହୁରିଆ)

ମଙ୍ଗଳପୁରସ୍ଥିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟ ପରିସରରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଦୁର୍ଯ୍ୟୋଧନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ନାରାୟଣ ରେଙ୍ଗୀ, ସମ୍ମାନିତ ଅତିଥିଭାବେ ରାଜ୍ୟ ପରିଷଦ ସଦସ୍ୟ ମଳୟ ପଣ୍ଡା, ଜିଲା ସହସମ୍ପାଦକ ଅଭୟ ପଣ୍ଡା, ଜିଲା ପରିଷଦ ସଦସ୍ୟ ବିଜୟ ନାୟକ, କନିକପଡ଼ା ପଞ୍ଚାୟତର ସମିତିସଭ୍ୟା ସୁନିତା ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାରେ ବହୁ ସଂଖ୍ୟାରେ ଯୁବ, ଛାତ୍ର, ମହିଳା, ଶ୍ରମିକ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦଳୀୟ କର୍ମୀମାନେ ମଶାଲ ଶୋଭାଯାତ୍ରାରେ ମଙ୍ଗଳପୁର ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ।

# ୨୮୪ ନିର୍ମାଣ ଶ୍ରମିକଙ୍କୁ ୧.୪୬ କୋଟି ସହାୟତା

## ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

ଯାଜପୁରରୋଡ୍,୨।୫
(ପବିତ୍ର ରଞ୍ଜନ ମହାନ୍ତି)


ଜଣେ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଉଛି।

ବ୍ୟାସନଗରସହରର ସନ୍ତରାସ୍ଥିତ ସଂସ୍କୃତି ଭବନ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨୮୪ ନିର୍ମାଣ ଶ୍ରମିକଙ୍କୁ ମୋଟ୍ ୧ କୋଟି ୪୬ ଲକ୍ଷ ୧୮ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ଯୁଗ୍ମ ଜିଲା ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ ନନ୍ଦ, ଯାଜପୁର ଜିଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ ଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ଶ୍ରମିକଙ୍କ ଦେଶ ପାଇଁ ଅବଦାନ ଏବଂ ରାଜ୍ୟ ସରକାର ଶ୍ରମିକଙ୍କ ପାଇଁ ଗ୍ରହଣ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ଜିଲାରେ କାର୍ଯ୍ୟ କରୁଥିବା ୨ ବୋର୍ଡ ଯଥା ; ଓଡ଼ିଶା କୋଠାବାଡ଼ି ଓ ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ଶ୍ରମିକଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ସହାୟତା ବାବଦରେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ୧୫୦ ଜଣଙ୍କୁ ନୂତନ କାର୍ଡ, ୯୦ ଜଣଙ୍କୁ ବିବାହକାଳୀନ ସହାୟତା ବାବଦରେ ୪୪ ଲକ୍ଷ ୨୫ ହଜାର ଟଙ୍କା, ୩୩ ମୃତକଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୮୮ ଲକ୍ଷ ଟଙ୍କା, ୩୩ ମୃତକଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୧ ଲକ୍ଷ ୬୫ ହଜାର, ଜଣେ ହିତାଧିକାରୀଙ୍କୁ ପ୍ରସୂତିକାଳୀନ ସହାୟତା ବାବଦରେ ୧୦ ହଜାର ଟଙ୍କା ଏବଂ ୧୨୭ ଜଣ ହିତାଧିକାରୀଙ୍କ ପିଲାଙ୍କ ପାଠ ପଢିବା ପାଇଁ ଶିକ୍ଷା ସହାୟତା ବାବଦରେ ୧୨ ଲକ୍ଷ ୧୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୫୦ ଆବେଦନକାରୀଙ୍କୁ ନୂତନ କାର୍ଡ ସହ ୧୦ ମୃତ ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୧୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ ଦେଓ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତରାୟ, ସୌମ୍ୟ ରଞ୍ଜନ ବେହେରା, ସ୍ମୃତିରଞ୍ଜନ ପଣ୍ଡା, ରଚନା ସେଠୀଙ୍କ ସହିତ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଅନ୍ୟତମ ସହକାରୀ ଶ୍ରମ ଅଧିକାରୀ ସୁନନ୍ଦା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଜଳିଗଲା ଘର, ମହିଳା ଜୀବନ୍ତ ଦଗ୍ଧ

ପାଣିକୋଇଲି,୨।୫(ବିକାଶ ମଲ୍ଲିକ)

ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ବରପଦା ଗ୍ରାମରେ ଗୁରୁବାର ରାତିରେ ବିଦ୍ୟୁତ୍ ସର୍ଟସର୍କିଟରୁ ଅନାମ ଖଟୁଆଙ୍କ ଚାଳ ଘରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଖଟୁଆ ଜୀବନ୍ତ ଦଗ୍ଧ ହୋଇଛନ୍ତି। ନାତି ଅଶୋକ ଅର୍ଦ୍ଧଦଗ୍ଧ ହୋଇଛନ୍ତି।

ଘରେ ଅନାମ ଓ ଲକ୍ଷ୍ମୀ ଶୋଇଥିଲେ। ନିଆଁ ଲାଗିବା ଜାଣି ଅନାମ ଚିତ୍କାର କରିଥିଲେ। ଏହାଶୁଣି ପାଖ ଘରେ ଶୋଇଥିବା ତାଙ୍କ ନାତି ଅଶୋକ ଆସି ଅନାମଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପୁଣି ଲକ୍ଷ୍ମୀଙ୍କୁ ଉଦ୍ଧାର କରିବାକୁ ଯିବାବେଳେ ଘରଟି ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଇଥିଲା। ଫଳରେ ସେ ଲକ୍ଷ୍ମୀଙ୍କୁ ନ ପାଇ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଘରୁ ବାହାରିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକସସାଳୟକୁ ନିଆଯାଇଥିଲା। ଖବର ପାଇ ବୈତରଣୀରୋଡ ଦମକଳ ବାହିନୀ ପହଞ୍ଚିବା ବେଳକୁ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଲକ୍ଷ୍ମୀ ଘର କାନ୍ଥ ଡେଇଁ ବାହାରିବାକୁ ଚେଷ୍ଟା କରୁଥିବା ବେଳେ ଚାଳ ପଡ଼ିଯିବାରୁ କାନ୍ଥ ଉପରେ ହିଁ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ଖବରପାଇ ପାଣିକୋଇଲି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।


ଶର୍ଟସର୍କିଟ୍‌ରେ ଜଳିଯାଇଥିବା ଘର।

# ବିଦ୍ୟୁତ୍ ତାର, ଟ୍ରାନ୍ସଫର୍ମର ଚୋରି ଉଦ୍ୟମବେଳେ ୭ ଗିରଫ


ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ଚଣ୍ଡିଖୋଲ,୨।୫ (ପ୍ରଦୀପ୍ତ କୁମାର ପୃଷ୍ଟି)

- ଚୋରି ସାମଗ୍ରୀ କିଣୁଥିବା ୨ ବେପାରୀ ଗିରଫ
- ମାରଣାସ୍ତ୍ର ସହ ୨ ଗାଡ଼ି ଜବତ

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଉଦୟଗିରିଠାରେ ନିର୍ମାଣାଧୀନ ୩୩କେଭି ବିଦ୍ୟୁତ୍ ଷ୍ଟ୍ରକଚରରୁ ଚୋରି ଉଦ୍ୟମବେଳେ ପୋଲିସ ୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଚୋରି ସାମଗ୍ରୀ କିଣୁଥିବା ୨ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ରୋଡ ଥାନା ଅନ୍ତର୍ଗତ ବେଙ୍ଗପାଟିଆ ଗ୍ରାମର ନନ୍ଦ ମାଇତି (୨୩), ପ୍ରକାଶ ମାଇତି (୧୭), ରଞ୍ଜନ ପ୍ରଧାନ (୨୫), କଳିଙ୍ଗନଗର ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ରାକେଶ ମୁଣ୍ଡା(୨୫), ରଶାଇ ମୁଣ୍ଡା (୨୮) ଚନ୍ଦନ ମୁଣ୍ଡା (୨୮), ଜିତେନ୍ଦ୍ର ବେହେରା(୧୮) ଓ ଚୋରି ସାମଗ୍ରୀ କଣୁଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଓ ଭୁବନ ଥାନା ଅଞ୍ଚଳର ପ୍ରଶାନ୍ତ ସାହୁ ଓ ନବକିଶୋର ସାହୁ। ସେମାନଙ୍କ ନିକଟରୁ ୨ଟି ୪ଚକିଆ ଗାଡ଼ି, ଖଣ୍ଡା, ଭୁଜାଲି, ବିଦ୍ୟୁତ୍ ତାର ଓ ଖୁଣ୍ଟ କାଟିବା ମେସିନ, ଶାବଳ, ଲୁହା ରଡ୍, ବିଭିନ୍ନ ପ୍ରକାରର ରେଞ୍ଚି, ୬ ଟି ମୋବାଇଲ, ମହମ ବତୀ ଆଦି ଜବତ କରାଯାଇଛି। ଏନେଇ ଥାନା ଅଧିକାରୀ ସମରଜିତ ନାୟକ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ଗତ ମାସ ୨୭ ତାରିଖ ରାତିରେ ଏକ ସ୍କର୍ପିଓ (ଓ ଡି–୦୧ସି ୯୩୯୫) ଓ ଏକ କାର(ଓଡି୦୨ବି୫୬୪୫)ରେ ୭ ଜଣ ଯୁବକ ଆସି ବିଦ୍ୟୁତ୍ ଷ୍ଟ୍ରକଚରରୁ ଟ୍ରାନ୍ସଫର୍ମର ଓ ତାର ଚୋରି ଉଦ୍ୟମ କରୁଥିଲେ। କୌଣସି ସୂତ୍ରରୁ ପୋଲିସ ଖବର ପାଇ ପୋଲିସ ଟିମ୍ ସେମାନଙ୍କୁ କାବୁ କରିଥିଲା। ଏସପି ୟଶପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏସ୍‌ଆଇ ହରିଶ ଚନ୍ଦ୍ର ସିଂହ, ହେମଲତା ଦାସ, ଏଏସଆଇ ସତ୍ୟ ରଞ୍ଜନ ସାହୁ, ମୁକୁନ୍ଦ ଚନ୍ଦ୍ର ମୋଦୀ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଏନେଇ ନଂ. ୧୧୬/୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ନାମରେ ଯାଜପୁର ଓ କଟକ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଉଦୟଗିରିଠାରେ ନିର୍ମାଣଧୀନ ବିଦ୍ୟୁତ ଷ୍ଟ୍ରକଚରରୁ ପୂର୍ବରୁ ୨ ଥର ବିଦ୍ୟୁତ୍ ଖୁଣ୍ଟ ଓ ତାର ଚୋରି ହୋଇଥିବା ଅଭିଯୋଗ ରହିଛି।

# ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଲା

ରସୁଲପୁର,୨।୫(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ କୁଆଖିଆ ବାଜର ଓଭର ବ୍ରିଜଉପରୁ ଗତ ମଙ୍ଗଳବାର ଅପରାହ୍ନରେ ଖସିପଡ଼ି ମୃତ୍ୟୁବରଣ କରିଥିବା ଯୁବକଙ୍କ ପରିଚୟ ମଳିଛି। ସେ ମୟୂରଭଞ୍ଜ ଜିଲା ଜାମଦା ଥାନା ଅନ୍ତର୍ଗତ ମହେଶକୁନ୍ଦର ଗ୍ରାମର ଲୁସୁ ଡିଗିଙ୍କ ପୁଅ ମହେଶ୍ୱର ଡିଗି(୩୦) ବୋଲି ଜଣାପଡ଼ିଛି। ମୃତକଙ୍କ ପରିଚୟ ମିଳି ନ ଥିବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା। ତାଙ୍କ ବାପା ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ–୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକଙ୍କ ଅଭିଯୋଗରୁ ଜଣାଯାଏ ଯେ, ମହେଶ୍ୱର ଜଣେ ମାନସିକ ଅସନ୍ତୁଳିତ ବ୍ୟକ୍ତି ଥିଲେ। ସେ କଟକର ଏକ କମ୍ପାନୀରେ କାମ କରୁଥିଲେ। ତାଙ୍କ ମୁଣ୍ଡ ଖରାପ ଯୋଗୁ ସେଠାରୁ ସେ କାହାକୁ ନ ଜଣାଇ ଘରକୁ ପଳାଇ ଆସୁଥିଲେ। କୁଆଖିଆଠାରେ ଓହ୍ଲାଇ ପଡି ପୋଲ ତଳକୁ ଡେଇଁ ପଡିଥିଲେ। ମୁଣ୍ଡ ମାଡ ହୋଇଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ରସୁଲପୁର ଅଗ୍ନିଶମ ବାହିନୀ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଧର୍ମଶାଳା ପ୍ରେସ କ୍ଲବ୍‌ରେ ଶ୍ରମିକ ଦିବସ ପାଳିତ



ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଧର୍ମଶାଳା,୨।୫(ବଟକୃଷ୍ଣ ପରିଡ଼ା)

ରାଷ୍ଟ୍ର ନିର୍ମାଣରେ ଶ୍ରମିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର ଦିନରେ ସେମାନଙ୍କର ତ୍ୟାଗ ଓ ବଳିଦାନକୁ ସ୍ମରଣ କରାଯିବା ଉଚିତ। ମାତ୍ର ସମାଜରେ ସବୁଠାରୁ ଅବହେଳିତ ବର୍ଗରେ ଯାଉଛନ୍ତି ଖବରଦାତା। ସରକାର ସେମାନଙ୍କ ସୁରକ୍ଷା ଓ ବଞ୍ଚିବା ବିଷୟରେ ଚିନ୍ତା କରିବାର ସମୟ ଆସିଛି। ଧର୍ମଶାଳା ପ୍ରେସ କ୍ଲବ କାର୍ଯ୍ୟାଳୟରେ ବିଶ୍ୱ ଶ୍ରମିକ ଦିବସ ପାଳନ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ର ନାରାୟଣ ପୃଷ୍ଟି ଯୋଗଦେଇ ପ୍ରତିକୂଳ ପରିସ୍ଥିତିରେ ଖବରଦାତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସରକାର ସେମାନଙ୍କ ସମସ୍ୟା ଓ ଦାବିକୁ ବିଚାରକୁ ନ ନେବା ଅତ୍ୟନ୍ତ କ୍ଷୋଭ ଏବଂ ପରିତାପର ବିଷୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, କୋଷାଧ୍ୟକ୍ଷ ଅଖିଳ ସ୍ୱାଇଁ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ। କ୍ଲବ୍ ପକ୍ଷରୁ ମୁଖ୍ୟ ଅତିଥି ଓ ସ୍ଥାନୀୟ ଅଞ୍ଚଳର ଶ୍ରମିକ କୁଳମଣି ଗେଡ଼ିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ସୀତାକାନ୍ତ ସାମଲ, ସହ ସମ୍ପାଦକ ମାନସ ରଞ୍ଜନ ଜେନା, ସଂଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ, ଖବରଦାତା କପିଳେନ୍ଦ୍ର ରାଉତ, ବିବେକା ନନ୍ଦ ରାୟ, ସୁବ୍ରତ ଜେନା, ବିନୋଦ ବିହାରୀ ସାହୁ, ବିକ୍ରମ କେଶରୀ ମହାନ୍ତି, ଗିରିଧାରୀ ବେହେରା, ଅନିଲ ନାୟକ, କିଶୋର ରାଉତ, ଶୁଭକାନ୍ତ ନାୟକ, ସନ୍ତୋଷ ଓଝା, ରୋଟାରି କ୍ଲବ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ରୋଟାରିଆନ ପ୍ରମୋଦ ସାମଲ ଓ ଯୁବ ସାମାଜିକ କର୍ମୀ ଉଗ୍ରେସନ ମହାନ୍ତିଙ୍କ ସମେତ ବହୁ ଖବରଦାତା ଏବଂ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ

କଟକ,୨।୫(କାର୍ତ୍ତିକ ସାହୁ)

## ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୌନ ଶୋଷଣ ମାମଲା

କଟକର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ଜଣେ ନାବାଳିକାଙ୍କୁ ଯୌନ ଶୋଷଣ କରିବା ମାମଲାର ରାୟ ଶୁକ୍ରବାର ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଯାଜପୁର ଜିଲା କୋରେଇର କନ୍ତରା ଅଞ୍ଚଳରେ ବବୁଲ୍ ଦାସଙ୍କୁ ଅଦାଲତ ୧୦ବର୍ଷ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବା ପାଇଁ ଅଭିଯୁକ୍ତଙ୍କୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୮ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ କଟକ ଜିଲା ଆଇନ ସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ। ସୂଚନାନୁସାରେ ୨୦୨୩ ଜାନୁୟାରୀରେ ଘଟଣା ଘଟିଥିଲା। ୨୦୨୪ ମାର୍ଚ୍ଚ ୨୦ରେ ମାମଲା ରୁଜୁ ହୋଇ ସେହି ମାସ ୨୩ ତାରିଖରେ ପୋଲିସ କୋର୍ଟରେ ଅଭିଯୋଗପର୍ତ୍ତ ଦାଖଲ କରିଥିଲା। ଅଭିଯୁକ୍ତ ଜଣେ ଜେସିବି ଡ୍ରାଇଭର୍ ହୋଇଥିବା ବେଳେ ପୀଡ଼ିତାଙ୍କ ମା' ମୁଲିଆ କାମ କରନ୍ତି। ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଶାରିରୀକ ସମ୍ପର୍କ ରଖିଥିଲେ। ପୀଡ଼ିତା ଜଣକ ଗର୍ଭବତୀ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ବିବାହ କରିବାକୁ ରାଜି ହୋଇ ନ ଥିଲେ। ନାବାଳିକାର ମା'ଙ୍କ ଅଭିଯୋଗ କ୍ରମେ କଟକ ମହିଳା ଥାନାରେ ମାମଲା ଏକ ମାମଲା ରୁଜୁ ହୋଇ ୨୦୨୪ ଏପ୍ରିଲ୍ ୧୦ରେ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଶିକ୍ଷାବିତ୍‌ଙ୍କ ପରଲୋକ

ସିଂହପୁର,୨।୫
(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଉତ୍ତଙ୍ଗରା ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଶିକ୍ଷାବିତ ହାଡ଼ିବନ୍ଧୁ ସାମଲଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିବାବେଳେ କୋଲକାତାର କମାଣ୍ଡୋ ହସ୍ପିଟାଲରେ ଚିକିତ୍ସତ ହୋଇ ଦୁଇଦିନ ପୂର୍ବରୁ ଘରକୁ ଫେରିଥିଲେ। ଗୁରୁବାର ପୁଣି ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଯାଜପୁର ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ କପିଳା ଉଚ୍ଚ ବିଦ୍ୟାଳୟରୁ ୨୦୦୯ରେ ଅବସର ନେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଫଟୋରେ ଖବର


ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ରାମକୃଷ୍ଣ ସାମନ୍ତସିଂହାରଙ୍କ ଜନ୍ମମାଟିରେ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଯାଉଥିବା ବେଳେ ବରୁଆଁ ଛକ ମାହାଲା ଦୋଳ ମେଳଣ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। (ଫଟୋ: ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)



ବଡ଼ଚଣା ବ୍ଲକ ରାଧାଦେଇପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ବିଶ୍ୱ ଶ୍ରମିକ ଦିବସ ଅବସରରେ ଗୁରୁବାର ହରିହର କ୍ଲବ ଆନୁକୂଲ୍ୟରେ ଦହି ପଣା ବଣ୍ଟନ କରାଯାଉଛି। (ଫଟୋ: ପ୍ରଦୀପ୍ତ କୁମାର ପୃଷ୍ଟି)

# ଫିଟୁଛି ବଡ଼ପଡ଼ା କୃଷି ସମବାୟ ସମିତି ଦୁର୍ନୀତି ଗୁମର

## ସମ୍ପାଦକ, ସଭାପତିଙ୍କ ମଧ୍ୟରେ ଶୀତଳଯୁଦ୍ଧ

ପଟ୍ଟାମୁଣ୍ଡାଇ, ୨।୫(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା କୃଷି ସେବା ସମବାୟ ସମିତି (ପାକ୍ସ)ରେ ବହୁଦିନରୁ ଲାଗି ରହିଥିବା ପ୍ରିୟାପ୍ରୀତି ତୋଷଣ ଓ ବେଆଇନ କାର୍ଯ୍ୟକଳାପର ଗୁମର ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ସଭାପତି ଓ ସମ୍ପାଦଙ୍କ ମଧ୍ୟରେ ତୁ ତୁ ମେ ମେ ଛାଲିଛି। ବର୍ତ୍ତମାନର ସଭାପତି ବିଭିନ୍ନ ସମସ୍ୟାକୁ ନେଇ କାରଣ ଦର୍ଶାଅ ନୋଟିସ ସମ୍ପାଦକଙ୍କୁ ଦେଇଥିବା ପ୍ରତିବାଦର ଉତ୍ତର ବଦଳରେ ସମ୍ପାଦକ ମଧ୍ୟ ଏକ ନୋଟିସ ସଭାପତିଙ୍କୁ ଦେଇ ପ୍ରଶ୍ନ କରିଛନ୍ତି। ଉଭୟଙ୍କ ଆରୋପ ପତ୍ୟାରୋପରେ ବଡ଼ପଡ଼ା ପାକ୍ସର ଦୁର୍ନୀତିର ପେଡ଼ି ପଦାକୁ ଆସିଛି। ଯାହାକୁ ନେଇ ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବଡ଼ପଡ଼ା ପାକ୍ସର ବର୍ତ୍ତମାନର ସଭାପତି ଅଶୋକ ମଲିକ ଏପ୍ରିଲ ୮ ରେ ସମିତି ପରିଚାଳନା କମିଟି ବୈଠକ ରଖିଥିଲେ। ବୈଠକରେ ଚାଷୀମାନଙ୍କ ଉନ୍ନତି ପାଇଁ ବଡ଼ପଡ଼ା ପାକ୍ସକୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଯୋଗାଇ ଦିଆଯାଉଥିବା ନେଇ ଆଲୋଚନା ହୋଇଥିଲା। ଏଥିରେ ସମ୍ପାଦକ କୃଷ୍ଣଜୀବନ ଦାଶଙ୍କ ପ୍ରିୟାପ୍ରୀତି ତୋଷଣ ଓ ବେଆଇନ କାର୍ଯ୍ୟକଳାପ ଯୋଗୁ ଉକ୍ତ ଟଙ୍କା ନିର୍ଦ୍ଦିଷ୍ଟ ପଦ୍ଧତି ଦେଇ ଚାଷୀଙ୍କ ପାଖରେ ପହଞ୍ଚି ପାରୁ ନ ଥିବାରୁ ଚାଷୀ ଉପକୃତ ହୋଇପାରୁନାହାନ୍ତି। ସମ୍ପାଦକ ପରିଚାଳନା ପରିଷଦ ନିର୍ଦ୍ଦେଶକୁ ନ ମାନି କାର୍ଯ୍ୟରେ ଖିଲାପ କରିବା ସହ ପାକ୍ସର ସାମୁହିକ କ୍ଷତି ସାଧନ କରିଚାଲିଛନ୍ତି। ତେବେ ପରିଷଦର ନିଷ୍ପତ୍ତି ଅନୁସାରେ ସଭାପତି ଅଶୋକ ଏକ କାରଣ ଦର୍ଶାଅ ନୋଟିସ ଚିଠି ନଂ. ୭/୨୫ ଜାରି କରି ୧୫।୪।୨୦୨୫ରେ ସମ୍ପାଦକ ଦାଶଙ୍କୁ ପ୍ରଦାନ କରିଥିଲେ। ଯଦି ୭ ଦିନ ମଧ୍ୟରେ ଏହାର ଉତ୍ତର ନ ରଖନ୍ତି ତାହା ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଥିଲେ। ସେଥିରେ ସମ୍ପାଦକ ନିୟମିତ କାର୍ଯ୍ୟାଳୟ ନ ଆସିବା ଓ କାର୍ଯ୍ୟ ସମ୍ପାଦନ ନ କରିବା ଭଳି ସଙ୍ଗୀନ ଅଭିଯୋଗ ଥିବାବେଳେ ୧୫ କି.ମି. ଦୂରରେ ଘର ଭଡ଼ା ନେଇ ରହିବା, ୨୦୨୫ ଖରିଫର ସାର ବ୍ୟବସାୟ ସମ୍ପର୍କରେ ପରିଚାଳନା ପରିଷଦକୁ ନ ଜଣାଇବା, ୨୦୨୪-୨୫ ଧାନ ମଣ୍ଡି ବିରୋଧରେ ଚାଷୀମାନେ କରି ଆସୁଥିବା ଅଭିଯୋଗକୁ ସମାଧାନ ନ କରିବା, ୨୦୨୪ ଖରିଫ ଓ ୨୦୨୪-୨୫ ରବି ଋଣ ଅର୍ଥ ଆୟ ବ୍ୟୟର ହିସାବ ପରିଚାଳନା ପରିଷଦକୁ ନ ଦେବା, ନିର୍ମାଣାଧୀନ ଥିବା ସମିତି ଘର ନିର୍ମାଣ ସମ୍ପର୍କରେ ହିସାବପତ୍ର ନ ଦର୍ଶାଇବା ଏବଂ ପରିଚାଳନା ପରିଷଦ ତଥା ସଭାପତିଙ୍କ ଆଦେଶକୁ ଅଣଦେଖା କରିବା ସମ୍ପର୍କରେ କୁହାଯାଇଥିଲା। ଏହାର ଉତ୍ତରରେ ସମ୍ପାଦକ ଜୀବନଦାଶ ଜଣାଇଥିଲେ, ବାସ ସ୍ଥାନଠାରୁ ସମିତି ପାଖାପାଖି ୧ କି.ମି. ଦୂର ସେଥିନେଇ ନିୟମିତ କାର୍ଯ୍ୟାଳୟକୁ ଯାଏ, ବ୍ୟାଙ୍କ କିମ୍ବା ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ହେଲେ ସମିତିରେ ଅନୁପସ୍ଥିତି ଦେଖାଯାଏ। ଅନ୍ୟପକ୍ଷରେ ୨୦୨୫ରେ ଖରିଫ୍ ପାଇଁ ଏ ପର୍ଯ୍ୟନ୍ତ ଋଣ ପ୍ରଦାନ କିମ୍ବା ସାର ବିକ୍ରୟ ହୋଇନାହିଁ। ୨୦୨୪-୨୦୨୫ ଧାନ ମଣ୍ଡି କାର୍ଯ୍ୟକଳାପ ସଭାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଛି। ତେବେ ଚାଷୀମାନଙ୍କ ଏକ ନିର୍ଦ୍ଦିଷ୍ଟ ଅଭିଯୋଗ ଯେ, ସଭାପତି ନିଜେ ୧୫୦ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରୟ କରିଛନ୍ତି। ତାହା ସର୍ବସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ତେବେ ଏହାର କ୍ଲାରିଫିକେଶନ ଦେବାକୁ ସେ ମଧ୍ୟ କାରଣ ଦର୍ଶାଅ ଜାରି କରିଥିଲେ। ତତ୍‌ସହିତ ୨୦୨୪ ଖରିଫ୍ ଓ ୨୦୨୪-୨୦୨୫ ରବି ଋଣ ଆଦାୟ ସମ୍ପର୍କିତ ସମସ୍ତ କାଗଜପତ୍ର ସଭାପତିଙ୍କ ନିକଟରେ ଅଛି। ନିର୍ମାଣାଧୀନ ସମିତି ଗୃହ ନିର୍ମାଣ ବାବଦ ଅର୍ଥ ୫ ଲକ୍ଷ ଆସିଥିଲା। ଅଶୋକ ସଭାପତି ଦାୟିତ୍ୱ ଗ୍ରହଣ କରିବା ବେଳେ ଗୃହ ନିର୍ମାଣ ସାମଗ୍ରୀ ବଳକା ଥିଲା। ପୁନଶ୍ଚ ୩,୭୫ ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ବେଳେ ସଭାପତି ଦେଢ଼ ଲକ୍ଷ ଟଙ୍କା ବିନା ଭାଉଚରରେ ଉଠାଇ ନେଇଛନ୍ତି। ଯାହାକୁ ପରିଚାଳନା କମିଟି ଅଗୋଚରରେ ହୋଇଛି। ହେଲେ ବର୍ତ୍ତମାନ ସୁଦ୍ଧା ସମିତିର ବହୁ କାର୍ଯ୍ୟ ବାକି ରହିଛି ବୋଲି ସେ ଉତ୍ତର ରଖିଥିଲେ। ଯାହାକୁ ନେଇ ସମିତି ଅଧୀନରେ ଥିବା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀଙ୍କ କହିବା ଅନୁସାରେ, କୃଷି ଓ କୃଷକ ଉନ୍ନତି ପାଇଁ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ସମବାୟ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ନେଇ ସରକାର ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାକୁ ୧୬ଟି ସମବାୟ ସମିତି ଜରିଆରେ ପ୍ରତିବର୍ଷ ବହୁ କୋଟି ଟଙ୍କା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଜରିଆରେ ସମବାୟ ସମିତିକୁ ଯୋଗାଇ ଦେଉଛନ୍ତି। ହେଲେ ତାହା ଅନେକ ସମବାୟ ସମ୍ପାଦକ ବଟମାରଣା କରୁଥିବା ବେଳେ ଚାଷୀ ଉପକୃତ ହୋଇପାରୁନାହାନ୍ତି। 'ନାବାର୍ଡ' ପକ୍ଷରୁ କରାଯାଇଥିବା ଏନ୍‌ଏବିସିଓଏନ୍‌ଏସ୍‌ର ଏକ ସର୍ଭେରୁ ଜଣାପଡ଼ିଛି ରାଜ୍ୟ ସମବାୟ ସମିତି ଓ ବ୍ୟାଙ୍କଗୁଡ଼ିକ ଉପରେ ଦିନକୁ ଦିନ ସ୍ୱଳ୍ପମିଆଦୀ ଋଣ ବୋଝ ବଢ଼ିଚାଲିଥିବାବେଳେ ଅସନ୍ତୁଳିତ ସ୍ଥିତି ଅସମ୍ଭାଳ ହୋଇଛି। ସମବାୟ ବ୍ୟାଙ୍କ ଓ ସମିତି ଏକ ପ୍ରକାର ଖୋଳ ସଦୃଶ ହୋଇଚାଲିଛି। ଏ ନେଇ ପଟ୍ଟାମୁଣ୍ଡାଇ କଟକ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ ମହାପାତ୍ରଙ୍କୁ ପଚାରିବାରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ମାନସିକଧାରୀ ମହିଳାଙ୍କ ଡାକମଣ୍ଡା ଭୋଗ



ମା' ଚଣ୍ଡୀଙ୍କ ମନ୍ଦିର ସମ୍ମୁଖରେ ମାନସିକଧାରୀ ମହିଳାମାନେ ମଣ୍ଡା ପିଠା ତିଆରି କରୁଛନ୍ତି।

## ଇନ୍ଦୁପୁର ମା' ଚଣ୍ଡୀଙ୍କ ମନ୍ଦିର ଉତ୍ସବମୁଖର

ଡେରାବିଶ, ୨।୫(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରସ୍ଥିତ ମା' ଚଣ୍ଡୀଙ୍କ ମନ୍ଦିରରେ ଡାକମଣ୍ଡା ଭୋଗ ଏକ ଅନନ୍ୟ ପରମ୍ପରା। ବିରୂପା ନଦୀକୂଳରେ ଅବସ୍ଥିତ ମା' ଚଣ୍ଡୀଙ୍କ ମନ୍ଦିର ଉଭୟ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ଭକ୍ତି ଓ ବିଶ୍ୱାସର ପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି। ବାରମାସରେ ତେରପର୍ବ ମା'ଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇ ଆସୁଥିବାବେଳେ ମହାବିଷୁବ ସଂକ୍ରାନ୍ତି ପରେ ବୈଶାଖର ପ୍ରଥମ ଗୁରୁବାରଠାରୁ ଶେଷ ଗୁରୁବାର ପର୍ଯ୍ୟନ୍ତ ମାନସିକଧାରୀ ମହିଳାଙ୍କ ଡାକମଣ୍ଡା ଭୋଗ ମା'ଙ୍କ ପୀଠକୁ ଚଳଚଞ୍ଚଳ କରିଛି। ମା'ଙ୍କ ଅଲୌକିକତାକୁ ବିଶ୍ୱାସକୁ ନେଇ ମୁଣ୍ଡ ବଦଳରେ ମଣ୍ଡା ଭୋଗ ବୈଶାଖ ମାସର ପ୍ରତ୍ୟେକ ଗୁରୁବାରରେ ହୋଇଥାଏ। ମାସର ତୃତୀୟ ଗୁରୁବାର ଥିବାରୁ ମନ୍ଦିର ବେଢ଼ାରେ ବିଭିନ୍ନ ଅଞ୍ଚଳରେ ମହିଳାମାନେ ସକାଳ ୫ଟାରୁ ମଣ୍ଡା ପିଠା ପ୍ରସ୍ତୁତି ପାଇଁ ଭିଡ଼ ଜମାଇଥିଲେ। ଘରେ ଚାଉଳ ଚୁନା ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରି ସକାଳୁ ମନ୍ଦିର ବେଢ଼ାରେ ଚୁଲି ଖୋଳିବା ସହ ସାଙ୍ଗରେ ଆଣିଥିବା ନୂଆ ମାଟିହାଣ୍ଡିରେ ଚାଉଳ ଚୁନାକୁ ଜନ୍ତେଣି କରି ସେହି ମଣ୍ଡାରେ ଛେନା, ନଡିଆ, ଗୁଡରେ ପ୍ରସ୍ତୁତ ମଣ୍ଡାପିଠା ତିଆରି କରି ମନ୍ଦିର ବେଢ଼ା ନିକଟରେ ଥିବା ଏକ ପଡିଆରେ ସମର୍ପି ଦିଆଯାଇଥିଲା। ମା'ଙ୍କ ନିକଟରେ ମାନସିକ କରି ପୁତ୍ର ସନ୍ତାନଟିଏ ଲାଭ କରିବା ଓ ପରିବାରର ମଙ୍ଗଳ ପାଇଁ ଅତି ନିଷ୍ଠାର ସହ ଏହି ପୂଜା କରାଯାଇଥାଏ।

# ଶ୍ରମିକ ଏକତା ସହ ମିଳିତ ଲଢ଼େଇର ଆବଶ୍ୟକତାକୁ ଗୁରୁତ୍ୱ



ଶ୍ରମିକ ଦିବସରେ ମଞ୍ଚାସୀନ ଅତିଥି।

ପଟ୍ଟାମୁଣ୍ଡାଇ, ୨।୫ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବାଲିପାଟଣାଠାରେ କଳିଙ୍ଗ ଭାରତ ଶ୍ରମିକ ସଂଘ ଓ କଳିଙ୍ଗ ନବଦିଗନ୍ତ ସାମାଜିକ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ନେତା ଶିଶିର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରମିକ ନେତାମାନେ ନିଜନିଜର ଅଭିଭାଷଣ ରଖି ମେ ଦିବସର ଇତିହାସ ଓ ଶ୍ରମିକ ଏକତା ସହିତ ମିଳିତ ଲଢେଇର ଆବଶ୍ୟକତା ଉପରେ ସୂଚନା ଦେବା ସହ ବର୍ତ୍ତମାନର ଶ୍ରମିକ ବିରୋଧୀ କେନ୍ଦ୍ର ସରକାର ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶ୍ରମ ଆଇନ୍‌କୁ ୪ ଟି କୋଡ୍‌ରେ ବିଭକ୍ତ କରି ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ୨୯ଟି ଆଇନ୍‌କୁ ପରିବର୍ତ୍ତନ କରିବା ଓ ଅଧିକାରକୁ ଛଡାଇ ନେଇଯାଇ ଆଇନ ପ୍ରଣୟନ କରିବା ତାଙ୍କ ଶ୍ରମିକ ବିରୋଧୀ ଚରିତ୍ରକୁ ପଦାରେ ପକାଇଛି। ଦୀର୍ଘ ୭ ବର୍ଷଧରି ସାରା ଭାରତ ବ୍ୟାପି ଏହାର ବିରୋଧ ଯୋଗୁ ଅଟକା ଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ଏ ବର୍ଷ ଲାଗୁ କରାଇବା ପାଇଁ ଚାହୁଁଛନ୍ତି। ଅନ୍ୟପକ୍ଷରେ ଭାରତବର୍ଷର ଶ୍ରମିକ ଶ୍ରେଣୀ ଜବରଦସ୍ତ ବିରୋଧ କରି ମେ ୨୦ତାରିଖରେ ଭାରତ ବନ୍ଦ ଡାକରା ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ସଂଖ୍ୟାରେ ନିର୍ମାଣ ଶ୍ରମିକ ଓ ପ୍ରବାସୀ ଶ୍ରମିକ ମଧ୍ୟରୁ ୪୨ କୁଶଳୀ ଶ୍ରମିକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହ ୪ଜଣ ଅସହାୟ ବ୍ୟକ୍ତିଙ୍କୁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ପୁଡିଆ ପ୍ରଦାନ କରାଯାଇଥିଲା। ସଙ୍ଗଠନର ସଭାପତି ବିଜୟ ଦାସ ସଭାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ କୁଣ୍ଡ, ଉଦୟଭାନୁ ସାହୁ, ପ୍ରଶାନ୍ତ ପାଢ଼ୀ, ବରିଷ୍ଠ ଶ୍ରମିକ ବାବାଜୀ ଧଳ, କଳିଙ୍ଗ ଭାରତ ଶ୍ରମିକ ସଂଘର ସମ୍ପାଦକ ପ୍ରକାଶ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ଧନେଶ୍ୱର ଦାସ, ଭାଗୀରଥି ଜେନା , କଳିଙ୍ଗ ନବଦିଗନ୍ତ ସାମାଜିକ ସଙ୍ଗଠନର ଉପଦେଷ୍ଟା ଦାଶରଥି ସାହୁ, ମହିଳା ସଙ୍ଗଠନର ସମ୍ପାଦିକା ଶଶିକଳା ରାଉତ, ସରୋଜିନୀ ସାହୁ, ସଭାପତି ଅନୁଶୟା ମହାନ୍ତି ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଶେଷରେ ଶ୍ରମିକ ନେତା ଶିଶିର ଓଝା ଧନ୍ୟବାଦ ଦେଇଥିଲେ।

# ଜମିଦାରି ପ୍ରଥା ଉଚ୍ଛେଦ ଲଢ଼େଇ କରି ଗରିବଙ୍କୁ ଦେଇଥିଲେ ଜମି

## ବିଜୟ ଥିଲେ ମୁକୁଟ ବିହୀନ ସମ୍ରାଟ

ମହାକାଳପଡ଼ା, ୨।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ଛପାଳୀସ୍ଥିତ ଭାଜପା କାର୍ଯ୍ୟାଳୟରେ ବିଜୟ କୁମାର ପ୍ରଧାନଙ୍କ ସ୍ମୃତି କମିଟି ପକ୍ଷରୁ ଶୁକ୍ରବାର ୩ୟ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ତାଙ୍କ ରାଜନୈତିକ ଅଭିଜ୍ଞତା ପ୍ରଥମେ କଂଗ୍ରେସର ସରପଞ୍ଚ, ପରେ ଜାତୀୟ କଂଗ୍ରେସ ଦଳରୁ ୧୯୮୪, ୧୯୯୦, ୨୦୦୦ ଓ ଭାଜପାରୁ ୨୦୧୯ରେ ବିଧାୟକ ଭାବେ ଲଢ଼ି ଥିଲେ। ହେଲେ ସମସ୍ତ ନିର୍ବାଚନରେ ପରାଜିତ ହୋଇଥିଲେ। ଅପରପକ୍ଷରେ ପ୍ରଥମେ ବିଜୟ କେନ୍ଦ୍ରାପଡ଼ା କଲେଜରୁ ଡିଗ୍ରୀ ହାସଲ ପରେ ଛାତ୍ର ଜୀବନରେ ରାଜନୀତିରେ ପ୍ରବେଶ କରିଥିଲେ। ସେ ବାରଡାଙ୍ଗ ପଞ୍ଚାୟତରୁ ୨ ଥର ସରପଞ୍ଚ ହୋଇଥିଲେ। ସେ ସମୟରେ ଏହି ଅଞ୍ଚଳର ଜମିଦାରୀ ପ୍ରଥା ଉଚ୍ଛେଦ ପାଇଁ ଠେଙ୍ଗା ବାଡ଼ି ଧରି ଜମିଦାରଙ୍କ ଜମିକୁ ପ୍ରତି ଗରିବ ଖଟିଖିଆ କୃଷକ ମୂଲିଆ ପରିବାରକୁ ଏକର ଲେଖା ଜମି ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନଦୀ ନାଳରୁ ମାଛ ଧରିବାକୁ ସେ ସମୟରେ ବାରଣ କରାଯାଇଥିଲା। ହେଲେ ବିଜୟଙ୍କ ଯୋଗୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ନଦୀ ସମୁଦ୍ରରେ ମାଛ ଧରିବାକୁ ଅନୁମତି ପ୍ରଦାନ ଲାଗି ଉଦ୍ୟମ କରିଥିଲେ। ସବୁବେଳେ ଗରିବଙ୍କୁ ନ୍ୟାୟ ପାଇଁ ସେ ସଂଗ୍ରାମ ଜାରି ରଖିଥିଲେ। ଉପସ୍ଥିତି ଅତିଥିମାନେ କହିଥିଲେ। ଏଥିରେ ଭାଜପା ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, କିଶୋର ପଣ୍ଡା, ଶିକ୍ଷାବିତ୍ ଡ. ଗନ୍ଧର୍ବ ନାୟକ, ପ୍ରଦୀପ ମହାନ୍ତି, ଗୀତାଞ୍ଜଳି ସେଠୀ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ବିଜୟଙ୍କ ସ୍ତ୍ରୀ ଜାନକୀଲତା ପ୍ରଧାନ, ମିହିର ସାମଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଭାଜପା କର୍ମକର୍ତ୍ତା ଉପସ୍ଥିତି ଥିଲେ। ବିଜୟଙ୍କ ସ୍ମୃତି କମିଟି ସଭାପତି ସରୋଜ କୁମାର ସାହୁ ସଭା ପରିଚାଳନା କରିଥିଲେ। ଜୀବନନାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।



ବିଜୟଙ୍କ ଶ୍ରାଦ୍ଧ ବାର୍ଷିକୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଶ୍ରମିକ ଦିବସ

ପଟ୍ଟାମୁଣ୍ଡାଇ,୨।୫ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଅତିରିକ୍ତ ଜିଲା ଜଜ୍ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟ ଓ ସିନିୟର୍ ସିଭିଲ୍ ଜଜ୍ ତଥା ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷା ସୁଶ୍ରୀସଙ୍ଗୀତା ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଜେଏମ୍‌ଏଫ୍‌ସି ବିଦ୍ୟୁତଲତା ପ୍ରଧାନ, ଜେଏମ୍‌ଏଫ୍‌ସି ଡ଼ି.କେ. ବାଲକ୍ରିଷନ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରମିକ ଦିବସର ମହତ୍ତ୍ୱ ସମ୍ପର୍କରେ ବୁଝାଇ ଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ଆଇନଜୀବୀ ସୁରେଶ ନରେନ୍ଦ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଆଇନଜୀବୀ ରବୀନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଆଇନଜୀବୀ ପ୍ରଫୁଲ୍ଲ ଦାଶ, ଗୀତାଞ୍ଜଳି ପୃଷ୍ଟି, ପଟ୍ଟାମୁଣ୍ଡାଇ ଲିଗାଲ ଏଡ଼ର ସମସ୍ତ କର୍ମକର୍ତ୍ତା ପିଏଲଭି ସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

# କୃଷକ ଉପଦେଷ୍ଟା କମିଟି ବୈଠକ



ମାର୍ଶାଘାଇ, ୨।୫ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ଶୁକ୍ରବାର ମାର୍ଶାଘାଇ ବ୍ଲକ କୃଷକ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଆତ୍ମା କମିଟି ଏବଂ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସହଯୋଗରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଗାହଣ ସଭାପତିତ୍ୱ କରିଥିଲେ। ମାର୍ଶାଘାଇ ବ୍ଲକ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ମାର୍ଶାଘାଇ କୃଷି ଜିଲା ଅଧିକାରୀ ହେମନ୍ତ କୁମାର ସାମଲ, କେନ୍ଦ୍ରାପଡ଼ା ଆଞ୍ଚଳିକ ଗବେଷଣା କେନ୍ଦ୍ରର(ଖୋଟ ଗବେଷଣା କେନ୍ଦ୍ର) ବୈଜ୍ଞାନିକ ଡ. ସାରିକା ଜେନା ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ, ମାର୍ଶାଘାଇ ପ୍ରାଣୀ ଚିକିତ୍ସା ଅଧିକାରୀ ଗୌତମ କାମିଲା, ମତ୍ସ୍ୟ ବିଭାଗ ସହ ଅଧିକାରୀ ସୁଶ୍ରୀ ସଙ୍ଗୀତା ଦେ, ଉଦ୍ୟାନ କୃଷି ବିଭାଗ ସମ୍ପ୍ରସାରଣ କର୍ମୀ ହରିହର ପାଣିଗ୍ରାହୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ମନୋରମା ଖଟୁଆ ପ୍ରମୁଖ ଉପସ୍ଥିତ ରହିଥିଲେ। କମିଟି ସଦସ୍ୟ ଉପେନ୍ଦ୍ର କୁମାର ବେହେରା, ରମାକାନ୍ତ ମହାନ୍ତି, ଜ୍ୟୋତିର୍ମୟୀ ଦାସ, ମାନସୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଏମ୍‌ଏନ୍ ହାଇସ୍କୁଲର ବହୁଦିନର ଦାବି ହେଲା ପୂରଣ

ପଟ୍ଟାମୁଣ୍ଡାଇ, ୨।୫ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲକୁ ଗୁରୁବାର ରାଜନଗର ବିଧାୟକ ଧ୍ରୁବ ସାହୁ ପରିଦର୍ଶନରେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଲୋଚନା କରିଥିଲେ। ଏହି ପୁରାତନ ସରକାରୀ ଶିକ୍ଷାନୁଷ୍ଠାନର ମଧ୍ୟାହ୍ନ ଭୋଜନ ଗୃହ ନ ଥିବା ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧା ଭୋଗ କରୁଥିବା ଜାଣି ବିଧାୟକ ଦୁଃଖ ପ୍ରକାଶ କରିବା ସହ ଏକ ଗୃହ ନିର୍ମାଣ ପାଇଁ ନିଜ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ବିଧାୟକଙ୍କ ସହ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଉପନିର୍ବାହୀ ଯନ୍ତ୍ରୀ ସମୀର ଠାକୁର, ବ୍ଲକ କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର, କାଉନସିଲର ଗୋପୀବଲ୍ଲଭ ନାୟକ, ଅଭିଭାବକ ସଂଘ ସଭାପତି ଗୋପୀନାଥ ତ୍ରିପାଠୀ ପ୍ରମୁଖ ଏମ୍‌ଏନ୍ ହାଇସ୍କୁଲ ପରିଦର୍ଶନ କରିଥିଲେ। ଏମ୍‌ଏନ୍ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜୟ ରାଉତରାୟ ଓ ଶିକ୍ଷୟିତ୍ରୀଶିକ୍ଷକ ବିଧାୟକ, ବ୍ଲକ ଅଧ୍ୟକ୍ଷ ଓ ଅନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ମଧ୍ୟାହ୍ନଭୋଜନ ଗୃହ ପାଇଁ ଅନୁଦାନ ଯୋଗାଇ ଦେଇଥିବାରୁ ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ ଓ ଅଭିଭାବକ ସଂଘ ସଭାପତି ତ୍ରିପାଠୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଉତିକଣକୁ ବ୍ଲକ୍ ମାନ୍ୟତା ଦାବି

## ଚାଷୀ ମୂଲିଆ ସଂଘର ଆନ୍ଦୋଳନ ଚେତାବନୀ

ପଟ୍ଟାମୁଣ୍ଡାଇ, ୨।୫(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲାର ଭାତହାଣ୍ଡି କୁହାଯାଇଥିବା ପଟ୍ଟାମୁଣ୍ଡାଇ ବ୍ଲକ ଉତିକଣ ଅଞ୍ଚଳକୁ ନୂତନ ବ୍ଲକ ମାନ୍ୟତା ପ୍ରଦାନ ପାଇଁ ଦାବି କରିଛି ଉତିକଣ ଚାଷୀ ମୂଲିଆ ସଂଘ। ଏ ନେଇ ମଦନପୁର ପୂର୍ଣ୍ଣତୋୟା ବିଦ୍ୟାଳୟ ପରିସରରେ ଉତିକଣ ଚାଷୀ ମୂଲିଆ ସଂଘ ଆବାହକ ଭାସ୍କର ରାଉତରାୟଙ୍କ ସଭାପତିତ୍ୱରେ ଗୁରୁବାର ଏକ ବୈଠକ ବସିଥିଲା। ବିଶ୍ୱ ଶ୍ରମିକ ଦିବସ ଅବସରରେ ଅନୁଷ୍ଠିତ ବୈଠକରେ ଉତିକଣ ଅଞ୍ଚଳର ପ୍ରାୟ ୧୨ ପଞ୍ଚାୟତର ଜନପ୍ରତିନିଧି ଓ ବୁଦ୍ଧିଜୀବୀ ଏକତ୍ରିତ ହୋଇ ଉତିକଣକୁ ବ୍ଲକ ଭାବେ ମାନ୍ୟତା ଦେବାକୁ ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା।

ଉତିକଣ ଅଞ୍ଚଳରେ ଥିବା ସଂସାରଫଳ, ଓଉପଦା, ଖଣତା, ବଳଭଦ୍ରପୁର, ଡାମରପୁର, ଶ୍ରୀରାମପୁର, ଦୋଷିଆ, ବିଲିକଣା, ଚନ୍ଦନନଗର, ବଡ଼ପଡ଼ା, ଦିହୁଦୁପୁର, ବଡ଼ମହନପୁର ପଞ୍ଚାୟତଗୁଡିକ ଉଭୟ ସରକାରୀ ଏବଂ ପ୍ରଶାସନିକ ସ୍ତରରେ ଅବହେଳିତ ହୋଇ ରହିଛି। ବିଭିନ୍ନ ପଞ୍ଚାୟତ ଏବଂ ଗ୍ରାମ ବ୍ଲକ ସଦର ମହକୁମାଠାରୁ ପ୍ରାୟ ୧୫ରୁ ୨୦କି.ମି. ଦୂରରେ ରହୁଥିବାରୁ ଗମନାଗମନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉତିକଣ ଅଞ୍ଚଳର ୧୨ ପଞ୍ଚାୟତ ସମେତ ରଜନଗର ବ୍ଲକର ୫ ପଞ୍ଚାୟତକୁ ମିଶ୍ରଣ କରି ଏକ ନୂତନ ବ୍ଲକ ଗଠନ କରିବାକୁ ବୈଠକରେ ଦାବି କରାଯାଇଥିଲା। ଏ ନେଇ ରାଜ୍ୟ ସରକାରଙ୍କଠାରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ସମବାୟବିତ୍ ସୁବାସ ଦାଶ, ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ, ମିନତି ପାତ୍ର, ସୁବାସ ଖଟୁଆ, ଆରତି ପ୍ରଧାନ, ଦିବାକର ସେଠୀ, ସୁଜିତ ପ୍ରଧାନ, ସରପଞ୍ଚ ଅନିଲ ଲେଙ୍କାଙ୍କ ସମେତ ୧୨ ପଞ୍ଚାୟତର ଜନପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ସରକାର ଏ ଦିଗରେ ବିହିତ ପଦକ୍ଷେପ ନ ନେଲେ ଆଗାମୀଦିନରେ ଆନ୍ଦୋଳନ କରାଯିବ ବୋଲି ଉତିକଣ ଚାଷୀ ମୂଲିଆ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




ଶ୍ରମିକ ଦିବସରେ ଉପସ୍ଥିତ ଅତିଥିମାନେ।

# ଆର୍ଥିକ ବିକାଶ ପାଇଁ ସମନ୍ୱିତ ଚାଷ, ସମବାୟ ଜରୁରୀ



ସଚେତନତା ସମାବେଶରେ ଉପସ୍ଥିତ ଅତିଥିମାନେ।

## କୃଷକ ବିକାଶ ସମିତିର ଚାଷୀ ସଚେତନତା ସମାବେଶ

କେନ୍ଦ୍ରାପଡ଼ା, ୨।୫ (ଜଗନ୍ନାଥ ଧଳ)

ପୂର୍ବକାଳରେ ଚାଷ ଯାହାର, ସୁଖ ତାହାର ଲୋକକଥା ଥିଲା। ସମ୍ପ୍ରତି ଚାଷୀ ଓ ଚାଷ ଉଜୁଡିବାକୁ ବସିଛି। ଏହାର ନିରାକରଣ ତଥା ଚାଷୀଙ୍କ ଆର୍ଥିକ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରୋତ୍ସାହିତ କରୁଛନ୍ତି। ବିଭିନ୍ନ ଯୋଜନାରେ ସମନ୍ୱିତ ଚାଷ କରିବା ଓ ସମବାୟ ସମିତି ସହ ଜଡିତ ହୋଇପାରିଲେ କୃଷକ ଲାଭବାନ ହେବ ବୋଲ କୃଷକ ବିକାଶ ସମବାୟ ସମିତି ପକ୍ଷରୁ ଆୟୋଜିତ ବିରାଟ ଚାଷୀ ସଚେତନତା ସମାବେଶରେ ବିଶିଷ୍ଟ ବ୍ୟକ୍ତିମାନେ ମତ ରଖିଛନ୍ତି। ସମିତି ସଭାପତି ପ୍ରମୋଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶ ସହରର ଟାଉନ ହଲଠାରେ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମବାୟବିତ ତଥା ଚାଷୀନେତା ଗୋଲକ ମହାପାତ୍ର କହିଥିଲେ, ଓଡ଼ିଶାର ୨୫ ପ୍ରତିଶତ ଅର୍ଥନୀତି କୃଷିଭିତ୍ତିକ। ରାଜ୍ୟରେ ୫୦ ପ୍ରତିଶତ ପରିବାର କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ। ପୂର୍ବରୁ ଚାଷ କେବଳ ପୁରୁଣା ଜ୍ଞାନକୌଶଳରେ ଚାଲିଥିଲା। ଏବେ ତୃଣମୂଳସ୍ତରରେ ଥିବା ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଗୁରୁତ୍ୱ ଆରୋପ କରିଛନ୍ତି। କୃଷିଭିତ୍ତିକ ବିଭିନ୍ନ ଯୋଜନାରେ ସାମିଲ ହେବା ସହ କୃଷି ଦକ୍ଷତାକୁ ପ୍ରୋତ୍ସାହିତ କରାଯାଉଛି। କୃଷି ସମ୍ପର୍କରେ ଶିକ୍ଷା ଦ୍ୱାରା ଉନ୍ନତ ଫସଲ ଆସିପାରିବ। ଏଥିସହ ସମନ୍ୱିତ ଚାଷରେ ଅର୍ଥକାରୀ ଫସଲ ଉତ୍ପାଦନ କରିବା ଜରୁରୀ ହୋଇଛି। ଚାଷୀମାନେ ସମବାୟ ଜରିଆରେ ଚାଷ ପରିଚାଳନାକୁ ଗୁରୁତ୍ୱ ଦେଲେ ଆର୍ଥିକ ଉନ୍ନତି ସହିତ ସହଭାଗିତା ବଢ଼ିବ। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଅରବିନ୍ଦ ଦାସ ଓ ଜିଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ କହିଥିଲେ, ପାରମ୍ପାରିକ ଚାଷର ରୂପାନ୍ତିକରଣ ହୋଇଛି।

ଅଧିକ ଲାଭ ପାଇଁ ଧାନ ଚାଷ ସହ ପାଣି ସିଙ୍ଗଡ଼ା ଚାଷଠାରୁ ଆରମ୍ଭ କରି ବିନା ମାଟିରେ ଆଳୁ ଚାଷ ସମ୍ଭବ ହେଲାଣି। ଏଥିପ୍ରତି ଚାଷୀଙ୍କ ଆଗ୍ରହ ଓ ସଚେତନତା ଆବଶ୍ୟକ ଅଛି। ଏହାର ପ୍ରୋତ୍ସାହନ ପାଇଁ ସମବାୟ ସଂସ୍ଥାଗୁଡିକ ଲାଗି ପଡିଛନ୍ତି। ଏଥିମଧ୍ୟରୁ କେନ୍ଦ୍ରାପଡ଼ାର କୃଷକ ବିକାଶ ସମବାୟ ସମିତି ଅନ୍ୟତମ ବୋଲି ସେମାନେ କହିଥିଲେ। ସମାରୋହରେ ଶିକ୍ଷାବିତ ଡ. ନିରୁପମା ରାଉତ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ପାଟକୁରାର ଯୁବନେତା ତେଜେଶ୍ୱର ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ସାହୁ କେନ୍ଦ୍ରାପଡ଼ାରେ କୃଷି ଭିତ୍ତିକ ବୈଷୟିକ ବିଶ୍ୱବିଦ୍ୟାଳୟର ଆବଶ୍ୟକ ଥିବା ଉପସ୍ଥାପନ କରିଥିଲେ। ଏଥିସହିତ କୃଷକ ସମବାୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କଟକ, କେନ୍ଦ୍ରାପଡ଼ା, ଯାଜପୁର ଓ ଜଗତ୍‌ସିଂହପୁରର ୨୦ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଉପସଭାନେତ୍ରୀ ପାର୍ବତୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ସମ୍ପାଦକ ଅରବିନ୍ଦ ସାହୁ ସମିତିର କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ କରିଥିଲେ। ସମିତିର ନିର୍ଦ୍ଦେଶକ, କର୍ମଚାରୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

**ବାଲ୍ୟବିବାହ ମୁକ୍ତ ଅଭିଯାନ**

# ବିଭିନ୍ନ ଧର୍ମର ପୂଜକ ନେଲେ ଶପଥ

■ଆଇନକୁ ଅଣଦେଖା କଲେ ୨ ବର୍ଷ ଭୋଗିବାକୁ ପଡ଼ିବ ଜେଲ

ନୟାଗଡ଼,୨।୫(ଲୋକନାଥ ମିଶ୍ର)



ବାଲ୍ୟବିବାହକୁ ରୋକିବା ଲାଗି ବିଭିନ୍ନ ଧର୍ମର ଲୋକମାନେ ଶପଥ ପାଠ କରୁଛନ୍ତି।

ନୟାଗଡ଼ ଜିଲାରେ ବାଲ୍ୟ ବିବାହ ଥମିବାର ନା ଧରୁ ନ ଥିବାବେଳେ ଜିଲାକୁ ବାଲ୍ୟ ବିବାହ ମୁକ୍ତ ଜିଲା ଭାବେ ପରିଗଣିତ ହେବାକୁପ୍ରୟାସ ଆରମ୍ଭ ହୋଇଛି। ୨୦୩୦ ସୁଦ୍ଧା ଏହାକୁ ଘୋଷଣା କରାଯିବାକୁ ଲକ୍ଷ୍ୟ ରହିଛି। ଏହି ଅବସରରେ ଅକ୍ଷୟ ତୃତୀୟାରେ ହିନ୍ଦୁ, ମୁସଲିମ ଓ ଖ୍ରୀଷ୍ଟିୟାନ ଧର୍ମ ପରି ବିଭିନ୍ନ ଧର୍ମର ପୂଜକ ଅଥବା ପୁରୋହିତମାନଙ୍କୁ ନେଇ ଏକ ଶପଥ କାର୍ଯ୍ୟକ୍ରମ ଜିଲା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ଶପଥ କାର୍ଯ୍ୟକ୍ରମରେ ବିଭିନ୍ନ ଧର୍ମର ପୂଜକମାନଙ୍କୁ ନାବାଳିକା ବିବାହର ଭୟାବହତା ସମ୍ପର୍କରେ ସଚେନତତା କରାଯାଇଛି। ଏପରିକି ଆଇନକୁ ଅଣଦେଖା କଲେ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅନୁରୂପ ସଚେତନତା କରାଯାଇଛି। ଆଇନକୁ ଭଙ୍ଗ କରୁଥିବା ବର ଓ କନ୍ୟା ପକ୍ଷ, ଡେକୋରେଟର, ରୋଷେୟା, ମାଳି, ବ୍ୟାଣ୍ଡ ବାଜା ବାଲା, ବିବାହ ସ୍ଥାନର ମାଲିକ, ବିବାହ କରାଉଥିବା ପୁରୋହିତ, ମୌଲବୀ ଗିରଫ ହେବା ସହ ଦଣ୍ଡିତ ହେବେ ବୋଲି କୁହାଯାଇଛି। ଏଭଳି ସଚେତନତା କାର୍ଯ୍ୟକ୍ରମ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଛି।

### ଉଦ୍ଧାର ପରେ ପୁଣି ନାବାଳିକା ବିବାହ

ବାଲ୍ୟ ବିବାହ ଉଦ୍ଧାର କରାଯିବାରେ ପ୍ରଶାସନ, ଚାଇଲ୍ଡ ଲାଇନ ବାହାବା ନେଉଛି। ହେଲେ ଉଦ୍ଧାରର କେଇଦିନ ପରେ ପୁଣି ଅନେକ ନାବାଳିକା ବିବାହ କରୁଛନ୍ତି। ଏଭଳି ଘଟଣା ଅନେକ ଜିଲାରେ ଘଟିବାରେ ଲାଗିଛି। ଠିକ୍ ଭାବେ ସମୀକ୍ଷା ନ ହେବା, ଏହି ଘଟଣାରେ କାହାରିକୁ ଗିରଫ କରା ନ ଯିବା ଓ ଉଦ୍ଧାର ପରେ ନାବାଳିକାଙ୍କ ସ୍ଥିତି ଅନୁଧ୍ୟାନ ନ କରିବା ପରି କାରଣ ଯୋଗୁ ବାଲ୍ୟ ବିବାହ ଥମିବାର ନା ଧରୁ ନ ଥିବା କୁହାଯାଉଛି। ୨୦୧୯ରୁ ଫେବୃଆରୀରୁ ୨୦୨୦ ଫେବୃଆରୀ ପର୍ଯ୍ୟନ୍ତ ନୟାଗଡ଼ରେ ୪୨ ବିବାହ ବନ୍ଦ ହୋଇଛି। ସେହିପରି ୨୦୨୦ ଫେବୃଆରୀରେ ୨୦୨୧ ଫେବୃଆରୀ ୪୫ଟି ବିବାହ ବନ୍ଦ ହୋଇଛି। ଅନ୍ୟପକ୍ଷେ ୨୦୨୨ରେ ୫୬, ୨୦୨୩ରେ ୬୭, ୨୦୨୪ରେ ୭୮ଟି ବାଲ୍ୟ ବିବାହ ବନ୍ଦ କରାଯାଇଛି। ତେବେ ପ୍ରଶ୍ନ ଉଠୁଛି ଏତେ ସଂଖ୍ୟକ ନାବାଳିକା ବିବାହ ପରେ କାହିଁକି ବିବାହ ବଢ଼ି ଚାଲୁଛି ବୋଲି ଅଭିଯୋଗ ଉଠୁଛି। କେହି ହେଲେ ଏହାର କାରଣ ଖୋଜୁ ନାହାନ୍ତି। ଏ ନେଇ ନୟାଗଡ଼ର ଉର୍ମିଳା ନାୟକ କହିଛନ୍ତି, ପରିବାରରେ ୪ରୁ ୫ଜଣ ଝିଅ ହେଲେ ସେମାନଙ୍କୁ ବିବାହ ଦେବା କାଠିକର ପାଠ। ସେପଟେ ଗରିବ ବି ବାଧକ ସାଜୁଛି। ଗରିବ ବାଧକ ଯୋଗୁ ନାବାଳିକା ସମୟରେ ବାହା ହୋଇଥିଲି। ନାବାଳିକା ସମୟରେ ବାହା ହୋଇ ଅସୁବିଧା ଜାଣିବା ପରେ ବି ମୋ ଝିଅ ବି ନାବାଳିକାରେ ବିବାହ କଲା। ପରିବେଶ, ପରିସ୍ଥିତି ଏପରି ହେଉଛି ଆଇନକୁ ଦେଖିଲେ ସବୁ କିଛି ଗଡବଡ ହୋଇଯିବ। ଝିଅ ଆଉ ବିବାହ କରି ପାରିବନି। ଏଣୁ ବାଧ ହୋଇ ଅନେକ ନାବାଳିକା ବିବାହ ନ ହେବା ବୟସରେ ବିବାହ କରୁଛନ୍ତି। ଗଣିଆର ଅର୍ପିତା ସାହୁ ଓ ରଣପୁରର ସସ୍ମିତା ସ୍ୱାଇଁ କହିଛନ୍ତି, ନାବାଳିକା ବିବାହ ଥମିବାର ନାଁ ଧରୁନି। ଯେଉଁଠି ଅଭିଯୋଗ ଉଠୁଛି ସେଠାରେ ପ୍ରଶାସନ ବିବାହ ବନ୍ଦ କରି ନାବାଳିକାଙ୍କୁ ଉଦ୍ଧାର କରୁଛି। ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ନାବାଳିକା ବିବାହ କରୁଛି ନା କ'ଣ କରୁଛି ସମୀକ୍ଷା କରାଯାଉନି। ଏଣୁ କେଇଦିନ ପରେ ପୁଣି ଅଧିକାଂଶ ବିବାହ ହେଉଛନ୍ତି। ଅନେକ ବରପକ୍ଷ ବିବାହ କରି ବୋହୂକୁ ଘରେ ରଖୁଛନ୍ତି। ଧରପଗଡ଼ ହେଲେ ଆମ ପୁଅ ବିବାହ କରିନି ବୋଲି କହୁଛନ୍ତି। ଏଭଳି ଅନେକ ନଜିର ରହିଛି। ସେହିପରି ନାବାଳିକା ଉଦ୍ଧାର ପରେ ବର ଓ କନ୍ୟା ପକ୍ଷକୁ ଗିରଫ, ଜରିମାନା କରାଯାଉ ନ ଥିବାରୁ ସେମାନଙ୍କ ସାହାସ ବଢ଼ି ଚାଲିଛି। ଟଙ୍କା ଲୋଭରେ ପୁରୋହିତ, ଉଦ୍ଧାରକାରୀ ଦଳ ଚୁପ ରହିବା ପରି ଘଟଣା ବି ଘଟୁଛି। ଗଣିଆ ଉନ୍ନୟନ କମିଟି ସଭାପତି ଉଷା ପଟ୍ଟନାୟକ କହିଛନ୍ତି, ଦେଶରେ ବାଲ୍ୟ ବିବାହ ବଢ଼ି ଚାଲିଛି। ସଚେତନତାର ଅଭାବ ଯୋଗୁ ବାଲ୍ୟ ବିବାହ ରୋକା ଯାଇପାରୁନି। ବାଲ୍ୟ ବିବାହ ନିଷେଦ୍ଧ ଆଇନ ୨୦୦୬ ଅନୁସାରେ ବାଲ୍ୟ ବିବାହ ଦଣ୍ଡନୀୟ ଅପରାଧ ହୋଇଥିଲେ ହେଁ ଅଧିକାଂଶ ଏହା ଜାଣନ୍ତି ନାହିଁ। ଏହାକୁ ଉଲ୍ଲଂଘନ କଲେ ୨ ବର୍ଷ ଜେଲ ଓ ଜରିମାନା ରହିଛି। ବାଲ୍ୟ ବିବାହ ମୁକ୍ତ ଅଭିଯାନରେ ବିଭିନ୍ନ ଧର୍ମର ପୁରୋହିତ, ପଣ୍ଡିତ, ମୌଲିବିଙ୍କ ସହଯୋଗ ଆମକୁ ଆଗକୁ ବଢ଼ିବାରେ ସହଯୋଗ କରିଛି ବୋଲି ସେ କହିଛନ୍ତି।

# ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ


ଠାକୁରଙ୍କ ସହ କର୍ମକର୍ତ୍ତା।

ଦଶପଲ୍ଲା, ୨।୫(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକେରା ପଞ୍ଚାୟତର ଗୋପାଳପୁରଠାରେ ପ୍ରଭୁ ଶନିଶ୍ଚର ଦେବଙ୍କ ୩ୟ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଦଶପଲ୍ଲା ବ୍ଲକ ଅଧୀନ ଟାକରା ପଞ୍ଚାୟତସ୍ଥିତ ଗୋପାଳପୁରଠାରେ ବ୍ରାହ୍ମଣମାନଙ୍କ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ପାଳନ ହୋଇଯାଇଛି। ପୂର୍ବାହ୍ନରେ ସୂର୍ଯ୍ୟପୂଜା ଓ ଗ୍ରହରାଜ ଶନିଶ୍ଚରଙ୍କ ଷୋଡଶ ଉପଚାର ପୂଜା ଗ୍ରହଯଜ୍ଞ, ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶନିଶ୍ଚର ଦେବଙ୍କ ଦର୍ଶନ କରିଥିଲେ। ସୂଚନା ଥାଉକି ଅଞ୍ଚଳର ସ୍ୱର୍ଗତ ଅନନ୍ତ ଆଚାର୍ଯ୍ୟ ଅଞ୍ଚଳରୁ ୧୫ ଜଣ ମହିଳାଙ୍କୁ ନେଇ ଏକ ବରଗଛ ମୂଳେ ଶନିଶ୍ଚର ଦେବଙ୍କୁ ରଖି ପୂଜାର୍ଚ୍ଚନା କରି ଆସୁଥିଲେ। ପରେ ୨୦୧୭ରେ ଗ୍ରାମରେ ଏକ ମନ୍ଦିର ନିର୍ମାଣ କରିବା ପାଇଁ ଗ୍ରାମବାସୀ ଚିନ୍ତା କରି କିଛି ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଗ୍ରାମରେ ଏକ ଶନିଶ୍ଚର ମନ୍ଦିର ନିର୍ମାଣ ହୋଇଥିଲା। କିନ୍ତୁ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ ହୋଇ ପାରି ନ ଥିଲା। ପରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ସହାୟତାରେ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ ହୋଇପାରିଥିଲା। ପରେ ସେହିଦିନଠାରୁ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁ ମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ବେଳେ ପ୍ରତ୍ୟକ ଶନିବାର ୫୦ ରୁ ଊର୍ଦ୍ଧ୍ୱ ମହିଳା ଶନିଓଷା କରୁଛନ୍ତି। ପ୍ରତ୍ୟକ ବର୍ଷ ଠାକୁରଙ୍କ ବାର୍ଷିକ ଉତ୍ସବଧୁମଧାମର ସହ ଅନୁଷ୍ଠିତ ହୋଇଆସୁଛି। ମନ୍ଦିରଠାରେ ଏକ ସ୍ଥାୟୀ ଯଜ୍ଞ ମଣ୍ଡପଟିଏ ନିର୍ମାଣ ପାଇଁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

# ଓଡ଼ଗାଁ ଅଦାଲତ ପରିସରରେ ଶ୍ରମିକ ଦିବସ

ଓଡଗାଁ, ୨।୫ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ତାଲୁକ୍ ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଗୁରୁବାର ଆଇନ ସେବା ପ୍ରାଧିକରଣ ସଚିବ ତଥା ନବନିଯୁକ୍ତ ଓଡ଼ଗାଁ ଅତିରିକ୍ତ ଜିଲା ଦୌରାଜଜ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଶ୍ରମିକ ଦିବସ ଓଡ଼ଗାଁ ଓକିଲ ସଂଘ ସଭା ଗୃହ ମଧ୍ୟରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଓଡ଼ଗାଁ ଦେୱାନି (ବରିଷ୍ଠ) ଅଦାଲତର ବିଚାରପତି ଜନ୍ମେଜୟ ଦାସ, ଓଡ଼ଗାଁ ଦେୱାନି (କନିଷ୍ଠ) ଅଦାଲତର ବିଚାରପତି ହର ମୋହନ ଦାଶ, ଓକିଲ ସଂଘ ସଭାପତି ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ବଟକୃଷ୍ଣ ମିଶ୍ର, ସରକାରୀ ଓକିଲ ଇନ୍ଦୁ ଭୂଷଣ ମିଶ୍ର, ଯଜ୍ଞ ନାରାୟଣ ପାତ୍ର ଓ ପ୍ରମୋଦ ବିଶ୍ୱାଳ, ବରିଷ୍ଠ ଆଇଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ପବିତ୍ର ମୋହନ ସାହୁ ଓ ମହାଦେବ ବିଶ୍ୱାଳଙ୍କ ସମେତ ନିର୍ମାଣ ଶ୍ରମିକମାନେ ଯୋଗଦେଇଥିଲେ। ବକ୍ତାମାନେ ଶ୍ରମିକମାନଙ୍କ ଦେଶଗଠନରେ ଭୂମିକା, ଅଧିକାର ଓ ଆଇନ ଗତ ଦିଗ ସମ୍ପର୍କରେ ଅବଗତ କରିଥିଲେ। ଉକ୍ତ ସଭାକୁ ଓଡ଼ଗାଁ ଆଇନ ସେବା ପ୍ରାଧିକରଣର ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ ସଂଯୋଜନା କରିଥିଲେ।

# ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଚନ୍ଦନ ଯାତ୍ରା


ଶ୍ରୀରଘୁନାଥ ଜୀଉଙ୍କୁ ଚନ୍ଦନ ପୋଖରୀରେ ଚାପ ଖେଳାଯାଉଛି।

ଓଡ଼ଗାଁ, ୨।୫ (ଆଦର୍ଶ କୁମାର ପଟ୍ଟନାୟକ)

ବୁଧବାର ବୈଶାଖ ଶୁକ୍ଳପକ୍ଷ ପବିତ୍ର ଅକ୍ଷୟ ତୃତୀୟାରେ ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଅପରାହ୍ନରେ ଶ୍ରୀରାମ ସାଗରରେ ପ୍ରଭୁଙ୍କ ବିଜେ ପ୍ରତିମା ଚାପ ଖେଳିଛନ୍ତି। ୨୧ଦିନ ଧରି ଏହା ଅନୁଷ୍ଠିତ ହେଉଥିବା ବେଳେ ସକାଳର ଦୈନନ୍ଦିନ ନୀତି ପରେମନ୍ଦିର ପହୁଡ଼ ପଡ଼ିଥିଲା। ଅପରାହ୍ନରେ ଶ୍ରୀଜୀଉ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ମାତା ସୀତାଙ୍କ ବିଜେ ପ୍ରତିମା ଆଜ୍ଞାମାଳ ପାଇବା ପରେ ଧୂପଦୀପ ଓ ଆଳତି ଆଦି ସମସ୍ତ ନୀତିକାନ୍ତି ସାରି ଜଗମୋହନଙ୍କୁ ଭୋଗ ମଣ୍ଡପକୁ ବିଜେ କରାଯାଇଥିଲା। ପରେ ଜିଉମାନେ ମନ୍ଦିରରୁ ବାହାରି ବିମାନରେ ବସି ଘଣ୍ଟ, କାହାଳୀ, ଛତି, ତ୍ରାଶ ଆଦି ପଟୁଆରରେ ଆସି ଶ୍ରୀରାମ ସାଗରରେ ଥିବା ଚନ୍ଦନ ମଣ୍ଡପକୁ ବିଜେ କରିଥିଲେ। ଚନ୍ଦନ ମଣ୍ଡପ ସମସ୍ତ ଶୋଧନ ନୀତି ପରେ ଶ୍ରୀଜୀଉମାନେ ନୌକା ବିହାର କରିଥିଲେ। ପରେ ଭୋଗ ଓ ଆଳତୀ ନୀତି ସାରି ଚନ୍ଦନ କୁଣ୍ଡରେ ସୁବାସିତ ଜଳରେ ଅବସ୍ଥାନ କରିଥିଲେ। ରାତିରେ ଚନ୍ଦନ କୁଣ୍ଡରୁ ଶ୍ରୀଜୀଉମାନଙ୍କୁ ଚନ୍ଦନ ବେଦୀକୁ ଅଣାଯାଇ ପୁନଶ୍ଚ ଭୋଗ ନୈବେଦ୍ୟ ଅର୍ପଣ ପରେ ଡଙ୍ଗାରେ ଜଳକ୍ରୀଡା କରିଥିଲେ। ଜଳକ୍ରୀଡା ଅନ୍ତେ ପ୍ରଭୁଙ୍କୁ ନଗର ଭ୍ରମଣ ସହିତ ଚାଚେରୀ ଭୋଗ ଲାଗି ହୋଇଥିଲା। ରାତି ୧୦ଟାରେ ଶ୍ରୀଜିଉ ମନ୍ଦିର ପ୍ରବେଶ କରିବା ପରେ ବଡସିଙ୍ଗାର ନୀତି ଅନୁଷ୍ଠିତ ହୋଇ ଶ୍ରୀଜୀଉଙ୍କ ପହଡ ହୋଇଥିଲା। ପାଳିଆ ପୂଜାକ ନାରାୟଣ ମହାପାତ୍ର, ଚନ୍ଦନ ଯାତ୍ରା ପାଳିଆ ପୂଜକ ପ୍ରଫୁଲ୍ଲ ମହାପାତ୍ର ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଜିତେନ୍ଦ୍ର କୁମାର ମିଶ୍ରଙ୍କ ମିଳିତ ସହଯୋଗରେ ଶ୍ରୀଜିଉଙ୍କ ଚନ୍ଦନ ଯାତ୍ରା ନୀତିକାର୍ଯ୍ୟ ସମ୍ପାଦନ ହୋଇଥିଲା। ଏତଦବ୍ୟତୀତ ରଘୁନାଥ ଚିନ୍ତନ ଚକ୍ର ଦ୍ୱାରା ବହୁବର୍ଷ ଧରି ଚାଲି ଆସିଥିବା ୪୮ ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ମନ୍ଦିର ପରିସର ଭଞ୍ଜମଣ୍ଡପରେ ବରଣ୍ୟ ପ୍ରବକ୍ତା ଉମକାନ୍ତ ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ବିଜ୍ଞ ବକ୍ତାମାନଙ୍କଠାରୁ ରାମକଥା ଶ୍ରବଣ ପାଇଁ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା। ସଭାପତି ଦିଲୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ୯ ଦିନ ବ୍ୟାପୀ ରାମ କଥା ଅନୁଷ୍ଠିତ ହେବ।

# ଦଶପଲ୍ଲାରେ ବିଶ୍ୱ ଶ୍ରମିକ ଦିବସ

ଦଶପଲ୍ଲା, ୨।୫( ପ୍ରକାଶ କୁମାର ପାଣି)

ଐତିହାସିକ ମେଳିଆ ତୋଟାଠାରେ ବିଶ୍ୱ ଶ୍ରମିକ ଦିବସ ଗୁରୁବାର ପାଳିତ ହୋଇଯାଇଛି। ବରିଷ୍ଠ କୃଷକ ନେତା ପୂର୍ଣ୍ଣଚନ୍ଦ୍ର ସାହୁ ଲାଲ ପତାକା ଉତ୍ତୋଳନ କଲା ପରେ ଉପସ୍ଥିତ ଶ୍ରମିକ କୃଷକମାନେ ଶହୀଦ୍ ବେଦିରେ ପୁଷ୍ପ ପ୍ରଦାନ କରିଥିଲେ। ପରେ ଶ୍ରମିକ ନେତ୍ରୀ ଜୟନ୍ତୀ ଦାସଙ୍କ ସଭାପତିତ୍ୱରେ ଶ୍ରମିକ ଶ୍ରେଣୀର ସଙ୍ଗଠିତ ସଂଗ୍ରାମର ବିଜୟ ସହିତ ୮ ଘଣ୍ଟାର ଶ୍ରମ ଦିବସ ହାସଲର ଇତିହାସ ଉପରେ ଶ୍ରମିକ ନେତା ଶରତ ଚନ୍ଦ୍ର ବେହେରା ଆଲୋଚନା କରିଥିଲେ। ସମ୍ପ୍ରତି ଶ୍ରମିକ ଶ୍ରେଣୀ ବିରୋଧରେ ସରକାର ଶ୍ରମିକଙ୍କ ୪ଟି ଶ୍ରମ ଆଇନକୁ ବାତିଲ କରି ମାଲିକ ସପକ୍ଷବାଦୀ କୋର୍ଡ କରିବା କାର୍ଯ୍ୟକୁ ସମାଲୋଚନା କରି ଏହା ବିରୋଧରେ ଆଗାମୀ ୨୦ ତରିଖରେ ଶ୍ରମିକ କୃଷକଙ୍କ ଡାକରାରେ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ଭିତରେ ସିପିଏମ୍ ଦଶପଲ୍ଲା ଲୋକାଲ କମିଟି ସମ୍ପାଦକ ବିପିନ କୁମାର ବାଜୁ, ଖେତ ମଜଦୁର୍ ବ୍ଲକ କମିଟି ସମ୍ପାଦକ ବିରଞ୍ଚି ନାଏକ, କୃଷକ ସଭା ବ୍ଲକ ସଭାପତି ବ୍ରଜବନ୍ଧୁ ପ୍ରଧାନ, ଯୁବ ନେତା ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏନ୍ଏସି ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୧୩ଟି ୱାର୍ଡରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇବା ନିମନ୍ତେ ଆବେଦନ କରିଥିବା ଶତାଧିକ ହିତାଧିକାରୀ ଯୋଗଦେଇଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବା ଉପରେ ଏନ୍ଏସି ଅଧ୍ୟକ୍ଷା ଗୁରୁତ୍ୱାରୋପ କରିଥିଲେ। ଏହି ଯୋଜନାରେ ଲାଞ୍ଚ କାରବାରକୁ ସେ ବିରୋଧ କରିଥିଲେ। ଯଦି କେହି ଦଲାଲ ଆବାସ ଯୋଜନାରେ ଗୃହ କରାଇ ଦେବା ଲାଗି ଲାଞ୍ଚ ମାଗନ୍ତି ତେବେ ନୟାଗଡ଼ ଜିଲାପାଳ ଓ ଭିଜିଲାନ୍ସ ବିଭାଗକୁ ଜଣାଇବାକୁ ସେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, କର୍ମଚାରୀ ଓ ଦଲାଲମାନଙ୍କ ଜରିଆରେ ଆବାସ ଯୋଜନାରେ ବାସଗୃହ ପ୍ରଦାନ ନିମନ୍ତେ ୨୦ରୁ ୨୫ ହଜାର ଟଙ୍କା ଲାଞ୍ଚ ଆଦାୟ କରୁଥିବା ନେଇ ହିତାଧିକାରୀ ଅଭିଯୋଗ ଉଠାଇ କାର୍ଯ୍ୟକ୍ରମରେ ହୋ ହଲ୍ଲା କରିଥିଲେ। ସେଠାରେ ଉପସ୍ଥିତ ଥିବା ଏନ୍ଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ହିତାଧିକାରୀ ବିଶୋଦଗାର କରିଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ ଏନ୍ଏସି ଅଧ୍ୟକ୍ଷା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତାଗିଦ କରିଥିଲେ।


ସଚେତନତା କାର୍ଯକ୍ରମରେ ଅତିଥି ଓ ଅନ୍ୟମାନେ।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ

ନୟାଗଡ଼,୨।୫
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଆର୍ନ୍ତଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳୀ ମଛଖଣ୍ଡ ଉଦ୍‌ଘାଟନ କରି କହିଥିଲେ କାର୍ଯ୍ୟକ୍ଷେତ୍ରରେ ଶ୍ରମିକଙ୍କୁ ନିର୍ଯାତିତ କରନ୍ତି ତଥା ବେଆଇନ୍ ଭାବେ ଅନୁଚିତ କାର୍ଯ୍ୟରେ ନିୟୋଜିତ କରନ୍ତି ଅଥବା ଆଇନ୍ ଅନୁସାରେ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ନ ଦେଲେ ଆଇନ୍ ଅନୁସାରେ ଦଣ୍ଡିତ ହେବେ। ଆମ ସରକାର ଶ୍ରମିକମାନଙ୍କ ପାଇଁ ଅନେକ ଆଇନ୍ ପ୍ରଣୟନ କରିଛନ୍ତି। ଏଣୁ ଶ୍ରମିକଙ୍କ ନିରାପତା ପାଇଁ ଧ୍ୟାନ ରଖିବା ଦରକାର। ଅନ୍ୟତମ ଅତିଥି ଜିଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ, ଓକିଲ ସଂଘର ସଭାପତି ରଣଜିତ କୁମାର ଦାଶ, ପିଆଇଏଲ୍ ସତ୍ୟରଞ୍ଜନ ଦାସ, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାରଣା, କାମାକ୍ଷା ପ୍ରସାଦ ଦାସ, ପ୍ରାଧିକରଣ ସଦସ୍ୟା କ୍ଷଣପ୍ରଭା କର, ସାମାଜିକ କର୍ମୀ ଅମନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ରଖିଥିଲେ। ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତାଧର୍ମୀ ଛୋଟ ନାଟିକା ଶ୍ରମିକମାନଙ୍କ ଅଧିକାର ଉପରେ ପର୍ଯ୍ୟବେସିତ ଅଧିକାର ମିତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା।


ଶ୍ରମିକ ଦିବସରେ ଉପସ୍ଥିତ ଅତିଥିମାନେ।

# ଗୋପୀନାଥପୁରରେ ହନୁମାନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

ଖଣ୍ଡପଡ଼ା,୨।୫
(ଅଜୟ କୁମାର ମହାରଣା)

ବେଣାଗାଡିଆ ପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ନୂତନ ଭାବେ ନିର୍ମାଣ ହୋଇଥିବା ଏକ ହନୁମାନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ୩ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଗ୍ରହମାନଙ୍କୁ ଗଙ୍ଗାସ୍ନାନ ଓ ପ୍ରାଣ ପ୍ରତିଷ୍ଠା ନୀତି ଅନୁଷ୍ଠିତ ହୋଇଥିଲା। ପରଦିନ ଅର୍ଥାତ ଗୁରୁବାର ନୂତନ ହନୁମାନ ବିଗ୍ରହ ଓ ପାର୍ଶ୍ୱ ଦେବୀ, ଦେବତାଙ୍କୁ ଆସ୍ଥାନ ବିଜେ କରାଯାଇ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। କାର୍ଯ୍ୟକ୍ରମର କର୍ତ୍ତା ଭାବେ ଗଦାଧର ବେହେରା, ପୁରୋଧା ଭାବେ ସଦାଶିବ ମିଶ୍ର, ରମେଶ କୁମାର ହୋତା, ରାଜକିଶୋର ଆଚାର୍ଯ୍ୟ ଓ ରୁଦ୍ର ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

# ପହଲଗାମ ମୃତ ପର୍ଯ୍ୟଟକଙ୍କ ଲାଗି ମହମବତି ଶୋଭାଯାତ୍ରା

ଦଶପଲ୍ଲା, ୨।୫ (ପ୍ରକାଶ କୁମାର ପାଣି)

କଶ୍ମୀରର ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମୃତ ଭାରତୀୟ ନାଗରିକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦଶପଲ୍ଲା ବ୍ଲକ ଟାକରାଠାରେ ଉତ୍ସର୍ଗ ଫାଉଣ୍ଡେଶନ ଓ ୟୁଥ ୟୁନାଇଟେଡ଼ କ୍ଲବ ପକ୍ଷରୁ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପ୍ରଥମେ ଶନି ମନ୍ଦିରଠାରୁ ଆରମ୍ଭ ହୋଇ ଟାକରା ବଜାର ପରିକ୍ରମା କରି ଗୋପାଳପୁର, ରଥିପୁର ବୁଲି ସିଦ୍ଧେଶ୍ୱର ମନ୍ଦିର ନିକଟରେ ପହଞ୍ଚି ଥିଲା। ମନ୍ଦିରଠାରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଉତ୍ସର୍ଗ ଫାଉଣ୍ଡେଶନର ପ୍ରିୟବ୍ରତ ଆଚାର୍ଯ୍ୟ, ନିହାର ରଞ୍ଜନ ମହାନ୍ତି, ବନମାଳୀ ସାହୁ, ମନ୍ମଥ ସାହୁ,, ଚନ୍ଦନେଶ୍ୱର ଦାସ, ସମ୍ପିତ କୁମାର ଭଞ୍ଜ, ଚିତ୍ତ ରଞ୍ଜନ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ୟୁଥ ୟୁନାଇଟେଡ଼ କ୍ଲବ ପକ୍ଷରୁ ନିର୍ମଳ ଚନ୍ଦ୍ର ବାରିକ, ରଞ୍ଜନ ପରିଡ଼ା, ବାସୁଦେବ ସାହୁ, ବିଭୁଦତ୍ତ ନାୟକ ସମେତ ସମସ୍ତ ସଦସ୍ୟ ଏବଂ ଟାକରା ଅଞ୍ଚଳର ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଏଥିରେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ପହଲଗାମଠାରେ ଘଟିଥିବା ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା।



ଦଶପଲ୍ଲାରେ ମହମବତୀ ଶୋଭାଯାତ୍ରା।

# ସଂରକ୍ଷିତ ଜଙ୍ଗଲରେ ପାଣିର ଅଭାବ, ବିପଦରେ ବନ୍ୟଜନ୍ତୁ

ଖଣ୍ଡପଡ଼ା,୨।୫
(ଅଜୟ କୁମାର ମହାରଣା)

ବିଭିନ୍ନ ଗ୍ରାମରେ ବନ ସଂରକ୍ଷିତ ଜଙ୍ଗଲ ଜମିର ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ବନ ସୁରକ୍ଷା କମିଟି ଗଠନ କରାଯାଇଛି। ବନ ସୁରକ୍ଷା କମିଟି ଗଠନ ପରେ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଜମିରେ ବନ୍ୟ ଜନ୍ତୁମାନଙ୍କ ଅହେତୁକ ଭାବେ ବଂଶ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ସଂରକ୍ଷିତ ଜଙ୍ଗଲରେ କୁଟୁରା, ବାର୍ହା, ହରିଣ ଆଦି ବନ୍ୟ ଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଖଣ୍ଡପଡ଼ା ବନ ଅଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲରେ ପାନୀୟ ଜଳର ଅଭାବ ଯୋଗୁ ବନ୍ୟଜନ୍ତୁ ଏବେ ବିପଦରେ ପଡିଛନ୍ତି। ତୃଷାର୍ତ୍ତ ବନ୍ୟ ଜନ୍ତୁମାନେ ପାଣି ଅନ୍ୱେଷଣରେ ନିକଟସ୍ଥ ଜନବସତି ଅଞ୍ଚଳକୁ ଚାଲି ଆସି ବୁଲା କୁକୁର ଓ ଜନସାଧାରଣଙ୍କ ହାବୁଡରେ ପଡୁଥିବା ନଜିର ରହିଛି। ଫେବୃଆରୀ ୧୩ ତାରିଖରେ ବାରଖୋଲା ସଂରକ୍ଷିତ ଜଙ୍ଗଲରୁ ଏକ କୁଟୁରା ବଡବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମ ମଧ୍ୟକୁ ଚାଲିଆସି ଗ୍ରାମବାସୀଙ୍କ ହାତରେ ଧରାପଡିଥିଲା। ପରେ ଖବରପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କୁଟୁରାଟିକୁ ଉଦ୍ଧାର କରିବା ସହ ଘଞ୍ଚ ଜଙ୍ଗଲ ମଧ୍ୟରେ ସୁରକ୍ଷିତ ଅବସ୍ଥାରେ ଛାଡ଼ି ଦେଇଥିଲେ। ଏହି ଘଟଣା ପରେ ଏପ୍ରିଲ ୨୮ରେ ଏକ କୁଟୁରା ସଂରକ୍ଷିତ ଜଙ୍ଗଲରୁ ପଳାଇ ଆସି କଣ୍ଟିଲୋ ପାଣ୍ଡୁସାହୁପାଟଣା ମଇ ବିଦ୍ୟାଳୟକୁ ପ୍ରବେଶ କରିବା ପରେ ସ୍ଥାନୀୟ ବାସିନ୍ଦା ତାକୁ କାବୁ କରି ଧରିବା ସହ ଖଣ୍ଡପଡ଼ା ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ। ସେହିପରି ଗତବର୍ଷ ଗ୍ରୀଷ୍ମ ଋତୁରେ ଗୋଟିଏ କୁଟୁରା ଛୁଆ, ୨ଟି ହରିଣ ଓ ଗୋଟିଏ ବାର୍ହା ଛୁଆ ଗ୍ରାମ ମଧ୍ୟକୁ ଚାଲି ଆସି ଜନସାଧାରଣଙ୍କ ହାବୁଡରେ ପଡିଥିଲେ। ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ ସିଂଘାପଡ଼ା ପଞ୍ଚାୟତର ରୁପାପଲ୍ଲୀ ଗ୍ରାମ ନିକଟରୁ ଏକ କୁଟୁରା ଛୁଆକୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିବା ବେଳେ ବେଣାଗାଡିଆ ପଞ୍ଚାୟତର ପଥରଦ୍ୱାର ଗ୍ରାମ ମଧ୍ୟକୁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଚାଲି ଆସିଥିବା ୨ଟି ହରିଣଙ୍କ ମଧ୍ୟରୁ ଗୋଟିଏ ହରିଣକୁ ଉଦ୍ଧାର କରି ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ ଦେଇଥିଲେ। ସେହିପରି ନିକଟସ୍ଥ ଜଙ୍ଗଲରୁ ସୁନାମୁହିଁ ପ୍ରକଳ୍ପ ନିକଟକୁ ରାସ୍ତା ପାର ହୋଇ ପାଣି ପିଇବାକୁ ଆସିଥିବା ଏକ ବାର୍ହା ଏକ ହାଇୱା ଗାଡି ଧକ୍କାରେ ଆହତ ହୋଇ ମୃତ୍ୟୁ ଘଟଣା ନଜରକୁ ଆସିଥିଲା। ସଂରକ୍ଷିତ ଜଙ୍ଗଲ ଜମିରେ ବନ ବିଭାଗ ପକ୍ଷରୁ ବନ୍ୟଜନ୍ତୁଙ୍କ ଉଦ୍ଦେଶ୍ୟରେ ଖନନ କରାଯାଇଥିବା ପୋଖରୀ ଓ ଜଳ ଉତ୍ସଗୁଡିକ ଗ୍ରୀଷ୍ମଋତୁ ପ୍ରାରମ୍ଭରେ ଶୁଖିଲା ପଡ଼ିଥିବାରୁ ତୃଣଭୋଜି ବନ୍ୟପ୍ରାଣୀ ଗୁଡିକ ତୃଷାତ ଅବସ୍ଥାରେ ଜଳ ଉତ୍ସ ନିକଟକୁ ଚାଲି ଆସି ଜନସାଧାରଣଙ୍କ ହାବୁଡରେ ପଡୁଥିବାରୁ ପରିବେଶବିତ୍ ଓ ପଶୁପ୍ରେମୀ ଏ ନେଇ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ତେଣୁ ବନ୍ୟଜନ୍ତୁ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନୟାଗଡ଼ ବନଖଣ୍ଡ ଅଧିକାରୀ ଓ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଲୋକସଂସ୍କୃତି ଲୋପହେବା ଆମ ପାଇଁ ଶୁଭ ନୁହେଁ

## ମନମୋହିଲା ଗଣକବି ଗୋପାଳ ଦାସଙ୍କ ବିଲଙ୍କା ରାମାୟଣ

କେନ୍ଦ୍ରାପଡ଼ା, ୨।୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ମହିପାଳଠାରେ ଶ୍ରୀମା' ମହିପାଳିନୀ ରାମାୟଣ ପରିଷଦ ପକ୍ଷରୁ ରାମଲୀଳା ଅନୁଷ୍ଠିତ ହେଉଛି। ୧୯୩୫ରୁ ଆରମ୍ଭ ହୋଇଥିବା ଏହି ରାମଲୀଳା ପିଢ଼ି ପରେ ପିଢ଼ି ଜାରି ରହିଛି। ଧ୍ରୁବ ଚରଣ ବେହୁରା, ନିମାଁଇ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମହେଶ୍ୱର ନାୟକ, ଦିବାକର ନାୟକ, ନାରାୟଣ ମହାରଣା ପ୍ରମୁଖ ଏହାର ନିର୍ଦ୍ଦେଶନା ଦେଇ ଆସିଛନ୍ତି। ଗଣକବି ଗୋପାଳ ଦାସଙ୍କ ରଚିତ ରାମଲୀଳା ପ୍ରାୟ ୩୧ଦିନ ଧରି ପୂର୍ବରୁ ଅନୁଷ୍ଠିତ ହେଉଥିଲା। ସମ୍ପ୍ରତି ରାମଲୀଳା, ସୀତା ବିବାହ, ରାମ ବନବାସ, ସୀତା ଚୋରି, ବାଳି ବଧ ଓ ଲଙ୍କାପୋଡ଼ି, ବିଲଙ୍କା ରାବଣ ବଧ ଆଦି ଗୀତିନାଟ୍ୟ ପରିବେଷଣ ହେଉଛି।

ଜିଲ୍ଲାର ଏହି ଲୋକ ସଂସ୍କୃତି ମହିପାଳଠାରେ ଆୟୋଜିତ ବିଲଙ୍କା ରାବଣ ବଧ ଗୀତିନାଟ୍ୟ ଗୁରୁବାର ଦର୍ଶକଙ୍କ ମନକୁ ଛୁଇଁଛି। ରାମ ଭୂମିକାରେ ଗଣେଶ୍ୱର ସାହୁ, ରାବଣରେ ହେମନ୍ତ ବେହେରା, ସୀତାରେ ରାକେଶ ନାଥ, ହନୁମାନ ଭୂମିକାରେ ଶିଶିର ନାୟକ ପ୍ରମୁଖଙ୍କ ଆକର୍ଷଣୀୟ ଅଭିନୟ ଦର୍ଶକଙ୍କୁ


ବିଲଙ୍କା ରାମାୟଣ ଗୀତି ନାଟ୍ୟର ଏକ ଦୃଶ୍ୟ।

ରାମାୟଣ ଯୁଗକୁ ନେଇ ଯାଇଥିଲା।

ଏ ସମ୍ପର୍କରେ ରାମ ଭୂମିକାରେ ଅଭିନୟ କରୁଥିବା ଗଣେଶ୍ୱର ସାହୁ କହିଛନ୍ତି, ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବରେ ରେକର୍ଡ ଡ୍ୟାନ୍ସ ଓ ଅନ୍ୟ ଅତ୍ୟାଧୁନିକ କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଏହି ରାମାୟଣ ଲୋକନାଟ୍ୟ ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲ୍ଲାରେ ନିଜସ୍ୱ ସାଂସ୍କୃତିକ ବିଭବ ହୋଇରହିଛି। ଏହି ଲୋକନାଟ୍ୟ ସମ୍ପର୍କରେ ଓଡ଼ିଶାର ଦେବଦେବୀ ପୁସ୍ତକରେ ଲେଖକ ନରହରି ଉପାଧ୍ୟାୟ ଲେଖିଛନ୍ତି, ଆଳି ଝୁଲଣ, ଓଳକଣା ମେଳଣ, କେନ୍ଦ୍ରାପଡ଼ା ରାମଲୀଳା ଓ ପୁରୀର ଚନ୍ଦନ ଯାତ ସର୍ବବିଦିତ। ପରମ୍ପରା ଅନୁଯାୟୀ, ଶ୍ରୀବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ରାମନବମୀଠାରୁ ରାମଲୀଳା ଆରମ୍ଭ ହୋଇଛି। ଏଥିସହ ସହରର ମହିପାଳ, କାକଟ ମଙ୍ଗଳା, ତିନିମୁହାଣିସ୍ଥିତ ରାମମନ୍ଦିର ସହ ଜିଲ୍ଲାର ବିଭିନ୍ନସ୍ଥାନରେ ରାମଲୀଳା ଲୋକନାଟ୍ୟ ଆରମ୍ଭ ହୋଇଛି। ପ୍ରାବନ୍ଧିକ ଡ. ବିରଜା ରାଉତରାୟ କହିଛନ୍ତି, ସମୟ ସ୍ରୋତରେ ସବୁ ପାରମ୍ପରିକ କଳା ଏବେ ବିଲୁପ୍ତି ପଥରେ। ଶିଳ୍ପ ଓ ନଗର ସଭ୍ୟତାର ଅଭ୍ୟୁଦୟ ଆମ ଗ୍ରାମୀଣ ଜୀବନବୋଧକୁ ପର୍ଯ୍ୟାପ୍ତ ଭାବେ ପ୍ରଭାବିତ କରିଛି। ଲୋକସଂସ୍କୃତି ଲୋପ ହେବା ଆମ ପାଇଁ ଶୁଭ ଲକ୍ଷଣ ନୁହେଁ। ଯୁବନେତା ରଞ୍ଜିତ କୁମାର ସାହୁ କହିଛନ୍ତି, ଏହା କେନ୍ଦ୍ରାପଡ଼ାର ନିଜସ୍ୱ ଲୋକ ସଂସ୍କୃତି। ଯାହା ଆଜି ଦେଶ ବିଦେଶରେ ଆଦୃତିଲାଭ କରିଛି। ରାମଲୀଳା ଅଭିନୟରେ ପୁରୁଷମାନେ ଅଭିନୟ କରିଥାନ୍ତି। ଦେହରେ ପ୍ରାକୃତିକ ରଙ୍ଗ ବୋଳି କାଠ ଖଣ୍ଡାରେ ହେଉଥିବା ରାମଲୀଳାର ପରିବର୍ତ୍ତନ ହୋଇଛି। ଲଣ୍ଠନ, ଝାଡଲାଇଟ, ପେଟ୍ରୋମାକ୍ସ ବଦଳରେ ରଙ୍ଗବେରଙ୍ଗ ଆଖି ଝଲସା ପେଣ୍ଡାଲ ଏବେ ପ୍ରସ୍ତୁତ ହେଉଛି। ପୁରୁଷ ବଦଳରେ ମହିଳା ଏବେ ନାରୀ ଚରିତ୍ରରେ ଅବତୀର୍ଣ୍ଣ ହେଉଛନ୍ତି। ଏହାସତ୍ତ୍ୱେ ରାମଲୀଳା ଦେଖିବାକୁ ବହୁ ଦୂରଦୂରାନ୍ତରୁ ଆସି ଚଟ, ଅଖାରେ ବସି ଆଧ୍ୟାତ୍ମିକ ରସ ଆସ୍ୱାଦନ କରୁଥିବା ଦର୍ଶକଙ୍କ ସଂଖ୍ୟା କମିଛି। ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ କହିଛନ୍ତି, ଜିଲ୍ଲାରେ ଥିବା ଲୋକକଳାର ସଂରକ୍ଷଣ ଜରୁରୀ। କଳା ଓ କଳାକାରଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିଛି।

# ଅନିର୍ଦ୍ଦିଷ୍ଟ ସମୟ ପାଇଁ ବୈଠକ ଘୁଞ୍ଚିଲା

## ଜୟଚନ୍ଦ୍ରପୁର ସରପଞ୍ଚ ଅନାସ୍ଥା ପ୍ରସ୍ତାବ ମାମଲା

କେନ୍ଦ୍ରାପଡ଼ା, ୨।୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ସରପଞ୍ଚ ପିୟଙ୍କା ସାମଲଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଘୁଞ୍ଚି ଯାଇଛି। ଏ ନେଇ ଉପଜିଲାପାଳ ଅରୁଣ କୁମାର ନାୟକ ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଚିଠି (ନଂ. ୫୪୩୭) କରିଛନ୍ତି। ଚିଠିରେ ଉପଜିଲାପାଳ ନାୟକ ଉଲ୍ଲେଖ କରିଛନ୍ତି, ଶୁକ୍ରବାର ଏହି ବୈଠକ ଅନୁଷ୍ଠିତ ହେବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ତେବେ ବୈଠକରେ ସଭାପତିତ୍ୱ କରିବାକୁ କ୍ଷମତାପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶିବ ମଲ୍ଲିକଙ୍କ ଶରୀର ଅସୁସ୍ଥ କାରଣରୁ ଏହାକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଘୁଞ୍ଚା ଯାଇଛି।


କେନ୍ଦ୍ରାପଡା ସହର ଇଚ୍ଛାପୁରସ୍ଥିତ ନରେନ୍ଦ୍ର ପୋଖରୀରେ ଶ୍ରୀଜୀଉଙ୍କ ଚାପଖେଳ।

# କେନ୍ଦ୍ରାପଡ଼ାରେ ୯୬.୪୧ ପ୍ରତିଶତ ପରୀକ୍ଷାର୍ଥୀ ପାସ

## ମାଟ୍ରିକ ପରୀକ୍ଷା ଫଳ

କେନ୍ଦ୍ରାପଡ଼ା, ୨।୫ (ଜଗନ୍ନାଥ ଧଳ)

ଓଡିଶା ରାଜ୍ୟ ବୋର୍ଡ ଅଫ ସେକେଣ୍ଡାରୀ ଏଡୁକେଶନର ଦଶମ ଶ୍ରେଣୀ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରୀକ୍ଷା ଫଳରେ ନିୟମିତ ବର୍ଗର ପରୀକ୍ଷାର୍ଥୀଙ୍କ ପାସ ହାର ୯୬.୪୧ ପ୍ରତିଶତ ରହିଛି। ଚଳିତ ଶିକ୍ଷା ବର୍ଷରେ ଜିଲ୍ଲାର ୩୪୬ଟି ସ୍କୁଲର ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମୋଟ ୧୮,୧୮୩ ଜଣ ଫର୍ମ ଫିଲପ କରିଥିଲେ ମଧ୍ୟ ୨୭୭ ଜଣ ପରୀକ୍ଷାର୍ଥି ପରୀକ୍ଷା ସମୟରେ ଅନୁପସ୍ଥିତ ଥିଲେ। ଏଥିମଧ୍ୟରୁ 'ଏ' ୧ ଗ୍ରେଡରେ ୬୩ ଜଣ, 'ଏ' ୨ରେ ୪୨୮ ଜଣ, 'ବି' ୧ରେ ୧୩୩୩ ଜଣ, 'ବି' ୨ରେ ୩୧୬୬, 'ସି' ରେ ୪୯୮୮, 'ଡି'ରେ ୫୧୮୭, 'ଇ'ରେ ୨୧୦୮ ଓ 'ଏଫ' ଗ୍ରେଡରେ ୬୪୨ ଜଣ ଅଛନ୍ତି। ଜଣେ ମାଲପ୍ରାକ୍ଟିସ କରି ଧରା ପଡିଛନ୍ତି। ସମୁଦାୟ ୧୭,୨୭୩ ଜଣଙ୍କ ମଧ୍ୟରୁ ୮,୪୯୪ ଛାତ୍ର ଓ ୮୭୭୯ ଜଣ ଛାତ୍ରୀ ଅଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଜିଲ୍ଲା ମାଟ୍ରିକ ଫଳାଫଳ ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ କାଠିଆପଡାସ୍ଥିତ ଦକ୍ଷିଣେଶ୍ୱର ହାଇସ୍କୁଲର ଛାତ୍ର ଶୁଭମଜ୍ୟୋତି ରାଉତ ମୋଟ ୬୦୦ ମାର୍କରୁ ମୋଟ ୫୭୫ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି।

# ମାଟ୍ରିକ ପରୀକ୍ଷାରେ ଶୁଭମଜ୍ୟୋତି ରାଉତ ଜିଲା ଟପ୍ପର

ପଟ୍ଟାମୁଣ୍ଡାଇ, ୨।୫ (କଳ୍ପତରୁ ନାୟକ)

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ବ୍ଲକରେ ୧୦ଜଣ ଛାତ୍ରୀଛାତ୍ର ସର୍ବୋଚ୍ଚ ନମ୍ବର ରଖି ବ୍ଲକରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ କାଠିଆପଡା ଦକ୍ଷିଣେଶ୍ୱର ହାଇସ୍କୁଲର ଛାତ୍ର ତଥା ମନୋଜ ରାଉତ ଓ ମିନତି ସୁନ୍ଦରରାୟଙ୍କ ପୁତ୍ର ଶୁଭମ ଜ୍ୟୋତି ରାଉତ ସର୍ବୋଚ୍ଚ ୫୭୫ ନମ୍ବର ରଖି ଜିଲା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେ ଏନେଇ ଠାକୁର, ପିତାମାତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏହି ଶ୍ରେୟ ଦେଇଛନ୍ତି।


ଶୁଭମଜ୍ୟୋତି ରାଉତ

ଦିନକୁ ୮ରୁ ୯ ଘଣ୍ଟା ପରିଶ୍ରମ କରୁଥିବା ଶୁଭମ ଜ୍ୟୋତି ଆଗକୁ ସିଭିଲ ସର୍ଭିସରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ସେହିପରି ଅନନ୍ୟା ସ୍ଥିତିପ୍ରଜ୍ଞା ସାହୁ ୫୬୦, ସାଇରୁପା ନନ୍ଦ ୫୪୮ ଓ ସମୀକ୍ଷା କର ୫୪୩ ଏମ୍‌ଏନ୍ ହାଇସ୍କୁଲ ପଟ୍ଟାମୁଣ୍ଡାଇ, ରାଜେଶ ମଲ୍ଲିକ ୫୫୯ ଓ ଅନନ୍ୟା ପାତ୍ର ୫୫୩, ସରସ୍ୱତୀ ଶିଶୁ ମନ୍ଦିର ପଟ୍ଟାମୁଣ୍ଡାଇ, ହର୍ଷିତା ଆଦର୍ଶିନୀ ଦାସ ୫୫୩ ଦକ୍ଷିଣେଶ୍ୱର ହାଇସ୍କୁଲ କାଠିଆପଡା, ସ୍ୱଦେଶ ଦାସ ୫୪୩ ନିତାଇ ଚୈତନ୍ୟ ହାଇସ୍କୁଲ ବଡ଼ମୂଳବସନ୍ତ, ନିବେଦିତା ବେହେରା ୫୪୧ ମଦନପୁର ମହାବୀର ହାଇସ୍କୁଲ ବ୍ଲକ ସ୍ତରରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ସଫଳ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଚଣ୍ଡିଖୋଲ କୋର୍ଟରେ ଶ୍ରମିକ ଦିବସ ପାଳିତ

ଚଣ୍ଡିଖୋଲ, ୨।୫(ପ୍ରଦୀପ୍ତ କୁମାର ପୃଷ୍ଟି)

ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଅଧ୍ୟକ୍ଷ ତଥା ସବଜଜ ବିଶ୍ୱଦୀପକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲା ଓ ଦୌରାଜଜ ଗୋପବନ୍ଧୁ ଗଣନାୟକ. ଜେଏମଏଫ ସି ଶ୍ରୀମୟୀ ନନ୍ଦ, ସ୍ମୃତି ଅଭିଳାଷା, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସମ୍ପାଦକ ପ୍ରକାଶ ଦାଶ, ସରକାରୀ ଓକିଲ ଦେବରାଜ ବେହେରା ପ୍ରମୁଖ ଯୋଗଦେଇ ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ, ଅଣସଙ୍ଗଠିତ ଶ୍ରମିକଙ୍କ ସମସ୍ୟା ଓ ସର୍ବନିମ୍ନ ମଜୁରୀ ଆଇନ, କାରଖାନା ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ରିଟେନର ଜାଗୃତି ବାରିକ ଧନ୍ୟବାଦ ଦେଇଥିଲେ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଛୁରାମାଡ଼, ଅଭିଯୁକ୍ତ ଫେରାର

ମାର୍ଶାଘାଇ, ୨।୫ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ବଡକୁଳ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିବା ନେଇ ଅଭିଯୋଗ ହୋଇଛି। ବଡକୁଳ ଗ୍ରାମର ସଂଯୁକ୍ତା ଲେଙ୍କା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗୁରୁବାର ସକାଳେ ତାଙ୍କ ପୁଅ ରାଜକିଶୋର ଲେଙ୍କା (୩୦) ଗ୍ରାମର ସାଇବାବା ଛକରେ ନିଜ ସ୍କୁଟି ଉପରେ ବସିଥିବା ସମୟରେ ନିକଟସ୍ଥ ଦହିମାଛ ଗ୍ରାମର ଦେବାଶିଷ ରାଉତ ଓରଫ ବାପି ଅତର୍କିତ ଭାବରେ ଏକ ଧାରୁଆ ଛୁରିରେ ତାଙ୍କ ବେକକୁ ଆଘାତ କରିଥିଲେ। ସେ ପ୍ରାଣ ବିକଳରେ ଘରକୁ ଦୌଡିବା ବେଳେ ବାପି ପୁନର୍ବାର ତାଙ୍କ ପେଟ ସମେତ ଶରୀରର ବିଭିନ୍ନସ୍ଥାନକୁ ଆଘାତ କରିଥିଲେ। ଗାଁ ଲୋକ ଆସିବା ବେଳେ ବାପି ଓ ତାଙ୍କ ଜେସିବି ଡ୍ରାଇଭର ଏକ ବାଇକ୍ ଯୋଗେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ନଂ. ୧୩୦/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଛୁରାମାଡ଼ର ଶିକାର ଯୁବକ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ପାଣିରେ ରିଲ୍ସ: ମହାନଦୀରେ ବୁଡ଼ି ଛାତ୍ର ମୃତ

## ପାଣିରେ ରିଲ୍ସ କରିବା କାଳ ହେଲା

ରଘୁନାଥପୁର, ୨।୫(ରାଜେନ୍ଦ୍ର ନାରାୟଣ ସିଂହ)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୁଳ ପଞ୍ଚାୟତ ଅନ୍ତର୍ଗତ ପିଁପୁରସ୍ଥିତ ମହାନଦୀରେ ଶୁକ୍ରବାର ଜଣେ ଛାତ୍ର ସାଙ୍ଗସାଥୀ ହୋଇ ରିଲ୍ସ କରୁଥିଲେ। ଏହା ତାଙ୍କ ପାଇଁ କାଳ ହୋଇଛି। ମହାନଦୀରେ ଗଭୀରତା ଜାଣି ନ ପାରି ଭିତରକୁ ପଶିଯିବାରୁ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଥାନା ସାଁପୁର ପଞ୍ଚାୟତ ଅନ୍ତର୍ଗତ ସାମାଛକର ପପୁ ମଲ୍ଲିକଙ୍କ ପୁଅ ଅମିତ। ସେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ଥିଲେ। ଜଗତ୍‌ସିଂହପୁର ଜିଲାର ୮ ଜଣ ସାଙ୍ଗଙ୍କ ସହ ଅମିତ ବୁଲିବାକୁ ଆସି ପିଁପୁରସ୍ଥିତ ମହାନଦୀ ସ୍ରୋତ ଉପରେ ରିଲ୍ସ ବନାଉଥିଲେ। ସେ ଓ ତାଙ୍କ ସାଙ୍ଗ ଏସ୍.କେ. ସାଇନ ପାଣି ଭିତରେ ପଶି ରିଲ୍ସ ବନାଉଥିଲେ। ଏହି ସମୟରେ ଅମିତ୍ ହଠାତ୍ ଅଧିକ ପାଣି ଭିତରକୁ ଯାଇ ବୁଡ଼ିଯାଇଥିବାବେଳେ ଏସ୍.କେ ସାଇନ କୌଣସି ପ୍ରକାରେ ପହଁରି ଉପରକୁ ଚାଲିଆସିଥିଲେ। ଖବରପାଇ ସ୍ଥାନୀୟ ଗ୍ରାମବାସୀ ରଘୁନାଥପୁର ଦମକଳ ବାହିନୀକୁ ଖବର ଦେଇଥିଲେ। କେତେଜଣ ବ୍ୟକ୍ତି ଏକ ଡଙ୍ଗାରେ ଅମିତ୍‌ଙ୍କୁ ପାଣିରେ ଖୋଜାଖୋଜି କରିଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ଅଧଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ ମଧ୍ୟ ଉଦ୍ଧାରକାରୀ ଯନ୍ତ୍ର ଓ ରବର ବୋଟ୍ ଆଣି ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ତିର୍ତ୍ତୋଲ ଦମକଳବାହିନୀ ଆସି ଖୋଜାଖୋଜି କରିବା ପରେ ଅପରାହ୍ଣରେ ପାଣିରୁ ଅମିତଙ୍କ ମୃତଦେହ ଠାବ କରିଛି।


ଅମିତ ମଲ୍ଲିକ।

# ଜୟଦେବଙ୍କ 'ଗୀତଗୋବିନ୍ଦ' ସଂସ୍କୃତ ସାହିତ୍ୟରେ ଅନବଦ୍ୟ ସୃଷ୍ଟି


ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିଭାଲ୍‌ର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିଭାଲ୍ ଉଦ୍‌ଯାପିତ

ଯାଜପୁର, ୨।୫(ହର୍ଷବର୍ଦ୍ଧନ ବେହେରା)

ଜୟଦେବଙ୍କ ପ୍ରଣୀତ 'ଗୀତଗୋବିନ୍ଦ' ସଂସ୍କୃତ ସାହିତ୍ୟରେ ଏକ ଅନବଦ୍ୟ ସୃଷ୍ଟି। ଏହାର ରଚନା କୁଶଳତା, ଶୈଳୀ ଓ ସୁମଧୁର କାନ୍ତକୋମଳ ପଦାବଳୀ ବିଶ୍ୱ ସାହିତ୍ୟରେ ଅନନ୍ୟ। ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ବୁଧବାର ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିଭାଲ୍‌ର ଉଦ୍‌ଯାପନୀ ଉତ୍ସବରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ବିରଜା କଲ୍‌ଚରାଲ୍ ଏକାଡେମୀ ଓ ବିରଜାକ୍ଷେତ୍ର ଫେଷ୍ଟିଭାଲ୍ କମିଟି ଆନୁକୂଲ୍ୟରେ ଏକାଡେମୀର ସଭାପତି ଘନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଫନୀ ମହାନ୍ତି ମୁଖ୍ୟ ଅତିଥି, କବି ହେମନ୍ତ କୁମାର ରାଉତ ମୁଖ୍ୟବକ୍ତା, ଅହମ୍ମଦାବାଦସ୍ଥିତ ଆଇରନ୍ ଟ୍ରାଙ୍ଗଲ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବରଦାପ୍ରସାଦ ମହାପାତ୍ର, କଳିଙ୍ଗନଗର ଜନଜୀବନ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ରାୟ, କବି ଯାମିନୀକାନ୍ତ ଦାସ ଓ ଗୁରୁ ଆଶିଷ କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୀତଗୋବିନ୍ଦ ବିଶ୍ୱ ସାହିତ୍ୟର ଏକ ଅମୂଲ୍ୟ ରତ୍ନ ବୋଲି ବର୍ଣ୍ଣନା କରିଥିଲେ। କବୟିତ୍ରୀ ବିଦ୍ୟୁତପ୍ରଭା କର ସ୍ୱାଗତ ଭାଷଣ, ଉପସଭାପତି ପ୍ରିୟଦର୍ଶିନୀ ସାମନ୍ତ ପ୍ରାରମ୍ଭିକ ସୂଚନା, ସେକ୍ ଅବଦୁଲ୍ ସାଜିଦ୍ ମଞ୍ଚ ନିମନ୍ତ୍ରଣ, ଅଧ୍ୟାପକ ଦାମୋଦର ବେହେରା ଅତିଥି ପରିଚୟ ଓ ଶିକ୍ଷାବିତ୍ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏକାଡେମୀର ସମ୍ପାଦିକା ସସ୍ମିତା ପଣ୍ଡା ଓ ସାଂସ୍କୃତିକ ସଂପାଦିକା ପ୍ରତିମା ମିଶ୍ରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୃତ୍ୟ ମାଧ୍ୟମରେ 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥିମାନଙ୍କ ସମେତ ସମାଜସେବୀ ନାରାୟଣ ସାମନ୍ତ, ଦେବେନ୍ଦ୍ର କୁମାର ପଣ୍ଡା, ବୀରେନ୍ଦ୍ର ମହାନ୍ତି, ଅଜୟ କୁମାର ପାତ୍ର, ରବୀନ୍ଦ୍ର କୁମାର ପରିଡ଼ା, ଶିକ୍ଷାବିତ୍ କୁଳମଣି ଦତ୍ତ, ଯୁଗଳ କିଶୋର ହୋତା, ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି, ଗିରିଧାରୀ ଚାନ୍ଦ, ସଂଜୟ କୁମାର ସାହୁ, ସାବିତ୍ରୀ ସେଠୀ, ନାଟ୍ୟକାର ବିନ୍ଦୁରେଖା ମହାପାତ୍ର, ରବୀନ୍ଦ୍ର କୁମାର ନାୟକ, ଗାଳ୍ପିକ ରମେଶ ଚନ୍ଦ୍ର ପଣ୍ଡା, କବୟିତ୍ରୀ ଚାରୁଲତା ଭୂୟାଁ, ସଂଯୁକ୍ତା ମହାପାତ୍ର, ଆରାଧନା ଦାଶ, ପରିବେଶବିତ୍ ଶଶିଭୂଷଣ ତ୍ରିପାଠୀ, ରତନଲାଲ ଭୂୟାଁ, ବିରଜା ପାଣି, ଦିଲୀପ କୁମାର ଦାସ, ଶରତ ପୋଥାଲ, ଜିତେନ୍ଦ୍ରନାଥ କର ପ୍ରମୁଖଙ୍କୁ 'ଶ୍ରୀ ଜୟଦେବ ସମ୍ମାନ-୨୦୨୫' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଜିଲାରୁ ଆସିଥିବା ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏଥିରେ ଯୋଗଦେଇଥିଲେ।

'ବିଶ୍ୱ ନୃତ୍ୟ ଦିବସ' ଉପଲକ୍ଷେ ମଙ୍ଗଳବାର ଫେଷ୍ଟିଭାଲ୍‌ର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଯାଜପୁର ବିଧାୟିକା ସୁଜାତା ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ମୁଖ୍ୟ ଅତିଥି, 'ଯଜ୍ଞପ୍ରଭା'ର ସମ୍ପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟବକ୍ତା, ପୌରପରିଷଦର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ବିଶିଷ୍ଟ ଅତିଥି, ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ କୁମାର ନନ୍ଦ ଓ ସମାଜସେବୀ ସରୋଜ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ସେଲ୍‌ଫି କର୍ନରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ନିରଞ୍ଜନ


@ ସତ୍ୟ


@ କବିତା


@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ରେ ୯୬.୯୧ ପ୍ରତିଶତ ପାସ୍ ହାର

**ପ୍ରକାଶ ପାଇଲା ଦଶମ ପରୀକ୍ଷା ଫଳ**

- ୪୪ ଏ-୧ଙ୍କ ମଧ୍ୟରୁ ଆଶିଷ ଜିଲା ଟପ୍ପର
- ନୟାଗଡ଼ର ଅଂଶୁମାନ ୨ୟ ଓ ତୃତୀୟରେ ଦଶପଲ୍ଲାର ପ୍ରାଚୀ



ନୟାଗଡ଼ ସରସ୍ୱତୀ ଶିଶୁମନ୍ଦିରର ଶତପ୍ରତିଶତ ସଫଳତା ଲାଗି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନୟାଗଡ଼,୨।୫(ଲୋକନାଥ ମିଶ୍ର)



ଆଶିଷ କୁମାର ପ୍ରଧାନ



ଅଂଶୁମାନ ନନ୍ଦ



ପ୍ରାଚୀ ମହାପାତ୍ର

ଶୁକ୍ରବାର ପ୍ରକାଶ ପାଇଛି ଦଶମ ଶ୍ରେଣୀ ପରୀକ୍ଷା ଫଳ। ନୟାଗଡ଼ ଜିଲାରେ ପାସ ହାର ୯୬.୯୧ ପ୍ରତିଶତ ହୋଇଥିବାବେଳେ ୪୪ଜଣ ଏ ୱାନ, ଏ୨– ୩୪୦, ବି ୱାନ ୮୯୦, ବି୨ ୧୯୨୯, ସି ୩୧୨୧, ଡି ୩୧୦୪, ଇ ୧୩୪୫ ପାଇଛନ୍ତି। ନୟାଗଡ଼ ସହର ଖଣ୍ଡପଡା ମହାବୀର ଲେନର ଆଶିଷ କୁମାର ପ୍ରଧାନ ଜିଲା ଟପ୍ପର ହୋଇ ୬୦୦ରୁ ୫୭୩ ନମ୍ବର ରଖି ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଆଶିଷଙ୍କ ଘର ନୟାଗଡ଼ ବ୍ଲକ ଶରଧାପୁର ହୋଇଥିବାବେଳେ ସେ ନୟାଗଡ଼ ସହରରେ ରହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଠ ପଢୁଥିଲେ। ଆଶିଷ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଥିବାବେଳେ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ସେହିଭଳି ନୟାଗଡ଼ ସହର ନୂଆ ରାଜବାଟୀ ରୋଡର ଶ୍ରୀଅରବିନ୍ଦ ସ୍କୁଲର ଅଂଶୁମାନ ନନ୍ଦ ୫୬୫ ନମ୍ବର ରଖି ଜିଲାରେ ୨ୟ ସ୍ଥାନରେ ରହିଛନ୍ତି। ଅଂଶୁମାନଙ୍କର ଘର ନୟାଗଡ଼ ବ୍ଲକର ବରପଲ୍ଲୀ ଗାଁରେ। ଅଂଶୁମାନ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେ ଦିନକୁ ୫ରୁ ୬ ଘଣ୍ଟା ପାଠ ପଢୁଥିଲେ। ଅନ୍ୟପକ୍ଷେ ଦଶପଲ୍ଲା ହାଇସ୍କୁଲର ପ୍ରାଚୀ ମହାପାତ୍ର ଜିଲାରେ ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ପ୍ରାଚୀଙ୍କ ଘର ନୂଆଗାଁ ବ୍ଲକର କୋରଡା ହୋଇଥିବାବେଳେ ଦଶପଲ୍ଲା ସହର କୃଷ୍ଣଚନ୍ଦ୍ରପୁର ପାଟଣାରେ ରହୁଛନ୍ତି। ପ୍ରାଚୀ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବେ ବୋଲି କହିଛନ୍ତି ।

ନୟାଗଡ ଜିଲାରେ ୨୩୬ ହାଇସ୍କୁଲର ୧୧,୨୭୦ ପରୀକ୍ଷାର୍ଥୀ ୭୫ଟି ସେଣ୍ଟରରେ ପରୀକ୍ଷା ଦେବାର ଥିଲା। ଏଥିରୁ ୧୫୪ ଛାତ୍ରୀଛାତ୍ର ଅନୁପସ୍ଥିତ ରହିବାରୁ ଜିଲାରେ ୧୧, ୧୧୬ଜଣ ପରୀକ୍ଷା ଦେଇଥିଲେ। ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବା ପରେ ଜିଲାରେ ୪୪ ଜଣ ଏ ୱାନ ପାଇଥିବା ଜଣାପଡିଛି। ୪୪ ଏ ୱାନଙ୍କ ମଧ୍ୟରୁ ପ୍ରଥମ, ୨ୟ ଓ ୩ ୟକୁ ଛାଡି ଦେଲେ କ୍ରୀଡାଶପୁର ଆଞ୍ଚଳିକ ହାଇସ୍କୁଲର ପୁଷ୍ପାଞ୍ଜଳୀ କୁଣ୍ଡୁ, କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ଗଣିଆର ସନ୍ଦିପ କୁମାର ସାହୁ, ନୟାଗଡ଼ ଏନ୍ଏସି ହାଇସ୍କୁଲର ପିଙ୍କି କୁମାର ସିଂ, ରଣପୁର ବିସି ହାଇସ୍କୁଲର ଆଦିତ୍ୟ ପ୍ରସାଦ ପତି, ସରସ୍ୱତୀ ବିଦ୍ୟାମନ୍ଦିର ନୟାଗଡ଼ର ଚର୍ଚ୍ଚିତ ଅନ୍ୱନ ପ୍ରଧାନ ଓ ଶୋହନ ପଣ୍ଡା, ଶରଣକୁଳ କେଏସ୍‌ବି ପବ୍ଲିକ ସ୍କୁଲ ଶରଣକୁଳ ଭିକାରୀପଡ଼ାର ଲକ୍ଷ୍ମୀଧର ସାହୁ ପ୍ରମୁଖ ଅଛନ୍ତି। ସେହିଭଳି ଶିଖରପୁର ଦଧିବାମନ ଜୀଉ ହାଇସ୍କୁଲର ଅମିତ ରଞ୍ଜନ ଭଟ, ଚାହାଳି ଜନଶକ୍ତି ନୋଡାଲ ହାଇସ୍କୁଲର ନୀଳମାଧବ ନାଥ, ରାମଚଣ୍ଡୀ ନୋଡାଲ ହାଇସ୍କୁଲ ଚାନ୍ଦପୁରର ବିଷ୍ଣୁପ୍ରୀୟା ସାହୁ, ଖମାରସାହି ନୋଡାଲ ହାଇସ୍କୁଲର ସାଇନା ସୁଚରିତା ସୁନ୍ଦରରାୟ, ମଧଖଣ୍ଡ ନୋଡାଲ ହାଇସ୍କୁଲର ପବିତ୍ର କୁମାର ବେହେରା, ଲାଠିପଡା ନୋଡାଲ ହାଇସ୍କୁଲର ଦୀପକ କୁମାର ସାହୁ, ପଞ୍ଚାୟତ ହାଇସ୍କୁଲ ସୁନାମୁହିଁର ଶୁଭମ ମହାପାତ୍ର, ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲ ଚମ୍ପତିପୁରର ସୋନାଲି ସ୍ୱାଇଁ, ଓଡଗାଁ ଆର.ଏନ. ବିଦ୍ୟାପୀଠର ବିସ୍ମୟ ପଣ୍ଡା, ପଞ୍ଚାୟତ ଗମେଣ୍ଟ ହାଇସ୍କୁଲ ଗୋପାଳପୁରର ଶୁଭସ୍ମିତା ବରାଡ, ଲେଙ୍କୁଡିପଡା ହାଇସ୍କୁଲର ହନିମେଶ ଡାକୁଆ, ନାରାୟଣୀ ବାଳିକା ଉଚ ବିଦ୍ୟାଳୟ ଇଟାମାଟିର ଜୟଶ୍ରୀ ଜୟସିଂ, ଦଶପଲ୍ଲା ହାଇସ୍କୁଲର ମନମୋହନ ମଲ୍ଲିକ ପ୍ରମୁଖ ଅନୁରୂପ ଭାବେ ଏ ୱାନରେ ଅଛନ୍ତି। ପୁଣି ରାମଚଣ୍ଡି ନୋଡାଲ ହାଇସ୍କୁଲ ଚାନ୍ଦପୁରର ଆୟୁଷ୍ମାନ ସାହୁ, ସରସ୍ୱତୀ ବିଦ୍ୟା ମନ୍ଦିର ନୟାଗଡ଼ର ଶ୍ରୀତମ ଦୀପ୍ତି ପୁହାନ, ପଣ୍ଡିତ ଜମେଶ୍ୱର ବିଦ୍ୟାପୀଠ କଳପଙ୍ଗୀର ଶୁଭମ ରାଉତ, ପଞ୍ଚାୟତ ହାଇସ୍କୁଲ ଗୋପାଳପୁରର ବିଶ୍ୱଜିତ ସାହୁ, କେଏସ୍‌ବି ପବ୍ଲିକ ସ୍କୁଲ ଶରଣକୁଳ ଭିକାରୀପଡାର ଦିବ୍ୟ ଦର୍ଶନୀ ଭଟ, ଆଞ୍ଚଳିକ ହାଇସ୍କୁଲ କ୍ରୀଡାଶପୁରର ସୁଶାନ୍ତ ପାତ୍ର, କଳାକାହ୍ନୁ ହାଇସ୍କୁଲ ଗୋଡିପଲ୍ଲୀର ଶୁଭମ ସ୍ୱାଇଁ, ଶଙ୍କର୍ଷଣ ବିଦ୍ୟାପୀଠ ଅଡାଳର ସ୍ନେହଲତା ମୁଦୁଲି, ପଞ୍ଚାୟତ ହାଇସ୍କୁଲ ବ୍ରଜରାଜପୁରର ରୁଦ୍ର ପ୍ରତାପ ମହାପାତ୍ର, ସରସ୍ୱତୀ ବିଦ୍ୟାମନ୍ଦିର ନୟାଗଡର ଅମ୍ରିତ କୁମାର ନାୟକ ପ୍ରମୁଖ ଅନୁରୂପ ଭାବେ ଏ ୱାନ ପାଇଛନ୍ତି। ସେହିଭଳି ଗମ୍ଭାରିଡିହି ହାଇସ୍କୁଲର ଯଶ୍ମିନ ଡାକୁଆ, ଦୁଖାପଲ୍ଲୀ ରବୀନ୍ଦ୍ର କୁମାର ହାଇସ୍କୁଲର ରଘୁନାଥ ନାୟକ, କପିଳେଶ୍ୱର ବିଦ୍ୟାପୀଠ ଶଙ୍ଖେଇର ସିଦ୍ଧାନ୍ତ ସ୍ୱାଇଁ, ଗାତେରୀ ଗମେଣ୍ଟ ହଜାରୀ ୟୁଜି ହାଇସ୍କୁଲର ଲିପା ସାହୁ, ସରସ୍ୱତୀ ବିଦ୍ୟାମନ୍ଦିର ନୟାଗଡ଼ର ଜଗଦୀଶ ଘଡେଇ, କୁରୁମବାଙ୍କତରା ଜନତା ନୋଡାଲ ହାଇସ୍କୁଲର ସୁଧାଂଶୁ ଶେଖର ପ୍ରଧାନ, ମଝିଆଖଣ୍ଡ ରଘୁନାଥ ନୋଡାଲ ହାଇସ୍କୁଲର ଅଶ୍ୱିନୀ ପ୍ରୀୟଦର୍ଶିନୀ, ମା' ଶୁଳିଆ ହାଇସ୍କୁଲ ଶରଧାପୁରର ଶ୍ରଦ୍ଧାଞ୍ଜଳି ପରିଡା, ପଞ୍ଚାୟତ ହାଇସ୍କୁଲ ସୁନାମୁହିଁର ରାକେଶ ବେହେରା, ରଘୁ କୁନ୍ତଳା ବିଦ୍ୟାପୀଠ ହରିପୁରର ମୋନାଲିଶା ବିଶୋଇ, ଶଙ୍କର୍ଷଣ ବିଦ୍ୟାପୀଠ ଅଡାଳ ଶୁଭମ ବରାଡ ପ୍ରମୁଖ ଅନୁରୂପ ଭାବେ ଏ ୱାନ ପାଇଛନ୍ତି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ନିରଞ୍ଜନ



@ ସତ୍ୟ



@ କବିତା



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଂରକ୍ଷିତ ଜଙ୍ଗଲରୁ ଦେଶୀ ବନ୍ଧୁକ, ଭୁଜାଲି ସହିତ ବାଇକ୍ ଜବତ


ଓଡଗାଁ, ୨।୫
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଶୁଳିଆ ସଂରକ୍ଷିତ ଜଙ୍ଗଲ ଓ ଢୋଲପଥର ଡ୍ୟାମ ନିକଟରୁ ବନ ବିଭାଗ ଗୋଟିଏ ଦେଶୀ ବନ୍ଧୁକ, ଭୁଜାଲି, ଟାଙ୍ଗିଆ, କଟୁରୀ ସହ ଗୋଟିଏ ବାଇକ୍ ଜବତ କରିଛି। ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିରେ ବନ ବିଭାଗୀୟ କର୍ମଚାରୀ ସମ୍ପୃକ୍ତ ସରଂକ୍ଷିତ ଜଙ୍ଗଲରେ ବନ୍ୟ ପ୍ରାଣୀ ଶିକାର ହେଉଥିବା ନେଇ ସୂଚନା ପାଇବା ସହିତ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୩ରୁ ୪ ଜଣ ଶିକାରୀ ସନ୍ଦେହଜନକ ଭାବେ ବନ୍ଧୁକ ଧରି ବୁଲୁଥିବା ବେଳେ ବନ କର୍ମଚାରୀ ଭାଗ ଭାଗ ହୋଇ ସେମାନଙ୍କୁ ପିଛା କରିଥିଲେ। ହେଲେ ସେମାନେ ଅନ୍ଧକାରର ସୁଯୋଗ ନେଇ ଦୌଡ଼ି ପଳାଇଥିଲେ। ହେଲେ ସେମାନେ ମାରଣାସ୍ତ୍ର ସହ ନଂ.ଓଡି ୨୫ଏଲ ୩୫୩୪ ବାଇକ୍ ଛାଡି ଯାଇଥିଲେ। ବନ ବିଭାଗ ବାଇକ୍ ବନ୍ଧୁକ ସହ ସବୁ ମାରଣାସ୍ତ୍ର ଜବତ କରିଛି। ବାଇକ୍ ମାଲିକ ଜିରୀପଡା ଗ୍ରାମର ଧୀରେନ୍ଦ୍ର ପ୍ରଧାନ (୨୫) ବିରୋଧରେ ନଂ. ୩/୨୫ରେ ମକଦମା ରୁଜୁ ହୋଇଥିବା ବନପାଳ ସରିତା ବରାଳ ଓ ରେଞ୍ଜର ନିଖିଳେଶ ମଲିକ ସୂଚନା ଦେଇଛନ୍ତି।



ବାଇକ୍, ଦେଶୀ ବନ୍ଧୁକ, ଭୁଜାଲି, ଟାଙ୍ଗିଆକୁ ବନବିଭାଗ ଜବତ କରିଛି।

# କନ୍ଧମାଳ ଏମ୍‌ପିଙ୍କ ଭାଇ ଏକାଦଶାହରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଭାଇଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

ଗଣିଆ,୨।୫(ସନ୍ତୋଷ କୁମାର ପ୍ରଧାନ)

**ଭାଜପା କର୍ମୀଙ୍କ ସହ ଆଲୋଚନା**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଗଣିଆରେ ପହଞ୍ଚି ଥିଲେ। ଅପରାହ୍ନ ୨ଟା ସମୟରେ ଗଣିଆ କିଙ୍ଗେଶ୍ୱର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ଖେଳପଡିଆରେ ନିର୍ମିତ ହେଲିପ୍ୟାଡରେ ଅବତରଣ କରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଉତ୍ସୁକତାର ସହ ଅପେକ୍ଷା କରିଥିବା ଲୋକଙ୍କ ସହ ହାତ ମିଳାଇ ଥିଲେ ମୁଖ୍ୟମନ୍ତ୍ରୀ। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ କନ୍ଧମାଳ ଏମପି ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାନସଭା ବାଚସ୍ପତି ସୁରମା ପାଢି, ବିଧାୟକ ବାବୁ ସିଂ, ଯୁବ ଭାଜପା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ବହୁ ଜିଲା ତଥା ବ୍ଲକ ସ୍ତରୀୟ ଭାଜପା ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ଗଣିଆ ନିକଟସ୍ଥ ପତଣ୍ଡା ଗ୍ରାମକୁ ଯାଇ କନ୍ଧମାଳ ଏମପିଙ୍କ ବାସଭବନରେ ପହଞ୍ଚି ତାଙ୍କ ବଡଭାଇ ବସନ୍ତ ପାଣିଗ୍ରାହୀଙ୍କ ବିୟୋଗରେ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ପଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଉପସ୍ଥିତ ଭାଜପା ନେତୃବୃନ୍ଦ ଓ ସ୍ଥାନୀୟ କର୍ମୀଙ୍କ ସହ କିଛି ସମୟ ଆଲୋଚନା କରି ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ମୁଖ୍ୟମମନ୍ତ୍ରୀଙ୍କୁ ଦେଖିବାକୁ ଗଣିଆ ବଜାରରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ଜିଲା ପୋଲିସ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଣିଆ ଭାଜପା ମଣ୍ଡଳ ସଭାପତି ମହାବୀର ମିଶ୍ର, କନ୍ଧାମାଳ ସାଂସଦଙ୍କ ନୟାଗଡ଼ ଜିଲା ପ୍ରତିନିଧି ଅନ୍ତର୍ଯ୍ୟାମୀ ମିଶ୍ର, ବ୍ଲକ ପ୍ରତିନିଧି ଶରତ କୁମାର କରଙ୍କ ସମେତ ବ୍ଲକର ବହୁ ଛାମୁଆ ଭାଜପା କର୍ମୀ ଯୋଗଦେଇଥିଲେ।

# ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇବାରୁ ବଞ୍ଚିତ ନୂଆସାହାସପୁରବାସୀ

ଖଣ୍ଡପଡ଼ା,୨।୫(ଅଜୟ କୁମାର ମହାରଣା)



ନୂଆସାହାସପୁର ଗାଁ।

ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଖଣ୍ଡପଡ଼ା ସହରର ୧୩ ନଂ. ୱାର୍ଡରେ ରହି ଆସୁଥିବା ନୂଆସାହସପୁର ଗ୍ରାମବାସୀ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ୧୯୮୯ ମସିହାରେ ଖଣ୍ଡପଡ଼ାକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପ୍ରଦାନ କରିଥିବାବେଳେ ୪ ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ନୂଆସାହସପୁର ଗ୍ରାମବାସୀ ପୌର ପରିଷଦ ନିର୍ବାଚନରେ ପ୍ରତିଥର ମତଦାନ କରି ଆସୁଛନ୍ତି। ଗ୍ରାମର ବାସିନ୍ଦା ସରକାରୀ ନୀତି ନିୟମ ଅନୁଯାୟୀ ଖଣ୍ଡପଡ଼ା ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଜଳକର, ବିଦ୍ୟୁତ ଦେୟଠାରୁ ଆରମ୍ଭ କରି ସମସ୍ତ ଦେୟ ପ୍ରଦାନ କରି ଆସୁଛନ୍ତି। ମାତ୍ର ଗ୍ରାମବାସୀ ରହୁଥିବା ଜାଗାର ପଟ୍ଟା ଅଦ୍ୟାବଧି ପାଇ ପାରି ନ ଥିବା ଜଣାପଡିଛି। ଫଳରେ ଗ୍ରାମବାସୀ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପାଇବାରେ ଅସୁବିଧାର ସମ୍ମୁଖିନ ହୋଇ ଆସୁଛନ୍ତି। ଖଣ୍ଡପଡ଼ା ତହସିଲ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ ଗ୍ରାମବାସୀଙ୍କୁ ଜାଗାର ପଟ୍ଟା ପ୍ରଦାନରେ ପ୍ରଶାସନ ଟାଳ ଟୁଳି ନୀତି ଅବଲମ୍ବନ କରି ଆସୁଛି। ଗ୍ରାମବାସୀ ସ୍ଥାୟୀ ଭାବେ ରହୁଥିବା ଜାଗାକୁ ପ୍ରଶାସନ ଜଙ୍ଗଲ ଜମିରେ ରହୁଥିବା ଦର୍ଶାଇ ଜାଗାର ପଟ୍ଟା ପ୍ରଦାନ କରୁନଥିବା ଜଣାପଡିଛି । ଫଳରେ ଗ୍ରାମର ପାଠ ପଢୁଥିବା ପିଲାମାନଙ୍କ ପାଖରେ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଖଣ୍ଡେ ନଥିବାରୁ ସେମାନେ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡିଛି। ଏଥିପ୍ରତି ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ଖଣ୍ଡପଡା ବିଧାୟକ ଦୃଷ୍ଟି ଦେବାକୁ ନୂଆସାହସପୁର ଗ୍ରାମବାସୀ ଦାବି କରିଛନ୍ତି।

# ଗଣିଆ ଲଙ୍କାପୋଡ଼ି ଯାତ୍ରା, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

**ଅଭିଜିତ, ଶଶାଙ୍କ ଶେଖରଙ୍କ ମେଲୋଡିରେ ଝୁମିଲେ ଦର୍ଶକ**

ଗଣିଆ,୨।୫(ସନ୍ତୋଷ କୁମାର ପ୍ରଧାନ)



ଲଙ୍କାପୋଡ଼ି ଯାତ୍ରା, ମେଳାର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଗଣିଆ ଲଙ୍କାପୋଡ଼ି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶୁକ୍ରବାର ସନ୍ଧ୍ୟାରେ ଯାକଜମକରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଥମେ ସ୍ଥାନୀୟ କଳାକାର ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଆସିଥିବା ନୃତ୍ୟାନୁଷ୍ଠାନର ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ପରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଲଙ୍କାପୋଡ଼ି ଯାତ୍ରା କମିଟି ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ସରକାରୀ ଦଳର ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ମୁଖ୍ୟ ବକ୍ତା ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଗଣିଆ ଭାଜପା ମଣ୍ଡଳ ସଭାପତି ମହାବୀର ମିଶ୍ର, ସାଂସଦଙ୍କ ବ୍ଲକ ପ୍ରତିନିଧି ଶରତ କୁମାର କର, ଗଣିଆ ଲଙ୍କାପୋଡ଼ି ଯାତ୍ରା କମିଟି ଉପଦେଷ୍ଟା ବିଭୂତି ଭୂଷଣ ପଣ୍ଡା, ଆନନ୍ଦ ଚନ୍ଦ୍ର ବେହେରା, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତିସଭ୍ୟ ଫକୀର ମୋହନ ଡାକୁଆ ଯୋଗଦେଇଥିଲେ। ମହୋତ୍ସବ ଲୋକକଳାକୁ ଉଜ୍ଜୀବିତ କରିବା ପାଇଁ ଏକ ପ୍ରକୃଷ୍ଟ ମାର୍ଗ। ମହୋତ୍ସବ ମାଧ୍ୟମରେ ସ୍ଥାନୀୟ କଳାକାରଙ୍କ ନୃତ୍ୟ, ସଙ୍ଗୀତ ପ୍ରଦର୍ଶନ କରିବାକୁ ଏକ ସୁଯୋଗ ମିଳିଥାଏ। ବିଶେଷକରି ମହୋତ୍ସବ ମାଧ୍ୟମରେ ଲୋକେ ନୃତ୍ୟ ଓ ସଙ୍ଗୀତର ଆନନ୍ଦ ନେଇଥାନ୍ତି। ତେବେ ଗଣିଆ ପରି ଛୋଟିଆ ବ୍ଲକରେ ଲଙ୍କାପୋଡ଼ି ଯାତ୍ରା ସହ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ଭରପୁର ମଜା ନେଇଥିବା ଦେଖାଦେଇଥିଲା। ତେବେ ସମସ୍ତଙ୍କ ସହଯୋଗରେ ଏହି ମହୋତ୍ସବ ଆଗାମୀ ବର୍ଷରେ କିଛି ନୂତନତ୍ୱ ଆଣିବାକୁ ପ୍ରୟାସ ଜାରି ରହିଥିବା କମିଟି ସଭାପତି ସୂଚନା ଦେଇଛନ୍ତି। ତେବେ ଗୁରୁବାର ସନ୍ଧ୍ୟାରେ ଅଭିଜିତ ମଜୁମଦାର ମେଲୋଡି ଗ୍ରୁପ ଓ ଶୁକ୍ରବାର ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖରଙ୍କ ମେଲୋଡି ଗ୍ରୁପର କଳାକାରଙ୍କ ଦ୍ୱାରା ମେଲୋଡିରେ ଦର୍ଶକ ମହୋତ୍ସବର ବେଶ ଭରପୁର ମଜା ଉଠାଇ ଥିଲେ।

# ଏକତରଫା ପ୍ରେମରୁ ନାବାଳିକାଙ୍କୁ ହତ୍ୟା

ଗୋପାଳପୁର,୨।୫(ନବୀନ ରାଜ ଆଚାରୀ)

ଏକତରଫା ପ୍ରେମ କରି ବିଫଳ ହେବା ପରେ ଗୁରୁବାର ଭୋର ସମୟରେ ଗୋପାଳପୁର ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ଓ ତାଙ୍କ ସମ୍ପର୍କୀୟ ନାବାଳକ ଭାଇ ମିଶି ଜଣେ ନାବାଳିକାଙ୍କୁ ହତ୍ୟା କରିଛନ୍ତି। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ନୂଆ କରାପୁଲୀ ଗ୍ରାମର ଅଞ୍ଜଳି ସାହୁ (୧୭)। ପୋଲିସ ଶୁକ୍ରବାର ହତ୍ୟାକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମୁନା ଖାନ୍ (୨୦)। ତାଙ୍କ ସମ୍ପର୍କୀୟ ଜଣକ ନାବାଳକ ହୋଇଥିବାରୁ ତାଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରାଯାଇଛି।

ମୁନା ନୂଆ କରାପୁଲୀ ଗ୍ରାମର ନାବାଳିକା ପ୍ରୀତି ସାହୁ ଓରଫ ଅଞ୍ଜଳିଙ୍କୁ ଏକତରଫା ପ୍ରେମ କରି ତାଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ମାତ୍ର ଅଞ୍ଜଳି ଏହାକୁ ପ୍ରତ୍ୟାଖାନ କରୁଥିଲେ। ଆଇଟିଆଇ ପ୍ରଥମ ବର୍ଷର ଛାତ୍ରୀ ଥିବା ଅଞ୍ଜଳିଙ୍କର ମୁନାଙ୍କ ଭଉଣୀଙ୍କ ସହ ପରିଚିତ ଥିଲା। ବିଭିନ୍ନ ସମୟରେ ତାଙ୍କୁ ମୁନା ହଇରାଣ କରୁଥିବାରୁ ମାର୍ଚ୍ଚ ୨୭ରେ ଉଭୟ ଗ୍ରାମର

## ହତ୍ୟାକାରୀ ଗିରଫ, ଜେଜେବିରେ ନାବାଳକ

ଭଦ୍ରଲୋକ ଓ ପରିବାର ଲୋକେ ଏକ ବୈଠକରେ ଉପସ୍ଥିତ ରହି ଏହାର ସମାଧାନ କରିଥିଲେ। ଏହା ସତ୍ତ୍ୱେ ମୁନା ଅଞ୍ଜଳିଙ୍କ ପିଛା ଛାଡ଼ି ନ ଥିଲେ। ହୋଟେଲ କରି ପରିବାର ଚଳାଉଥିବା ଅଞ୍ଜଳିଙ୍କ ମା'ବାପା ଓ ଭାଇ ଗୁରୁବାର ଭୋର ସାଢ଼େ ୪ଟାରେ ଦୋକାନ ଖୋଲିବାକୁ ଯାଇଥିଲେ। ଅଞ୍ଜଳି ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ମୁନା ଓ ସମ୍ପର୍କୀୟ ଭାଇ ଘର ପଛପଟୁ ପ୍ରବେଶ କରିଥିଲେ। ଅଞ୍ଜଳିଙ୍କ ସହିତ ମୁନାଙ୍କ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ନାବାଳକ ଜଣକ ଘରେ ଥିବା ଏକ ଶାବଳରେ ଅଞ୍ଜଳିଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଅଞ୍ଜଳି ତଳେ ପଡ଼ିଯାଇଥିଲେ। ପରେ ମୁନା ଶାବଳରେ ଦୁଇ ଥର ଅଞ୍ଜଳିଙ୍କ ମୁଣ୍ଡକୁ ପିଟିଥିଲେ। ପରେ ସେ ଅଞ୍ଜଳିଙ୍କ ଡାହାଣ ହାତକୁ ବ୍ଲେଡରେ କାଟି ଦେଇଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଅଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଦୁର୍ଘଟଣା ରୂପ ଦେବାକୁ ମୁନା ଓ ନାବାଳକ ଘରେ ଥିବା ଏକ ଚୁଲି ଜଳାଇ ଗ୍ୟାସ ଚୁଲାକୁ ଖୋଲି ଦେଇ ଫରାର ହୋଇଯାଇଥିଲେ। ସକାଳ ସାଢେ ୭ଟାରେ ଅଞ୍ଜଳିଙ୍କ ଭାଇ ଜଳଖିଆ ଧରି ପହଞ୍ଚି ଘର କବାଟ ପିଟି ଡାକିଥିଲେ। ମାତ୍ର ଅଞ୍ଜଳି କବାଟ ଖୋଲି ନ ଥିଲେ। ଖବର ପାଇ ମା'ବାପା ପହଞ୍ଚିବା ପରେ ସମସ୍ତେ ବାରିପଟୁ ଘରେ ପଶି ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ।

ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମ, ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ଗୋପାଳପୁର ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ମେଡିକାଲକୁ ପଠାଇଥଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ଅଞ୍ଜଳିଙ୍କ ବାପା ପ୍ରଫୁଲ ସାହୁଙ୍କ ଅଭିଯୋଗ କ୍ରମେ ୧୨୬/୨୫ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଛି। ମୁନା ଓ ନାବାଳକଙ୍କୁ ବ୍ରହ୍ମପୁର ଲାଞ୍ଜିପଲୀ ଅଞ୍ଚଳରୁ ପୋଲିସ ଧରି ପଚାରା ଉଚରା କରିଥିଲା। ପରେ ଶୁକ୍ରବାର ପୋଲିସ ମୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଯୁବତୀଙ୍କୁ ଛୁରିଭୁସି ବନ୍ଧାହେଲେ ପ୍ରେମିକ

## ଗୁରୁତର ଯୁବତୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୨।୫(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ନିମଖଣ୍ଡି ଥାନା ଅଞ୍ଚଳରେ ଶୁକ୍ରବାର ଜଣେ ଯୁବତୀଙ୍କୁ ଜଣେ ଯୁବକ ଛୁରି ଭୁସିଦେଇଛନ୍ତି। ଯୁବତୀ ଜଣକ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଟାଙ୍ଗି ଥାନା ଅନ୍ତର୍ଗତ ବିଜିପୁରର କିରଣ ବେହେରା (୨୪)। ତାଙ୍କ ନିକଟରୁ ଛୁରି ଜବତ କରାଯାଇଛି। ଦିଗପହଣ୍ଡି ଅଞ୍ଚଳର ଯୁବତୀଙ୍କ ପରିବାର କିଛିବର୍ଷ ହେଲା ବ୍ରହ୍ମପୁରରେ ଘରଭଡ଼ା ନେଇ ରହୁଛନ୍ତି। ଯୁବତୀଙ୍କୁ ଦୁଇ ବର୍ଷ ହେଲା କିରଣ ଭଲ ପାଉଥିଲେ। ଉଭୟେ ଫୋନ୍‌ରେ କଥାବାର୍ତ୍ତା ହେଉଥିଲେ। କିଛିଦିନ ତଳେ ଯୁବତୀଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା। ତେଣୁ ସେ କିରଣଙ୍କଠାରୁ ଦୂରେଇ ରହିବାକୁ ଚାହୁଁଥିଲେ। ଅନ୍ୟପଟେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ମା'ଝିଅ ଘର ନିକଟରେ ଏକ ଜଳଖିଆ ଦୋକାନ କରିଥିଲେ। ଗୁରୁବାର ରାତିରେ କିରଣ ଯୁବତୀଙ୍କୁ ଫୋନ କରିଥିଲେ। ହେଲେ ସେ ତାଙ୍କୁ ତାଗିଦ କରି ଆଉ ଫୋନ ନ କରିବାକୁ କହିଥିଲେ। ଫୋନ୍ କଲେ ଥାନାରେ ଅଭିଯୋଗ କରିବେ ବୋଲି କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ କିରଣ ଶୁକ୍ରବାର ସକାଳ ପ୍ରାୟ ୮ଟାରେ ଦୋକାନରୁ ଘରକୁ ଆସିଥିବା ଯୁବତୀଙ୍କୁ ବାରମ୍ବାର ଛୁରି ଭୁସି ଚାଲିଥିଲେ। ଫଳରେ ଯୁବତୀ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ପଡ଼ୋଶୀଙ୍କଠାରୁ ଖବରପାଇ ମା' ଦୋକାନରୁ ଘରକୁ ଆସି ଝିଅକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

# ଶ୍ରମିକଙ୍କୁ ପିଟି ହତ୍ୟା

ଯାଜପୁର/ଧର୍ମଶାଳା, ୨।୫ (ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା)

## ଶ୍ରମିକ ଦିବସରେ ଆଖିବୁଜିଲେ

୫ ଶ୍ରମିକ ଗୁରୁତର

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଷ୍ଟୋନ କ୍ରସର ୟୁନିଟ୍‌ର ମାଲିକ ଓ କର୍ମଚାରୀମାନେ ୬ ଜଣ ଶ୍ରମିକଙ୍କୁ ଗରମ ଲୁହାରଡ଼ରେ ନିର୍ଘୃଣ ମାଡ଼ ମାରିବା ଅଭିଯୋଗ ହୋଇଛି। ଏହି ଘଟଣା ଏପ୍ରିଲ ୨୭ରେ ଘଟିଥିବାବେଳେ ମେ ୧ ତାରିଖ ଶ୍ରମିକ ଦିବସରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ଜାରକା ଗ୍ରାମର ଅରଜିତ ଜେନା(୨୨)। ଗୁରୁତର ଆହତ ଅନ୍ୟ ଶ୍ରମିକମାନେ ହେଲେ ଜ୍ଞାନରଞ୍ଜନ ବେହେରା, ବିକାଶ ବେହେରା, ଗୁରୁ ବେହେରା, ପଦ୍ମଲୋଚନ ପାଳ ଏବଂ ବିକାଶ ମଲ୍ଲିକ। ଏନେଇ ମୃତ ଶ୍ରମିକଙ୍କ ବାପା ଅଜୟ କୁମାର ଜେନା ଯାଜପୁର ଜିଲା ଧର୍ମଶାଳା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ପୁଣ୍ଡା ପୋଲିସ କାହାରିକୁ ଗିରଫ କରି ନ ଥିଲା।

ଅଭିଯୋଗ ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁରଠାରେ ଥିବା ପଦ୍ମାବତୀ କ୍ରସରରେ ଅରଜିତ ଗତ ୩ ମାସ ହେଲା ଶ୍ରମିକ ଭାବେ କାମ କରୁଥିଲେ। ଗତ ୨୭ ତାରିଖରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅରଜିତଙ୍କ ମୋବାଇଲ ଫୋନକୁ ଯୋଗାଯୋଗ ହୋଇପାରି ନ ଥିଲା। ଫଳରେ ତାଙ୍କ ମା'ବାପା ଉକ୍ତ କ୍ରସରରେ ପହଞ୍ଚି କର୍ମଚାରୀମାନଙ୍କୁ ତାଙ୍କ ପୁଅ ବିଷୟରେ ପଚାରି ବୁଝିଥିଲେ। ସେଠାରେ ସେମାନେ ଜାଣିବାକୁ ପାଇଲେ ଯେ, ତାଙ୍କ ପୁଅଙ୍କୁ କ୍ରସର ମାଲିକଙ୍କ ବାସଭବନରେ ରଖାଯାଇଛି। ସେଠାରେ ପହଞ୍ଚିବା ପରେ ସେମାନେ ଦେଖିବାକୁ ପାଇଥିଲେ ଯେ, ଅରଜିତଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଲୁହାରଡ଼ ଦେଇ ଦିଆଯିବା ସହ ଲୁହା ଶିକୁଳିରେ ବାନ୍ଧି ଏକ ଘରେ ବନ୍ଦୀ କରି ରଖାଯାଇଛି। ପୁଅର ଛାତିକୁ ଆକ୍ରମଣ ହୋଇଥିବାରୁ ସେ ଠିକ୍ ଭାବେ କଥା ହୋଇପାରୁ ନ ଥିଲେ। ଏପରି କି ଅଣ୍ଡକୋଷକୁ ବାରମ୍ବାର ଆଘାତ କରିବାରୁ ସେଠାରୁ ରକ୍ତ ବାହାରୁଥିଲା। ସେଠାରେ କ୍ରସର କର୍ମଚାରୀମାନେ ଅନ୍ୟ ୫ଜଣ ଶ୍ରମିକଙ୍କୁ ମଧ୍ୟ ବନ୍ଦୀ କରି ରଖିଥିଲେ। ଅରଜିତଙ୍କୁ ଘରକୁ ନେବାକୁ କହିବାରୁ ତାଙ୍କ ବାପାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ବହୁ କାକୁତିମିନତି କରିବାରୁ ସାଦା କାଗଜରେ ଦସ୍ତଖତ କରି ପୁଅକୁ ନେଇଯାଅ ବୋଲି କ୍ରସର କର୍ମଚାରୀମାନେ କହିଥିଲେ। ମାଡ଼ ମାରିବା ସଂକ୍ରାନ୍ତରେ ବାହାରେ କହିଲେ ପୁରା ପରିବାରର ସମସ୍ତଙ୍କୁ ହତ୍ୟା କରାଯିବ ବୋଲି କ୍ରସର କର୍ମଚାରୀମାନେ ଅରଜିତଙ୍କ ଧମକ ଦେଉଥିଲେ। ଏପରି କି ସେମାନେ ମୋବାଇଲରେ ଭିଡିଓ ସୁଟ୍ ମଧ୍ୟ କରିଥିଲେ। ମା'ବାପା ନିରୁପାୟ ହୋଇ ସେମାନଙ୍କ ସର୍ତ୍ତଗୁଡ଼ିକ ମାନି ସାଦାକାଗଜରେ ଦସ୍ତଖତ କରି ଅରଜିତଙ୍କୁ ଘରକୁ ରାତି ୨ଟା ୧୫ ମିନିଟରେ ନେଇଥିଲେ। ଫଳରେ ଡାକ୍ତରଖାନା ନେବାକୁ ସମ୍ଭବ ହୋଇ ପାରି ନ ଥିଲା। ୨୮ ତାରିଖ ସକାଳେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅରଜିତଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଅରଜିତଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ଶ୍ରମିକ ଦିବସ ଅର୍ଥାତ ମେ ୧ ତାରିଖ ରାତି ୩ଟା ୩୦ ମିନିଟରେ ଅରଜିତ ଦେହରେ ଚେକ ଓ ମାଡ଼ ଚିହ୍ନ ଅରଜିତଙ୍କ ମୃତ୍ୟୁ ହୋଇଥିଲା। ହତ୍ୟାକାଣ୍ଡରେ ପ୍ରେରୋଚନାରେ ସମ୍ପୃକ୍ତ ରହିଥିବା ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଅଜୟ ନିବେଦନ କରିଛନ୍ତି। ଅରଜିତଙ୍କ ମୂଳ ଘର ବ୍ରହ୍ମଦେବପୁର ଥାନା ଅଧୀନ କାଳିକାଗୋଡ଼ା ଗ୍ରାମ ବୋଲି ଜଣାପଡ଼ିଛି। କ୍ରସରରେ ବହୁ ଟଙ୍କାର ହେରଫେର୍ ହେବା ପରେ ପରିଚାଳକ ଓ ଅନ୍ୟ ଜଣେ କର୍ମଚାରୀ ଶ୍ରମିକମାନଙ୍କୁ ସନ୍ଦେହରେ ରଖି ପଚରାଉଚରା କରିଥିଲେ ବୋଲି ଜଣାପଡ଼ିଛି।

ଅଭିଯୋଗ ହେବା ପରେ ଜେନାପୁର ଥାନାଧିକାରୀ ନିରୁପମା ଜେନା, ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ତଦନ୍ତ ଆରମ୍ଭ କରିଛନ୍ତି। ଜେନାପୁର ଥାନା ଅଞ୍ଚଳରେ ଘଟଣା ଘଟିଥିବା ବେଳେ ମୃତକଙ୍କ ଘର ଧର୍ମଶାଳା ଥାନା ଅଧୀନରେ ହୋଇଥିବାରୁ ମାମଲା ସେଠାରେ ପଞ୍ଜୀକୃତ ହୋଇଛି। ଶେଷ ଖବର ମିଳିବା ବେଳକୁ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ୨୫୮/୨୫ ଧର୍ମଶାଳା ପୋଲିସ ୨୫୮/୨୫ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।



ଅରଜିତ ଜେନା



# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା

କୁଜଙ୍ଗ, ୨।୫(ମନୋଜ ପ୍ରଧାନ)

ଜଗତସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ଗୁରୁବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଏନେଇ କୁଜଙ୍ଗ ପୋଲିସ ୩ ଜଣଙ୍କୁ ଅଟକ ରଖିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ମୃତ ଯୁବକ ହେଲେ ମଙ୍ଗରାଜପୁରର ରମାକାନ୍ତ ବେହେରା। ସ୍ତ୍ରୀ ନଳିମା ବେହେରାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ. ୧୯୫/୨୫) ରୁଜୁ ହୋଇଛି।

ନଳିମାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ରମାକାନ୍ତ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ରୋଷେଇ କାର୍ଯ୍ୟ ସାରି ରାତି ପ୍ରାୟ ୮ଟାରେ ଘରକୁ ଫେରିଥିଲେ। ନଳିମା ପାରାଦୀପ ମାର୍କେଟରେ ପରିବା ବ୍ୟବସାୟ କରନ୍ତି। ସେ ବେପାର କାର୍ଯ୍ୟ ସାରି ରାତି ପ୍ରାୟ ସାଢେ ୧୦ଟାରେ ଘରକୁ ଫେରୁଥିବା ସମୟରେ ରାସ୍ତାରେ ଥିବା ଷ୍ଟାଡିୟମ ନିକଟରେ ଅଭିଯୁକ୍ତ ଟିଙ୍କୁ ଜେନା, ବୁଡନ ଜେନା, ପାପୁନି ଜେନା, ପ୍ରଶାନ୍ତ ଜେନା, ତପନ ଜେନା, ବାବାଜୀ ଜେନା ପ୍ରମୁଖ ବଡ଼ପାଟିରେ ତାଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରୁଥିଲେ। ନଳିମା ଘରେ ପହଞ୍ଚିବା ବେଳକୁ ସ୍ୱାମୀ ଫୋନରେ କାହା ସହ ଉକ୍ତ ସ୍ୱରରେ କଥା ହେଉଥିଲେ। ଏବିଷୟରେ ନଳିମା ପଚାରିବାରୁ ସମ୍ପୃକ୍ତ ଯୁବକମାନଙ୍କ ସହ ରମାକାନ୍ତ କଥା ହେଉଥିବା କହିଥିଲେ। ସମ୍ପୃକ୍ତ ଯୁବକମାନେ ତାଙ୍କୁ ଷ୍ଟାଡିୟମ ନିକଟକୁ ଡାକୁଥିବା ଜଣାଇଥିଲେ। ନଳିମା ସେଠାକୁ ଯିବାକୁ ସ୍ୱାମୀଙ୍କୁ ବାରଣ କରିଥିଲେ ମଧ୍ୟ ସେ ନ ଶୁଣି ଚାଲିଯାଇଥିଲେ। ଏହାପରେ ନଳିମା ଓ ତାଙ୍କ ଦୁଇପୁଅ ଯାଇ ରମାକାନ୍ତଙ୍କୁ ଷ୍ଟାଡିୟମରୁ ଡାକି ଆଣିଥିଲେ। ସମସ୍ତେ ରାତିରେ ଶୋଇବା ପରେ ବାରମ୍ବାର ଫୋନ କଲ୍ ଆସିବାରୁ ରମାକାନ୍ତ କେତେବେଳେ ଉଠି ପଳାଇ ଯାଇଥିଲେ। ହଠାତ ରାତି ପ୍ରାୟ ୩ଟାରେ ଅଭିଯୁକ୍ତ ପ୍ରଶାନ୍ତ ନଳିମାଙ୍କ ଘରେ ପହଞ୍ଚି ରମାକାନ୍ତ କ୍ଷତାକ୍ତ ଅବସ୍ଥାରେ ତରାଗିରିରେ ପଡ଼ିଛନ୍ତି। ବୋଧହୁଏ ତାଙ୍କୁ କୁକୁର କାମୁଡ଼ି ଦେଇଛି ବୋଲି କହି ଚାଲିଯାଇଥିଲେ। ନଳିମା ରମାକାନ୍ତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପୋଲିସ ଓ ଆମ୍ବୁଲାନ୍ସରେ ଖବର ଦେଇଥିଲେ। ଆମ୍ବୁଲାନ୍ସରେ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରମାକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ରମାକାନ୍ତଙ୍କ ସାନ ଭାଇ କାଳିଆ ବେହେରା କିଛି ବର୍ଷ ପୂର୍ବେ ଏହି ଥାନା ଅନ୍ତର୍ଗତ ହରିଜନ ସାହିର ଜଣେ ଝିଅକୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ଏକ କନ୍ୟାସନ୍ତାନ ଥିଲାବେଳେ କାଳିଆଙ୍କ ସ୍ତ୍ରୀ ଝିଅକୁ ଛାଡ଼ି ଅନ୍ୟ ଜଣେ ଯୁବକଙ୍କ ସହ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ କାଳିଆଙ୍କ ସ୍ତ୍ରୀଙ୍କ ସମ୍ପର୍କୀୟ ହୋଇଥିବାରୁ ଏନେଇ ରମାକାନ୍ତଙ୍କ ପରିବାର ସହ ସେମାନଙ୍କ ଶତ୍ରୁତା ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ରମାକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।



ରମାକାନ୍ତ ବେହେରା

# Business

# ସୁନା ଚାହିଦା ବାର୍ଷିକ ଆଧାରରେ ୧୭୦% ବୃଦ୍ଧି

ଭୁବନେଶ୍ୱର,୨।୫

କ୍ରମାଗତ ଭାବେ ସୁନା ଦର ବୃଦ୍ଧି ଏବଂ ଇଟିଏଫରେ ନିବେଶ ବଢିବା ଯୋଗୁ ବିଶ୍ୱବ୍ୟାପୀ ସୁନା ଚାହିଦାରେ ଅହେତୁକ ବୃଦ୍ଧିଘଟିଥିଲା ବୋଲି ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ (ଡବ୍ଲୁଜିସି) ର ପ୍ରଥମ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ୨୦୨୫ ପ୍ରଥମ ତ୍ରୈମାସିକ ମଧ୍ୟରେ ଅତ୍ୟଧିକ ପରିମାଣର ସୁନା ଚାହିଦା ବୃଦ୍ଧି ଏବଂ ଉଚ୍ଚ ମୂଲ୍ୟରେ ମୋଟ ତ୍ରୈମାସିକ ସୁନା ଚାହିଦା (ଓଟିସି ସମେତ) ୧୨୦୦ ଟନ୍ ରହିଥିଲାବେଳେ ଏହା ବାର୍ଷିକ ଆଧାରରେ ୧% ବୃଦ୍ଧି ହୋଇଛି, ଯେତେବେଳେ ସୁନା ମୂଲ୍ୟ ଆଉନ୍ସ ପିଛା ୩୦୦୦ ଡଲାର ଅତିକ୍ରମ କରିଛି। ସେହିପରି ଗୋଲ୍ଡ ଇଟିଏଫର ପୁନରୁଦ୍ଧାର ମୋଟ ନିବେଶ ଚାହିଦାକୁ ବୃଦ୍ଧିରେ କରିବା ସହ ୫୫୨ ଟନରେ ପହଞ୍ଚାଇଛି, ଯାହା ବାର୍ଷିକ ଆଧାରରେ ୧୭୦% ବୃଦ୍ଧି ହୋଇଛି। ଏହା ୨୦୨୨ର ପ୍ରଥମ ତ୍ରୈମାସିକ ପରଠାରୁ ସର୍ବାଧିକ ବୋଲି କୁହାଯାଉଛି। ବିଶ୍ୱବ୍ୟାପୀ ଇଟିଏଫରେ ନିବେଶ ବୃଦ୍ଧି ପାଇବା ଫଳରେ ପ୍ରଥମ ତ୍ରୈମାସିକରେ ସୁନା ଚାହିଦା ମୋଟ ୨୨୬ ଟନ ରହିଛି, କାରଣ ମୂଲ୍ୟ ବେଗ ଏବଂ ଟାରିଫ ନୀତି ଅନିଶ୍ଚିତତା ନିବେଶକଙ୍କୁ ଏକ ସୁରକ୍ଷିତ ନିବେଶ ଭାବେ ସୁନା ଆଡକୁ ଆକର୍ଷିତ କରିଥିଲା। ଚୀନ୍ ଠାରୁ ଖୁବ୍‌ରା ନିବେଶକଙ୍କ ବୃଦ୍ଧି ଯୋଗୁଁ ଗୋଲ୍ଡ ବାର ଓ କଏନ ଚାହିଦା ବାର୍ଷିକ ଆଧାରରେ ୩% ବୃଦ୍ଧି ହୋଇ ୧ମ ତ୍ରୈମାସିକରେ ୩୨୫ଟନକୁ ବୃଦ୍ଧି ପାଇଛି, ଯାହାକି ଏହାର ୨ୟ ସର୍ବୋଚ୍ଚ ତ୍ରୈମାସିକ ବୃଦ୍ଧି ହାସଲ କରିଥିଲା। ଆମେରିକାରେ ଚାହିଦା ବାର୍ଷିକ ଆଧାରରେ ୨୨% ହ୍ରାସ ପାଉଥିବାବେଳେ ୟୁରୋପରେ ଏହା ୧୨ ଟନର ଏକ ସାଧାରଣ ରିକଭରି ହାସଲ କରିଛି, କିନ୍ତୁ ଗତ ବର୍ଷର ସମାନ ତ୍ରୈମାସିକରେ ଏକ ଖୁବ୍ ନିମ୍ନ ସ୍ତରରେ ଥିଲା। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବର୍ତ୍ତମାନ ସେମାନଙ୍କର ଶୁଦ୍ଧ କ୍ରୟର କ୍ରମାଗତ ୧୬ ତମ ବର୍ଷରେ ପ୍ରବେଶ କରିଛନ୍ତି, ଯାହା ଅନ୍ତର୍ଜାତୀୟ ଅନିଶ୍ଚିତତା ମଧ୍ୟରେ ୧ମ ତ୍ରୈମାସିକରେ ସୁନା ଭଣ୍ଡାରରେ ୨୪୪ ଟନ ବୃଦ୍ଧି କରିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ କହିଛନ୍ତି, ବିଶ୍ୱ ବଜାରଗୁଡ଼ିକ ପାଇଁ ଏହା ଏକ ଜଟିଳ ଆରମ୍ଭ ଥିଲା। କାରଣ ବାଣିଜ୍ୟ ଅସ୍ଥିରତା, ଆମେରିକାର ଅପ୍ରତ୍ୟାଶିତ ନୀତି ପରିବର୍ତ୍ତନ, ସ୍ଥାୟୀ ଭୂ-ରାଜନୈତିକ ଉତ୍ତେଜନା ଏବଂ ମାନ୍ଦାବସ୍ଥା ଫେରିବାର ଭୟ ନିବେଶକଙ୍କ ପାଇଁ ଏକ ଅତ୍ୟଧିକ ଅନିଶ୍ଚିତତାପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ସୁନା ପାଇଁ ନିବେଶ ଚାହିଦା ୨୦୧୯ ପରଠାରୁ ପ୍ରଥମ ତ୍ରୈମାସିକ ଚାହିଦାର ସର୍ବୋଚ୍ଚ ସ୍ତର ପାଇଁ ବାଟ ଫିଟାଇଛି।



# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପ୍ରିଲ ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୬୦ (୨୫୯.୭୫) ପଏଣ୍ଟ ବୃଦ୍ଧି ଘଟି ୮୦,୫୦୨ (୮୦,୫୦୧.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨(୧୨.୫୦) ପଏଣ୍ଟ ବଢ଼ି ୨୪,୩୪୭ (୨୪,୩୪୬.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ଓ ସ୍ମଲକ୍ୟାପ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟିମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଭଗଓ୍ୱତ ସିଂହ ଭାକୁନି ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୨।୫

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଉପ ମହାପ୍ରବନ୍ଧକ ଭଗଓ୍ୱତ ସିଂହ ଭାକୁନି ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଭାକୁନି ବ୍ୟାଙ୍କର ନୂଆଦିଲ୍ଲୀସ୍ଥିତ ଫ୍ଲାଗସିପ୍ କର୍ପୋରେଟ ସେଣ୍ଟରରେ ଶାଖା ମୁଖ୍ୟ ରୂପେ କାର୍ଯ୍ୟରତ ଥିଲେ। ୨୦୦୬ରେ ସେ ୟୁକୋ ବ୍ୟାଙ୍କରେ ପ୍ରୋବେସନାରି ଅଫିସର ଭାବେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଉତ୍ତରାଖଣ୍ଡ, ନୂଆଦିଲ୍ଲୀ, ପଞ୍ଜାବ, ହରିୟାଣା ଏବଂ ଚଣ୍ଡିଗଡ଼ ଭଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦ ପଦବୀରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କ୍ଷୁଦ୍ର ଓ ବୃହତ୍ ଶାଖାରେ ଶାଖା ମୁଖ୍ୟ ରୂପେ କାର୍ଯ୍ୟ କରିଛନ୍ତି। ଜଣେ ଦକ୍ଷ ବ୍ୟାଙ୍କର ଭାବେ ଭାକୁନିଙ୍କର ଋଣ, ବିଦେଶୀ ମୁଦ୍ରା ବିନିମୟ ଓ ଅନ୍ତର୍ଜାତୀୟ ବାଣିଜ୍ୟରେ ବିଶେଷ ଆଗ୍ରହ ରହିଛି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ବୃହତ୍ ଋଣ, କୃଷି, ରିଟେଲ୍ , ଏମ୍‌ଏସ୍‌ଏମ୍‌ଇ ଋଣ ସହ କାସା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ ବୋଲି ମତପ୍ରକାଶ କରିଛନ୍ତି।



ଭଗଓ୍ୱତ ସିଂହ ଭାକୁନି

# କେ. ନରସିଂହା ରେଡ୍ଡୀ ଏନ୍‌ଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



କେ. ନରସିଂହା ରେଡ୍ଡୀ

ତାଳଚେର,୨।୫(ମନୋଜ ନନ୍ଦ)

ଏନ୍‌ଟିପିସି ତାଳଚେର କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଏବଂ ପ୍ରକଳ୍ପ ମୁଖ୍ୟ (ଏଚ୍‌ଓପି) ଭାବେ କରିବେ ନରସିଂହା ରେଡ୍ଡୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ୫ ସେପ୍ଟେମ୍ବର ୧୯୮୯ରେ ସେ ଏନ୍‌ଟିପିସି ଯାନ୍ତ୍ରିକ ରକ୍ଷଣାବେକ୍ଷଣ ବିଭାଗରେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ। ସେବେଠାରୁ ସେ ବିଭିନ୍ନ ପରିଚାଳନା, ପ୍ରକଳ୍ପ ପରିଚାଳନା, ପ୍ରକଳ୍ପ ଯୋଜନା ଏବଂ ମନିଟରିଂ ଆଦି କ୍ଷେତ୍ରରେ କାର୍ଯ୍ୟକରି ବହୁ ଅଭିଜ୍ଞତା ଅର୍ଜନ କରିଛନ୍ତି। ଆନ୍ଧ୍ରପ୍ରଦେଶର ମୂଳ ବାସିନ୍ଦା ରେଡ୍ଡୀ କହଲଗାଓଁ, ସୀମାଦ୍ରି, ବାଢ଼ ରିହାଣ୍ଡ ଏବଂ ଫରିଦାବାଦ ସମେତ ପ୍ରମୁଖ ଏନ୍‌ଟିପିସି ପାୱାର ଷ୍ଟେସନଗୁଡ଼ିକର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଏନ୍‌ଟିପିସି ନେତୃତ୍ୱକୁ ପ୍ରତି ସେମାନଙ୍କ ବିଶ୍ୱାସ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ସମାଜର ସାମଗ୍ରିକ ବିକାଶରେ ଯୋଗଦାନ ଦେବା ଏବଂ ସ୍ୱଚ୍ଛ ଓ ସୁଲଭ ଶକ୍ତି ସହିତ ଭାରତର ପ୍ରଗତିକୁ ଶକ୍ତି ପ୍ରଦାନରେ ଏନ୍‌ଟିପିସିର ଦୃଷ୍ଟିକୋଣକୁ ହାସଲ କରିବା ପାଇଁ ନିରନ୍ତର ପ୍ରୟାସ କରିବାରେ ଏନ୍‌ଟିପିସିର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏନ୍‌ଟିପିସି କଣିହାଁ ପରିବାର କେ. ନରସିଂହା ରେଡ୍ଡୀଙ୍କୁ ସ୍ୱାଗତ କରିବା ସହ ତାଙ୍କର ସଫଳ ଏବଂ ପ୍ରଭାବଶାଳୀ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ବିଶ୍ୱ ଇସ୍ପାତ ଦିବସ ପାଳିତ

ଭୁବନେଶ୍ୱର,୨।୫

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ସମସ୍ତ କାର୍ଯ୍ୟ ପରିସରରେ ବିଶ୍ୱ ଇସ୍ପାତ ଦିବସ ପାଳିତ ହୋଇଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍‌ରେ ମଧ୍ୟ ବିଶ୍ୱ ଇସ୍ପାତ ଦିବସ ପାଳନ କରାଯାଇଥିଲା। ଏପରିକି କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ କମ୍ପାନୀର ପାରାଦୀପ ପେଲେଟ ପ୍ଲାଣ୍ଟ ଏବଂ ଜାଜୁଲା ସ୍ଥିତ ବେନିଫିସିଏସନ ପ୍ଲାଣ୍ଟରେ ଅନୁଷ୍ଠିତ ହୋଇଥିଲା। ଉଦ୍ଘାଟନୀ ଦିବସ ଉପଲକ୍ଷେ କମ୍ପାନୀ ପକ୍ଷରୁ ବିଶ୍ୱ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲାବେଳେ ପ୍ରଥମ ଦିନରେ 'ଏକ ନିରାପଦ ସଂସ୍କୃତି' ଉପରେ ଧ୍ୟାନକେନ୍ଦ୍ରିତ କରି ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଉପରେ ଏକାଧିକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସମସ୍ତ କାର୍ଯ୍ୟକ୍ଷମ ସ୍ଥାନରେ ଏକ ସମାନ ନିରାପତ୍ତା ସଂସ୍କୃତି ସୃଷ୍ଟି କରିବା ଏବଂ ଆପଦ ପରିଚାଳନା ସଂପୃକ୍ତି ସୁଦୃଢ଼ କରିବା। ଏପରିକି ସୁରକ୍ଷା ଟିମ୍ ଏକ ସାମୂହିକ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଉଭୟ ପ୍ଲାଣ୍ଟରେ କର୍ମଚାରୀ ଏବଂ ସହଯୋଗୀଙ୍କ ପାଇଁ କୁଇଜ ପ୍ରତିଯୋଗିତା ଆୟୋଜନ କରିଥିଲେ। କର୍ମଚାରୀମାନେ ମଧ୍ୟ ନିରାପତ୍ତା ଉପରେ ସମ୍ମିଳିତ ଶପଥ ନେବା ସହ ନିରାପତ୍ତାକୁ ସର୍ବୋଚ୍ଚ ଗୁରୁତ୍ୱ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଶେଷ ଦିନ ଉଭୟ ପ୍ଲାଣ୍ଟରେ ବିପଦ ସନ୍ଧାନ, ପୋଷ୍ଟର ଓ ସ୍ଲୋଗାନ ପ୍ରତିଯୋଗିତା, କବିତା ଓ ପ୍ରବନ୍ଧ ଲେଖା ପ୍ରତିଯୋଗିତା, ଉଦ୍ଧାର କାର୍ଯ୍ୟ ଉପରେ ନାଟକ ଭଳି ଦଳଗତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯାହା କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଏବଂ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଜନ ସଚେତନତା ସୃଷ୍ଟି କରିଥିଲା। ଏଥିରେ ବରିଷ୍ଠ ନେତୃତ୍ୱ, କର୍ମଚାରୀ, ସହଯୋଗୀ ଓ ଅଂଶୀଦାରମାନଙ୍କୁ ସମ୍ମାନିତ କରିବା ସହ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ସମାରୋହରେ କର୍ମଚାରୀମାନେ ଆଲୋଚନା କରିବା ସହ ମଞ୍ଚରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ଇସ୍ପାତ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଉଛି।

# ଅତ୍ୟାଧୁନିକ ଜଳ କିଓସ୍କର ଶୁଭାରମ୍ଭ

ଭୁବନେଶ୍ୱର,୨।୫

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅତ୍ୟାଧୁନିକ ଜଳ କିଓସ୍କର ଶୁଭାରମ୍ଭ କରାଯାଇଛି। ଏପରିକି ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସହଜ ପାନୀୟ ଜଳ ଯୋଗାଣ ସହ କମ୍ପାନୀର ଝାରସୁଗୁଡ଼ା କାର୍ଯ୍ୟ ପରିସରରେ କର୍ମଚାରୀଙ୍କ ସୁସ୍ଥତାକୁ ସୁରକ୍ଷିତ ରଖିବା ପାଇଁ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି। ଚଳିତ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ଅତ୍ୟଧିକ ତାପମାତ୍ରାର ପ୍ରତିକ୍ରିୟାରେ ଆସିଛି। ଅଧିକ ଗରମ ଏବଂ ଆର୍ଦ୍ରତାର ଦୀର୍ଘ ସମୟ ପର୍ଯ୍ୟନ୍ତ ସଂସ୍ପର୍ଶରେ ରହିବା ଦ୍ୱାରା ମାନବ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ ବୋଲି କୁହାଯାଉଛି। ଫଳରେ ଗୁରୁତର କ୍ଳାନ୍ତି ଏବଂ ଶରୀର କ୍ଷତି ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ଏବଂ ଗରମ ପ୍ରବାହ ପରିସ୍ଥିତି ସମୟରେ ପର୍ଯ୍ୟାପ୍ତ ଜଳ ଯୋଗାଣର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ମଧ୍ୟରେ ଉଚ୍ଚ-ପଦାର୍ଥ ସାର୍ବଜନୀନ ଅଞ୍ଚଳରେ ଏକାଧିକ ଜଳ କିଓସ୍କ ସ୍ଥାପନ କରାଯାଇଛି। ଏହି କିଓସ୍କଗୁଡ଼ିକ ସଫା, ନିରାପଦ ପାନୀୟ ଜଳ ପାଇଁ ନିରବଚ୍ଛିନ୍ନ ପ୍ରବେଶ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ, ପ୍ରଚଣ୍ଡ ଗ୍ରୀଷ୍ମ ପରିସ୍ଥିତି ସହ ଲଢ଼ିବା ପାଇଁ ବାସିନ୍ଦାଙ୍କୁ ଅତ୍ୟନ୍ତ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରିବ। ଏହାର ପ୍ଲାଣ୍ଟ କାର୍ଯ୍ୟ ମଧ୍ୟରେ ବେଦାନ୍ତ ଉଚ୍ଚ-ତାପମାନ ପରିବେଶରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସମର୍ଥନ କରିବା ପାଇଁ ଏକ ବ୍ୟାପକ 'ଗ୍ରୀଷ୍ମକାଳୀନ କଲ୍ୟାଣ କାର୍ଯ୍ୟକ୍ରମ' ମଧ୍ୟ ଆରମ୍ଭ କରିଛି। ଏହି ପଦକ୍ଷେପରେ ଓଆର୍‌ଏସ୍ (ମୌଖିକ ପୁନଃ ହାଇଡ୍ରେସନ ସମାଧାନ) ଷ୍ଟେସନ ସ୍ଥାପନ ଅନ୍ତର୍ଭୁକ୍ତ, ଯାହା ଶରୀରର ଇଲେକ୍ଟ୍ରୋଲାଇଟ ଏବଂ ଥଣ୍ଡା ଜଳ ବିତରଣକୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ରରେ ରିଚାର୍ଜ କରିବାରେ ସାହାଯ୍ୟ କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମ ଚାରିପାଖରେ ଥିବା ସମ୍ପ୍ରଦାୟ ଏବଂ ଆମର ଦଳ ସଦସ୍ୟଙ୍କ ମଙ୍ଗଳ ପାଇଁ ଗଭୀର ଭାବେ ପ୍ରତିବଦ୍ଧ ରହିଛୁ। ଏପରିକି ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ନିରନ୍ତର ନୂତନ ଉପାୟ ଖୋଜୁଛୁ।

# ଜାମସେଦପୁର-ଗୋଆ ଫାଇନାଲ ଆଜି



ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଗୋଆ ଏବଂ ଜାମ୍‌ସେଦପୁର ଦଳର ଅଧିନାୟକ ଓ କୋଚ୍।

ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସମ୍ମାନଜନକ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଫାଇନାଲରେ ପରସ୍ପରର ସମ୍ମୁଖୀନ ହେବେ ଜାମସେଦପୁର ଏଫ୍‌ସି ଓ ଏଫ୍‌ସି ଗୋଆ। ପ୍ରତିଯୋଗିତାର ଶେଷ ରୋମାଞ୍ଚ ପୂର୍ବରୁ ଶୁକ୍ରବାର ଟ୍ରଫି ଉନ୍ମୋଚନ ଉତ୍ସବ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଏଫ୍‌ସି ଗୋଆ ମୁଖ୍ୟ କୋଚ୍ ମାନୋଲୋ ମର୍କ୍ୱେଜ ଓ ଅଧିନାୟକଓଡେଇ ଓନାଇଣ୍ଡିଆ ଏବଂ ଜାମସେଦପୁର ଏଫ୍‌ସି ମୁଖ୍ୟ କୋଚ୍ ଖଲିଦ ଜମିଲ ଓ ଖେଳାଳି ନିଖିଲ ବାର୍ଲା ଉପସ୍ଥିତ ରହି ଟ୍ରଫି ଉନ୍ମୋଚନ କରିଛନ୍ତି।

ଦୀର୍ଘ ୧୩ଦିନର ଲଢ଼େଇ ପରେ କଳିଙ୍ଗ ସୁପର କପ୍‌ର ଟାଇଟଲ ଟକ୍କର ଅନୁଷ୍ଠିତ ହେବାକୁ ଯାଉଛି। ୧୫ ଦଳକୁ ନେଇ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଏବେ ଗୋଆ ଓ ଜାମସେଦପୁର ଟାଇଟଲ ପାଇଁ ଲଢ଼ିବେ। ଜାମସେଦପୁର ପ୍ରଥମଥରପାଇଁ ଫାଇନାଲରେ ପ୍ରବେଶ କରିଥିବାବେଳେ ଗୋଆ ଦଳ ୨୦୧୯ରେ ଚାମ୍ପିୟନ ହୋଇ ସାରିଛି। ତେଣୁ ସୁପର କପ୍‌ର ଇତିହାସରେ ଗୋଆ ପ୍ରଥମ ଦଳଭାବେ ଦ୍ୱିତୀୟ ଥର ଚାମ୍ପିୟନ ହେବାକୁ ଲକ୍ଷ୍ୟ ରଖିଛି। ଗୋଆ ଦଳ ୨୦୨୧ରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଟାଇଟଲ ଜିତିଥିଲା। ତେଣୁ ୪ ବର୍ଷ ବ୍ୟବଧାନରେ ଏହି ଦଳ ମହାଦେଶୀୟ ଫୁଟବଲରେ ପୁଣି ନିଜର ଉପସ୍ଥିତି ଜାହିର କରିବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ପୂର୍ବରୁ ୨ ଥର ସୁପର କପ୍‌ର ସେମିଫାଇନାଲରେ ପରାଜିତ ହୋଇଥିବାବେଳେ ଏଥର ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ରଥମଥର ଫାଇନାଲରେ ପାଦ ରଖିଛି। ୨୦୨୩ରେ ଏହି ଦଳ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ପ୍ଲେ-ଅଫ୍‌ରେ ପରାଜିତ ହୋଇଥିଲା। ତେଣୁ ଏଥର ସୁପର କପ୍‌ରେ ଚାମ୍ପିୟନ ହୋଇ ଏସୀୟ ପ୍ରତିଯୋଗିତା ପାଇଁ ଟିକେଟ ହାସଲ ଲକ୍ଷ୍ୟରେ ରହିଛି ଏହି ଦଳ। ''ଶନିବାରର ଫାଇନାଲ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ପ୍ରଥମଥରପାଇଁ ଆମେ ଏସୀୟ ପ୍ରତିଯୋଗିତାକୁ ଯୋଗ୍ୟତା ପାଇବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଆମେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବୁ'' ବୋଲି ଶୁକ୍ରବାର ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ଜାମସେଦପୁର ଏଫ୍‌ସି ମୁଖ୍ୟ କୋଚ୍ ଖଲିଦ ଜମିଲ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଫ୍‌ସି ଗୋଆ ମୁଖ୍ୟ କୋଚ୍ ମାନୋଲୋ ମାର୍କ୍ୱେଜ କହିଛନ୍ତି ଯେ, ''ଏସୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ ସୁଯୋଗ ଥିବାରୁ ଯେ କୌଣସି ଦଳ ନିଶ୍ଚିତ ମୋଟିଭେଟ ହେବ। ୪ ବର୍ଷ ପୂର୍ବରୁ ଏଫ୍‌ସି ଗୋଆ ଚାମ୍ପିୟନ୍ସ ଲିଗ୍ ଖେଳି ସାରିଛି। ଜାମସେଦପୁର ଏଫ୍‌ସି କେବେହେଲେ ସୁଯୋଗ ପାଇନାହିଁ। ମାତ୍ର ଏବେ ଉଭୟ ଦଳର ଲକ୍ଷ୍ୟ ଏକ ରହିବ''।

ସୁପର କପ୍‌ରେ ଏଫ୍‌ସି ଗୋଆ ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଏହା ଚତୁର୍ଥ ମୁକାବିଲା ହେବ। ଫଳରେ ଟୁର୍ଣ୍ଣାମେଣ୍ଟ ଇତିହାସରେ ଉଭୟ ଦଳ ପରସ୍ପରକୁ ସର୍ବାଧିକ ଥର ଭେଟିବାର ରେକର୍ଡ କରିବେ। ପୂର୍ବ ୩ ମ୍ୟାଚରେ ୨୧ ଗୋଲ ସ୍କୋର ହୋଇ ସାରିଛି। ତେଣୁ ଶନିବାର ମ୍ୟାଚ ମଧ୍ୟ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି। ୨୦୧୮ ଓ ୨୦୧୯ରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଗୋଆ ଦଳ ଯଥାକ୍ରମେ ୫-୧ ଓ ୪-୩ ଗୋଲରେ ବିଜୟୀ ହୋଇଥିଲା। ମାତ୍ର ୨୦୨୩ ଗ୍ରୁପ୍ ପର୍ଯ୍ୟାୟରେ ଜାମସେଦପୁର ଦଳ ୫-୩ ଗୋଲ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଏଥର ସୁପର କପ୍‌ରେ କିନ୍ତୁ ଗୋଆ ବିପକ୍ଷରେ ଜାମସେଦପୁର ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଫତୋର୍ଦ୍ଦାରେ ଅନୁଷ୍ଠିତ ମ୍ୟାଚରେ ୨-୧ ଓ ଫୁର୍ନାସେରେ ଅନୁଷ୍ଠିତ ମୁକାବିଲାରେ ୩-୧ରେ ଗୋଆକୁ ପରାସ୍ତ କରିଥିଲା। ତେଣୁ ଆଗାମୀ ମ୍ୟାଚରେ ପରାଜୟର ପ୍ରତିଶୋଧ ନେବାକୁ ଗୋଆ ନିଶ୍ଚିତ ଚେଷ୍ଟା କରିବ। ''ପ୍ରତି ଗେମ୍ ଭିନ୍ନ। ଚଳିତ ସିଜନର ଆଇଏସ୍‌ଏଲ୍‌ରେ ଆମେ ଯଦିଓ ୨ଟି ଯାକ ମ୍ୟାଚରେ ଜାମସେଦପୁର ଏଫ୍‌ସି ନିକଟରୁ ପରାଜିତ ହୋଇଛୁ ତେବେ ଓଭରଅଲ୍ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛୁ। ଏପରିକି ଜାମସେଦପୁର ଏଫ୍‌ସିଠାରୁ ୧୦ ପଏଣ୍ଟ ଅଧିକ ପାଇଛୁ। ତେଣୁ ଅତୀତରେ କ'ଣ ହୋଇଥିଲା ତା'ର କିଛି ମାନେନାହିଁ। ଆଗାମୀ ମ୍ୟାଚରେ କେଉଁ ଦଳ କିପରି ପ୍ରଦର୍ଶନ କରୁଛି ତା' ଉପରେ ଅନେକ କିଛି ନିର୍ଭର କରିବ'' ବୋଲି ମର୍କ୍ୱେଜ ପ୍ରକାଶ କରିଛନ୍ତି। ଜମିଲ ମଧ୍ୟ ମର୍କ୍ୱେଜଙ୍କୁ ସମର୍ଥନ କରିଛନ୍ତି।

ଆଇଏସଏଲ୍‌ରେ ୪୬ଟି ଗୋଲ ବରଣ କରିଥିବା ଜାମସେଦପୁର ଏଫ୍‌ସି ଆଶ୍ଚର୍ଯ୍ୟଜନକ ଭାବେ ଚଳିତ ସୁପର କପ୍‌ରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ହାଇଦ୍ରାବାଦ ଏଫ୍‌ସିକୁ ୨-୦ରେ ହରାଇବାପରେ ଏହି ଦଳ ନର୍ଥଇଷ୍ଟ ବିପକ୍ଷ ଗୋଲଶୂନ୍ୟ ଡ୍ର ମ୍ୟାଚରେ ପେନାଲ୍ଟି ଶୁଟ୍ ଆଉଟରେ ବିଜୟୀ ହୋଇଥିଲା। ଏହାପରେ ମୁମ୍ବାଇ ସିଟି ଏଫ୍‌ସିକୁ ସେମିଫାଇନାଲରେ ୧-୦ରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଗୋଆ ୩-୦ରେ ଗୋକୁଲମ୍ କେରଳ ଓ ୨-୧ରେ ପଞ୍ଜାବ ଏଫ୍‌ସିକୁ ହରାଇବାପରେ ସେମିଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ୩-୧ରେ ହରାଇ ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଛି। ତେଣୁ ଟ୍ରଫି ପାଇଁ ଏଥର ଲଢ଼େଇ ଜୋରଦାର ହେବା ଏକପ୍ରକାର ନିଶ୍ଚିତ ହୋଇଛି।

## କଳିଙ୍ଗ ସୁପର କପ୍ ଟ୍ରଫି ଉନ୍ମୋଚିତ

**କଳିଙ୍ଗ ସୁପର କପ୍**

(ଆଜିର ମ୍ୟାଚ)
ଏଫ୍‌ସି ଗୋଆ
ବନାମ
ଜାମସେଦପୁର
ସମୟ: ରାତି ୭.୩୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ଦ୍ୱିତୀୟ ସ୍ଥାନରେ ଗୁଜରାଟ

ଅହମଦାବାଦ, ୨।୫ (ପି.ଟି.)

ଶୁବମନ ଗିଲ୍, ସାଇ ସୁଦର୍ଶନ ଓ ଜୋଟ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଗୁଜରାଟ ଟାଇଟନ୍ସ ଆଇପିଏଲ୍‌ରେ ଶୁକ୍ରବାର ସନରାଇଜର୍ସ ହାଇଦ୍ରାବାଦକୁ ୩୮ ରନରେ ପରାସ୍ତ କରିଛି। ଗୁଜରାଟ ଦ୍ୱାରା ଧାର୍ଯ୍ୟ ୨୨୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ହାଇଦ୍ରାବାଦ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୮୬ ରନ କରିପାରିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୭୪ ରନ ( ୪୧ ବଲ୍, ୪ ଚୌକା, ୬ ଛକା) କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ବିଜୟୀ ଦଳର ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ଦୁଇଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ଏହି ବିଜୟ ଦ୍ୱାରା ଗୁଜରାଟ ୧୦ ମ୍ୟାଚରୁ ୭ ବିଜୟ ୩ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୨୨୪ ରନ କରଥିଲା। ସାଇ ସୁଦର୍ଶନ (୪୮ରନ, ୨୩ ବଲ୍, ୯ ଚୌକା) ଓ ଅଧିନାୟକ ଶୁବମନ ଗିଲ୍ (୭୬ରନ, ୩୮ ବଲ୍, ୧୦ ଚୌକା ଓ ୨ ଛକା) ଦଳକୁ ଭଲ ଆରମ୍ଭ ଦେଇଥିଲେ। ସୁଦର୍ଶନ ଖେଳର ୬.୫ ଓଭର ପର୍ଯ୍ୟନ୍ତ ତିଷ୍ଠି ପାରିଥିଲେ। ସେ ଆଉଟ୍ ହେବା ବେଳକୁ ଓପନିଂ ଯୋଡ଼ିରେ ୮୭ରନ ସଂଗ୍ରହ ହୋଇସାରିଥିଲା। ପରେ ଗିଲ୍‌ଙ୍କ ସହ ଉଇକେଟକିପର ଜୋସ୍ ବଟଲର ଯୋଗଦେଇଥିଲେ। ତେବେ ୧୩ତମ ଓଭରରେ ହର୍ସେଲ ପଟେଲ/କ୍ଲାସେନ ରନ ଆଉଟ କରି ଗିଲ୍‌ଙ୍କ ଇନିଂସର ଅବସାନ ଘଟାଇଥିଲେ। ପରେ ବଟଲର (୬୪ରନ, ୩୭ ବଲ୍, ୩ଚୌକା ଓ ୪ଛକା) ଓ ୱାଶିଂଟନ ସୁନ୍ଦର (୨୧ରନ)ଙ୍କ ମଧ୍ୟରେ ତୃତୀୟ ଉଇକେଟରେ ୫୭ରନର ଭଲ ପାର୍ଟନରଶିପ୍ ହୋଇଥିଲା। ଶେଷ ଭାଗରେ ଜୟଦେ ଉନାଡକଟ ଚମତ୍କାର ବୋଲିଂ କରି ୩୫ ରନ ବିନିମୟରେ ଗୁଜରାଟର ୩ଟି ଉଇକେଟ ଖସାଇ ଦେଇଥିଲେ।



ଶଟ୍ ଖେଳିବା ଅବସରରେ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୨୪/୬ (ଶୁବମନ ଗିଲ୍-୭୬, ଜୋସ ବଟଲର-୬୪,ସାଇ ସୁଦର୍ଶନ-୪୮, ଜୟଦେବ ଉନାଡକଟ-୩/୩୫, ଜିଶାନ ଅଲି-୧/୪୨, ପ୍ୟାଟ କ୍ମିନ୍ସ-୧/୪୦। ସନ୍ ରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୮୬/୬ (ଅଭିଷେକ ଶର୍ମା-୭୪, ହେନ୍‌ରିଚ୍ କ୍ଲାସେନ-୨୩; ପ୍ରସିଦ୍ଧ କ୍ରିଷ୍ଣା-୨/୧୯, ମହମ୍ମଦ ସିରାଜ-୨/୩୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ପଞ୍ଜାବ କିଙ୍ଗ୍ସ | ୧୦ | ୬ | ୩ | ୧ | ୧୩ | +୦.୧୯୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୦୮୦ |
| ରାଜସ୍ଥାନ ରୟାଲ୍ସ | ୧୧ | ୩ | ୮ | ୦ | ୬ | -୦.୬୮୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | -୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୨ | ୮ | ୦ | ୪ | -୧.୨୧୧ |

# ଶ୍ରୀସନ୍ଥ ୩ବର୍ଷ ସସ୍‌ପେଣ୍ଡ

ଥିରୁଭାନନ୍ତପୁରମ, ୨।୫ (ପି.ଟି.)

ଚାମ୍ପିୟନ୍ସ ଟ୍ରଫି ପାଇଁ ସଞ୍ଜୁ ସାମ୍‌ସନଙ୍କୁ ଭାରତୀୟ କ୍ରିକେଟ ଦଳରୁ ବାଦ୍ ଦିଆଯିବା ବିବାଦୀୟ ପ୍ରସଙ୍ଗରେ ମିଥ୍ୟା ଓ ଅପମାନଜନକ ବୟାନ ଦେଇଥିବାରୁ କେରଳ କ୍ରିକେଟ ଆସୋସିଏଶନ (କେସିଏ) ପୂର୍ବତନ ଭାରତ ପେସ୍ ବୋଲର ଏସ୍. ଶ୍ରୀସନ୍ଥଙ୍କୁ ୩ ବର୍ଷ ସସ୍‌ପେଣ୍ଡ କରିଛି। ଏପ୍ରିଲ ୩୦ରେ କୋଚିରେ କେସିଏର ସ୍ୱତନ୍ତ୍ର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀସନ୍ଥ ବର୍ତ୍ତମାନ କେରଳ କ୍ରିକେଟ ଲିଗ୍‌ରେ କୋଲାମ ଏରିଜ ନାମକ ଏକ ଫ୍ରାଞ୍ଚାଇଜ୍‌ର ସହ-ମାଲିକ ଅଛନ୍ତି। ପୂର୍ବରୁ ତାଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ଶ୍ରୀସନ୍ଥଙ୍କ ସହିତ କୋଲାମ ଏରିଜ, ଅଲାପୁଝା ଟିମ୍ ଲିଡ୍ ଓ ଅଲ୍ଲାପୁଝା ରିପ୍ଲେସ ଫ୍ରାଞ୍ଚାଇଜ୍ ଦଳକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଫ୍ରାଞ୍ଚାଇଜ ଟିମ୍‌ଗୁଡ଼ିକ ସନ୍ତୋଷଜନକ ଉତ୍ତର ଦେଇଥିବାରୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେବେ ଟିମ୍ ମ୍ୟାନେଜମେଣ୍ଟର ସଦସ୍ୟ ନିଯୁକ୍ତି ବେଳେ ଅଧିକ ସାବଧାନତା ଅବଲମ୍ବନ କରିବା ଲାଗି ପରାମର୍ଶ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ଶ୍ରୀସନ୍ଥ ଦୁଇଟି ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ଏକ ମାଲାୟାଲମ ଟେଲିଭିଜନ ଚ୍ୟାନେଲରେ ଏକ ପ୍ୟାନେଲ ସହିତ ଆଲୋଚନା ବେଳେ ସେ ରାଜ୍ୟ କ୍ରିକେଟ ଆସୋସିଏଶନ ଓ ସାମସନଙ୍କୁ ନେଇ ତାଙ୍କର ମନ୍ତବ୍ୟ ଦେଇଥିଲେ। ଏଥିରେ ସେ ସାମସନଙ୍କ ପ୍ରତି ତାଙ୍କର ସମର୍ଥନ ଜ୍ଞାପନ କରିବା ସହ କେରଳର ଅନ୍ୟ ଖେଳାଳିଙ୍କୁ ସୁରକ୍ଷା ପ୍ରଦାନ କରିବା ଦିଗରେ କାର୍ଯ୍ୟକରିବେ ବୋଲି ପ୍ରତିଜ୍ଞାବଦ୍ଧ ହୋଇଥିଲେ। ବିଜୟ ହଜାରେ ଟ୍ରଫି ପାଇଁ କେରଳ ଦଳରୁ ସାମ୍‌ସନଙ୍କୁ ବାଦ୍‌ଦିଆଯିବାରୁ ଭାରତର ଚାମ୍ପିୟନ୍ସ ଟ୍ରଫି ଦଳ ପାଇଁ ଏହି ଖେଳାଳିଙ୍କ ସମ୍ଭାବନାକୁ ପ୍ରଭାବିତ କରିଥିଲା ବୋଲି ଦର୍ଶାଇ ସେ କେସିଏକୁ ସମାଲୋଚନା କରିଥିଲେ।

# ନୀରଜ ଚୋପ୍ରା କ୍ଲାସିକ୍‌ରେ କିଶୋର

ନୂଆଦିଲ୍ଲୀ, ୨।୫ (ପି.ଟି.)

ଏସିଆନ ଗେମ୍ସ ରୌପ୍ୟ ବିଜେତା ଓଡ଼ିଶାର କିଶୋର ଜେନା ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଥ୍ରୋରେ ଭାଗ ନେବେ। ଫଳରେ ଇଭେଣ୍ଟରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ନୀରଜ ଚୋପ୍ରା କ୍ଲାସିକ ମେ ୨୪ରେ ବେଙ୍ଗାଲୁରୁସ୍ଥିତ ଶ୍ରୀକାନ୍ତିରାଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୯ ବର୍ଷୀୟ କିଶୋରଙ୍କ ବ୍ୟତୀତ ଭାରତର ଉଦୀୟମାନ ଜାଭେଲିନ୍ ଥ୍ରୋୟର ସଚିନ ଯାଦବ, ରୋହିତ ଯାଦବ ଓ ସାହିଲ ସିଲ୍‌ୱାଲ ପ୍ରମୁଖ ଏଥିରେ ଭାଗ ନେବେ। ସେମାନେ ଡବଲ ଅଲିମ୍ପିକ ପଦକ ବିଜେତା ନୀରଜଙ୍କ ସମେତ ବିଶ୍ୱର ଶ୍ରେଷ୍ଠ ଆଥ୍‌ଲେଟଙ୍କ ସହ ଅବତୀର୍ଣ୍ଣ ହେବାର ସୁଯୋଗ ପାଇବେ। ଏହି ନୂଆ ଜାଭେଲିନ୍ ଇଭେଣ୍ଟ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଦ୍ୱାରା 'ଏ' କାଟେଗୋରୀ ମାନ୍ୟତା ଲାଭ କରିଛି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ବେଙ୍ଗାଲୁରୁ
ବନାମ ଚେନ୍ନାଇ
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରାଜସ୍ଥାନର ପ୍ଲେ-ଅଫ୍ ଆଶା ଶେଷ

ଜୟପୁର, ୨।୫ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୧୦୦ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହି ପରାଜୟ ଦ୍ୱାରା ରାଜସ୍ଥାନ ଦଳର ପ୍ଲେ-ଅଫ୍ ଆଶା ଶେଷ ହୋଇଯାଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨ଉଇକେଟ ବିନିମୟରେ ୨୧୭ରନ କରିଥିଲା। ଜବାବରେ ରାଜସ୍ଥାନ ୧୬.୧ ଓଭରରେ ୧୧୭ ରନ କରି ଅଲଆଉଟ ହୋଇଯାଇଥିଲା। ଅନ୍ୟପକ୍ଷରେ ମୁମ୍ବାଇ ଏହି ବିଜୟ ଦ୍ୱାରା ପ୍ଲେ-ଅଫ୍‌ର ନିକଟତର ହୋଇଛି। ମ୍ୟାଚରେ ରୋହିତ ଶର୍ମା (୩୬ ବଲ୍‌ରୁ ୫୩ରନ) ଓ ର୍ୟାନ ରିକେଲଟନ (୩୮ ବଲ୍‌ରୁ ୬୧ରନ) ଚମତ୍କାର ଅର୍ଦ୍ଧଶତକ ସହ ଦଳକୁ ଭଲ ଆରମ୍ଭ ଦେଇଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୨୩ ବଲ୍‌ରୁ ୪୮) ଓ ସୂର୍ଯ୍ୟକୁମାର ଯାଦବ (୨୩ ବଲ୍‌ରୁ ୪୮) ଚିତ୍ତାକର୍ଷକ ବ୍ୟାଟିଂ କରି ମୁମ୍ବାଇ ଇନିଂସର ଫିନିଶିଂ ଟଚ୍ ଦେଇଥିଲେ। ଯଶପ୍ରୀତ ବୁମ୍‌ରା (୨/୧୫) ଓ ଟ୍ରେଣ୍ଟ ବୋଲ୍ଟ (୩/୨୮) ଓ ଲେଗ୍ ସ୍ପିନର କର୍ନ ଶର୍ମା (୩/୨୩) ପ୍ରଭାବୀ ବୋଲିଂ କରି ରାଜସ୍ଥାନ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ଦଳ ପାଇଁ ବୃହତ୍ ବିଜୟ ଆଣି ଦେଇଥିଲେ। ରାଜସ୍ଥାନ ଦଳର ରହସ୍ୟମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨ଟି ବଲ୍ ସାମ୍ନା କରି ବିନା କୌଣସି ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୧୭/୨ (ର୍ୟାନ ରିକେଲ୍‌ଟନ-୬୧, ରୋହିତ ଶର୍ମା-୫୩; ର୍ୟାନ ପରାଗ-୧/୧୨)। ରାଜସ୍ଥାନ ରୟାଲ୍ସ: ୧୬.୧ ଓଭରରେ ୧୧୭/ଅଲଆଉଟ (ଜୋଫ୍ରା ଆର୍ଚର-୩୦; କର୍ନ ଶର୍ମା-୩/୨୩, ଯଶପ୍ରୀତ୍ ବୁମ୍‌ରା-୨/୨୫, ଟ୍ରେଣ୍ଟ ବ୍ରିଜ୍-୩/୨୮)।

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
E-mail ID : rourkelamunicipality@gmail.com
No.5597 Date. 28.04.2025
**Tender Call Notice for Supply of Commercial Water Purifier for Aahaar Centres**
**No.C-191** : Sealed Tenders are invited from the intending reputed Manufacturers/ Authorized Dealer having PAN and valid GST certificate for Supply of Commercial Water Purifier under Rourkela Municipal Corporation.
The sealed Tender should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before 07.05.2025 by 1.00 P.M. through postal/ courier/ speed post/ registered post or by hand. The Tender will be opened on 08.05.2025 at 11.30 A.M. in presence of the bidders who wish to attend.
Details terms and conditions of the tender process can be downloaded from the official website of Rourkela Municipal Corporation (www.rmc.nic.in).
The undersigned reserves the right to negotiate or reject / cancel any or all the ' tenders at any time without assigning any reason thereof.
Sd./- Commissioner
OIPR-13131/11/0126/2526 Rourkela Municipal Corporation

Annexure-1
**DISTRICT MINERAL FOUNDATION, JAJPUR**
**Request for Proposal (RFP)**
**No.CAD-257:**District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for "Selection of Bidder for providing Communicative Skills Training for Employability of college students in mining affected areas of Jajpur District under District Mineral Foundation, Jajpur".
The detail of the RFP is available in the district web portal i.e. **www.jajpur.odisha.gov.in**
Sd./-
Collector & Managing Trustee,
DMF, Jajpur
OIPR-30025/11/0010/2526

**Government of Odisha**
E-mail.ID-sectcrb_2006@yahoo.co.in, Tel/Fax-0671-2301751/2302751
**Corrigendum to Bid Identification No.CCE.Ctc(R&B) 17/2024-25**
Tender Reference No. CCE.Ctc. (R&B) 17/2024-25
**No.B-74:**The Bid availability period and Date of opening of the tenders have been modified due to unavoidable circumstances. The modified dates are as follows:-

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid Opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B) 17/2024-25 | 03.04.2025 to 5.30 hours of 17.04.2025 | 03.05.2025 to 5.30 Hours of 17.05.2025 | 19.04.2025 at 11.00 Hours | 19.05.2025 at 11.00 Hours |

All other terms and conditions remain unchanged. Further details can be seen from the website htpp://tendersodisha.gov.in.
OIPR-34012/11/0033/2526 Sd./- Chief Construction Engineer, Cuttack (R&B) Circle

**OFFICE OF THE EXECUTIVE ENGINEER**
**MAYURBHANJ LIFT IRRIGATION DIVISION BARIPADA**
E-mail : olicbpd@ymail.com
**SHORT TENDER CALL NOTICE No. 4431 Dt. 25.04.2025**
**No.CAD-260** : Sealed Tenders are invited from interested reputed Travel Agencies / Tour operators or private individuals for providing 1 (One) No. of Non A.C Diesel driven Bollero having sitting capacity not more than ten including driver for official use by the officers under M.L.I Division, Baripada (details are given below) on monthly rent basis for 1 year from **01.06.2025 to 31.05.2026**. The Terms & conditions along with general information for hiring vehicle can be obtained from the office of the Executive Engineer, Mayurbhanj Lift Irrigation Division, Baripada on all working days between **9.00 AM to 1 P.M.** from **05.05.2025 to 09.05.2025** on payment of Rs. 118/- (Rupees One hundred Eighteen) only including 18% GST in shape of Demand Draft to be drawn in favour of the Executive Engineer, M.L.I. Division, Baripada payable at Baripada. The Tender completed in all respect should reach the undersigned on or before **13.05.2025 by 11.00 A.M.** and shall be opened on **14.05.2025** at **9.00 A.M.** in presence of the Bidders or their authorized representatives.
The authority reserves the right to accept or reject any or all the Tenders without assigning any reason thereof.
1. Vehicle used by the Executive Engineer, MLI Division, Baripada
Sd./- (Er. Amruta Kumar Bagh)
OIPR-32215/11/0004/2526 EXECUTIVE ENGINEER

**Government of Odisha, e-Procurement Notice**
**INVITATION FOR BIDS (IFB)**
Bid Identification No. C.C.E.Dkl. (R&B) 01/2025-26
Email Id - sedklpwd@gmail.com
Letter No. 892/Dt. 25.04.2025
**No.B-63** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below :
1 Name of the work : Building works
2 No. of works : 02 (Two) Nos.
3 Estimated cost : **Rs. 3.96 Crore to 5.05 Crore (as given in column No. 03 of table)**
4 Cost of tender paper : Rs. 10,000.00
5 Class of contractor : 'A' Class **(as given in column No. 07 of table)**
6 Period of completion of work : 07 (Seven) to 09 (Nine) Calendar months **(as given in column No. 08 of table)**
7 Date and time of availability of bid document in the website : From Dt. 03.05.2025 to 05.00 P.M. of Dt. 17.05.2025
8 Date of opening of bid : Dt. 19.05.2025 at 11.00 A.M.
The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer
OIPR-34132/11/0028/2526 Dhenkanal (R&B) Circle, Dhenkanal

ଓଡ଼ିଶା ସରକାର No.A-102
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳସେଚନ ବିଭାଜନ
ଇମେଲ-akp.irrigationdivision@gmail.com
**'e'- Procurement Notice No.01/2025-26**
1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୬ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୭.୦୦ ଲକ୍ଷରୁ ୭୫.୬୫ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା
II. ଅନଲାଇନ Biddingର ସମୟସୀମା: ତା.୦୧.୦୫.୨୦୨୫ ଦିବା ୧୦ ଘଟିକାରୁ ତା.୦୮.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ: ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୯.୦୫.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୯.୦୫.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।
ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in
ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ,
OIPR-32548/11/0001/2526 ଆଖୁଆପଦା

**GOVERNMENT OF ODISHA** No.C-190
**OFFICE OF THE SUPERINTENDING ENGINEER**
**P.H. DIVISION, BALANGIR**
Email Id:eephbgr@yahoo.co.in Ph.No.(06652-234647)
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SE PH BGR 01 /2025-26 Dt.24.04.2025**
01. Name of the Work : 01 No.
02. Estimated Cost : Rs.947.19 Lakhs
03. Period of Completion : 18 Months
04. Date & Time of availability of bid document in the portal : From 11.00 AM of dt.06.05.2025 to 5.00 PM of dt.22.05.2025
05. Last date/time of receipt of bids in the portal : 5 PM of dt.22.05.2025
06. Date & Time of opening of bids : At 11.00 AM of dt.23.05.2025
07. Name and Address of the Officer Inviting Bid : Superintending Engineer P.H.Division, Balangir At- Tulsinagar Dist- Balangir- 767001
**Further details can be seen from the website https://tenders.ori.nic.in or www.tendersodisha.gov.in**
Sd./-Superintending Engineer
OIPR-13005/11/0031/2526 P.H.Division, Balangir

Government of Odisha
**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**
E-mail ID : eerbkbj@rediffmail.com
Bid Identification No. 04 / KBJ / 2025-26
**No.B-66** : The **Superintending Engineer, Kantabanji (R&B) Division** on behalf of Governor of Odisha invites **Percentage Rate bid for Building works** detailed in the table below in **Single Cover (Composite Tender) ONLINE MODE** from the Class of Contractors mentioned in **Column-7** registered with the State Government and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.
1) No. of work : 03 Nos. (Single Cover)
2) Nature of work : Building work
3) Class of contractor : "D" & "C" Class
4) Approximate value of work : Rs. 15.00 Lakhs
5) Tender Cost : Rs. 6,000/-
6) Date and time of valiability of Bid documents in online : From Dt.02.05.2025, 8:00 A.M. to Dt.08.05.2025 up to 05:00 P.M.
7) Date of Opening : Dt.09.05.2025 at 11:30 A.M.
8) Other details can be seen in the bidding documents from the e-procurement portal "www.tendersodisha.gov.in"
9) The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only.
Sd./- Superintending Engineer
OIPR-34099/11/0018/2526 Kantabanji (R&B) Division

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂଆ ଭୁବନେଶ୍ୱର ଷ୍ଟେଶନରୁ ଗଡ଼ିବ ୩ ଟ୍ରେନ୍

ଭୁବନେଶ୍ୱର,୨।୫
(ଅନୁରାଧା ମହାରଣା)

ଭୁବନେଶ୍ୱରରୁ ଚଳାଚଳ କରୁଥିବା ୩ଟି ଟ୍ରେନ ପାଇଁ ଟର୍ମିନାଲ ପଏଣ୍ଟ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଟ୍ରେନ୍‌ଗୁଡ଼ିକ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ପରିବର୍ତ୍ତେ ନୂଆ ଭୁବନେଶ୍ୱର ଷ୍ଟଶନରୁ ଯାତ୍ରା ଆରମ୍ଭ କରିବେ। ଏହି ଟ୍ରେନଗୁଡ଼ିକ ମଧ୍ୟରେ ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସ୍‌ଏମ୍‌ଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ରହିଛି। ଏହାଦ୍ୱାରା କଟକ, ଆଠଗଡ଼ ଓ ଉତ୍ତର ଭୁବନେଶ୍ୱର ଅଞ୍ଚଳବାସୀ ବିଶେଷଭାବରେ ଉପକୃତ ହେବେ।

ମେ ୧୧ରୁ ମୁମ୍ବାଇରୁ ଛାଡୁଥିବା ୧୧୦୧୯ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେଶନରେ ଏହାର ଯାତ୍ରା ଶେଷ କରିବ। ପୂର୍ବ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ, ଏହି ଟ୍ରେନ ରାତ୍ରି ୧୧ଟା ୫୫ରେ ଭୁବନେଶ୍ୱର ନୂତନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ୍ ରାତ୍ରି ୧୨ଟା ୦୨ରେ ମଞ୍ଚେଶ୍ୱର ଷ୍ଟେଶନରେ ପହଞ୍ଚିବ ଏବଂ ୧୨ଟା ୦୪ରେ ଛାଡ଼ି ରାତ୍ରି ୧୨ଟା ୨୦ରେ ଭୁବନେଶ୍ୱର ନୂତନ ଷ୍ଟେଶନରେ ପହଞ୍ଚିବ। ୧୧୦୨୦ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ମେ ୧୨ରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ପରିବର୍ତ୍ତେ ଅପରାହ୍ନ ୨ଟା ୪୦ରେ ଭୁବନେଶ୍ୱର ନୂତନ ଷ୍ଟେଶନରୁ ଛାଡ଼ିବ। ଏହି ଟ୍ରେନ ଅପରାହ୍ନ ୨ଟା ୪୮ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ନ ୨ଟା ୫୦ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ଅଭିମୁଖେ ଛାଡ଼ିବ ଓ ପରେ ଏହି ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ। ସେହିପରି ମେ ୧୧ରୁ ସିକନ୍ଦରାବାଦରୁ ଛାଡୁଥିବା ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେଶନରେ ଯାତ୍ରା ଶେଷ କରିବ। ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନରେ ପହଞ୍ଚିବା ପରେ ଭୁବନେଶ୍ୱର ନୂତନ ଷ୍ଟେଶନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ଅପରାହ୍ନ ୪ଟା ୦୪ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ନ ୪ଟା ୬ରେ ଛାଡ଼ିବ ଏବଂ ତା'ପରେ ଅପରାହ୍ନ ୪ଟା ୨୫ରେ ଭୁବନେଶ୍ୱର ନୂତନ ଷ୍ଟେଶନରେ ପହଞ୍ଚିବ। ୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ଓ ୨୨୮୧୯ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ ମେ' ୧୨ରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ପରିବର୍ତ୍ତେ ଭୁବନେଶ୍ୱର ନୂତନ ଷ୍ଟେଶନରୁ ବାହାରି ମଞ୍ଚେଶ୍ୱରରେ ପହଞ୍ଚିବ। ସେଠାରେ ରହଣି କରିବାପରେ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ଅଭିମୁଖେ ଯାତ୍ରା କରିବ।

# ବିଜେତାଙ୍କୁ ମିଳିବ ୫ ଲକ୍ଷ ଟଙ୍କା ପୁରସ୍କାର

## ଭାରତୀୟ ରେଳପଥ ଡିଜିଟାଲ ଘଣ୍ଟା ଡିଜାଇନ ପ୍ରତିଯୋଗିତା

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଭାରତୀୟ ରେଳପଥ ନୂତନ ଡିଜିଟାଲ ଘଣ୍ଟା ଡିଜାଇନ କରିବା ପାଇଁ ଏକ ଦେଶବ୍ୟାପୀ ପ୍ରତିଯୋଗିତା ଘୋଷଣା କରିଛି। ଏହି ପ୍ରତିଯୋଗିତାର ତିନୋଟି ବର୍ଗରେ ବୃତ୍ତିଗତ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କ ଡିଜାଇନ ଭାରତୀୟ ରେଳପଥରେ ବ୍ୟବହାର ହେବା ସହ ତାଙ୍କୁ ୫ ଲକ୍ଷର ଟଙ୍କାର ପ୍ରଥମ ପୁରସ୍କାର ରାଶି ପ୍ରଦାନ କରାଯିବ। ଏହାସହ ତିନୋଟି ବର୍ଗର ପ୍ରତ୍ୟେକଙ୍କ ପାଇଁ ୫୦ହଜାର ଟଙ୍କାର ପାଞ୍ଚଟି ସାନ୍ତ୍ୱନା ପୁରସ୍କାର ରହିବ। ଅଂଶଗ୍ରହଣକାରୀମାନେ ମେ ୩୧ ତାରିଖ ମଧ୍ୟରେ ଅନଲାଇନରେ ସେମାନଙ୍କ ଡିଜାଇନ ଦାଖଲ କରିବାକୁ ପଡିବ। ଭାରତୀୟ ରେଳ ବୋର୍ଡ (ସୂଚନା ଏବଂ ପ୍ରସାର) ନିର୍ଦ୍ଦେଶକ ଦିଲୀପ କୁମାର କହିଛନ୍ତି, ଅଂଶଗ୍ରହଣକାରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କର ମୌଳିକତାର ପ୍ରମାଣପତ୍ର ସହିତ ୱାଟରମାର୍କ କିମ୍ବା ଲୋଗୋ ବିନା ଉଚ୍ଚ ରିଜୋଲ୍ୟୁଶନରେ contest.pr@rb.railnet.gov.inରେ ଦାଖଲ କରିବାକୁ ପଡିବ। ଅଂଶଗ୍ରହଣକାରୀ ଏକାଧିକ ଡିଜାଇନ ଦାଖଲ କରିପାରିବେ। ଏଥିରେ ଏକ ସଂକ୍ଷିପ୍ତ ଧାରଣା ନୋଟ ରହିବ। କୌଣସି ବୌଦ୍ଧିକ ସମ୍ପତ୍ତି ଅଧିକାର କିମ୍ବା କପିରାଇଟ ଉଲ୍ଲଂଘନ ନ କରିବା ଆବଶ୍ୟକ। ସ୍କୁଲ ବର୍ଗରେ, ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯୋଗ୍ୟ ଏବଂ ସେମାନଙ୍କୁ ଏକ ବୈଧ ସ୍କୁଲ ପରିଚୟପତ୍ର ଅପଲୋଡ୍ କରିବାକୁ ପଡିବ। କଲେଜ ବର୍ଗରେ ବର୍ତ୍ତମାନ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା କଲେଜରେ ନାମ ଲେଖାଇଥିବା ବ୍ୟକ୍ତିମାନଙ୍କୁ ଅର୍ନ୍ତଭୁକ୍ତ କରାଯିବ। ଅନ୍ୟ ସମସ୍ତେ ବୃତ୍ତିଗତ ବର୍ଗ ଅଧୀନରେ ରହିବେ।

# ରାଜାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ

କେନ୍ଦୁଝର,୨।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ପରିବହନ କୋଅପରେଟିଭ ସୋସାଇଟିରେ ଆର୍ଥିକ ଘୋଟାଲାର ତଦନ୍ତ କ୍ରାଇମବ୍ରାଞ୍ଚ (ଅର୍ଥନୈତିକ ଶାଖା) ପକ୍ଷରୁ ଚାଲିଛି। ଘଟଣାରେ କ୍ରାଇମବ୍ରାଞ୍ଚ ବିଜେଡି ନେତା ରାଜା ଚକ୍ରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ତଦନ୍ତକାରୀ ସଂସ୍ଥା ରାଜା ଚକ୍ରଙ୍କୁ ଅଧିକ ପଚରାଉଚରା କରିବାକୁ ଶୁକ୍ରବାର କେନ୍ଦୁଝର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୭ ଦିନ ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ସଂସ୍ଥାର ସେ ସମୟର ସଭାପତି ଓ ସମ୍ପାଦକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ତଦନ୍ତ ବେଳେ ସଂସ୍ଥାରୁ ବହୁ ଅର୍ଥ ଦେଣନେଣ ଅଭିଯୋଗରେ ରାଜା ଚକ୍ରଙ୍କୁ ଗିରଫ କରି ବାଲେଶ୍ୱର ଜେଲରେ ରଖାଯାଇଛି। ବିଚାର ବାଲେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାଲିଥିବା ବେଳେ ପୂର୍ବରୁ ରାଜାଙ୍କୁ ରିମାଣ୍ଡରେ ନେଇ ତଦନ୍ତକାରୀ ସଂସ୍ଥା ପଚରାଉଚରା କରିଥିଲା। ଅନ୍ୟପକ୍ଷରେ ଉକ୍ତ ଘଟଣାରେ ଗିରଫ ହୋଇଥିବା ରାଜାଙ୍କ ଜାମିନ ଶୁଣାଣି ଅଗ୍ରାହ୍ୟ ହୋଇଥିବା ବେଳେ ଏବେ ଉଚ୍ଚ ନ୍ୟାୟାଳୟରେ ଜାମିନ ଆବେଦନ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏଜେନ୍ସିରେ ହୋଇଥିବା ଘୋଟାଲାକୁ ନେଇ ସ୍ୱତନ୍ତ୍ର ଅଡିଟ୍‌କୁ ରିପୋର୍ଟକୁ କାର୍ଯ୍ୟକାରୀ କରି, ମାମଲା ରୁଜୁ କରାଯାଇଥିଲେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି।

ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰କୈଳାସ ଚନ୍ଦ୍ର ତ୍ରିପାଠୀ
ଅବିଧିଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର
ଆବିର୍ଭାବ: ୦୫।୦୧।୧୯୫୦
ତିରୋଧାନ: ୧୪।୦୫।୨୦୨୪

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର: କପୁ, ଲିପୁ,ବୋହୂ: ଗେଲ୍ସି, ଟିଙ୍କି, ଝିଅ: ସିଲୁ, ଜ୍ୱାଇଁ: ସିଲୁ, ନାତୁଣୀ: ଗୁଡ଼ିଆ, ଲାଡ୍‌ଲି, ଅର୍ଣ୍ଣିକା

ଧ-୩୬୮

### ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



୰ଅମୂଲ୍ୟ ମୋହନ ଦାସ
ଆବିର୍ଭାବ : ତା.୧୧.୧୧.୧୯୪୨ରିଖ
ତିରୋଧାନ : ତା.୨୨.୦୪.୨୦୨୫ରିଖ

ଜଣେ ବାଗ୍ମୀ, ଶୃଙ୍ଖଳିତ, ସମୟାନୁବର୍ତ୍ତୀ, ସତ୍ୟନିଷ୍ଠ, କର୍ତ୍ତବ୍ୟପରାୟଣ, ନିଷ୍ଠାବାନ, ଛାତ୍ରବତ୍ସଳ ଏବଂ ସର୍ବୋପରି ଉଚ୍ଚ ଆଦର୍ଶବାଦୀ ଶିକ୍ଷକ ହିସାବରେ ଆପଣ ଚିର ସ୍ମରଣୀୟ ହୋଇ ରହିବେ। ଆପଣଙ୍କର ପବିତ୍ର ଆତ୍ମାର ସଦ୍ ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ପୁଅ, ଝିଅ, ବୋହୂ, ଭଉଣୀ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ନାତି, ନାତୁଣୀ ଓ ଛାତ୍ର ଛାତ୍ରୀ ବୃନ୍ଦ।

ଧ-୩୭୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ନାରାୟଣ ପଟ୍ଟନାୟକ
ଜଗନ୍ନାଥ ନଗର, ଭୁବନେଶ୍ୱର

ଆପଣ ଚାଲିଯିବାର ଚାହୁଁ ଚାହୁଁ ବର୍ଷେ ହୋଇଗଲାଣି। ଆପଣଙ୍କ ଅନୁପସ୍ଥିତିକୁ ଆମେ ସବୁବେଳେ ଅନୁଭବ କରୁଛୁ। ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମ ପାଇଁ ଆଦର୍ଶ ହୋଇ ରହିବ। ଅମରାତ୍ମାର ସଦ୍‌ଗତି ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତି, ନାତୁଣୀଜ୍ୱାଇଁ, ନାତୁଣୀବୋହୂ ଓ ପଟ୍ଟନାୟକ ପରିବାରବର୍ଗ।

ଧ-୭୫୩୮୩

# Classified Everyday

0674-2580101, 9692975378



## REAL ESTATE

### SALE

Duplex sale with gated society AIIMS Hospital, Bhubaneswar. 8455909543, 7735579312. D-76262

National and International Project @ 3lakhs to 30lakhs Contact- 8917622925. D-367

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260


Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରୀ ପ୍ଲଟ୍ 1250/Sqft.ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496. D-356

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## CONSTRUCTION


Do you want to construct a building on your own plot please contact K.K. Construction. 7008268129, 9439143273. D-71397



## FOR RENT

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377



## Healthcare

Relax, Refresh your body, mind at Saikrupa SPA with best therapies. 7848011468. D-363

Newly open Jyoti SPA positively health benefits (Expert therapist). 8458067955. D-76912

## LOST

ଆମ୍ଭେ ଶ୍ରୀମତୀ ଶ୍ରୀମୟୀ ଦାଶ, ବୟସ- ୩୩ବର୍ଷ, ସ୍ୱାମୀ- ତାରିଣୀ ପ୍ରସାଦ ଦାଶ, ସା- ସ୍ୱଞ୍ଚ କଲୋନୀ, ଜଗନ୍ନାଥପୁର, ପୋଷ୍ଟ- କେନ୍ଦୁଝରଗଡ଼, ଥାନା- ଟାଉନ, ଜିଲ୍ଲା- କେନ୍ଦୁଝର। ଆମ୍ଭେ ମୌଜା- ରାଙ୍କି, ଖାତା ନଂ.-447/2342, ପ୍ଲଟ୍ ନମ୍ବର- 190/4638ର ମାଲିକ ଅଟୁ। ଯାହାର ବିକ୍ରୟ କବଲା ID No.- 1002202080 ଏବଂ document (Regd. No.-11002202031 ତା 31.12.2022 କେଉଁଆଡ଼େ ହଜିଯାଇଅଛି। ଯାହାକୁ ବନ୍ଧକ ଦେଇ ଆମ୍ଭେ ଋଣ କରିବାକୁ ଇଚ୍ଛୁକ। ଯଦି କୌଣସି ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ 15 ଦିନ ମଧ୍ୟରେ secretary, Keonjhar Central cooperative Bank କେନ୍ଦୁଝରଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୩୬୨

## AFFIDAVIT

By virtue of an affidavit sworn before Executive Magistrate, Bahanaga, Balasore, date- 21.04.2025, I, Nalita Naik, Address: At- Athilabaj, P.O.- Avana, P.S.- Soro, Dist.- Balasore, Odisha, PIN- 756051, declare that I have changed my name from Namita Naik to Nalita Naik. Henceforth, I shall be known as Nalita Naik for all purpose.
Sd./- Nalita Naik
D-347

By virtue of an affidavit No.-2883, dtd10.03.2025 before the Executive Magistrate, Sambalpur, I, Anita Pujari, W/o- Keshav Tripathy, residing at Chandrasekharpur, Bhubaneswar, Dist.- Khordha, PIN-751024, declare that I have changed my name to Anita Tripathy. I shall be known as Anita Tripathy. Henceforth, for all purposes. D-359

I, Shrashti Gupta, W/o- Pankaj Gupta, R/o- Sohela, Dist.- Bargarh- 768033 declare by this affidavit No.- 869 dated 10th April, 2025 that now onwards, I shall be known as Shrishti Jainarayan Gupta for all future purposes.
Shrishti Jainarayan Gupta
D-364

I, Dulal Meher, R/o. Village- Mankaman, P.O.- Anlapali, P.S.- Baunsuni, Dist.- Boudh, PIN- 762015 declare by this affidavit No.- 764, dated 01.05.25 sworn before the Executive Magistrate, Boudh that I have changed my minor son's name from Sanket Swaraj Meher to Sanket Raj Meher for all future purposes. D-365

I, Jadumani Sahu, R/o. Village- Tutusinga, P.O.- Murusundhi, P.S./Dist.- Boudh, PIN- 762014 declare by this affidavit No.- 765, dated 01.05.25 sworn before the Executive Magistrate, Boudh that I have changed my minor son's name from Sudhir Kumar Sahu to Sudhip Sahu for all future purposes. D-366

By virtue of an affidavit sworn before the Executive Magistrate, Padmapur, Dist.- Rayagada, dated 01.05.2025, I, Jayamini Palaka, D/o- Late Niranjan Palaka, resident of At-Godiabandha, P.O.-Godiabandha, P.S.-Padmapur, Dist.- Rayagada in the State of Odisha, PIN-765025 declare that I have changed my name from Jaymini Sabara (Old Name) to Jayamini Palaka (New Name). Henceforth, I shall be known as Jayamini Palaka for all purpose.
Sd./-Jayamini Palaka.
D-358

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

IN THE COURT OF JUDGE, FAMILY COURT, BHUBANESWAR
C.P. No.-166/2024
Sri Kamal Kumar Behera ...Petitioner
Versus
Smt. Diptimayee Sahoo .....Respondent

Smt. Diptimayee Sahoo, aged about 21 years, Wife of Kamal Kumar Behera & Daughter of Dilip Kumar Sahoo, resident of Village-Raibari, P.O.-Palli, Dist.-Jagatsinghpur, Odisha.

Whereas the above named petitioner has made application this Court that U/s-13(i)(a) Hindu Marriage Act, 1955.

You are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall accompanied by same person able to answer all such questions on the day of 09.05.2025 at 10.30 AM to answer claim and you are direct to produce on that day all documents upon which you intend to rely support of your defence.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this 11th day of April, 2025.
Sd./- Hon'ble Judge, Family Court, Bhubaneswar
D-76447

IN THE COURT OF JUDGE FAMILY COURT, BHUBANESWAR
CP-120/2024
Sri Kali Prasad Rath ....Petitioner
Versus
Smt. Elisa Swapna Sahoo .... Respondent

Elisa Swapna Sahoo, Aged about 35years, D/o- Srikanta Sahoo, W/o- Kali Prasad Rath, Resident of At- Type 4/13, Tank No.- 12 3rd Sector, Salt Lake Bidhan Nagar IB Market, North 24 Parganas, West Bengal presently residing At- Plot No.- 514, 2nd Floor Sailashree Vihar, P.S.- Chandrasekharpur, Bhubaneswar, Dist.- Khordha.

Whereas the above named petitioner has made application this Court that U/s-13 (I-a) (i-b) Hindu marriage Act 1955.

You are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall accompained by the same person able to answer all such questions on the day of 26.06.25 at 10.30 AM to answer claim and you are direct to produce on that day all documents upon which you intend to rely support of your defence.

Take notice that in default of your apperance on the day before mentioned the suit will be heard and determined in your absence. Given under my hand and the seal of the court this 24th day April 2025.
Sd./- Hon'ble Judge, Family Court, Bhubaneswar.
D-76448

# କାଠଘୋଡ଼ା



ଜଣେ ମହିଳାଙ୍କର କାହାଣୀ ଏମିତି ଯେ, ସେ ଅପାର ସୁନ୍ଦରୀ ଏବଂ ସାମର୍ଥ୍ୟବତୀ ; କିନ୍ତୁ ତାଙ୍କୁ ଭାଗ୍ୟ ସାଥ୍ ଦେଉ ନଥିଲା। ପ୍ରେମ ପାଇଁ ସେ ବିବାହ କରିଥିଲେ, କିନ୍ତୁ ସେ ପ୍ରେମ ଅସଲି ବଦଳରେ ନକଲି ହେଲା। ସେ ସୁସ୍ଥ ଏବଂ ସୁନ୍ଦର ସନ୍ତାନର ଜନନୀ ହେଲେ, କିନ୍ତୁ ସେ ଅନୁଭବ କରୁଥିଲେ ସନ୍ତାନ ତାଙ୍କ ପାଇଁ ଏକ ବୋଝ। ସେ ସନ୍ତାନ ପ୍ରତି ହୃଦୟରୁ ମମତା ଦେଇପାରିବେ ନାହିଁ। ଏପରିକି ପିଲାମାନଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ।

## ଅନୁବାଦ ଗଳ୍ପ

**ମୂଳ ଇଂରାଜୀ : ଡେଭିଡ ହର୍ବଟ ଲରେନ୍ସ**
**ଅନୁସୃଜନ : ଲଳିତ ମୋହନ ମିଶ୍ର**

ପିଲାମାନେ ନିଜ ମା'ଠାରୁ ସ୍ନେହ ଶ୍ରଦ୍ଧା ଭଲପାଇବାର ଅଭାବ ଅନୁଭବ କରି ପାରୁଥିଲେ। ଏଭଳି ପରିସ୍ଥିତିରେ ମହିଳା ଜଣକ ପିଲାମାନଙ୍କର ଅଭାବକୁ ଦୂର କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ସେ ଜାଣି ପାରୁ ନଥିଲେ ଅଭାବର ବାସ୍ତବତା।

ସେ ପିଲାମାନଙ୍କ ପାଖରେ ରହି ଅନୁଭବ କରନ୍ତି, ତାଙ୍କ ହୃଦୟରେ କୌଣସି ଭାବନା ନାହିଁ। ଏହି କଥାଟି ତାଙ୍କୁ ବ୍ୟଥିତ କରେ। ପିଲାମାନଙ୍କର ଅସହଜତା ଅପେକ୍ଷା ତାଙ୍କୁ କେମିତି ସ୍ନେହରେ ବାନ୍ଧି ରଖିବେ ସେଥିପ୍ରତି ଦୃଷ୍ଟି ଦେଉଥିଲେ। ତାଙ୍କ ହୃଦୟରେ ଏକ ନିରନ୍ତର ଭାବନା ଆସୁଥିଲା, ତାଙ୍କର କଠିନ ହୃଦୟରେ ପିଲାଙ୍କ ପ୍ରତି କୌଣସି ଆକର୍ଷଣର ସ୍ଥାନ ନାହିଁ। ଏକଥା ସବୁ ମହିଳାଙ୍କର କି, ଏ ଅଜବ ଆଚରଣ ସମସ୍ତଙ୍କର କି, ସର୍ବଦା ମନକୁ ଆନ୍ଦୋଳିତ କରୁଥାଏ। ବାହାରେ ଦେଖୁଥିବା ଲୋକମାନେ କୁହନ୍ତି - ବାଃ! ବହୁତ ବଢ଼ିଆ ମାଆ। ପ୍ରକୃତ ବାସ୍ତବତା କ'ଣ... ତାହା କେବଳ ସେ ମା' ଓ ତାଙ୍କର ପିଲାମାନେ ଜାଣିଥିଲେ। ସତ କଥା ଏହା ଯେ, ମା' ଓ ପିଲାମାନେ ପରସ୍ପରର ଆଖିରେ ଏସବୁ ପଢ଼ିପାରୁଥିଲେ।

ମହିଳାଙ୍କର ଗୋଟିଏ ପୁଅ ଓ ଦୁଇଟି ଝିଅ। ସେମାନେ ଏକ ସୁନ୍ଦର ଘରେ ରହୁଥିଲେ। ସେଠି ଏକ ବଗିଚା ଥିଲା। ସେଥିରେ ଅନେକ ଚାକରବାକର। ପିଲାମାନେ ନିଜକୁ ପଡ଼ୋଶୀଙ୍କ ତୁଳନାରେ ଶ୍ରେଷ୍ଠ ମଣୁଥିଲେ। ସେମାନେ ଲୋକଦେଖାଣିଆ ଖୁସିରେ ଛାଣ୍ଟକାଣ୍ଟରେ ରହୁଥିଲେ, କିନ୍ତୁ ଘର ଭିତରର ବାତାବରଣ ଭାରି ଓଜନିଆ ଓଜନିଆ ଥିଲା। ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନଥିଲା। ସେମାନଙ୍କର ଆୟ ଅଧିକ ନଥିଲା, ଯାହା ଫଳରେ ସେମାନଙ୍କର ସାମାଜିକ ସ୍ଥିତି କଷ୍ଟକର। ବାପା ସହରର ଏକ ଅଫିସରେ କାମ କରୁଥିଲେ। ଅଫିସରେ ପ୍ରଗତି ପାଇଁ ଅନେକ ସୁଯୋଗ ଥିଲେ ମଧ୍ୟ ସେ ଏହାର ସୁଫଳ ପାଇ ପାରୁ ନଥିଲେ। ଅର୍ଥକୁ ନେଇ ପରିବାରରେ ସଦାସର୍ବଦା ଅସନ୍ତୋଷ ଲାଗି ରହୁଥିଲା।

ଥରେ ସେ ମହିଳା ଜଣକ କହିଲେ- ହେଉ, ଏଥର ମୁଁ କିଛି କାମଧନ୍ଦା ଆରମ୍ଭ କରିବି। କିନ୍ତୁ ତାଙ୍କର କୌଣସି ଅଭିଜ୍ଞତା ଥିଲା ନା ଯୋଜନା। ବହୁତ ବୁଝି ବିଚାରି ଚିନ୍ତା କଲା ପରେ ସେ କାମରେ ହାତ ଦେଲେ, କିନ୍ତୁ ସେ ସେଥିରେ ଅସଫଳ ହେଲେ। ଅପରପକ୍ଷେ ବିଫଳତା ତାଙ୍କୁ ଅନେକ ଦୁଶ୍ଚିନ୍ତାରେ ପକାଇଦେଲା। ପିଲାମାନେ ବଡ଼ ହୋଇ ହୋଇ ଯାଉଥିଲେ। ପାଠପଢ଼ାରେ ବହୁତ ଅର୍ଥ ବ୍ୟୟ ହେଉଥିଲା। ଅର୍ଥର ଆବଶ୍ୟକତା ହେତୁ ଘରେ ପ୍ରାୟ ଅସନ୍ତୋଷ ବଢୁଥିଲା। ଏପରି ଭାବରେ ପରିବାର ପାଇଁ ସେହି ଘରଟି ଏକ ଅଭିଶପ୍ତ ଘର ପାଲଟିଗଲା। ଯେଉଁ ଘରୁ ସର୍ବଦା ଏକ ଅକଥନୀୟ ଶବ୍ଦ ପ୍ରତିଧ୍ୱନିତ ହେଉଥିଲା- ଟଙ୍କା ଦରକାର, ଟଙ୍କା... ଘରର ପିଲାମାନଙ୍କ ମନରେ ଏହି ଶବ୍ଦଟି ନିରନ୍ତର ଗୁଞ୍ଜରିତ ହେଉଥିଲା। ଯଦିଓ ଏ ବିଷୟରେ କିଏ କାହାକୁ କିଛି କହିବାର ନଥିଲା। ହୃଦୟକୁ ଅନୁରଣିତ କରୁଥିବା ଏହି ଶବ୍ଦ ଖ୍ରୀଷ୍ଟମାସ ସମୟରେ ମଧ୍ୟ ସେମାନେ ଶୁଣିବାକୁ ପାଇଲେ।

ଅନ୍ୟ ଘରେ ସେମାନଙ୍କର ମା'ବାପା ନାମୀଦାମୀ ଆକର୍ଷଣୀୟ ଖେଳନା ଆଣି ତାଙ୍କ ପିଲାମାନଙ୍କୁ ଦେଉଥିଲେ। ସେମାନଙ୍କ ଘର ଖେଳନାରେ ଭର୍ତ୍ତି ହୋଇ ଯାଉଥିଲା। ଅତି ସୁନ୍ଦର ଚମତ୍କାର ନୂଆ କରି ଝୁଲୁଥିଲା କଣ୍ଢେଇ 'କାଠର ଘୋଡ଼ା'। ଭଲ ଭାବରେ ସଜ୍ଜିତ ହୋଇଥିବା ସୁନ୍ଦର କଣ୍ଢେଇଘର, କ'ଣ ନଥିଲା ସେଠାରେ ଏବଂ ତା' ମଧ୍ୟରେ ଗୁଞ୍ଜରିତ ହେଉଥିଲା, ସମସ୍ତ ଆନନ୍ଦ ଉଲ୍ଲାସ କିନ୍ତୁ ହୃଦୟର କୋଣରେ ଅନୁରଣିତ ହେଉଥିଲା- ଟଙ୍କା ଦରକାର, ଟଙ୍କା...। ହୃଦୟର ଏହି ନୀରବ ଶବ୍ଦ ପିଲାମାନଙ୍କ ହସିବା ଖେଳିବା ହଠାତ୍ ବନ୍ଦ କରି ଦେଉଥିଲା। ସେମାନେ ନୀରବରେ ପରସ୍ପର ଆଖିର ଭାବ ଓ ଭାଷା ବୁଝି ପାରୁଥିଲେ। ସେମାନେ ଅନୁମାନ କରୁଥିଲେ ଆମରି ଭଳି ପ୍ରତ୍ୟେକ ପିଲା କ'ଣ ଏମିତି ଦଶା ଭୋଗୁଛନ୍ତି? 'ଆମକୁ ଟଙ୍କା ଦରକାର'ର କାନ୍ଦ ସେମାନେ ଶୁଣିଛନ୍ତି କି ନାହିଁ। ପ୍ରତ୍ୟେକ ପିଲାଙ୍କ ମୁହଁକୁ ଦେଖି ଜାଣିଯାଆନ୍ତି ଯେ, ଏହି ଶବ୍ଦଟି ସମସ୍ତଙ୍କ ପାଖରେ ପହଞ୍ଚିଛି?

ଟଙ୍କାର ଆବଶ୍ୟକତା ବୋଲି ନିରନ୍ତର ଜପମାନ ଅବସ୍ଥାରେ ଝୁଲୁଥିବା କାଠ ଘୋଡ଼ାଟି ବି ଶୁଣିଲା। ତା' ମନର ବେଗ ଭାଙ୍ଗି ଯାଉଥିଲେ ମଧ୍ୟ ଯିବାକୁ ହଁ କଲା। ହାତ ତିଆରି ସୁନ୍ଦର ହସୁଥିବା ଗୋଲାପୀ କଣ୍ଢେଇଟି ମଧ୍ୟ ସେହି ଶବ୍ଦକୁ ଶୁଣିଲା ଏବଂ ତା'ର ହସ ଗଭୀର ଏବଂ ଗମ୍ଭୀର ହେବାକୁ ଲାଗିଲା। ଏହା ସତ୍ତ୍ୱେ କେହି କାହାକୁ ଏ ବିଷୟରେ ଜଣାଇଲେ ନାହିଁ। ଏହି ଶବ୍ଦଟି ସର୍ବତ୍ର ଗୁଞ୍ଜରିତ ହେଉଥିଲା। ଯେମିତି ଆମେ ସମସ୍ତେ ନିରନ୍ତର ନିଃଶ୍ୱାସପ୍ରଶ୍ୱାସ ନେଉଛେ, କେହି କାହାକୁ ନିଃଶ୍ୱାସପ୍ରଶ୍ୱାସ ବିଷୟରେ କହିବାର ଆବଶ୍ୟକତା ପଡ଼େନାହିଁ। ଠିକ୍ ସେହିପରି 'ମୋତେ ଟଙ୍କା ଦରକାର' ଏ ବିଷୟରେ କାହାକୁ କହିବାର ଆବଶ୍ୟକତା ନଥିଲା।

ଗୋଟିଏ ଦିନ ପୁଅ ପଲ୍ ମା'ଙ୍କୁ କହିଲା, "ଆମ ପାଖରେ ନିଜସ୍ୱ କାର୍ କାହିଁକି ନାହିଁ? ଆମେ ସବୁବେଳେ ଆଈ ମା'ଙ୍କ କାର୍ ନେଉଛେ, ନଚେତ୍ ଟ୍ୟାକ୍ସି ଡାକୁଛେ କାହିଁକି?" କାରଣ ଆମ ପାଖରେ ଟଙ୍କା ନାହିଁ, ମା' ଉତ୍ତର ଦେଲେ। କିନ୍ତୁ କାହିଁକି? କାରଣ ତୁମ ବାପାଙ୍କ ଭାଗ୍ୟରେ ସେସବୁ ଲେଖା ନାହିଁ। ପଲ୍ ଗୋଟିଏ ମିନିଟ୍ ପାଇଁ ନୀରବ ରହିଲା, ତା'ପରେ ପୁଣି ପଚାରିଲା, ମା' ଭାଗ୍ୟର ଅର୍ଥ କ'ଣ ଟଙ୍କା କି?

ନାହିଁରେ ପୁଅ ସେମିତି ନୁହେଁ କିନ୍ତୁ ଅର୍ଥରୁ ଭାଗ୍ୟର ଉଦୟ, ଓଃ! ମା' ତେବେ ଭାଗ୍ୟ କ'ଣ? ପଲ୍‌ର ପରବର୍ତ୍ତୀ ପ୍ରଶ୍ନ- ଯଦି ତୁମ କପାଳର ରେଖା ଅଙ୍କିତ କରୁଅଛି, ଅବା ତୁମ କର୍ମରେ ଲେଖାଅଛି, ତେବେ ତୁମ ପାଖକୁ ଆପେ ଆପେ ଅର୍ଥ ଆସିଯିବ। ଏଥିପାଇଁ ତ କୁହାଯାଏ ଧନବାନ୍ ହୋଇ ଜନ୍ମ ନେବା ଅପେକ୍ଷା ଭାଗ୍ୟବାନ୍ ହୋଇ ଜନ୍ମ ନେବା ଶ୍ରେୟସ୍କର। ମା' ପୁଅକୁ ବୁଝାଇଲେ। ପଲ୍ ଆହୁରି ଜିଜ୍ଞାସୁ ହୋଇଗଲା। ତା'ହେଲେ ତୁମର ଏବଂ ବାପାଙ୍କର ଦୁହିଁଙ୍କର ଭାଗ୍ୟ ଖରାପ?

ହଁ, ମହିଳା ଜଣକ ରାଗିକରି କହିଲେ, କିନ୍ତୁ ପଲ୍ ପାଖରେ ଏବେ ବି ଆହୁରି ପ୍ରଶ୍ନ- କାହିଁକି?

ମୁଁ ଜାଣେ ନାହିଁ କି କେହି ବି ଜାଣନ୍ତି ନାହିଁ ମନୁଷ୍ୟ ହତଭାଗା କାହିଁକି? ପ୍ରକୃତରେ, କେହି ଭାଗ୍ୟବାନ୍ ନୁହନ୍ତି? ଆଶ୍ଚର୍ଯ୍ୟ ହୋଇଗଲା ପଲ୍। ପଲ୍ ମା'ଙ୍କ ମୁଖମଣ୍ଡଳରୁ ତାତ୍ତ୍ୱିକ ପାଠ ବୁଝିବାକୁ ଚେଷ୍ଟା କଲା। ଯାହା କହିଲେ ସେଥିରେ ସତ୍ୟ କେତେ? ଆଚ୍ଛା ସେ କଥାକୁ ଛାଡ଼ିଦିଅ। ପଲ୍ ଦୃଢ଼ ସ୍ୱରରେ କହିଲା, ମୁଁ ଜଣେ କର୍ମବାନ ଭାଗ୍ୟବାନ ମନୁଷ୍ୟ। ମା' ହସି ହସି କହିଲେ, କେମିତି? ପଲ୍ କେବଳ ମା'ଙ୍କ ମୁହଁକୁ ଚାହିଁ ରହିଲା। ସେ ନିଜେ ଜାଣି ନଥିଲେ କିପରି ସେ ଏହା କହିଲେ। ତଥାପି ସେ ଟିକିଏ କ୍ଷୁବ୍ଧ ହୋଇ କହିଲେ, ଭଗବାନ ମୋତେ ଜନ୍ମ ଦେଇଛନ୍ତି।

ଆପଣ ନିଶ୍ଚୟ ମୋତେ କହିଥିଲେ। ମହିଳା ଜଣକ ହସି ହସି କହିଲେ, କିନ୍ତୁ ସେ ଯଥାର୍ଥ କଥା କହୁଥିବା ବେଳେ ତାଙ୍କ ସ୍ୱରରେ ସାମାନ୍ୟ କଟୁତା ଆସିଯାଇଥିଲା।

ମୁଁ ତୁମକୁ ସତ କହୁଛି ମା'। ପଲ୍ ଅନୁଭବ କଲା ମା' ତା' କଥାକୁ ବିଶ୍ୱାସ କରୁନାହାନ୍ତି। ସେ ନିଶ୍ଚିତ କଲା ମା' ଯେପରି ତା' କଥା ପ୍ରତି ଦୃଷ୍ଟି ଦେବେ। ସେ ମଧ୍ୟ ସେଠାରୁ ଚାଲିଗଲେ ଏବଂ ନିଜ ଭାଗ୍ୟର ପ୍ରମାଣ ଦେବା ପାଇଁ ସଂକଳ୍ପିତ ହେଲେ। ପଲ୍ ତାଙ୍କ ଭାଗ୍ୟର ସଙ୍କେତ ଖୋଜିବାକୁ ଲାଗିଲା। ଏବେ ସେ ସର୍ବଦା ଚାହୁଁଥିଲା ଭାଗ୍ୟ ଦରକାର... ଭାଗ୍ୟ...।

ମୋ: ୯୪୩୭୯୮୫୮୬୬

## ପୁସ୍ତକ ପରିଚୟ

### ପବନର ଦେହ



**କବି:** ସେନାପତି ପ୍ରଦ୍ୟୁମ୍ନ କେଶରୀ
**ପ୍ରକାଶକ:** ଟାଇମ୍‌ପାସ୍, ବରମୁଣ୍ଡା, ଭୁବନେଶ୍ୱର-୩
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୯୫/-

ଆଲୋଚ୍ୟ କବିତା ସଂକଳନରେ ମୋଟ ୪୫ଟି କବିତା ପତ୍ରସ୍ଥ। ପ୍ରତ୍ୟେକଟି କବିତାରେ କବିଙ୍କର ଏକ ନିଜସ୍ୱ ବିନ୍ଧାଣିପଣ ବାରିହୁଏ। ସାଧାରଣରୁ ସାଧାରଣ ଅନୁଭୂତିଠୁଁ ଆରମ୍ଭ କରି ଅସାଧାରଣ ଅନୁଭବଯାଏଁ- ସବୁକୁ ସେ କବିତା କରିଦିଅନ୍ତି। ଏକ ଅବିଚ୍ଛିନ୍ନ ପ୍ରବହମାନତା ରହିଥାଏ ତାଙ୍କର ପ୍ରାୟ କବିତାରେ। କେତୋଟି ଦୃଷ୍ଟାନ୍ତ ଆମେ ନେଇପାରିବା- ୧. "ବର୍ଷାରାତିରେ ଥରିଥରି କୁକୁରଟିଏ ଆସି/ ଦୁଆରେ ବହୁତ ବେଳଯାଏ ବସେ,/ ବସିବସି ପୁଣି ଫେରିଯାଏ।/ କେଜାଣି କାହିଁକି ନିଶାଢ଼ି ପରି/ ପବନ ଅଭଦ୍ରାମି କରେ ବର୍ଷାରାତିରେ/ ଦେହର ଥାନ ଅଥାନରେ ମୁହଁ ପୂରାଏ! x x ବାହାର ଅନ୍ଧାରଠାରୁ/ ଭିତର ଅନ୍ଧାର ଆହୁରି ବେଶୀ ଭୟଙ୍କର ଦିଶେ!/ ଥରେ ଥରେ ବର୍ଷାରାତିରେ/ ଝରକା, କାନ୍ଥ, କବାଟ କେହି ନ ଥାନ୍ତି/ ନିଜ ନିଜ ଜାଗାରେ।" (ବର୍ଷାରାତିରେ, ପୃ:୧), ୨. "ଧାନବିଲରେ/ ଟହଲୁଥିବା ପବନ/ ବିଲହିଡ଼ରେ ବସି/ ଢୁଳୋଉଥିବା ଜହ୍ନରାତି/ ଭଲପାଇବା ବଦଳରେ/ କେବେ ବନ୍ଧକ ରଖେନା/ କାହା ମନର ଖୁସି।/ ଖରାତରାଙ୍କୁ ବୋଧ ଦେଉଦେଉ/ ବୁଢ଼ା ହେଲାଣି ପାହାଡ଼/ ତଥାପି ତା' ପଥର ଚଟାଣରେ/ କେତେ ସ୍ୱପ୍ନ ବିଛାଡ଼ି ହୋଇ ପଡ଼ିଛି/ ବେଳେବେଳେ ଇଚ୍ଛା ହେଉଛି/ ଏ ନଈବାଲିରେ/ ଜାଣିଜାଣି ହଜେଇ ଦେବାକୁ/ ହାତମୁଦି।" (ହାତମୁଦି, ପୃ:୬୫)। ପ୍ରଥମ ଉଦ୍ଧୃତିର ପ୍ରଥମାଂଶ 'ବର୍ଷାରାତିରେ... ମୁହଁପୂରାଏ'ରେ ସ୍ଥୂଳ ଜାଗତିକତା, ଯାହା ସମସ୍ତଙ୍କ ଆଖିକୁ ଦିଶେ। ମାତ୍ର ଏହାର ଦ୍ୱିତୀୟାଂଶ 'ବାହାର ଅନ୍ଧାରଠାରୁ... ନିଜନିଜ ଜାଗାରେ' ନିହିତ ସୂକ୍ଷ୍ମତା ଯାହା କେବଳ କବି-ଆଖିକୁ ଦିଶେ। ସେହିପରି ଦ୍ୱିତୀୟ ଉଦ୍ଧୃତିର ପ୍ରଥମାଂଶ 'ଧାନବିଲରେ... ବୁଢ଼ା ହେଲାଣି ପାହାଡ଼' ହେଉଛି ଅଲଗା ବାଗରେ ପ୍ରକୃତିର ଚିତ୍ର, ମାତ୍ର ଦ୍ୱିତୀୟାଂଶ 'ବେଳେବେଳେ... ହାତମୁଦି' ହେଉଛି ଅସଲ କବିତା, ଯାହାକୁ ଶବ୍ଦଙ୍କର ଘଟାଟୋପ ଭିତରୁ ଅତି ଯତ୍ନରେ ଆବିଷ୍କାର କରନ୍ତି କବି। ପ୍ରଦ୍ୟୁମ୍ନଙ୍କର ଏହି କବିତାଗ୍ରନ୍ଥ ଏହିପରି ଅନେକ ଉଚ୍ଚାଙ୍ଗ କବିତାରେ ନିଟୋଳ। ଆଶା, ପୁସ୍ତକଟି ଓଡ଼ିଆ ପାଠିକାପାଠକଙ୍କୁ ନାନାଭାବେ ପ୍ରବୋଧିତ କରିବ।

### ଚିତ୍ରମୟ ପିଲାଦିନ



**ଲେଖିକା:** ମନୋରମା ବିଶ୍ୱାଳ ମହାପାତ୍ର
**ପ୍ରକାଶକ:** ବନଫୁଲ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୦/-

ଆଲୋଚ୍ୟ ଗ୍ରନ୍ଥଟି ଏକ ଆତ୍ମଜୀବନୀ ଗ୍ରନ୍ଥ, ଯଦିଓ କେବଳ ପିଲାଦିନକୁ ନେଇ। ବହିଟିର ଆରମ୍ଭ-ମଲାଟର କାନିସୀରେ ଡ. ପ୍ରସନ୍ନ ମିଶ୍ର ଲେଖିଛନ୍ତି: "ସମସାମୟିକ କଳାକ୍ଷେତ୍ରରେ ପୁରୁଣା ସମ୍ପର୍କର ସେତୁ ଭାଙ୍ଗିପଡ଼ିବାର ଶବ୍ଦ ଶୁଣାଯାଉଥିବାବେଳେ ମନୋରମାଙ୍କ କବିତାରେ ସେସବୁ ମଙ୍ଗଳସୂତ୍ର ବା ଗଣ୍ଠିଆଳ ଭଳି ସୁରକ୍ଷିତ। ବାପ, ମାଆ, ପୁଅଝିଅ ଆଦି ସମ୍ପର୍କଗୁଡ଼ିକୁ ମନୋରମା ନୂଆକରି ଜୀବନ୍ୟାସ ଦେଇଛନ୍ତି। ଧରିରଖିବାର ସୂତ୍ର ହେଉଛି ଆବେଗ, ଯାହା ମନୋରମାଙ୍କ ହୃଦୟରେ ଏତେ ବେଶୀ ଗଚ୍ଛିତ ଅଛି ଯେ ଆଜୀବନ ଶେଷ ହେବନି।" ବହିଟି ପୁଣି ସମର୍ପିତ ପ୍ରିୟ ଗାଁ 'ଜଗାଇ'କୁ। ମୋଟ ୨୦ଟି ପରିଚ୍ଛେଦ ବହିରେ। ଏଥିରେ ତୃତୀୟ ଶ୍ରେଣୀର ସହପାଠୀ ସାବିତ୍ରୀ ରଣା, ହିରାମଣିଠୁଁ ଆରମ୍ଭ କରି ପୋଖରୀଆଡ଼ିର ଗଇଣ ଫୁଲ, ବାପାଙ୍କ ହାରମୋନିୟମ, କ୍ଷୀରପା, ମାମୁଘର ଗାଁ, ଭୂତଗପର ସଞ୍ଜ, ପ୍ରଥମ ଗୀତ ଶିଖିବା, ମୀନାବଜାରରେ ପ୍ରଥମ କବିତା ପ୍ରକାଶ, ଭଦ୍ରକର ଗୋପୀନାଥ ପ୍ରେସ୍, ସାନଭାଇ, କବି ବିଦ୍ୟୁତ୍‌ପ୍ରଭା, ପ୍ରଥମ ଅଭିନୟ ଓ ଦୂର ପାହାଡ଼ ନାଟକ ଏବଂ ପ୍ରିୟ ବାନ୍ଧବୀ ସାଳନ୍ଦୀ ଆଦି ପାଇଁ ସୁରକ୍ଷିତ ଥାଏ ଲୋଟିପଡ଼ିବାର ଜାଗା। ଭଦ୍ରକରେ ଦିଅର ଅଧ୍ୟାପକ ସନାତନ ମହାନ୍ତିଙ୍କ ଘରେ ବିଦ୍ୟୁତ୍‌ପ୍ରଭାଙ୍କ ସହ ସାକ୍ଷାତ୍‌ର କଥା ଉଲ୍ଲେଖ କରି ମନୋରମା କହନ୍ତି- ଏଡ଼େ ବଡ଼ କବି ହୋଇ ବି କିପରି ସେ ସରଳ ଏବଂ ମତ ରଖନ୍ତି ଯେ, 'ବର୍ତ୍ତମାନ ସମୟରେ ଏପରି ଭଲ ମଣିଷ କଥା କଳ୍ପନା କରାଯାଇପାରେନା।' ସାଳନ୍ଦୀ ନଈ ସମ୍ପର୍କରେ ନିଜର ଅନୁଭୂତି ବଖାଣିବାକୁ ଯାଇ ଲେଖିକା କହନ୍ତି: "ସାଳନ୍ଦୀ କ'ଣ ମାତୃସତ୍ତା/ ଯାହା ପାଖରେ ଘଡ଼ିଏ ବସିଲେ ସବୁ ଦୁଃଖ ଅପସରିଯାଏ। ଶୀତଳ ପବନର ପଣତ କାନିରେ ବିଷାଦର ସ୍ୱେଦବିନ୍ଦୁ ପୋଛି ହୋଇଯାଏ। x x ସାଳନ୍ଦୀ ତ ମାଆ ପରି।" (ପ୍ରିୟ ବାନ୍ଧବୀ ସାଳନ୍ଦୀ: ପୃ:୭୭)। ସମଗ୍ର ବହିଟି କୁଳୁକୁଳୁ ହୋଇ ବହିଯାଉଥିବା ଏକ ଝରଣା ପରି ମୂଳରୁ ଶେଷଯାଏ ଗୀତିମୟ। ଦୂରଦୂର ସ୍ମୃତିର ରୋମନ୍ଥନ ବହିଟିର ପ୍ରତି ପୃଷ୍ଠାକୁ କରିଛି ଏକ ଏକ ଅସରା ଉତ୍ସବ।

## କବିତା

### ଜୀବନ

**ଅଖିଳ କୁମାର ମିଶ୍ର**

ସାଙ୍ଗଟିଏ ସମୟେ ସମୟେ ପ୍ରଶ୍ନଟିଏ ପଚାରେ-
ଜୀବନରେ ଶେଷ କ'ଣ? ମୃତ୍ୟୁ ତ ଜଣା ଭଲକି/
ଆଉ କ'ଣ ଏମିତି ଅଛି ଯାହା ସୂଚାଇଦିଏ
ଜୀବନଟା ସରିଗଲା ବୋଲି।

ନିରବ ଆତତାୟୀ ପରି ବିତୁଥିବା
ଦିବାରାତ୍ରର ଭେଳିକି- ଚାରିଦିନର ଏ ଯାତ୍ରା
ବାସ୍ ଦେଖୁ ଦେଖୁ ସରିଯିବ।

ବନ୍ଧୁ ମତେ ନୈରାଶ୍ୟବାଦୀ କହନ୍ତି-
ମନ ମଉଜକୁ ନେଇ ବଞ୍ଚିବାର ଚଲାପାତ୍ରରେ ଢାଳନ୍ତି
କହନ୍ତି ସେ, ଡରାଅନି ପରିଣତିକୁ ବର୍ଣ୍ଣନା କରି,
ହଜାର ଭୁଲ୍‌କୁ କହିଦେଇ ହଇରାଣ କରନାହିଁ।

ଏତେ ବଡ଼ ବି ନୁହ ଜୀବନ,
ଯେ ଚାଲୁଥିବ ଚାଲୁଥିବ ସରୁ ନ ଥିବ କେବେ-
ଏତେ ସହଜ ବି ନୁହ ସେ, ଦେଖୁ ଦେଖୁ
ଚିହ୍ନା ପରିଚୟ ହେଇଯିବ।

ଏ ଜୀବନ କଟେନା,
ଖାଲି ଅଭିମାନରେ, ସତମିଛରେ,
ଲାଳସା କି ଈର୍ଷାରେ।

ଅବସର ସମୟ ନେଇ ଥରେ ବାହାରି ଆସ,
ମନଖୋଲା ଗପିବା। ଜୀବନରେ,
ଖୋଲା ଆକାଶ ତଳେ।

ମୋ: ୭୯୭୮୩୬୬୭୬୦

### ବାଟହୁଡ଼ା ଋତୁର କବିତା ଲେଖା

**ସୁରେଖା ମହାପାତ୍ର**

ଚନ୍ଦକା ବଣରେ
ଆଜି ହାତୀ ପ୍ରଜାପତିର
ପ୍ରେମରେ ପାଗଳ ସାଜିଛି!
ଅମାବାସ୍ୟା ରାତିରେ
ଜହ୍ନ ଖୋଜି ଖୋଜି
ଗଛ, ଲତା, ବିଲ, ବଣ, ମଣିଷ ସବୁକୁ
ପାଦ ତଳେ ମକଚି ଦେଇଛି।

ପ୍ରଜାପତି ତା'ପ୍ରେମର ଦର୍ପକୁ,
ହାତୀର ସଂହାରରେ ତଉଲୁଛି
ନିଜକୁ ସତୀ ଆଉ ହାତୀକୁ ଶିବ ଭାବୁଛି।
ଏ ଜନ୍ମରେ ସେମାନେ ରୂପ ବଦଳେଇ
ପୃଥିବୀକୁ ଆସିଛନ୍ତି।

ଧେତ୍ ପ୍ରେମକୁ କ'ଣ ମନ ଆଉ ଅନ୍ତରରେ
ସବୁଦିନ ବାନ୍ଧି ହେବ!
ମନର କିଛି ଅବାସ୍ତବ କଳ୍ପନାକୁ ବି
କଳେବଳେ କଉଶଳେ
ରୂପରେଖ ଦେବାକୁ ହିଁ ହେବ।

ପ୍ରଜାପତି ଜାଣେ ଏ ପୃଥିବୀରେ
ପ୍ରେମ ଖାଲି ଗୋଟେ ବାଜି!
ଜୀବନର ଏକ ଇଚ୍ଛାକୃତ ଚିଠା!

ମୋ: ୯୯୩୭୦୧୧୦୬୬

### ନୂଆ ଆକାଶର ସନ୍ଧାନେ

**ଚିନ୍ମୟୀ ପଣ୍ଡା**

ସବୁ ନୂଆନୂଆ ଲାଗେ, ଯେବେ ତୁ ହସୁ
ସବୁକିଛି ଅଲଗା ଲାଗେ ଯେବେ ତୁ ହସୁ।

ଭାରି ଲାଗୁଥିବା ମନକୁ
ଆ' ଲଦି ଦେ ମୋ' କାନ୍ଧରେ।
ଅଟକି ରହିଛି ଛାତିଏ କୋହ,
ଖାଲି କରିଦେ ମୋ' କାନିରେ।
ମୋ' ପଣତରେ କୁହୁକ
ମହମହ ସ୍ୱପ୍ନର ମହକ
ଭାସିଯା' ଏଇ ରଙ୍ଗରେ,
ବୁଡ଼ିଯା' ଏଇ ରୂପରେ,
ଦୁନିଆ ବୁଡ଼ିଥାଉ ତା'ର ଅନ୍ଧାରରେ।

ଆ... ଆ... ମୋ' ଧନ ଆ...
ଲୁଚିଯା ଲୁଚିଯା ମୋ' କାନିରେ,
ଯେମିତି ପ୍ରଖର ଝରଣାର ସ୍ୱର ଲୁଚିଯାଏ,
ନଦୀ, ପାହାଡ଼, ଜଙ୍ଗଲ ହଜିଯାଏ
ତୁ ବି ହଜି ଯା' ସେମିତି ସେହି ଜଙ୍ଗଲରେ।

ନା... ନା... ନା... ତୁ ଦେଖିନା
ନେସି ହୋଇଯାଉଥିବା ଧୂସର ଆକାଶକୁ
ପିଇ ଯାଉଥିବା ଲୁହକୁ
ବେଘର ହେଉଥିବା ହାତୀର କାନ୍ଦକୁ
ତେଲିଆ ପାଣିରେ ଆକ୍ତାମାକ୍ତା ତିମିକୁ
ବନ୍ଦ... ବନ୍ଦ... ବନ୍ଦ କରିଦେ କାନ
ଶୁଣିବାକୁ ଚେଷ୍ଟା କରନା,
ବଂଶ ବୁଡ଼ିବା ବେଳେ ଅଭିଶାପ
ଦେଉଥିବା ସେ ପକ୍ଷୀକୁ
ଲୋପ ପାଇ ଆସୁଥିବା
ଶେଷ ଗଛର ବିକଳ ରାଗିଣୀକୁ।

ଯାଉ... ଯାଉ... ଯାଉ
ସବୁ ମରିହଜି ଯାଉ ନିଆଁଗିଳା ଚୁଲିକୁ ଯାଉ
ତୁ ହଜି ଯା', ଭିଜି ଯା', ଶୋଇ ଯା'
ମୋ' କୋଳରେ, ମୋ' କାନ୍ଧରେ,
ମୋ' ରଙ୍ଗରେ, ମୋ' ରୂପରେ।

ମୋ' ରଙ୍ଗବୋଳା ଓଠରେ,
ମୋ' ମିଛିମିଛିକା ପ୍ରେମରେ।
ଆ... ଧନ ଆ...

ମୋ: ୯୮୬୧୧୯୧୯୬୯

### ଦୁଇଟି ଏକପଦୀ

**ଜଗଦୀଶ ସାହୁ**

**ଭୋକ**

ପେଟ ନୁହେଁ ମନର
ବାର ବାର ଖାଇବା ପରେ ବି
ଭୋକ ମରେନା
ବଢୁଥାଏ ନଈବଢ଼ି ପରି
ସମୟ ସୁଅରେ ଚରିତ୍ରକୁ
ମାରୁଥାଏ ବୁଡ଼ାଇ ବୁଡ଼ାଇ!

**ନିଆଁ**

ଚୁଲି, ଗ୍ୟାସ୍, ଆଞ୍ଚ ନିଆଁଠାରୁ
ଭୟଙ୍କର ଏ ନିଆଁ
ଥରେ ଜଳିଲେ ସହଜରେ ଲିଭେନା
ଯାହାର ଅନ୍ୟ ନାମ କାମନା!

ମୋ: ୯୦୭୮୧୮୫୬୧୬

## କାଳକାଳକୁ



**"ନୀରୋ ଇତିହାସର ଏକ ସମ୍ରାଟ୍ ନୁହନ୍ତି, ଆଜିର ଗଣତନ୍ତ୍ରରେ ବି ବହୁଲୋକ ଅଛନ୍ତି ଯେଉଁମାନେ 'ନୀରୋ' ଆପାଦମସ୍ତକା"**
**- ଚନ୍ଦ୍ରନାଥ ମିଶ୍ର 'ଅମର'**

**ଚନ୍ଦ୍ରନାଥ ମିଶ୍ର 'ଅମର'**ଙ୍କ ଜନ୍ମ ମିଥିଳାରେ ୨ ମାର୍ଚ୍ଚ ୧୯୨୫ରେ ଓ ପରଲୋକ ୧ ଏପ୍ରିଲ ୨୦୨୧ରେ, ୯୬ ବର୍ଷ ବୟସରେ। ସେ ଏକାଧାରରେ କବି, ଔପନ୍ୟାସିକ, କଥାକାର ଓ ଅଭିନେତା। ତାଙ୍କର ବହୁପଠିତ କବିତାଗ୍ରନ୍ଥ ମଧ୍ୟରୁ କେତୋଟି ହେଉଛି- 'ଯୁଗଚକ୍ର' (୧୯୫୨), 'ଋତୁପ୍ରିୟା' (୧୯୬୩) ଓ 'ଆଶା-ଦିଶା' (୧୯୭୫)। ମୈଥିଳୀ ସାହିତ୍ୟକୁ ସ୍ମରଣୀୟ ଅବଦାନ ପାଇଁ ବହୁ ପୁରସ୍କାର ଓ ସମ୍ମାନ ସହିତ ତାଙ୍କୁ ମିଳିଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୧୯୮୩) ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋଶିପ୍ (୨୦୧୦)। ୧୯୬୪ରେ ମୁକ୍ତିଲାଭ କରିଥିବା ପ୍ରଥମ ମୈଥିଳୀ ଚଳଚ୍ଚିତ୍ର 'କନ୍ୟାଦାନ'ର ସେ ଥିଲେ ସଂଳାପ-ଲେଖକ ଓ ଅଭିନେତା। ୧୯୪୩ରେ ଦରଭଙ୍ଗାରେ ପ୍ରତିଷ୍ଠିତ 'ନବରତ୍ନ ଗୋଷ୍ଠୀ'ର ସେ ଥିଲେ ପ୍ରତିଷ୍ଠାତା ସମ୍ପାଦକ।

## କାଳିଜାଇ

### ଆଭାସ ଗଳ୍ପ

**ଜ୍ୟୋତ୍ସ୍ନାରାଣୀ ପଣ୍ଡା**



ଖଲ୍ଲିକୋଟ ପାଖରେ ଅନେକ ସମୟ ରହିଲି, କିନ୍ତୁ କାଳିଜାଇ ଯିବା ସୁଯୋଗ ପାଇ ନ ଥିଲି। ଥରେ ଜଣେ ସାହିତ୍ୟିକା ପ୍ରୋଗ୍ରାମ କଲେ। କେତେଜଣ ମିଶିକି ଗଲୁ। ବାଲୁଗାଁଠୁ କାଳିଜାଇ ପର୍ଯ୍ୟନ୍ତ ନାଆରେ ଗଲୁ। ଗଲାବେଳେ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ଭାରି ଭଲ ଲାଗୁଥାଏ। ରବିବାର ହୋଇଥିବାରୁ ଅନେକ ଛାତ୍ରୀଛାତ୍ର ଓ ପରିବାର ପିକ୍‌ନିକ୍ ପାଇଁ ଆସିଥାନ୍ତି। ନାନା ପ୍ରକାର ଦୋକାନ ବଜାର ବସିଥାଏ। ପାହାଡ଼ ଉପରେ ଠିଆହୋଇ ମୁଁ ଏକଲୟରେ ଚିଲିକାକୁ ଚାହିଁ ରହିଥାଏ। ସୁନୀଳ ଜଳରାଶି ମଝିରେ ପାହାଡ଼, କେଉଟ ମାଛଧରା ଡଙ୍ଗା ନେଇ ଯାଉଥିବା ଦୃଶ୍ୟ, ଯାତ୍ରୀ ଯିବାଆସିବା ପାଲଟଣା ନୌକାର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ଦିଶୁଥାଏ। କିନ୍ତୁ କାହିଁକି କେଜାଣି ମୋ' ମନଟା ଉଦାସ ଉଦାସ ଲାଗୁଥାଏ। ସତେ ଯେମିତି କ'ଣ ହଜିଯାଇଛି। ଏମିତି ଭାରାକ୍ରାନ୍ତ ମନନେଇ ବ୍ରହ୍ମପୁର ଫେରିଲି।

ତା'ପରଦିନ ଜଣେ ସ୍ୱେଚ୍ଛାସେବୀ ଭଉଣୀ ଆସି ନିମନ୍ତ୍ରଣ କଲେ। ଆମ ସଂସ୍ଥା ତରଫରୁ ନାଟକଟିଏ ମଞ୍ଚସ୍ଥ କରୁଛୁ, ଆପଣ ନିଶ୍ଚୟ ଆସିବେ। ମୁଁ ପହଞ୍ଚିଲା ବେଳକୁ ନାଟକ ଆରମ୍ଭ ହୋଇଯାଇଥିଲା। କାଳିଜାଈର ମାଆ ଭୂମିକାରେ ଯେଉଁ ଭଉଣୀ ଜଣକ ଅଭିନୟ କରୁଥାନ୍ତି ଅତି ଚମତ୍କାର ହୃଦୟସ୍ପର୍ଶୀ ଅଭିନୟ। କାନ୍ଦି କାନ୍ଦି ଭୂଇଁରେ ଲୋଟୁ ଥାଆନ୍ତି। ଚେତା ହରେଇ ପଡୁ ଥାଆନ୍ତି। ପାଖରେ ଠିଆ ହୋଇଥାନ୍ତି ଜାଈର ବାପା। ମା' କହୁଥାନ୍ତି, ଜାଈ! ମୋ' ଧନ ଲୋ... କୁଆଡ଼େ ହଜିଗଲୁ ଲୋ ମୋ' ମାଆ! ମୁଁ ତୋ' ପାଇଁ ସବୁ ରାନ୍ଧି ଦେଇଛି। ସଜ ପଖାଳ, ବାରି ଶାଗ ଖରଡ଼ା, ଆଳୁ ପୋଡ଼ା, ବଡ଼ିଚୂରା, ବସାଦହି, ସବୁ ରଖିଛି। ତୋ' ବାପା ତୋ' ପାଇଁ ନାଲି ଛିଟ କସ୍ତାଟା ବାଲୁଗାଁ ହାଟରୁ ପରା ଆଣିଛନ୍ତି। ଗାଧୋଇ ଆସିଛୁ। ବାଳରୁ ପାଣି ନିଗିଡ଼ି ପଡୁଛି। ଆଲୋ ପାଗଳୀ! ଥଣ୍ଡା କାଶ ଧରିବ। ଆ' ତୋ ମୁଣ୍ଡଟା ପୋଛିଦେବି। ପାଣି ବୋହି ପଡୁଛି। ଏମିତି କେତେ କ'ଣ କହୁଥାଆନ୍ତି।

ତା'ପରେ ଚେତା ହରେଇଲେ। ଚେତା ପାଇ ପୁଣି କହୁଥାନ୍ତି- ତୋ' ବାପାଙ୍କୁ କେତେ ନେହୁରା ହେଲି ସେ ଚିଲିକା ମଝିରେ ସାତ ତାଳ ପାଣିରେ ମୋ' ପିଲାକୁ ଦିଅନି ବୋଲି, ହେଲେ ସିଏ କ'ଣ ମୋ' କଥା ଶୁଣିଲେ! ପିଠି କରି ଗଲୁ ଯେ, ଆଉ ଲେଉଟିଲୁନି। ଲୋକ କହୁଛନ୍ତି ତୁ କାଳେ ଦେବୀ ହେଇଯାଇଛୁ। (ଜୋର୍‌ରେ ହସିଲେ) ତା'ପରେ ପୁଣି କାନ୍ଦି କାନ୍ଦି କହିଲେ- ତୁ ତ ମୋ' ବାୟାଣିଟା। ତୁ କି ଦେବୀ ହେଇଚୁ ବା! ଆ ଆ ତୋ' ମୁଣ୍ଡ କୁଣ୍ଡେଇ ଦେବି। ତିଅଣ ଶାଗ ସବୁ ଥଣ୍ଡା ହେଇଗଲାଣି। ଆଲୋ ଜାଈ... ଜାଈ ଲୋ, କହି କହି ମୂର୍ଚ୍ଛା ହୋଇଗଲେ ସେ। ଯବନିକା ପଡ଼ିଲା।

ମୁଁ ଘରକୁ ଫେରିଲି। ମୋ' ଉଦାସୀନତାର କାରଣଟା ମୁଁ ବୁଝିଗଲି।

ମୋ: ୯୩୩୭୬୨୨୦୯୮



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିଙ୍କ ସହ ଏଆଇଏଫ୍ଏଫ୍ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍। (ଫଟୋ: ବିକାଶ ନାୟକ)

# ସୌମ୍ୟା, ଶୁଭାଶିଷ ଶ୍ରେଷ୍ଠ ଖେଳାଳି

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)** ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆ ଇଏଫ ଏଫ)ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଥମଥରପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଲୋକସେବା କନ୍‌ଭେଶନ ହଲ୍‌ରେ ଆୟୋଜିତ ଉତ୍ସବରେ ସୌମ୍ୟା ଗୁଗୁଲୋଥ ଓ ଶୁଭାଶିଷ ବୋଷ ଯଥାକ୍ରମେ ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ସେହିପରି ବ୍ରିସନ ଫର୍ନାଣ୍ଡିଜ୍ ଓ ତୋଇଜାମ ଥୋଇବିସାନା ଚାନୁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଶ୍ରେଷ୍ଠ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଛନ୍ତି। ସୁଜାତା କର ଶ୍ରେଷ୍ଠ ମହିଳା କୋଚ୍, ଖଲିଦ ଅହମଦ ଜମିଲ ଶ୍ରେଷ୍ଠ ପୁରୁଷ କୋଚ୍, ପ୍ଲାଙ୍ଗ୍‌ବାମ୍ ପାନ୍ଥୋଇ ଚାନୁ ଶ୍ରେଷ୍ଠ ମହିଳା ଓ ବିଶାଲ କେଥ ଶ୍ରେଷ୍ଠ ପୁରୁଷ ଗୋଲକିପର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ତଥା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା, ସର୍ବଭାରତୀୟ ଫୁଟବଲ ଫେଡେରେଶନ ସଭାପତି କଲ୍ୟାଣ ଚୌବେ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତା, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ଓଡ଼ିଶା ସରକାର କଳିଙ୍ଗ ସୁପର କପ୍‌କୁ ଅତି ଚମତ୍କାର ଭାବେ ଆୟୋଜନ କରୁଛନ୍ତି। ଭୁବନେଶ୍ୱରର କ୍ରୀଡ଼ା ଭିତ୍ତିଭୂମୀ ବିଶ୍ୱସ୍ତରୀୟ। ଫିଫା ୭୫ଟି ଦେଶରେ ଏହାର ଏକାଡେମୀ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। ଏହି କ୍ରମରେ ଭୁବନେଶ୍ୱରରେ ମଧ୍ୟ ଏକ ଏକାଡେମୀ ରହିଛି। ଏଠାରେ ଫୁଟବଲ ପାଇଁ ଅନେକ ସୁଯୋଗ ରହିଛି ବୋଲି ଏଆଇଏଫଏଫ ସଭାପତି କଲ୍ୟାଣ ଚୌବେ ପ୍ରକାଶ କରିଛନ୍ତି। ଏଆଇଏଫଏଫର ପୁରସ୍କାର ବିତରଣ ଉତ୍ସବ ଗତବର୍ଷ ଦିଲ୍ଲୀରେ ହୋଇଥିଲା। ଏବର୍ଷ ଏହା ଭୁବନେଶ୍ୱରରେ ଆୟୋଜନ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ସୌମ୍ୟା ଭାରତ ପାଇଁ ୩୩ଟି ମ୍ୟାଚ ଖେଳି ୫ ଗୋଲ ଦେଇଛନ୍ତି। ସେ ୨୦୨୪-୨୫ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଇଷ୍ଟ ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରି ୧୪ ମ୍ୟାଚରୁ ୯ଟି ଗୋଲ ଦେଇଥିଲେ। ସେହିପରି ଡିଫେଣ୍ଡର ଶୁଭାଶିଷ ଭାରତ ପକ୍ଷରୁ ୪୪ଟି ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ୨୦୨୪-୨୫ରେ ସେ ମୋହନ ବାଗାନ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ସହ ୬ଟି ଗୋଲ ଦେଇଥିଲେ। କ୍ୟାରିୟରରେ ସେ ଆଇଏସ୍ଏଲ୍ ସିଲ୍ଡ ଓ ଆଇଏସ୍ଏଲ୍ କପ୍ ହାସଲ ମଧ୍ୟ କରିଛନ୍ତି। ଶ୍ରେଷ୍ଠ ପୁରୁଷ କୋଚ୍ ଖାଲିଦ ଜମିଲ ୨୦୨୪-୨୫ ଆଇଏସ୍ଏଲ୍‌ରେ ଜାମସେଦପୁର ଏଫ୍‌ସିକୁ ସେମିଫାଇନାଲରେ ପ୍ରବେଶ କରାଇଥିଲେ। ଏହା ବ୍ୟତୀତ ତାଙ୍କ ପ୍ରଶିକ୍ଷଣରେ ଜାମସେଦପୁର କଳିଙ୍ଗ ସୁପର କପ୍‌ର ଫାଇନାଲରେ ପ୍ରବେଶ କରିଛି। ଶ୍ରେଷ୍ଠ ମହିଳା କୋଚ୍ ସୁଜାତା କରଙ୍କ ପ୍ରଶିକ୍ଷଣରେ ଶ୍ରୀଭୂମୀ ଏଫ୍‌ସି ୨୦୨୪-୨୫ ଆଇଡବ୍ଲ୍ୟୁଏଲ୍‌ରେ ତୃତୀୟ ସ୍ଥାନ ହାସଲ କରିଛି।

**ଏଆଇଏଫଏଫ ପୁରସ୍କାର ବିତରଣୀ ଉତ୍ସବ**

- ଶ୍ରେଷ୍ଠ ପୁରୁଷ ଖେଳାଳି: ଶୁଭାଶିଷ ବୋଷ
- ଶ୍ରେଷ୍ଠ ମହିଳା ଖେଳାଳି: ସୌମ୍ୟା ଗୁଗୁଲୋଥ
- ଶ୍ରେଷ୍ଠ ମହିଳା ଉଦୀୟମାନ ଖେଳାଳି: ତୋଇଜାମ ଥୋଇବିସାନା ଚାନୁ
- ଶ୍ରେଷ୍ଠ ପୁରୁଷ ଉଦୀୟମାନ ଖେଳାଳି: ବ୍ରିସନ ଫର୍ନାଣ୍ଡିଜ୍
- ଶ୍ରେଷ୍ଠ ପୁରୁଷ ଗୋଲକିପର: ବିଶାଲ କେଥ
- ଶ୍ରେଷ୍ଠ ମହିଳା ଗୋଲକିପର: ପାନ୍ଥୋଇ ଚାନୁ
- ଶ୍ରେଷ୍ଠ ମହିଳା କୋଚ୍: ସୁଜାତା କର

ଶ୍ରେଷ୍ଠ ପୁରୁଷ କୋଚ୍: ଖାଲିଦ ଜମିଲ




# ସୌନ୍ଦର୍ଯ୍ୟଙ୍କୁ ସ୍ୱର୍ଣ୍ଣ ପଦକ


କପିଳ ଦେବଙ୍କଠାରୁ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ପୁରସ୍କାର ଗ୍ରହଣ କରୁଛନ୍ତି।

**ଇଣ୍ଡିଆନ ଚେସ୍ ମାଷ୍ଟର୍ସ ଫର ବ୍ଲାଇଣ୍ଡ**

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)** ସ୍କିଲ ହବ ଅନ୍ ଲାଇନ ଗେମ୍ସ ଫେଡେରେଶନ ଦ୍ୱାରା ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ସିରିଜ ଅନ୍ତର୍ଗତ ଇଣ୍ଡିଆନ ଚେସ ମାଷ୍ଟର୍ସ ଫର ବ୍ଲାଇଣ୍ଡ ପୂର୍ବାଞ୍ଚଳ ପ୍ରତିଯୋଗିତାରେ ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ହରିୟାଣାର ଗୁରୁଗ୍ରାମଠାରେ ଏପ୍ରିଲ ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ୧୬ ଜଣ ମନୋନୀତ ଖେଳାଳିଙ୍କୁ ଅଂଶ ଗ୍ରହଣର ସୁଯୋଗ ମିଳିଥିଲା। ଏଥିରେ ସୌନ୍ଦର୍ଯ୍ୟ ଅପରାଜିତ ରହି ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। କ୍ରିକେଟ କିମ୍ବଦନ୍ତୀ କପିଳ ଦେବ ସୌନ୍ଦର୍ଯ୍ୟଙ୍କୁ ସ୍ୱର୍ଣ୍ଣ ପଦକ ଓ ଟ୍ରଫି ଏବଂ ୬୦ ହଜାର ଟଙ୍କାର ମେଜର ଧ୍ୟାନଚାନ୍ଦ ସମ୍ମାନ ରାଶି ହରିୟଣା କ୍ରୀଡ଼ାମନ୍ତ୍ରୀ ପ୍ରଦାନ କରିଥିଲେ। ଏହା ବ୍ୟତୀତ ସେ ଦେଢ଼ ଲକ୍ଷ ଟଙ୍କାର ଅର୍ଥ ରାଶି ପୁରସ୍କାର ସ୍ୱରୂପ ପ୍ରାପ୍ତ ହୋଇଥିଲେ। ପଶ୍ଚିମବଙ୍ଗର ସୌଗତ ଚୌଧୁରୀ ୩.୫ ପଏଣ୍ଟ ସହ ରୌପ୍ୟ ପଦକ ଏବଂ ଓଡ଼ିଶାର ଶୁଭେନ୍ଦୁ କୁମାର ପାତ୍ର ୩.୫ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସୌନ୍ଦର୍ଯ୍ୟଙ୍କ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ଚତୁର୍ଥ ସ୍ଥାନରେ ରହିଥିବାବେଳେ ଓଡ଼ିଶାର ସୁଧୀର କୁମାର ନାୟକ ସପ୍ତମ ଏବଂ ଦୀପକ କୁମାର ଭୋଇ ଚତୁର୍ଦ୍ଦଶ ସ୍ଥାନରେ ରହିଥିଲେ।

**ମହିଳା ଟି୨୦ ବିଶ୍ୱକପ ୨୦୨୬**

# ଲର୍ଡ୍ସରେ ଫାଇନାଲ

**ଦୁବାଇ, ୨।୫ (ପି.ଟି.):** ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ବର୍ଦ୍ଧିତ ମହିଳା ଟି୨୦ ବିଶ୍ୱକପ୍ ୨୦୨୬ର ଫାଇନାଲ ଆସନ୍ତାବର୍ଷ ଜୁଲାଇ ୫ରେ ଖେଳାଯିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଘୋଷଣା କରାଯାଇଛି। ୧୨ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟ ଜୁନ୍ ୧୨ରୁ ଲର୍ଡ୍ସରେ ଆରମ୍ଭ ହେବ, ଯେଉଁଠାରେ କି ପୂର୍ବରୁ ୨୦୧୭ରେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା। ଲର୍ଡ୍ସ ବ୍ୟତୀତ ଅନ୍ୟ ୬ଟି ଭେନ୍ୟୁ ଯଥା ଓଲ୍ଡ ଟ୍ରାଫୋର୍ଡ, ହେଡିଙ୍ଗଲେ, ଏଜ୍‌ବୋଷ୍ଟନ, ଦୁଇ ଓଭାଲ, ହାମ୍ପଶାୟାର ବାଓଲ ଓ ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡରେ ମ୍ୟାଚଗୁଡ଼ିକ ଖେଳାଯିବ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ପରେ ନକ୍‌ଆଉଟ ପର୍ଯ୍ୟାୟ ଖେଳାଯିବ। ଟୁର୍ନାମେଣ୍ଟରେ ଭାଗନେଉଥିବା ୧୨ଟି ଦଳ ମଧ୍ୟରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସମେତ ୮ଟି ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।




# ରାଜ୍ୟ ଲନ୍‌ବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)** ଜାତୀୟ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଗୁରୁବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସରେ ଓଡ଼ିଶା ୨୧ ବର୍ଷରୁ କମ୍ (ବାଳିକା ବାଳକ) ଲନବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିର ୬ଦିନ ଧରି ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୦ରୁ ଉର୍ଦ୍ଧ୍ୱ ଖେଳାଳି ଏଥିରେ ଭାଗ ନେଇଛନ୍ତି। ରାଜ୍ୟ ବୋଲିଂ ସଂଘ (ଲନବଲ)ପକ୍ଷରୁ ଯୋଉ ଖେଳାଳିମାନେ ଭଲ ଖେଳ ପ୍ରଦର୍ଶନ କରିବେ ସେହି ଖେଳାଳିଙ୍କୁ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ ବୋଲି ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ଜିଲା କ୍ରୀଡ଼ା ଅଧିକାରୀ ସତ୍ୟପ୍ରକାଶ ମିଞ୍ଜ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କୈଳାସ ମାଝୀ, ନରସିଙ୍ଘ ରାଣା, ଲଳିତ ଶର୍ମା, ବିଷ୍ଣୁପ୍ରିୟା ବଇଦାର, ପଦ୍ମଶିନୀ ପୁଟେଲ, ତାରିଣୀ ନାଏକ, ବୁଧିରାଜ ବିଶ୍ୱାଳ, ଖିତେଶ୍ୱର ବିଶ୍ୱାଳ, ବୀରେନ୍ଦ୍ର ସୁନା, ପୁରେନ୍ଦ୍ରର ସେଠ, ସସ୍ମିତା ଗଡତୀୟା, ସ୍ୱପ୍ନା ସେଠୀ, ସଙ୍କେତ ଯୋଶୀ, ଜିତେନ୍ଦ୍ର ନାଏକ, ଅରୁଣ ସାହୁ, ପୟୋସ୍ୱିନୀ ପୁରୋହିତ, ବିଭୂତି ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା ଦାୟିତ୍ୱରେ ରହିଛନ୍ତି।


ଲନ୍‌ବଲ୍ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ